# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, July 18/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 233 | ମୂଲ୍ୟ ₹୭/-




KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୮/୨୦୨୩ | Bhubaneswar, Tuesday, July 18/2023 | ପୃଷ୍ଠା-୧

# ଏକତା ଆଣିବ ବିଜୟ

## ମହାମେଳିରେ ୨୬ ବିରୋଧୀ ଦଳ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୭।୭**

କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା)କୁ ୨୦୨୪ ଲୋକ ସଭା ନିର୍ବାଚନରେ ହରାଇବା ଲକ୍ଷ୍ୟ ନେଇ ରଣନୀତି ପ୍ରସ୍ତୁତି ସକାଶେ ସୋମବାର କର୍ନାଟକ ରାଜଧାନୀ ବେଙ୍ଗାଲୁରୁରେ ଏକତ୍ରିତ ହୋଇଛନ୍ତି ୨୬ ଅଣଭାଜପା ଦଳ। ମୁଖ୍ୟ ରାସ୍ତାଗୁଡ଼ିକରେ ଲାଗିଛି ବଡ଼ ବଡ଼ ହୋର୍ଡିଂ। ସେଗୁଡ଼ିକରେ ଲେଖାଅଛି ୟୁନାଇଟେଡ୍ ୱି ଷ୍ଟାଣ୍ଡ୍...। ଫଟୋ ରହିଛି ସବୁ ବଡ଼ ବିରୋଧୀ ନେତାଙ୍କର। ଏହି ଅବସରରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଆସନ୍ତା ଲୋକ ସଭା ନିର୍ବାଚନରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ଜିତିବ। ଏକତା ଆମକୁ ବିଜୟ ଦେବ। ଭାଜପାର ପତନ କର୍ନାଟକରୁ ଆରମ୍ଭ ହୋଇଯାଇଛି, ଯେଉଁଠି ଗତ ମେ'ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପା ହାରିଯାଇଥିଲା।

ବିରୋଧୀ ବୈଠକରେ ଯୋଗଦେଇଥିବା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ମତରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଲା ଏବଂ ଅର୍ଥନୀତି ନଷ୍ଟ ହୋଇଗଲା। କୃଷକ, ଦଳିତ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇଗଲାଣି। ସାମ୍ପ୍ରଦାୟିକତା ଯୋଗୁ ଲୋକେ ଅଶାନ୍ତିରେ ଜୀବନ ବିତାଉଛନ୍ତି। ସାଧାରଣ ଜନତା ଆତଙ୍କିତ ହୋଇଯାଇଛନ୍ତି। ଏହା ହେଉଛି ଭାଜପାର ଉପହାର। ୨ ଦିନ ଧରି ଚାଲିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୨୬ ସମଭାବାପନ୍ନ ଦଳ ଏକାଠି ହୋଇଛନ୍ତି। ୨୦୨୪ ନିର୍ବାଚନ ପାଇଁ ମେଣ୍ଟର ନାମକରଣ ଏବଂ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ପାଇଁ ଡ୍ରାଫ୍ଟ ପ୍ରସ୍ତୁତି ସକାଶେ ଏକ ସବ୍-କମିଟି ଗଠନ କରିବା ହେଉଛି ବୈଠକର ଉଦ୍ଦେଶ୍ୟ। ସେହିପରି ନିର୍ବାଚନବେଳେ ପ୍ରତ୍ୟେକ ଲୋକ ସଭା ଆସନରେ ଭାଜପା ବିରୋଧରେ ବିପକ୍ଷରୁ ଜଣେ ଲେଖାଏ ମିଳିତ ପ୍ରାର୍ଥୀ ଦେବା ଏବଂ ରାଜ୍ୟଗୁଡ଼ିକରେ ଆସନ ଭାଗବଣ୍ଟା ଉପରେ ମଧ୍ୟ ଆଲୋଚନା ଚାଲିଛି।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୁନ୍ ୨୩ରେ ବିହାରରେ ବିରୋଧୀଙ୍କ ଏକ ବୈଠକ ଡାକିଥିଲେ। ସେଥିରେ ୧୫ ଦଳର ନେତା ଯୋଗଦେଇଥିଲେ। ଏହାର ମାସେ ନ ପୂରୁଣୁ ବେଙ୍ଗାଲୁରୁରେ ଚାଲିଥିବା ବୈଠକରେ ଅଧିକ ୧୧ଟି ଦଳର ନେତାମାନେ ସାମିଲ ହେବା ବିରୋଧୀଙ୍କ କ୍ରମବର୍ଦ୍ଧିଷ୍ଣୁ ଶକ୍ତିକୁ ଦର୍ଶାଉଛି। ସୋମବାର କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ବିପକ୍ଷ ନେତାମାନଙ୍କୁ ନୈଶଭୋଜିରେ ☞ପୃଷ୍ଠା-୨

# 'ମରିବୁ ପଛେ ଆମ ସ୍କୁଲ ଛାଡ଼ିବୁ ନାହିଁ'

**ଭୁବନେଶ୍ୱର,୧୭।୭ (ଅନୁରାଧା ମହାରଣା)**

**ବିଦ୍ୟାଳୟ ମିଶ୍ରଣକୁ ବିରୋଧ**

- **ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା**
- **୭ ଛାତ୍ରୀ ଅଚେତ, ହସ୍ପିଟାଲରେ ଭର୍ତ୍ତି**

ଆମ ସ୍କୁଲ୍‌ରେ ଆମେ ପଢ଼ିବୁ। ଅନ୍ୟ ସ୍କୁଲକୁ ଯିବୁ ନାହିଁ। ମରିବୁ ପଛେ କାହାକୁ ଆମ ସ୍କୁଲ ଛାଡ଼ିବୁ ନାହିଁ। ଏମିତି କିଛି ସ୍ଲୋଗାନ ଦେଇ ଭୁବନେଶ୍ୱର ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସୋମବାର ସ୍କୁଲ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ରମାଦେବୀ ଜୁନିୟର କଲେଜ ଅଲଗା ହୋଇ ୟୁନିଟ୍-୯ ବାଳିକା ବିଦ୍ୟାଳୟକୁ ସ୍ଥାନାନ୍ତର ହେବାକୁ ଯାଉଛି। ଏଥିପାଇଁ ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟକୁ ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିରୋଧ କରି ଛାତ୍ରୀ, ଅଭିଭାବକ ଏବଂ ପୁରାତନ ଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ସ୍ଥିତି ଏପରି ହୋଇଥିଲା ଯେ, ୭ଜଣ ଛାତ୍ରୀ ଅଚେତ ହୋଇଯାଇଥିଲେ। ବିଳମ୍ବରେ ବ୍ଲକ ଶିକ୍ଷାଧିକାରୀ ସ୍କୁଲରେ ପହଞ୍ଚି ଆଲୋଚନା କରିବା ପରେ ପିଲାମାନେ ବିକ୍ଷୋଭକୁ ସାମୟିକ ସ୍ଥଗିତ ରଖିଛନ୍ତି।

ସୋମବାର ସକାଳ ପ୍ରାୟ ୯ଟା ହେବ। ଛାତ୍ରୀମାନେ ବହିବସ୍ତାନି ବଦଳରେ ହାତରେ ପ୍ଲାକାର୍ଡ ଧରି ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟ ଆଗରେ ପହଞ୍ଚିଥିଲେ। ବହୁ ଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ମଧ୍ୟ ରହିଥିଲେ। ବିଦ୍ୟାଳୟ ଫାଟକରେ ତାଲା ପକାଇ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ଆମେ ଅନ୍ୟ ବିଦ୍ୟାଳୟ ଯିବୁନି' କହି ଛାତ୍ରୀମାନେ ଜିଦ୍‌ରେ ଅଡ଼ି ବସିଥିଲେ। ଫଳରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସ୍ନୋ ପାଉଡର**






**ଆଜିର ମନ୍ତବ୍ୟ**

"ଭାରତର ସାମ୍ବିଧାନିକ ଗଣତନ୍ତ୍ରକୁ କଳଙ୍କିତ କରିବା ପାଇଁ ଅନର୍ଥକାରୀ ଶକ୍ତି ହାନିକାରକ ଡିଜାଇନ୍ ସହ ଉଦ୍ୟମ ଚଳାଇଛନ୍ତି। ଏଭଳି ଉଦ୍ୟମକୁ ଅକାମୀ କରିବା ପାଇଁ ଆଣ୍ଟିଡଟ୍ ପ୍ରସ୍ତୁତ କରିବାକୁ ହେବ।

– ଜଗଦୀପ୍ ଧନକର, ଉପରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳ ନିନ୍ଦନ୍ତି ରୋଗିଣା**
**ଚୋର ନିନ୍ଦନ୍ତି ଚନ୍ଦ୍ରମା**
**ଭୂମି ନିନ୍ଦନ୍ତି ଅକର୍ମା।**

ରୋଗଣା ବ୍ୟକ୍ତିଙ୍କ ପାଟିକୁ ପାଣି ଭଲ ଲାଗିନଥାଏ। ଚନ୍ଦ୍ରକିରଣରେ ଚୋରକୁ ଚୋରି କରିବାରେ ଅସୁବିଧା ରହିଥିବା ଭଳି ଅଳସୁଆ ବ୍ୟକ୍ତି ଭୂମି ଚାଷ କରିବାକୁ ଅକର୍ମଣ୍ୟ ମନେକରିଥାଏ। ଉପରବର୍ଣ୍ଣିତ ବ୍ୟକ୍ତିମାନଙ୍କୁ ଏସବୁ କଷ୍ଟବୋଧ ହେଉଥିବାରୁ ମନେମନେ ବିରକ୍ତଭାବ ପ୍ରକାଶ କରୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୀବ ଥିବାବେଳେ ମୁହିଁ ବଳିଆ**
**ଜୀବ ଗଲାବେଳେ ସାହା ବଳିଆ।।**

ଜୀବ ଦଶାରେ ମଣିଷ ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ ବୋଲି ମନେ କରିଥାଏ। କିନ୍ତୁ ସେ ଯେତେବେଳେ ମୃତ୍ୟୁର ସନ୍ନିକଟ ହୁଏ, ସେତେବେଳେ ଭଗବାନଙ୍କୁ ସହାୟ ହେବା ପାଇଁ ନିବେଦନ ଜଣାଏ। ଭଗବାନ ହିଁ ମଣିଷର ମୃତ୍ୟୁକାଳୀନ ସହାୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ: ୫ ଦିନ ଲାଗିରହିବ ବର୍ଷା

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ୧୮ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାକୁ ଏଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖରେ ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ମୟୂରଭଞ୍ଜ, ୨୦ରେ ଗଞ୍ଜାମ, ପୁରୀ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ, ଗଜପତି, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ବରଗଡ ଓ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ନେଇ ଆକଳନ କରାଯାଇଛି। ଏହି ସମୟରେ ଘୂର୍ଣ୍ଣିବଳୟ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିବ। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ସମ୍ବଲପୁର ୧୨୭.୮, ବରଗଡ ୧୨୮.୪, ଚାନ୍ଦବାଲିରେ ୫୧ ପ୍ରତିଶତ ବର୍ଷା ହୋଇଥିବା ବେଳେ ଅନୁଗୋଳ ୩୬, ହୀରାକୁଦ ୫୭, ତାଳଚେର ୬୨, ବଲାଙ୍ଗୀର ୪୧.୩, ଫୁଲବାଣୀ ୩୦, ସୋନପୁର ୬୩, ବୌଦ୍ଧ ୭୩, ପାରଳାଖେମୁଣ୍ଡି ୪୨.୪, ଦେବଗଡରେ ୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫.୪୩ ଲକ୍ଷ ଦେଲା ବିଏମ୍‌ସି

**ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ୪୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବିଏମସି ମେୟର ସୁଲୋଚନା ଦାସ, ଡେପୁଟୀ ମେୟର ମଞ୍ଜୁଲତା କହଁରଙ୍କ ସହ ବିଏମ୍‌ସିର ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଥିବା ବିରଞ୍ଚି ନାରାୟଣ ମହାସୁପକାର, ମହାମାୟା ସ୍ୱାଇଁ, ମିହିର କୁମାର ରାଉତ, ପ୍ରେମାନନ୍ଦ ଜେନା ଓ କର୍ପୋରେଟର ଅଜିତ୍ କୁମାର ବେହେରା ଏବଂ ସନ୍ତୋଷ ସିଂଙ୍କ ସମେତ ଅନ୍ୟ କର୍ପୋରେଟରମାନେ ସୋମବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ପରିପ୍ରେକ୍ଷୀରେ ମେୟର ଦାସ କହିଛନ୍ତି ଯେ, ବାଲେଶ୍ୱର ବାହାନଗା ବଜାର ଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ଦୁର୍ଘଟଣାଗ୍ରସ୍ତ ତଥା ମୃତକଙ୍କ ପରିବାରଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହାୟତା ଘୋଷଣା କରିବା ସହ ରିଲିଫ ଓ ଥଇଥାନ ବ୍ୟବସ୍ଥା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ତରଫରୁ ସମସ୍ତ କର୍ପୋରେଟର ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଦୁର୍ଘଟଣା ପ୍ରଭାବିତଙ୍କ ପରିବାରଙ୍କୁ ଏହି କଷ୍ଟକର ସମୟରେ ସମସ୍ତେ ସହଯୋଗର ହାତ ବଢ଼ାଇବା ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଛନ୍ତି।

# ଝାଡ଼େଶ୍ୱରୀ ମନ୍ଦିର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି

## ୫-ଟି ସଚିବଙ୍କ ୨ ଦିନିଆ ଦେବଗଡ଼ ଗସ୍ତ ଶେଷ

**ଦେବଗଡ଼,୧୭।୭(ଶଶାଙ୍କ ଶେଖର ଝାଙ୍କର)**

୫-ଟି ସଚିବ ଭି.କେ ପାଣ୍ଡିଆନ ୨ ଦିନିଆ ଦେବଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରିବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଦେବଗଡର ଐତିହାସିକ ଶୈବପୀଠ ଝାଡେଶ୍ୱର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପାଣ୍ଡିଆନ ମନ୍ଦିରରେ ପହଞ୍ଚିବା ପରେ ମନ୍ଦିର ପରିଚାଳନା ଟ୍ରଷ୍ଟି ଅମରେନ୍ଦ୍ର ଗଙ୍ଗଦେବଙ୍କ ନେତୃତ୍ୱରେ ଟ୍ରଷ୍ଟର ସମସ୍ତ ସଦସ୍ୟ, ପୂଜକ ଏବଂ ଜନସାଧାରଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମନ୍ଦିରର ଉନ୍ନତୀକରଣ ଦାବିରେ ଟ୍ରଷ୍ଟ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମନ୍ଦିରର ଉନ୍ନତୀକରଣ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ତିଲେଇବଣି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେରେ ଜଳପାନ କରିବା ସହ ବିଭାଗ ସଚିବ ସୁଜାତା କାର୍ତ୍ତିକେୟନଙ୍କ ସହିତ ଭିଡିଓ କଲିଂ ଜରିଆରେ ମିଶନ ଶକ୍ତି ମହିଳାଙ୍କ ସହ କଥା କରାଇଥିଲେ। ଏହି ଅବସରରେ ସେ ମିଶନ ଶକ୍ତି ମହିଳାଙ୍କୁ ପ୍ରଶଂସା କରିବା ସହ ଆଉ ୧୦ ଟି ହୋଟେଲ ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ। ଏହାପରେ ସେ ଆଦିବାସୀ ଅଧ୍ୟୁଷିତ କଂସର, ପାରପୋଶି, ରିଆମାଳ ବ୍ଲକର ଛତାବର(ନାଉଲିପଡା) ଓ ବାରକୋଟ ବ୍ଲକର ବଳମ ଆଦର୍ଶ ଖେଳ ପଡିଆରେ ଆୟୋଜିତ ସଭାରେ ଯୋଗଦେଇ ଜନସାଧାରଣଙ୍କ ଠାରୁ ବିଭିନ୍ନ ସମସ୍ୟା ସମ୍ପର୍କିତ ଦରଖାସ୍ତ ଗ୍ରହଣ କରି ଅବିଳମ୍ବେ ଏଗୁଡିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ ଭାବେ ମନ୍ଦିର, ମସଜିଦ ସମେତ ସମସ୍ତ ଧର୍ମାନୁଷ୍ଠାନର ବିକାଶ ଓ କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଦାବିଗୁଡିକୁ ଆଗାମୀ ଏକ ସପ୍ତାହ ମଧ୍ୟରେ ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ କଲେଜର ରୂପାନ୍ତରଣ କରାଯିବା ସହ ଚାଷ ଜମିକୁ ଜଳ ଓ ପାନୀୟ ଜଳ ପ୍ରକଳ୍ପକୁ ମଧ୍ୟ ଅଗ୍ରାଧିକାର ଦିଆଯିବ ବୋଲି ଏହି ଅବସରରେ କହିଥିଲେ। ଜିଲାର ବିଭିନ୍ନ ଗ୍ରାମରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ସରକାରୀ ଗୃହଗୁଡିକୁ ମିଶନ ଶକ୍ତିକୁ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ଦର୍ଶାଇ ଏଗୁଡିକୁ ଚିହ୍ନଟ କରି ବିଡିଓଙ୍କ ଦୃଷ୍ଟିକୁ ଆଣିବା ପାଇଁ ମିଶନ ଶକ୍ତି ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇ ଏଥିରୁ ବଞ୍ଚିତ ସମସ୍ତ ମହିଳା ଏହି ଯୋଜନାରେ ସାମିଲ ହେବା ଉଚିତ ବୋଲି କହିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ପାଇଁ ସରକାର ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ ବ୍ୟବସାୟ କରିଥିବା ସୂଚନା ଦେବାସହ ଜିଲା ତଥା ବ୍ଲକ ଫେଡେରେଶନ ଅଧୀନରେ ଭିନ୍ନ ଭିନ୍ନ ପଦବୀରେ ଅବସ୍ଥାପିତ ମହିଳାଙ୍କ ଦରମା ବୃଦ୍ଧି ପାଇଁ ଖୁବ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ପାଣ୍ଡିଆନ ଜନସାଧାରଣଙ୍କ ନିକଟରୁ ସଂଗ୍ରହ କରିଥିବା ବିଭିନ୍ନ ଅଭିଯୋଗର ଯାଞ୍ଚ କରିବାସହ ଆବଶ୍ୟକ ସ୍ଥଳେ ଫୋନ କଲ ଯୋଗେ ଅଭିଯୋଗକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି କରିଥିଲେ। ପାଣ୍ଡିଆନ ଝାଡେଶ୍ୱର ମନ୍ଦିର ଯିବା ବାଟରେ ସ୍ୱେଚ୍ଛାସେବୀ ସଂଗଠନ ହ୍ୟାପି ଟୁ ହେଲ୍ପ ପକ୍ଷରୁ ପୁରୁଣାଗଡ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ ଛକଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପାଣ୍ଡିଆନଙ୍କ ଗସ୍ତ ସମୟରେ ତାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍ ଭିନିଲକ୍ରୀଷ୍ଣା, ଡିଆଇଜି ବ୍ରିଜେଶ ରାୟ, ଦେବଗଡ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ସାମିଲ ଥିଲେ।

## ଦେବଗଡ଼ରେ ହକି ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଦେବଗଡ଼ ଗସ୍ତରେ ଅଛନ୍ତି। ପାଣ୍ଡିଆନ ସୋମବାର କନସାର ଠାରେ ଲୋକମାନଙ୍କର ଅଭିଯୋଗ ଶୁଣାଣି କରିବା ସହିତ ଯୁବ ହକି ଖେଳାଳିମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି ଜିଲାରୁ ରୋଶନ ମିଞ୍ଜଙ୍କ ଭଳି ଆନ୍ତର୍ଜାତିକ ହକି ଖେଳାଳି ସୃଷ୍ଟି ହୋଇଥିବା ଜାଣି ସେ ଆନନ୍ଦ ପ୍ରକାଶ କରିଥିଲେ। ଆଲୋଚନା ପରେ ପାଣ୍ଡିଆନ ବୌଦ୍ଧ ଜିଲାରେ ହକିର ସୁଯୋଗ ଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହିତ ଯୁବ ଖେଳାଳିମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏକ ଆଷ୍ଟ୍ରୋଟର୍ଫ ହକି ତାଲିମ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଜିଲାରେ ତୁରନ୍ତ ଏକ ହକି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ କ୍ରୀଡ଼ା ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେ ଜିଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବାରକୋଟ, ରିଆମାଳ ଏବଂ ତିଲେଇବଣି ବ୍ଲକ ପାଇଁ ଚାଲୁ ରହିଥିବା ୬୦୯ କୋଟି ଟଙ୍କାର ବୃହତ୍ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଆସନ୍ତା ୨୦୨୫ ଜୁନ୍ ସୁଦ୍ଧା ରିଆମାଳ ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ବୈଠକରୁ ସୂଚନା ମିଳିଛି।



ମିଶନ ଶକ୍ତି କାଫେରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ବୁଧାଦିତ୍ୟ ସହ ସ୍ୱଗୃହୀ ଚତୁର୍ଥ ଚନ୍ଦ୍ର ଆପଣଙ୍କୁ ଜନ ସମାଜରେ ଜହ୍ନମାମୁ ସଦୃଶ ଲୋକପ୍ରିୟତା ପ୍ରଦାନ କରିବ। ପ୍ରତିଟି କ୍ଷେତ୍ରରେ ଛାନିଆ ହେବା ଠିକ୍ ହେବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ। ଦ୍ୱିଜା ନକ୍ଷତ୍ର କେତେକ ସାରଗର୍ଭକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

**ବୃଷ** - ଶୁକ୍ର ମଙ୍ଗଳ ଯୋଗରୁ ପ୍ରତିଟି ପ୍ରତିବନ୍ଧକ ଦୃଢ଼ତାର ସହ ସାମ୍ନା କରିବେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହେବେ। ନିଜ ମତ ସାବ୍ୟସ୍ତ କରିବାକୁ ଯାଇ ପାରିବାରିକ କ୍ଷେତ୍ରରେ ସମାଲୋଚିତ ହୋଇପାରନ୍ତି। ପ୍ରଶାସନ, ସାମ୍ବାଦିକତା, ଆଇନ, କଳା, ସାହିତ୍ୟରେ ଉନ୍ନତି କରିବେ।

**ମିଥୁନ** - ସ୍ୱାର୍ଥତ୍ୟାଗ ଓ ସେବା ମନୋଭାବ ଗ୍ରହଣକରି ଜନ ହିତକର କାମରେ ନିଜକୁ ନିୟୋଜିତ କରିପାରନ୍ତି। ତଥାପି ଆରଦ୍ରା ନକ୍ଷତ୍ର ସକାଶେ କେତେକ ସାଧାରଣ କଥାରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପକରି ସମସ୍ୟା ବଢ଼ାଇ ଦେଇପାରନ୍ତି। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ** - ୩ଟି ଗ୍ରହ ରାଶିସ୍ଥ ହେତୁ ଆଜିର ପ୍ରତ୍ୟେକ କାମ ଅସ୍ଥିରତା ମଧ୍ୟରେ ଗତି କରିପାରେ। ସକାଳୁ କର୍ମାରମ୍ଭ ପ୍ରୀତିପଦ ହେବ ଓ ମନୋବଳ ବୃଦ୍ଧି ପାଇ ଉତ୍ସୁକତା ଦେଖାଦେବ। ସାମାଜିକ ସ୍ତରରେ ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** - ବାଟରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡ଼ିବା ସୂଚନା ରହିଛି। ପାରିବାରିକ କ୍ଷେତ୍ରରେ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** - ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ। ବାରମ୍ବାର କାନକୁହା କଥା ଶୁଣି ଅତି ପ୍ରିୟଲୋକଟିର ମନୋଭାବ ବଦଳିଯାଇପାରେ। ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିବ ଓ କ୍ଷତିରେ ପଡ଼ିପାରନ୍ତି। ଚିତ୍ରା ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିବେ।

**ତୁଳା** - ବିଗତ ଦିନଗୁଡ଼ିକରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ, କିନ୍ତୁ କିଛି ଅସୁବିଧା ହେବନାହିଁ। ସ୍ୱାତୀ ନକ୍ଷତ୍ର ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା** - ଆଜିର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ଉଚ୍ଚ ପ୍ରଶଂସିତ ହେବେ। ଜ୍ୟେଷ୍ଠା ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ, ଆଲୋଚନା, ଧର୍ମଚର୍ଚ୍ଚାରେ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବାରେ ଆନୁଷଙ୍ଗିକ ସହଯୋଗ ମିଳିବ।

**ଧନୁ** - ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତି ଗ୍ରହଣ କରିବାକୁ ବାଧ୍ୟ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହୋଇପାରନ୍ତି। କଚେରି ମାମଲାରେ ବନ୍ଧୁମାନଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପୂର୍ବାଷାଢ଼ା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତି ଆଶଙ୍କା ରହିଛି।

**ମକର** - ଆଜିର ଦିନଚର୍ଯ୍ୟାରେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କଳା, ସାହିତ୍ୟ, ସାମ୍ବାଦିକତାରେ ସୁନାମ ଅର୍ଜନ କରିବେ। କେତେକ କ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର ଭୁଲ୍ ବୁଝାମଣାରୁ ସନ୍ଦେହର ସରବ୍ୟ ହେବେ।

**କୁମ୍ଭ** - କେତେକ କ୍ଷେତ୍ରରେ ନିଜର ମତ ବଦଳାଇ ସମାଲୋଚିତ ହେବେ। ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର ହୋଇପାରେ। ଶତଭିଷା ନକ୍ଷତ୍ର ସାମାଜିକ କ୍ଷେତ୍ରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। କିନ୍ତୁ ପ୍ରଶାସନିକ ସ୍ତରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହୋଇପାରିବେ।

**ମୀନ** - ନିଜର ଇଚ୍ଛା କୁ ଜଳାଞ୍ଜଳି ଦେଇ ଆକସ୍ମିକ ଭାବରେ ଅନ୍ୟର କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତୀତ କଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ସକାଳୁ ସକାଳୁ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରେବତୀ ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଜନନାଶୌଚ ଖବର ପାଇପାରନ୍ତି।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ପ୍ରତିପଦା ମଙ୍ଗଳବାର, ମଳମାସ ଆରମ୍ଭ, ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ। ରାଶି ନକ୍ଷତ୍ର -ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୩୬ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୧୧ ଗତେ, ଘ. ୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।

## ଏକତା ଆଣିବ...

ପ୍ରଥମ ପୃଷ୍ଠାରୁ...

ଆପ୍ୟାୟିତ କରିଛନ୍ତି। ବୈଠକରେ ସୋନିଆଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ଏବଂ କେତେକ ଆଞ୍ଚଳିକ ଦଳର ନେତାମାନେ ଯୋଗଦେଇଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ମଙ୍ଗଳବାର ବୈଠକରେ ଉପସ୍ଥିତ ରହିବେ। ବୈଠକକୁ ଆସିଥିବା ଅନ୍ୟ ନେତାମାନେ ହେଲେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ, ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ, ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା (ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ), ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଏବଂ ମେହମୁବା ମୁଫ୍‌ତି (ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ଅଧ୍ୟକ୍ଷା)ଙ୍କ ସମେତ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା ଓ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୁଖ୍ୟ ଜୟନ୍ତ ଚୌଧରୀଙ୍କୁ ମଧ୍ୟ ବୈଠକରେ ଭବ୍ୟ ସ୍ୱାଗତ କରାଯାଇଛି।

ଏହା ପୂର୍ବରୁ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଣିପୁର ହିଂସା ଓ ମହାରାଷ୍ଟ୍ରର ସଦ୍ୟ ରାଜନୈତିକ ସଙ୍କଟକୁ ନେଇ ଭାଜପାକୁ ଟାର୍ଗେଟ କରାଯାଇଥିଲା। ବିରୋଧୀ ଏକତା ଦେଖି ଭାଜପା ଏବଂ ମୋଦି ଭୟଭୀତ ହୋଇଯାଇଥିବାରୁ ମଙ୍ଗଳବାର ଦିଲ୍ଲୀରେ ଏନ୍‌ଡିଏ ବୈଠକ ଡକାଯାଇଥିବା କଂଗ୍ରେସ ସମାଲୋଚନା କରିଥିଲା। ବିରୋଧୀଙ୍କ ଏହି ବୈଠକ ଭାରତୀୟ ରାଜନୀତି ପାଇଁ ଗେମ୍ ଚେଞ୍ଜର ହେବ। ବିରୋଧୀଙ୍କୁ ପରାଜିତ କରିବା କଥା କହୁଥିବା ଭାଜପା ଏବେ ଏକୁଟିଆ ହୋଇଯାଇଛି। ଭୂତ ପାଲଟିଯାଇଥିବା ଏନ୍‌ଡିଏରେ ନୂଆ ଜୀବନ ଭରିବା ପାଇଁ ଭାଜପା ଉଦ୍ୟମ କରୁଛି। ଅନ୍ୟପକ୍ଷେ ଭାଜପା କହିଛି, ବେଙ୍ଗାଲୁରୁ ବୈଠକ କ୍ଷମତାଲୋଭୀ ଓ ସୁବିଧାବାଦୀମାନଙ୍କ ମେଳି। ଏଭଳି ମେଣ୍ଟ ଦେଶର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସମାଲୋଚନା କରିଛନ୍ତି।

## 'ମରିବୁ ପଛେ...

ବିଦ୍ୟାଳୟ ଭିତରକୁ ଯାଇପାରି ନ ଥିଲେ। ପିଲାଙ୍କର ଏକମାତ୍ର ଦାବି ରହିଥିଲା, ସେମାନେ ନିଜ ସ୍କୁଲ ଛାଡ଼ି ଅନ୍ୟତ୍ର ପଢ଼ିବାକୁ ଯିବେ ନାହିଁ। ୧୯୬୭ରେ ସ୍ଥାପିତ ଏହି ବିଦ୍ୟାଳୟରେ ଅନ୍ୟ ଶିକ୍ଷାନୁଷ୍ଠାନ ମିଶ୍ରଣ କରାଯାଉ, ମାତ୍ର ସେମାନଙ୍କୁ ଉକ୍ତ ବିଦ୍ୟାଳୟରେ ପାଠପଢ଼ିବାରୁ ବଞ୍ଚିତ କରା ନ ଯାଉ। ବାଳିକା ଉଚ୍ଚ ବିଦ୍ୟାଳୟରେ ବାଳିକାମାନେ ସ୍ୱଚ୍ଛନ୍ଦରେ ଚଳପ୍ରଚଳ କରିବା ସହ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି। ମାତ୍ର ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହେବା ଫଳରେ ସେମାନେ ପାଉଥିବା ଅନେକ ସୁବିଧାରୁ ବଞ୍ଚିତ ହେବେ ବୋଲି ଛାତ୍ରୀମାନେ କହିଛନ୍ତି। ତେବେ ବିଦ୍ୟାଳୟ ଆଗରେ ଏଭଳି ଭିନ୍ନ ଦୃଶ୍ୟ ରାସ୍ତାରେ ଯାଉଥିବା ଲୋକଙ୍କୁ ସେଠାକୁ ଟାଣି ନେଇଥିଲା। ଛାତ୍ରୀଙ୍କ ଦାବି ଓ ଆନ୍ଦୋଳନକୁ ବହୁ ସମର୍ଥନ ମିଳିଥିଲା। ଫଳରେ ସମୟ ଗଡ଼ିବା ସହ ବିରୋଧର ସ୍ୱର ଆହୁରି ତେଜିଥିଲା। ଗୁଳୁଗୁଳିରେ ଆନ୍ଦୋଳନରତ ଅନେକ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ, ପ୍ରେସ୍ ଗାଡି ଓ ସ୍କୁଟିରେ କ୍ୟାପିଟାଲ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ୫ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ୨ଜଣଙ୍କୁ ଆଡ୍‌ମିଶନ କରାଯାଇଥିଲା। ସୁସ୍ଥ ହେବା ପରେ ଉଭୟ ସନ୍ଧ୍ୟାରେ ଘରକୁ ଫେରିଥିବା ଜଣାପଡ଼ିଛି। ତେବେ ପରିସ୍ଥିତି ଅଣାୟତ୍ତ ହେବା ପରେ ବ୍ଲକ୍ ଶିକ୍ଷାଧିକାରିଣୀ(ବିଇଓ) ପ୍ରଜ୍ଞାପାରମିତା ଜେନା ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିଥିଲେ। ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ଅନ୍ୟପଟେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ପରିଡ଼ାଙ୍କ ସମେତ ଅନ୍ୟମାନେ ବିଇଓଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଆଲୋଚନା ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ହରିଚନ୍ଦନ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ଏଦିଗରେ ପୁନର୍ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବିଇଓ ଆଶ୍ୱାସନା ଦେଇଛନ୍ତି। କିନ୍ତୁ ଏହି ନିଷ୍ପତ୍ତି ଛାତ୍ରୀଙ୍କ ହିତରେ ନ ଆସିଲେ ପୁଣିଥରେ ଛାତ୍ରୀ ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଖବରପାଇ ଜଟଣୀ ବିଧାୟକ ସୁର ରାଉତରାୟ, ସ୍ଥାନୀୟ କର୍ପୋରେଟର ଅପରୂପ ନାରାୟଣ ରାଉତ ପହଞ୍ଚି ଛାତ୍ରୀଙ୍କୁ ବୁଝାଶୁଝା କରିଥିବାବେଳେ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ତଥା ପୁରାତନ ଛାତ୍ରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ମଧ୍ୟ ଉପସ୍ଥିତ ରହିଥିଲା।

ଅନ୍ୟପଟେ ପରୀକ୍ଷା ଆଉ ଅଳ୍ପଦିନ ରହିଥିବାବେଳେ ପିଲାମାନେ ପାଠପଢ଼ା ପରିବର୍ତ୍ତେ ଆନ୍ଦୋଳନକୁ ଓହ୍ଲାଇବା ପ୍ରସଙ୍ଗକୁ ନେଇ ଶିକ୍ଷାବିତ୍‌ଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଦ୍ୟାଳୟ ମିଶ୍ରଣକୁ ବିଭିନ୍ନ ମହଲରେ ବିରୋଧ କରାଯାଉଥିବାବେଳେ ପିଲାମାନେ ଏହାଦ୍ୱାରା ମାନସିକ ଚାପରେ ରହିବେ ବୋଲି ମତ ପ୍ରକାଶ ପାଇଛି।



# ବନ୍ଧାହେଲେ ନକଲି ଡାକ୍ତର

■ ଡେଙ୍ଗାଉସ୍ତା, ଆସିକା ଓ କଟକରେ ଦେଖୁଥିଲେ ରୋଗୀ

■ ଜାଲ ସାର୍ଟିଫିକେଟ୍, କାର୍, ମେଡିକାଲ ସାମଗ୍ରୀ ଜବତ



ଗିରଫ ନକଲି ଡାକ୍ତର ଶୁଭ୍ରଜିତ ପଣ୍ଡା।

**ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି(ଅଶେଷନାଥ ମିଶ୍ର) ୧୭।୭**

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ପୋଲିସ ଜଣେ ନକଲି ଡାକ୍ତରଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ହିନ୍ଦୋଳ ରୋଡ୍‌ର ଶୁଭ୍ରଜିତ ପଣ୍ଡା (୨୯)। ଶୁଭ୍ରଜିତ୍ କଟକ ନୂଆବଜାରସ୍ଥିତ ଏକ ଭଡ଼ା ଘରେ ରହି ରାଣୀହାଟସ୍ଥିତ ବେଷ୍ଟ ପଲିକ୍ଲିନିକ୍‌ରେ ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା କରୁଥିଲେ। ମାସକୁ ଦୁଇ ଦିନ ସେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଉସ୍ତା ଛକରେ ଥିବା କ୍ଲିନିକ ଓ ସେଠାରୁ ଆସିକାର ଏକ କ୍ଲିନିକ୍‌କୁ ମଧ୍ୟ ରୋଗୀ ଦେଖିବାକୁ ଯାଉଥିଲେ। ଉଭୟ ଭଡ଼ାଘର ଏବଂ କ୍ଲିନିକ୍‌ରେ ପୋଲିସ ଚଢ଼ାଉ କରି ଡାକ୍ତର ଶୁଭ୍ରଜିତ ଦର୍ଶାଯାଇଥିବା ଲେଟରପ୍ୟାଡ, ଭିଜିଟିଂକାର୍ଡ, ଫ୍ଲେକ୍ସ ବ୍ୟାନର୍, ଜାଲ ଡାକ୍ତରୀ ଯୋଗ୍ୟତା ସମ୍ପର୍କିତ ନଥିପତ୍ର, ଆଧାରକାର୍ଡ, ଗୋଟିଏ କାର୍ (ଓଡି ୦୨ସିଏଫ୍ ୮୩୦୮), ଷ୍ଟେଥୋସ୍କୋପ୍, ସିରିଞ୍ଜ ଓ ମେଡିସିନ୍ ଜବତ କରିଛି। ଶୁଭ୍ରଜିତ ଜଣେ ମାଇକ୍ରୋ ବାୟୋଲୋଜି ଛାତ୍ର ଭାବେ ହାଇଦ୍ରାବାଦରେ ଏମ୍‌ଏସ୍‌ସି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅଧିକ ଟଙ୍କା ରୋଜଗାର ପାଇଁ ଏଭଳି ନକଲି ଡାକ୍ତର ସାଜିଥିଲେ ବୋଲି ସୋମବାର ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି ଯେ, ଶୁଭ୍ରଜିତ ଜର୍ମାନୀରୁ ଡାକ୍ତରୀ (ଅର୍ଥୋପେଡିକ୍ ଓ ସ୍ପାଇନାଲ୍ ସର୍ଜରି ବିଶେଷଜ୍ଞ ଭାବେ) ଯୋଗ୍ୟତା ଅର୍ଜନ କରିଥିବା ପ୍ରେସ୍କ୍ରିପସନ୍ ଏବଂ ନିଜ ଲେଟରପ୍ୟାଡ୍‌ରେ ଉଲ୍ଲେଖ କରୁଥିଲେ। କିନ୍ତୁ ତାଙ୍କ ପାଖରେ ଓଡ଼ିଶା ମେଡିକାଲ୍ ରେଜିଷ୍ଟ୍ରେସନ୍ ଆକ୍ଟ ମୁତାବକ ଜଣେ ଯୋଗ୍ୟତାସମ୍ପନ୍ନ ଡାକ୍ତର ଭାବେ କୌଣସି ପଞ୍ଜୀକୃତ ନମ୍ବର ନ ଥିଲା। ଡେଙ୍ଗାଉସ୍ତା ଛକରେ ଥିବା ବବୁଲ ମେଡିସିନ୍ ଷ୍ଟୋର୍ ଦ୍ୱାରା ପରିଚାଳିତ କ୍ଲିନିକ୍‌ରେ ନିଜର ଜାଲ ଡାକ୍ତରୀ ଯୋଗ୍ୟତା ପ୍ରମାଣପତ୍ର ଦେଖାଇ ଚିକିତ୍ସା କରୁଥିଲେ। ଛଣମେରୀ ଅଞ୍ଚଳର ସୀମାଞ୍ଚଳ ସାହୁ ତାଙ୍କ ବଡ଼ ମା'ଙ୍କ କଟିଟି ଭାଙ୍ଗି ଯାଇଥିବାରୁ ସେଠାକୁ ଚିକିତ୍ସା ପାଇଁ ଯାଇଥିଲେ। ନକଲି ଡାକ୍ତର ଜଣକ ତାଙ୍କୁ ଯେଉଁ ଔଷଧ ଲେଖିଥିଲେ ତାହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତେଣୁ ସୀମାଞ୍ଚଳ ତାଙ୍କ ବଡ଼ମା'ଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଆଣିବା ସହ ଏ ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୫୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିବା ପରେ ନକଲି ଡାକ୍ତର ଶୁଭ୍ରଜିତଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୦୨୦ ଫେବୃୟାରୀରେ ଶୁଭ୍ରଜିତ୍ ଡାକ୍ତର ପରିଚୟ ଦେଇ ହାଇଦ୍ରାବାଦରେ ଚିକିତ୍ସା କରୁଥିବା ନେଇ ଡବ୍ଲ୍ୟୁଏଚ୍‌ଓ ସଦସ୍ୟ ଏବଂ ଗାନ୍ଧୀ ମେଡିକାଲ କଲେଜର ଡାକ୍ତରଙ୍କ ଅଭିଯୋଗ ପ୍ରକାରେ ସେଠାକାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୫ଦିନ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିବା ପରେ କୋର୍ଟରୁ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଦେଢ଼ବର୍ଷ ପରେ ଶୁଭ୍ରଜିତ ପୁଣି ନକଲି ଡାକ୍ତର ସାଜି ରୋଗୀ ଦେଖୁଥିଲେ ବୋଲି ଏସ୍‌ପି କହିଛନ୍ତି।

# ୩ ସନ୍ତାନ ଜନନୀଙ୍କ ୱାର୍ଡ ସଭ୍ୟ ପଦ ରଦ୍ଦ କଲେ କୋର୍ଟ

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ପାଟଣା(ବୀର କିଶୋର ଦାଶ),୧୭।୭**

୩ ସନ୍ତାନ ଥିବା କାରଣରୁ କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ମାନପୁର ଗ୍ରାମ ୱାର୍ଡ଼ନଂ.୨ର ୱାର୍ଡ ସଭ୍ୟା ଚମ୍ପାବତୀ ମହାନ୍ତଙ୍କ ସଭ୍ୟ ପଦକୁ କେନ୍ଦୁଝର ସିଭିଲ୍ ଜଜ୍ ଜୁନିଅର ଡିଭିଜନ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ଉକ୍ତ ୱାର୍ଡରେ ସାନି ନିର୍ବାଚନ ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ ଝିଅ ଓ ୧ ପୁଅ ଥିବା ସତ୍ତ୍ୱେ ଚମ୍ପାବତୀ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜିତିଥିଲେ। ତାଙ୍କ ବିଜୟକୁ ଆସିଦ୍ଧ ଘୋଷଣା କରିବା ପାଇଁ ତାଙ୍କ ସହ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିବା ସୁଶିଳା ବାଘୁଆ ସେତେବେଳେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚମ୍ପାବତୀଙ୍କଠାରୁ ସୁଶୀଳା ବାଘୁଆ ସେତେବେଳେ ୫୦ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ।






ଯେଉଁ ସଙ୍ଗୀତ ତୁମ ଚେତନାକୁ ନିମ୍ନଗାମୀ କରେ– ମନରେ କାମନା ବାସନା ଜାଗ୍ରତ କରେ– ଏବଂ ନିମ୍ନପ୍ରବୃତ୍ତିଗୁଡ଼ିକୁ ଉତ୍ତେଜିତ କରେ– ସେପରି ସଙ୍ଗୀତର ଉଦ୍ଦେଶ୍ୟ ମହତ୍ ନୁହେଁ ଏବଂ ସେପରି ସଙ୍ଗୀତ ଶୁଣିବା ଉଚିତ ନୁହେଁ। –ଶ୍ରୀମା

# ସ୍ନୋ ପାଉଡର

ପିଲାଦିନରୁ ସ୍ନୋ ପାଉଡର ବିଷୟରେ ସମସ୍ତେ ଶୁଣିଥାନ୍ତି। ଭାରତ କେବଳ ନୁହେଁ, ସମଗ୍ର ବିଶ୍ୱର ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଆଡ଼େ, ବିଶେଷକରି ମହିଳାମାନଙ୍କ ପାଇଁ, ବିଭିନ୍ନ ପ୍ରକାର କ୍ରିମ୍,ସ୍ନୋ, ପାଉଡର, ଅତର, ଲିପ୍‌ଷ୍ଟିକ, ନେଲ୍‌ପଲିସ ଭଳି ବିଭିନ୍ନ ସାମଗ୍ରୀ ପ୍ରବଳ ମାତ୍ରାରେ ବ୍ୟବହୃତ ହୋଇଆସୁଛି। ସେହିସବୁ ଉତ୍ପାଦ ସହ ଏବେ ବୟସ ଲୁଚାଇବା ପାଇଁ ଆହୁରି ଅନେକ କସ୍‌ମେଟିକ(ପ୍ରସାଧନ ସାମଗ୍ରୀ) ଏବଂ ଔଷଧ ପ୍ରତ୍ୟେକ ଦିନ ଉଦ୍ଭାବନ ହେଉଛି। ଯୌବନ ଫେରାଇ ଆଣିବା ପାଇଁ ବ୍ୟକ୍ତିବିଶେଷମାନେ ଅନେକ ମିଲିଅନ ଡଲାର ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। ତେବେ ଏହି ସୌନ୍ଦର୍ଯ୍ୟ ରକ୍ଷାକାରୀ ଶିଳ୍ପ ପଛରେ ଅନେକ ଅସୁନ୍ଦର ଏବଂ ବିକଟାଳ କାହାଣୀ ଲୁଚି ରହିଛି।

ମଣିଷର ପ୍ରସାଧନ ସାମଗ୍ରୀ ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ନୂଆ ଉତ୍ପାଦ ଭେଟି ଦେଉଛି। ଏଗୁଡ଼ିକ ମଧ୍ୟରେ ଏବେ ଆମେରିକାର ହାର୍ଭାର୍ଡ ମେଡିକାଲ ସ୍କୁଲର ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କେମିକାଲ କକ୍‌ଟେଲ ସ୍ୱତନ୍ତ୍ର ଓ ଚର୍ଚ୍ଚାର ବିଷୟ ହୋଇଛି। କାରଣ ଏହା ମଣିଷକୁ ଆଉ ବୁଢ଼ା ଅବସ୍ଥାରେ ପହଞ୍ଚିବାକୁ ଦେବ ନାହିଁ। ୫ରୁ ୭ଟି କେମିକାଲ ମିଶ୍ରଣରେ ପ୍ରସ୍ତୁତ ଉକ୍ତ କକ୍‌ଟେଲ ମଣିଷକୁ ପୁନର୍ବାର ଯୁବାବସ୍ଥାକୁ ନେଇଆସିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କକ୍‌ଟେଲ୍‌ର ପରୀକ୍ଷଣ ମୂଷା ଓ ମାଙ୍କଡ଼ ଶରୀରରେ ସଫଳ ହୋଇଥିବା ସ୍ପଷ୍ଟ କରାଯାଇଛି ଏବଂ ଏ ସମ୍ପର୍କିତ ରିପୋର୍ଟ ମେଡିକାଲ ଜର୍ନାଲ ଏଜିଂରେ ପ୍ରକାଶ ପାଇଛି। ବୈଜ୍ଞାନିକ ଡେଭିଡ୍ ସିନ୍‌କ୍ଲେର ଉକ୍ତ ଗବେଷଣାତ୍ମକ ତଥ୍ୟ ଟୁଇଟରରେ ଶେୟାର କରିବା ପରେ ଏହା ଉପରେ ଅନେକ ସକାରାତ୍ମକ ମତ ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି। କହିବାକୁ ଗଲେ ଏବକାର ୫୦୦ ବିଲିଅନ ଡଲାରରୁ ଅଧିକ ପ୍ରସାଧନ ଶିଳ୍ପର ଇତିହାସକୁ ଦେଖିଲେ ବୈଜ୍ଞାନିକଙ୍କ ଯୁକ୍ତି ପରିପ୍ରେକ୍ଷୀରେ ମଣିଷ ଖୁସି ହୋଇପାରେ। କିନ୍ତୁ ଆଜି ପର୍ଯ୍ୟନ୍ତ ଯେଉଁସବୁ ପ୍ରସାଧନ ବିକାଶ କରାଯାଇଛି ତା'ମଧ୍ୟରୁ ଅନେକ ପଛରେ ଏକ ନକାରାତ୍ମକ ଦିଗ ଲୁଚି ରହିଥିବା ପ୍ରାୟତଃ ଅନେକଙ୍କୁ ଜଣାନାହିଁ। ପ୍ରସାଧନ ଶିଳ୍ପ ସହ ପ୍ରାଣୀ ସମ୍ପୃକ୍ତି ଓ କ୍ଷତି ପରିମାଣ ଅତ୍ୟଧିକ। କୌଣସି ନୂତନ କେମିକାଲଯୁକ୍ତ ପ୍ରସାଧନ ବିକାଶ ପରେ ତାହାକୁ ପ୍ରାଣୀ ମୁଖ୍ୟତଃ ମୂଷା, କୁକୁର, ବିଲେଇ, ମାଙ୍କଡ଼, ଠେକୁଆ, ମାଛ ଓ ପକ୍ଷୀମାନଙ୍କ ଶରୀରରେ ପରୀକ୍ଷା କରାଯାଇଥାଏ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶାରୀରିକ ସ୍ତରରେ ପ୍ରଭାବିତ ହେବା ସହ ଅନେକଙ୍କର ମୃତ୍ୟୁ ହୋଇଥାଏ। ଆନିମଲ ଟେଷ୍ଟିଂ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ଅନୁଯାୟୀ ପାଖାପାଖି ୮୮% ଟପ୍ ବିୟୁଟି ବ୍ରାଣ୍ଡ୍ ପ୍ରାଣୀମାନଙ୍କ ଉପରେ ନୂତନ ଉତ୍ପାଦର ପରୀକ୍ଷଣ ସକାଶେ ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଉକ୍ତ ପରୀକ୍ଷଣରେ ବହୁ ପ୍ରାଣୀ ଭୀଷଣ ପ୍ରଭାବିତ ହେଉଛନ୍ତି। ପେଟାର ଏକ ଆକଳନ ମୁତାବକ ଏଥିରେ ପ୍ରତିବର୍ଷ ପାଖାପାଖି ୫ ଲକ୍ଷ ପ୍ରାଣୀ ପ୍ରଭାବିତ ହୁଅନ୍ତି କିମ୍ବା ମୃତ୍ୟୁମୁଖରେ ପଡ଼ନ୍ତି।

> **ଜୀବନଶୈଳୀରେ ପ୍ରସାଧନ ସାମଗ୍ରୀର ଚାହିଦାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ଏକ ବିକଶିତ ସ୍ତରରେ ପହଞ୍ଚିଲାଣି। ଏ କ୍ଷେତ୍ରରେ ପ୍ରାଣୀ ଶରୀରରେ ପରୀକ୍ଷଣ କିମ୍ବା ପ୍ଲାଷ୍ଟିକ ପ୍ୟାକେଜିଂ ପଦ୍ଧତିରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ନଚେତ୍ ପ୍ରାଣୀ ଓ ପରିବେଶକୁ ଅଣଦେଖା କରି ଧାଉଁଥିବା ସୌନ୍ଦର୍ଯ୍ୟ ପାଗଳ ମଣିଷ ପୃଥିବୀର ଅଶେଷ କ୍ଷତି ଘଟାଇବ।**

ପ୍ରସାଧନ ଶିଳ୍ପ ବିକାଶରେ ଆମେରିକା ଆଗରେ ଥିବାବେଳେ ତା' ପଛକୁ ଅଛନ୍ତି ଚାଇନା ଏବଂ ଜାପାନ । ଏହାର ମୋଟ୍ ବଜାରର ପାଖାପାଖି ୪୫% ଏମାନଙ୍କ ହାତରେ ଅଛି। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟି ହେଉଥିବା ପ୍ରତିକୂଳ ପରିବେଶ ଓ ବନାଗ୍ନିରେ ବହୁ ପ୍ରାଣୀ ବିଲୁପ୍ତହେବାକୁ ବସିଥିବାବେଳେ ପ୍ରସାଧନ ଶିଳ୍ପର ଚଡ଼କ ପ୍ରାଣୀ ବିନାଶର ପଥକୁ ଆହୁରି ଉନ୍ମୁକ୍ତ କରିଚାଲିଛି। ତେବେ ଏହି ଶିଳ୍ପର କ୍ଷତିକାରକ ପ୍ରଭାବ ଏତିକିରେ ଅଟକି ନାହିଁ । ଏଥିରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟ ମଧ୍ୟ ପରିବେଶଗତ ସମସ୍ୟାର କାରଣ ପାଲଟିଛି। ବାୟୁ, ଜଳ ପ୍ରଦୂଷଣରେ ଏହାର ଭୂମିକା ରହୁଥିବାବେଳେ ଶସ୍ୟ ଉତ୍ପାଦ ହ୍ରାସ ଓ ଜଳଚର ଜୀବଙ୍କ ମୃତ୍ୟୁ ହେଉଛି। ପ୍ରତିବର୍ଷ ପ୍ରସାଧନ ଶିଳ୍ପର ପ୍ଲାଷ୍ଟିକ ବର୍ଜ୍ୟ ପରିମାଣ ବଢ଼ିବାରେ ଲାଗିଛି ଓ ୨୦୫୦ ସୁଦ୍ଧା ଏହାର ପରିମାଣ ବାର୍ଷିକ ୧୨,୦୦୦ ମେଟ୍ରିକ ଟନ୍‌ରେ ପହଞ୍ଚିବ ବୋଲି ବୈଜ୍ଞାନକମାନଙ୍କ ମତ। ଜୀବନଶୈଳୀରେ ପ୍ରସାଧନ ସାମଗ୍ରୀର ଚାହିଦାକୁ ଲକ୍ଷ୍ୟକରି ପ୍ରସାଧନ ଶିଳ୍ପ ଏକ ବିକଶିତ ସ୍ତରରେ ପହଞ୍ଚିଲାଣି। ଏ କ୍ଷେତ୍ରରେ ପ୍ରାଣୀ ଶରୀରରେ ପରୀକ୍ଷଣ କିମ୍ବା ପ୍ଲାଷ୍ଟିକ ପ୍ୟାକେଜିଂ ପଦ୍ଧତିରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ନଚେତ୍ ପ୍ରାଣୀ ଓ ପରିବେଶକୁ ଅଣଦେଖା କରି ଧାଉଁଥିବା ସୌନ୍ଦର୍ଯ୍ୟ ପାଗଳ ମଣିଷ ପୃଥିବୀର ଅଶେଷ କ୍ଷତି ଘଟାଇବ।

# ଆର୍ଟିକିଲ ୩୪୦



ଅଧ୍ୟାପକ ଗୋପବନ୍ଧୁ

ଆମ ପାଇଁ କ୍ଷୋଭର ବିଷୟ ଯେ, ଯେଉଁ ନିୟାମକ ପୁସ୍ତକ ଅନୁଯାୟୀ ଦେଶରେ ଶାସନ ବ୍ୟବସ୍ଥା ପରିଚାଳିତ ହେଉଛି, ଯାହାକୁ ଆମେ ସମ୍ବିଧାନ କହୁଛୁ, ତାହା ଆମ ଶିକ୍ଷା ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ନୁହେଁ। କେବଳ ରାଜନୀତି ବିଜ୍ଞାନର ଉଚ୍ଚ ପାଠ୍ୟକ୍ରମରେ କିଛି ଏ ବିଷୟରେ ଆଲୋଚନା ରହିଛି। ତେଣୁ ଭାରତୀୟ ନାଗରିକ ହୋଇ ବି ଅନେକେ ଆମ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରା ବିଷୟରେ ଅଜ୍ଞ । ଆମ ସମ୍ବିଧାନ ଏକ ପ୍ରଗତିଶୀଳ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି। ସେଇଥିପାଇଁ ଆର୍ଟିକିଲ ବା ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସ୍‌ସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ବିକାଶ ପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ କରାଯାଇଛି। ଏହି ଦୁଇ ଧାରା ସମ୍ବନ୍ଧରେ କିଛି ଲୋକ ଅବଗତ ଅଛନ୍ତି। ତଥାପି ଏହି ଧାରାର ଅନ୍ତର୍ଗତ ଅନେକ ହିତାଧିକାରୀ ଏଯାଏଁ ଏ ବିଷୟରେ ଅବଗତ ନୁହନ୍ତି। ଏ ବିଷୟରେ ଜାଣିବାକୁ ଆଗ୍ରହୀ ମଧ୍ୟ ନୁହନ୍ତି।

ସମତାଭିତ୍ତିକ ସମାଜ ଗଠନ ପାଇଁ ସମ୍ବିଧାନରେ ଅନ୍ୟ ଏକ ଧାରା ରହିଛି, ତାହା ହେଉଛି ୩୪୦; ଯାହାକି ଏବେ ବହୁଳଭାବେ ଆଲୋଚନାର ପରିସରକୁ ଆସୁଛି। ଦେଶରେ ଥିବା ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ। ଏହି ଧାରା ଅନୁଯାୟୀ ରାଷ୍ଟ୍ର ଓବିସିଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ। ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିସ ମୁତାବକ ପଦକ୍ଷେପ ନେଇପାରିବେ। ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ। ଏହା ପଛରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମେନ ଡ. ବି.ଆର. ଆମ୍ବେଡକରଙ୍କ ଦୃଢ଼ ସମର୍ଥନ ଥିଲା। କାରଣ ସେ ଚାହିଁଥିଲେ ଓବିସିଙ୍କୁ ଏସ୍‌ଟି ଓ ଏସ୍‌ସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପାଇବା ପାଇଁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ। କିନ୍ତୁ ଦୁଃଖର କଥା, ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ସେ ସମୟର ସଂଖ୍ୟାଧିକ ଓବିସି ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ। ତଥାପି ସେ ଭବିଷ୍ୟତ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରିଯାଇଛନ୍ତି। ସେ ଜାଣିଥିଲେ ଆଜି ନ ହେଲେ ବି କାଲି ଓବିସିମାନେ ଏହାର ଆବଶ୍ୟକତାକୁ ବୁଝିବେ, ଯାହାକି ଏବେ ସେମାନେ ବୁଝିବା ଆରମ୍ଭ କଲେଣି।

ସ୍ୱାଧୀନତା ପରେ ଓବିସି ସମାଜ ତାଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ। ଧାରା ୩୪୦ ଅନୁଯାୟୀ ୧୯୫୩ରେ ତତ୍କାଳୀନ କେନ୍ଦ୍ର ସରକାର ଓବିସିଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ୧୯୫୫ରେ ତା'ର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେ ସମୟର ସରକାର ଏହି କମିଶନଙ୍କ ସୁପାରିସକୁ ଗ୍ରହଣ କରିନଥିଲେ। ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇଥିଲେ। ଏହି କମିଶନ ୧୯୮୦ରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା। ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା। ପରବର୍ତ୍ତୀ ସରକାର ଏହି କମିଶନର ରିପୋର୍ଟକୁ କାର୍ଯ୍ୟକାରୀ କଲେ ନାହିଁ। ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି. ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ରେ ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ଚାକିରିରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା। ୨୦୦୬ ରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ।





ଧାରା ୩୪୦ ଅନୁଯାୟୀ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସାମ୍ବିଧାନିକ ସ୍ୱୀକୃତି ପାଇଛନ୍ତି ସଂରକ୍ଷଣ ସୁବିଧା ପାଇବା ପାଇଁ। କିନ୍ତୁ ଏହି ବର୍ଗର ପ୍ରାୟ ୯୯% ଲୋକ ଏହି ଧାରା ସମ୍ବନ୍ଧରେ ଅବଗତ ନୁହନ୍ତି କି ଏହି ଧାରାର ଗୁରୁତ୍ୱ ବୁଝନ୍ତି ନାହିଁ। ଉକ୍ତ ଧାରା ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହିତ ଜଡ଼ିତ ବୋଲି ସେମାନେ ଜାଣନ୍ତି ନାହିଁ। କେବଳ ସଂରକ୍ଷଣ ନୁହେଁ, ଏହା ସହିତ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ପାଇଁ ମଧ୍ୟ ଏହି ଧାରା ସରକାରଙ୍କୁ ପ୍ରେରିତ କରେ। ଏହା ସହିତ ବର୍ଗୀୟ ଚେତନାକୁ ମଧ୍ୟ ଏହି ଧାରା ଉଜ୍ଜୀବିତ କରେ। ଦେଶରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବ୍ୟତୀତ ଅନ୍ୟ ଏକ ଅନଗ୍ରସର ବର୍ଗ ରହିଛି ତାହା ହେଉଛି ଓବିସି, ସେ ବିଷୟକୁ ଏହି ଧାରା ସ୍ୱୀକୃତି ଦେଇଛି। ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ। ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ। ଏହି ବିଶାଳ ଜନସମୁଦାୟ ଧାରା ୩୪୦କୁ ନ ବୁଝିବା ଯୋଗୁ ତାଙ୍କ ମଧ୍ୟରେ ଗୋଷ୍ଠୀଗତ ଚେତନା ଆସିପାରି ନାହିଁ। ଏମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପରି ଜାତି ଚେତନା ତ ରହିଛି, କିନ୍ତୁ ଓବିସି ସମ୍ବନ୍ଧୀୟ ଗୋଷ୍ଠୀଗତ ଚେତନା ସେତେ ମାତ୍ରାରେ ଏମାନଙ୍କ ମଧ୍ୟରେ ନାହିଁ। ଫଳରେ ଏମାନେ ଧାରା ୩୪୦ ଦେଇଥିବା ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହନ୍ତି। ଏହି ଧାରା ମୁତାବକ ମଣ୍ଡଳ କମିଶନ ବସିଥିଲା ଓ ମଣ୍ଡଳ କମିଶନର ରିପୋର୍ଟ ମୁତାବକ ଓବିସିମାନେ ଆଜି ଶିକ୍ଷା ଓ ଚାକିରିରେ ୨୭% ସଂରକ୍ଷଣ ସୁବିଧା ପାଉଛନ୍ତି। ଏହି ଧାରା କ'ଣ ଓ କେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଏବଂ ମଣ୍ଡଳ କମିଶନ ରିପୋର୍ଟ କାହା ପାଇଁ ସେ ବିଷୟରେ ଓବିସିମାନେ ଅବଗତ ନ ଥିବା ଯୋଗୁ ମଣ୍ଡଳ ବିରୋଧୀ ଆନ୍ଦୋଳନରେ ମାତିଥିଲେ ଓ ଗୁଳିଖାଇ ମରିଥିଲେ। ଏ ସମ୍ବନ୍ଧରେ ଏମାନେ ସଚେତନ ଥିଲେ ସେ ସମୟରେ ବିରୋଧୀ ଆନ୍ଦୋଳନ ଏତେ ତୀବ୍ର ହୋଇ ନ ଥା'ନ୍ତା ଓ ଏହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରିଥିବା ସରକାରର ପତନ ହୋଇ ନ ଥା'ନ୍ତା। ସେ ସମୟରେ ଅନେକ ଓବିସି ଯୁବକ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବାର କାମ କରିଥିଲେ।

ଏବେ କିଛି ସଚେତନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସ୍‌ଟି–ଏସ୍‌ସି ତୁଲ୍ୟ ରାଜନୀତିର ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବି ଉଠାଉଛନ୍ତି। ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି, ଦେଶରେ ଓବିସିଙ୍କ ସଂଖ୍ୟା ଯଦି ୫୨%, ତେବେ ଏମାନଙ୍କୁ ମଧ୍ୟ ଏସ୍‌ଟି–ଏସ୍‌ସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ। ଓଡ଼ିଶାରେ ଏହି ଧାରାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କୁ କୌଣସି ସଂରକ୍ଷଣ ସୁବିଧା ମିଳୁନାହିଁ। ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଛି। ରାଜ୍ୟରେ ଓବିସିମାନେ ସର୍ବାଧିକ ଉପେକ୍ଷିତ ଓ ଦେଶରେ ବୋଧହୁଏ ପ୍ରଥମ। ଯଦି କେବେ ଓବିସିଙ୍କୁ ଆହୁରି ଅଧିକ ସୁବିଧା ମିଳେ ଓ ତାଙ୍କ ବିକାଶ ପାଇଁ କିଛି ନୂଆ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ତାହା ଧାରା ୩୪୦ ଅନୁଯାୟୀ ହେବ। ଏହି ଧାରା ଅନୁସାରେ ଭାରପ୍ରାପ୍ତ କମିଶନର ରିପୋର୍ଟ ଉପରେ ଏହା ହୋଇପାରିବ। ଗଣତନ୍ତ୍ରରେ ଆନ୍ଦୋଳନ ଜରିଆରେ ଚାପ ସୃଷ୍ଟି ଅନିବାର୍ଯ୍ୟ ବିଷୟ। ଓବିସି ସମାଜ ଯେତେ ସଂଗଠିତ ହେବ, ଯେତେ ସଚେତନ ହେବ ନିଜ ସମାନ ଅଧିକାର ସମ୍ବନ୍ଧରେ ଓ ଯେତେ ଆନ୍ଦୋଳନମୁଖୀ ହେବ, ସେତେ ଅଧିକାର ପ୍ରାପ୍ତିର ସମ୍ଭାବନା ଅଧିକ ହେବ। ଏ ଦିଗରେ ପ୍ରୟାସ ମଧ୍ୟ ଜରୁରୀ।

ସାମ୍ପ୍ରତିକ ଅବସ୍ଥାରେ ଧାରା ୩୪୦ର ଗୁରୁତ୍ୱ ବଢ଼ି ଚାଲିଛି। ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ, ଏହି ଧାରାର ପ୍ରାସଙ୍ଗିକତା ସେତେ ଅଧିକ ହେବ। ଦେଶର ଅର୍ଦ୍ଧାଧିକ ଲୋକଙ୍କ ବିକାଶ ପାଇଁ ଯେଉଁ ଧାରା ରହିଛି, ତାକୁ ଏତେ ସାଧାରଣ ଭାବେ ନିଆଯାଇ ପାରିବ ନାହିଁ। ଆଗାମୀ ଦିନରେ ଏହି ଧାରାର ପ୍ରୟୋଗ ସମ୍ଭାବନା ଆହୁରି ବ୍ୟାପକ ହେବା ନିଶ୍ଚିତ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଧର୍ମ ମାଧ୍ୟମରେ ପରିବେଶ ସୁରକ୍ଷା



ଈପ୍ସିତା ମହାନ୍ତି

ଧର୍ମ ଏବଂ ପରିବେଶର ସମ୍ପର୍କ ଅତି ନିବିଡ଼। ଦୁନିଆର ସବୁ ଧର୍ମ ପ୍ରକୃତି ସୁରକ୍ଷାର ଶିକ୍ଷା ଦିଅନ୍ତି। ବାଇବେଲରେ ପରିବେଶ ସଂରକ୍ଷଣ କଥା କୁହାଯାଇଛି। ପରିବେଶ ବଞ୍ଚାଅ ବୋଲି ଇସଲାମ ଧର୍ମ ଶିକ୍ଷା ଦିଏ। ଏଥିରେ ଅତ୍ୟଧିକ ଉପଭୋଗକୁ କେବଳ ବାରଣ କରାଯାଇନାହିଁ ବରଂ ବିଭିନ୍ନ ପ୍ରାକୃତିକ ଜିନିଷର ଅପଚୟକୁ ବଡ଼ ପାପ ଭାବେ ବିବେଚନା କରାଯାଇଛି। ହିନ୍ଦୁଧର୍ମ ପ୍ରକୃତି ଉପାସନାକୁ ଗୁରୁତ୍ୱ ଦିଏ। ଏହା ବ୍ୟତୀତ ହିନ୍ଦୁ, ବୌଦ୍ଧ, ଜୈନ, ଶିଖ୍ ଆଦି ଧର୍ମ ପ୍ରକୃତି ସହ ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଛି। 'ଜୀବେ ଦୟା' ଏସବୁ ଧର୍ମର ମୂଳମନ୍ତ୍ର।

ବେଦ, ଉପନିଷଦ, ଭାଗବତ, ଗୀତାରେ ପ୍ରକୃତି ସୁରକ୍ଷା ସମ୍ବନ୍ଧୀୟ କର୍ତ୍ତବ୍ୟ ବିଷୟରେ ଉଲ୍ଲେଖ ରହିଛି। ଭାରତୀୟ ଧର୍ମର ଧର୍ମଗୁରୁ ତଥା ପଣ୍ଡିତମାନେ ଶହ ଶହ ବର୍ଷ ଧରି ଜଳ, ଜଙ୍ଗଲ ଏବଂ ଭୂସମ୍ପଦର ସଂରକ୍ଷଣ ତଥା ପରିଚାଳନାକୁ ପ୍ରୋତ୍ସାହିତ କରି ଆସିଛନ୍ତି। ପ୍ରଶ୍ନ ହେଉଛି ନିଜ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ଆମେ କ'ଣ ସତରେ ଅନୁସରଣ କରନ୍ତି ? ବିଶ୍ୱତାପନ ଏବଂ ବିଭିନ୍ନ ପ୍ରଜାତି ବିଲୁପ୍ତ ଘଟିବା ଭଳି ସଙ୍କଟ ଉପରେ ଧାର୍ମିକ ନେତା, ସଙ୍ଗଠକ ଓ ସଙ୍ଗଠନଗୁଡ଼ିକ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ? ପରିବେଶ ସମସ୍ୟାଜନିତ ବିଷୟରେ ନିଜ ଅନୁଗାମୀମାନଙ୍କ ଆଗରେ ସେମାନେ କି ବାର୍ତ୍ତା ରଖୁଛନ୍ତି ? ଏଗୁଡ଼ିକ ହେଉଛି ସେହି ପ୍ରଶ୍ନ ଯାହା ଗତ ଦିନରେ ଗଙ୍ଗା କୂଳରେ ଥିବା ସହରଗୁଡ଼ିକର ଭ୍ରମଣରେ ଯାଇଥିବା ସମୟରେ ଏ ଲେଖିକା ଅନୁସନ୍ଧାନ କରିଥିଲା। ଯେଉଁଥିରୁ ଗଙ୍ଗା ପ୍ରଦୂଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଉପରେ ଆସ୍ଥା ଆଧାରିତ ସଙ୍ଗଠନଗୁଡ଼ିକର ସହଭାଗିତା ସମ୍ପର୍କରେ ଅନେକ କିଛି ସୂଚନା ମିଳିଛି। ଏହି ଅବଧିରେ ପ୍ରାୟ ସବୁ ଧର୍ମର ନେତାଙ୍କୁ ଭେଟିବାର ଅବସର ମିଳିଥିଲା। ପାଖାପାଖି ଦେଢ଼ଶହ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାର ଏବଂ ଆଶ୍ରମ ଉପରେ ଏକ ନିଜସ୍ୱ ସର୍ବେକ୍ଷଣ କରାଯାଇଥିଲା। କହିରଖେ, ଏହା ଏକ ଅଖିଳ ଭାରତୀୟ ସର୍ବେକ୍ଷଣ ନୁହେଁ କିମ୍ବା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ନୁହେଁ। କାରଣ ଏଭଳି ଅଧ୍ୟୟନ ଦେଶର ଅନ୍ୟ ସ୍ଥାନରେ ଭିନ୍ନ ଧରଣର ଫଳ ଦେଇପାରେ।

ଆମ ଦେଶର ପବିତ୍ର ନଦୀଙ୍କ ତାଲିକାରେ ଗଙ୍ଗା ସର୍ବାଗ୍ରେ ରହିବ। ଏ ଦୃଷ୍ଟିରୁ ଗଙ୍ଗା କୂଳରେ ଗଢ଼ି ଉଠିଥିବା ସହରର ଧର୍ମୀୟ ନେତାଙ୍କ ଧାରଣା ମହତ୍ତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ। ପରିବେଶୀୟ ସମସ୍ୟାର ସମାଧାନ ଦିଗରେ ଏଠାକାର ଧର୍ମୀୟ ସଙ୍ଗଠନର ସହଯୋଗ ଜରୁରୀ। ଏହି ପ୍ରୟାସରେ ସେମାନଙ୍କୁ ଜଡ଼ିତ କରାଗଲେ ସମାଧାନର ପଥ ସୁଗମ ହୋଇପାରିବ। ଅଧ୍ୟୟନ କହୁଛି, ପରିବେଶ ବିଷୟରେ ଧାର୍ମିକ ନେତାମାନେ ପ୍ରାୟତଃ ଏକମତ ହୋଇଥାନ୍ତି। ସବୁ ଧର୍ମର ନେତା ଏହାକୁ ସ୍ୱଚ୍ଛତା ଏବଂ ସବୁଜିମା ଦୃଷ୍ଟିରେ ଦେଖନ୍ତି। ଏମାନଙ୍କ ପାଇଁ ପରିବେଶ ସୁରକ୍ଷାର ଅର୍ଥ ହେଉଛି ନିଜ ଚତୁଃପାର୍ଶ୍ୱକୁ ସଫା ରଖିବା ଏବଂ ଗଛ ଲଗାଇବା। କିନ୍ତୁ ବାୟୁ ପ୍ରଦୂଷଣ, ଜୈବ ବିବିଧତା ନଷ୍ଟ, ପ୍ଲାଷ୍ଟିକ ପ୍ରଦୂଷଣ ଏପରିକି ନଦୀ ପ୍ରଦୂଷଣ ଭଳି ସମସ୍ୟା ଉପରେ ଏମାନଙ୍କଠାରେ ସଚେତନତାର ଅଭାବ ରହିଛି। ଅନେକ ଧର୍ମୀୟ ନେତା ଗଙ୍ଗାରେ ନୈବେଦ୍ୟ ଏବଂ ପୂଜା ସାମଗ୍ରୀର ବିସର୍ଜନକୁ ଏକ ପ୍ରଦୂଷଣକାରୀ କାର୍ଯ୍ୟକଳାପ ଭାବରେ ଦେଖନ୍ତି ନାହିଁ।



ଦ୍ୱିତୀୟରେ ପରିବେଶ ସୁରକ୍ଷା ଦିଗରେ ଆସ୍ଥା ଆଧାରିତ ସଙ୍ଗଠନଗୁଡ଼ିକର ଭାଗୀଦାରିତା ଅତି ନ୍ୟୂନ ବୋଲି ଜଣାପଡ଼ିଛି। କେବଳ କିଛି ବଡ଼ ବଡ଼ ଧାର୍ମିକ ସଙ୍ଗଠନ ପରିବେଶର ସୁରକ୍ଷା ଦିଗରେ କାମ କରୁଛନ୍ତି। କିନ୍ତୁ ଏମାନଙ୍କ ଲକ୍ଷ୍ୟ ବୃକ୍ଷରୋପଣ, ଜୈବିକ ଚାଷ ଏବଂ ବର୍ଜ୍ୟବସ୍ତୁ ହ୍ରାସ ମଧ୍ୟରେ ସୀମିତ। କିଛି ସଙ୍ଗଠନ ଗଙ୍ଗା ସୁରକ୍ଷା ପାଇଁ କାମ କରୁଛନ୍ତି ସତ, କିନ୍ତୁ ଅଧିକାଂଶ କେବଳ ଘାଟ ସଫେଇ ହିଁ କରନ୍ତି। ଏଭଳି ସଙ୍ଗଠନ ପରିବେଶ ପ୍ରସଙ୍ଗରେ କାମ କରନ୍ତି ନାହିଁ, କାରଣ ସେମାନେ ଏହାକୁ ଅଭିଯାନର ଅଂଶ ଭାବରେ ଦେଖନ୍ତି ନାହିଁ। ସେମାନଙ୍କ ମତରେ ପରିବେଶକୁ ସୁରକ୍ଷା ଦେବା ସରକାରଙ୍କ କାମ। ପରିବେଶ ସୁରକ୍ଷା କ୍ଷେତ୍ରରେ ସେମାନେ ନିଜ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା କଳ୍ପନା କରିପାରନ୍ତି ନାହିଁ। ତୃତୀୟ କଥାଟି ଅତ୍ୟନ୍ତ ଚିନ୍ତାଜନକ। ଜଳବାୟୁ ସଙ୍କଟ ଏବଂ ଏହାର କାରଣ ବାବଦରେ ଖୁବ୍ କମ୍ ଲୋକ ଅବଗତ। ଯେଉଁ ଧାର୍ମିକ ନେତାମାନଙ୍କ ପାଖରେ ବିଶ୍ୱତାପନ ସମ୍ବନ୍ଧରେ ଧାରଣା ରହିଛି ସେମାନେ ଏହାକୁ 'ଭଗବାନଙ୍କ କାର୍ଯ୍ୟ', 'ଜଗତର ଅନ୍ତ' ଏବଂ 'ମାନବଙ୍କ ପାପର କର୍ମ' ଭଳି ଶବ୍ଦରେ ପରିଭାଷିତ କରିଛନ୍ତି। ଏହି ସଙ୍କଟର ସମାଧାନ ପାଇଁ ଲୋକଙ୍କ କ୍ଷମତା ଉପରେ ସେମାନଙ୍କର ଭରସା ନାହିଁ। କିନ୍ତୁ ପରିବେଶର ସୁରକ୍ଷା ଦିଗରେ ସାମୂହିକ ଯୋଗଦାନର ଆବଶ୍ୟକତା ଏବଂ ଭୂମିକା ବିଷୟରେ ଅବଗତ କରାଯିବାରୁ ସେମାନେ ଏହାକୁ ଅସ୍ୱୀକାର କରି ନ ଥିଲେ। ବରଂ ସମ୍ମତି ପ୍ରଦାନ ସ୍ୱରୂପ ସମ୍ବଳ ତଥା ସଂସାଧନ ପାଇଁ ଦାବି କରିଥିଲେ। ପ୍ରଶ୍ନ ହେଉଛି, ପରିବେଶ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ସହ ଯୋଡ଼ିହେବା ପାଇଁ ଆମେ କିପରି ଧାର୍ମିକ ନେତା ଏବଂ ସଙ୍ଗଠନଗୁଡ଼ିକୁ ଜଡ଼ିତ କରିବା ?

ଏହା ସତ୍ୟ ଯେ ଆମେ ଏକ ଧର୍ମୀୟ ଦୁନିଆରେ ବସବାସ କରୁଛନ୍ତି। ଏ ଦୃଷ୍ଟିରୁ ଧର୍ମୀୟ ନେତା ଏବଂ ସଙ୍ଗଠନଗୁଡ଼ିକ ପରିବେଶ ସଂରକ୍ଷଣର ମୂଲ୍ୟ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ପରିବେଶ ସମସ୍ୟା ଉପରେ ସଚେତନତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ବିଭିନ୍ନ ଧାର୍ମିକ ସଙ୍ଗଠନକୁ ଜଡ଼ିତ କରାଗଲେ ତାହା ଲାଭଦାୟକ ହେବ। ସମ୍ବଳ ସହ ସଂସାଧନ ଯୋଗାଇଦେଲେ ସେମାନେ ଭକ୍ତମାନଙ୍କୁ ପରିବେଶ ପାଇଁ ଉତ୍ତରଦାୟୀ କରିପାରିବେ। ଆଜିର ପରିବେଶ ସମସ୍ୟା, ବିଶେଷକରି ଜଳବାୟୁ ସଙ୍କଟ ଏତେ ଗମ୍ଭୀର ରୂପ ଧାରଣ କରିଛି ଯେ ଧର୍ମଗୁଡ଼ିକୁ ବର୍ତ୍ତମାନ ଏକତ୍ର କାମ କରିବାର ଆବଶ୍ୟକତା ରହିଛି। ବାସ୍ତବିକ ପରିବେଶୀୟ ସମସ୍ୟାରୁ ମୁକୁଳିବା ପାଇଁ ଆମକୁ ଧର୍ମୀୟ ଶକ୍ତିର ଲାଭ ଉଠାଇବାକୁ ପଡ଼ିବ।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 1 | | | | | 8 |
| 7 | 2 | | | 8 | | 4 | | |
| | | 4 | | | | | 1 | 7 |
| | | | 9 | 4 | | 8 | | |
| | | 7 | | | 5 | 2 | | |
| | | 5 | | | | 6 | | 4 |
| 9 | | | 8 | | | 3 | | |
| | | | 2 | | | | | |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 9 | 7 | 2 | 6 | 1 |
| 2 | 9 | 7 | 8 | 6 | 1 | 3 | 5 | 4 |
| 5 | 1 | 6 | 2 | 3 | 4 | 9 | 7 | 8 |
| 9 | 2 | 1 | 4 | 5 | 8 | 7 | 3 | 6 |
| 4 | 5 | 3 | 9 | 7 | 6 | 8 | 1 | 2 |
| 7 | 6 | 8 | 3 | 1 | 2 | 4 | 9 | 5 |
| 3 | 4 | 9 | 6 | 8 | 5 | 1 | 2 | 7 |
| 1 | 8 | 5 | 7 | 2 | 9 | 6 | 4 | 3 |
| 6 | 7 | 2 | 1 | 4 | 3 | 5 | 8 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବୃତ୍ତିରେ କଳଙ୍କ

ମହାଶୟ,

ସୋସିଆଲ ମିଡିଆ ମାଧ୍ୟମରେ ଅନେକ ଖବର ବିନା ସାମ୍ବାଦିକରେ ପରିବେଷଣ କରାଯାଉଛି। ମନେ ରଖିବାକୁ ହେବ ଯେ,ଖବର ପରିବେଷଣ କରିବା ଯେତିକି ସୁବିଧା ତାକୁ ଉଚିତ ଭାବେ ଏଡିଟିଂ କରିବା ସେତିକି କଷ୍ଟ। ସର୍ବୋପରି ଏକ ନିରପେକ୍ଷ ତଦନ୍ତ ଆଧାରରେ ରିପୋର୍ଟ ପ୍ରସ୍ତୁତ କରି ଖବର ଦେବା ଆହୁରି କଷ୍ଟକର। ଜଣେ ସାମ୍ବାଦିକଙ୍କ ଖବର ପରିବେଷଣ ସମାଜକୁ ବିଗାଡି ଦେଇପାରେ କିମ୍ବା ଏକ ଭୟଙ୍କର ପରିସ୍ଥିତିରୁ ରକ୍ଷା କରିପାରେ। ସବୁ ଦେଶରେ ଛୋଟ ବଡ଼ ହୋଇ ଅନେକ ଖବରକାଗଜ ଅଛି, କିନ୍ତୁ ତା' ଭିତରୁ କେବଳ କିଛି ଲୋକପ୍ରିୟ ଖବରକାଗଜକୁ ଛାଡ଼ିଦେଲେ ଅନ୍ୟଗୁଡ଼ିକର କୌଣସି ଗରୁତ୍ୱ ନ ଥାଏ। ଆମ ଦେଶରେ ମଧ୍ୟ ସେହି ଅବସ୍ଥା। ଯେହେତୁ ଆମ ଦେଶରେ ଖବରକାଗଜ ମୁଦ୍ରଣ ପରେ ତାହାକୁ ଯାଞ୍ଚ କରିବାର ନିୟମ ନାହିଁ, ତେଣୁ ବେଳେ ବେଳେ ଛୋଟ ଖବରକାଗଜର ଖବର ଦ୍ୱାରା ସମାଜ ପ୍ରଭାବିତ । ଖବରକାଗଜର ଉତ୍ତମ ସମ୍ପାଦନା ଜଣେ ସାମ୍ବାଦିକଙ୍କ ଉପରେ ନିର୍ଭର କରେ। ଆଜିକାଲି ଏହି ବୃତ୍ତିରେ କଳଙ୍କ ଲାଗି ଯାଉଛି ।

– ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

କୃଷକ ଓ ଉପଭୋକ୍ତାଙ୍କ ମଧ୍ୟରେ ମଧ୍ୟସ୍ଥ ବେଶି ଲାଭ କରିଥାନ୍ତି। ଏଭଳି ସମସ୍ୟା ଦୂର ଲାଗି ମହାରାଷ୍ଟ୍ରର ଅଙ୍କିତ ଘାର୍ଗେ ଏବଂ ଜୟ ସିଦ୍ଧପୁରା ବିନା କମିଶନରେ କୃଷକମାନଙ୍କ ଆୟ ୨ଗୁଣ କରିପାରିଛନ୍ତି। ଅଙ୍କିତ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଡିଗ୍ରୀ ହାସଲକରି ପୁଣେରେ ଚାକିରି କରିଥିଲେ। କିନ୍ତୁ ସେ ଚାକିରି ଛାଡ଼ି ୨୦୧୭ରେ କୃଷକମାନଙ୍କ ପାଇଁ ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ପରେ ଇଣ୍ଡିଆନ ଫାର୍ମର ଏଣ୍ଟରପ୍ରେନ୍ୟୁର (ଆଇଏଫ୍‌ଇ) ଗଠନକରି ତା' ମାଧ୍ୟମରେ କୃଷକଙ୍କଠାରୁ ଉତ୍ପାଦ ସଂଗ୍ରହକରି ବିକ୍ରି କରୁଛନ୍ତି। ଉତ୍ପାଦନ ମୂଲ୍ୟ ବ୍ୟତୀତ କେବଳ ପ୍ୟାକେଜ୍ ବାବଦରେ ୧୦ଟଙ୍କା ନେଉଛନ୍ତି। ଏବେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ୨.୫ ଲକ୍ଷ ସବ୍‌ସ୍କ୍ରାଇବର ଯୋଡ଼ିହୋଇ ଥିବାବେଳେ ଇ-ମାର୍କେଟିଂ ବ୍ୟବସ୍ଥାରେ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ୨୦ ଜଣ ଚାଷୀ ସାମିଲ ହୋଇଗଲେଣି। ଅଙ୍କିତ ଓ ଜୟ କୃଷକମାନଙ୍କଠାରୁ ୨୫ ପ୍ରକାର ଉତ୍ପାଦ ସଂଗ୍ରହକରି ସତରାସ୍ଥିତ ଷ୍ଟୋରରେ ଗଚ୍ଛିତ ରଖୁଛନ୍ତି। ପରେ ଏହାକୁ ପ୍ୟାକିଂକରି ଖାଉଟିଙ୍କ ନିକଟରେ ପହଞ୍ଚାଉଛନ୍ତି। ଏବେ ଏହି ବ୍ୟବସ୍ଥାରେ ଗୁଜରାଟ, କେରଳ, କର୍ନାଟକ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଆସାମର କୃଷକମାନଙ୍କୁ ସାମିଲକରିବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁଲାଇ ୧୯୯୮

- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଉପରେ ଆଧାରିତ ଏକ ମରାଠୀ ମଞ୍ଚନାଟକ ପ୍ରଦର୍ଶନକୁ ନିଷିଦ୍ଧ କରିବା ଲାଗି ମହାରାଷ୍ଟ୍ର ସରକାରଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ।
- ଲୋକସଭାରେ ଅର୍ଥମନ୍ତ୍ରୀ ଯଶୱନ୍ତ ସିଂ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ୨୬୩ କୋଟି ଟଙ୍କାର ରିହାତି ଘୋଷଣା କରିଛନ୍ତି।

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ
ଆଶାହୀନ ତୁ ରେ !
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଘୋଷଣା ହେଲା, ଉଡ଼ିଲା ନାହିଁ

ସମ୍ବଲପୁର, ୧୭।୭
(ଶୁଭାଶିଷ ପାଢ଼ୀ)

ପୁଣି ନିରାଶ ହୋଇଛନ୍ତି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦର ଉପରେ ନିର୍ଭର କରୁଥିବା ଯାତ୍ରୀ। ବିମାନ ସେବା ୧୧ମାସ ବନ୍ଦ ହେବା ପରେ ଜୁଲାଇ ୧ ତାରିଖଠାରୁ ଝାରସୁଗୁଡ଼ା-ବେଙ୍ଗାଲୁରୁକୁ ପୁଣି ବିମାନ ଉଡ଼ାଣ କରିବା ସହ ଚେନ୍ନାଇକୁ ନୂତନ ଭାବେ ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। ଏହାକୁ ନେଇ ପଶ୍ଚିମ ଓଡ଼ିଶାବାସୀଙ୍କ ସମେତ ପଡ଼ୋଶୀ ରାଜ୍ୟର ସୀମାନ୍ତ ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଥିଲେ। ହେଲେ ଏବେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ବିମାନ ଉଡ଼ିପାରି ନାହିଁ। ପରବର୍ତ୍ତୀ ଧାର୍ଯ୍ୟ ସମୟ ଜୁଲାଇ ୧୯ରେ ମଧ୍ୟ ବିମାନ ଚଳାଚଳ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିମାନ ଟିକେଟ କୌଣସି ସାଇଟ୍‌ରେ ଉପଲବ୍ଧ ହେଉନାହିଁ।

ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୨୨ରେ ଝାରସୁଗୁଡ଼ା ଭିଏସ୍ଏସ୍ ବିମାନବନ୍ଦର ଲୋକାର୍ପଣ ହୋଇଥିଲା। କେତେକ ପ୍ରମୁଖ ସହରକୁ ପ୍ରଥମେ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା। କିଛିମାସ ଚାଲିବା ପରେ ୨୦୨୨ ଅଗଷ୍ଟ ୨୦ରୁ ବେଙ୍ଗାଲୁରୁକୁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ସେହିଦିନଠାରୁ ପୁଣି ପଶ୍ଚିମ ଓଡ଼ିଶାର ବିମାନଯାତ୍ରୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଥିଲା। ବେଙ୍ଗାଲୁରୁ ଆଇଟି ସିଟି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଓ ବୃତ୍ତିଧାରୀ ବିମାନ ସେବା ଉପରେ ନିର୍ଭର କରୁଥିଲେ। ହେଲେ ଏହି ସେବା ବନ୍ଦହେବା ପରେ ସେମାନେ ଟ୍ରେନ୍‌ରେ ଯିବାଆସିବା କରିବାକୁ ବାଧ୍ୟ ହୋଇଥିଲେ। ଏପରିସ୍ଥିଳେ ଭିଏସ୍ଏସ୍ ବିମାନବନ୍ଦରରୁ ବେଙ୍ଗାଲୁରୁକୁ ବିମାନ ସଂଯୋଗ ଖବର ବିମାନଯାତ୍ରୀଙ୍କ ପାଇଁ ନୂଆ ଆଶା ଦେଇଥିଲା। ବେଙ୍ଗାଲୁରୁର ଏକ ଘରୋଇ ସଫ୍ଟୱେର ଫାର୍ମରେ କାର୍ଯ୍ୟ କରୁଥିବା ଆଇଟି ଇଞ୍ଜିନିୟର ଦୀପକ ସ୍ୱାଇଁ କହିଛନ୍ତି, ବିମାନ ସେବା ଜାରି ରହୁ ବୋଲି ଯାତ୍ରୀମାନେ ଆଶାକରନ୍ତି। ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସ ଦିଲ୍ଲୀ ଓ ହାଇଦ୍ରାବାଦ ବ୍ୟତୀତ ଅନ୍ୟ ସହରକୁ ବିମାନ ସଂଯୋଗ ଯୋଗାଇବା ପାଇଁ ଦାବି ହୋଇଆସୁଛି। ବିମାନ ଉଡ଼ାଣ ନିୟମିତ ହେଲେ ଯାତ୍ରୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଅନ୍ୟ ବିମାନ କମ୍ପାନୀଙ୍କୁ ମଧ୍ୟ ଏହି ରୁଟ୍‌ରେ ଚଳାଇବାକୁ ସୁବିଧା କରାଯାଉ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ନିୟମିତ ଯାତ୍ରା କରୁଥିବା ଯାତ୍ରୀ ସଞ୍ଜୟ ପାଣିଗ୍ରାହୀ କହିଛନ୍ତି, ୨୦୨୩ ଜୁଲାଇରେ ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ବୁକିଂ ଖୋଲାଯାଇ ନାହିଁ। ତଥାପି ଆମେ ଆଶା କରୁଛୁ ଯେ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ବିମାନସେବା ଶୀଘ୍ର ଆରମ୍ଭ ହେବ।

ଏ ସମ୍ପର୍କରେ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ କହିଛନ୍ତି, କୋଲକାତା, ବିଶାଖାପାଟଣା, ବେଙ୍ଗାଲୁରୁ ଓ ଚେନ୍ନାଇ ପାଇଁ ସ୍ପାଇସ୍‌ଜେଟ ଏୟାରଲାଇନ୍ସ ନୂତନ ବିମାନସେବା ଆରମ୍ଭ କରିବ। କୋଲକାତାଠାରୁ ବିମାନ ଉଡ଼ାଣ କରି ଝାରସୁଗୁଡ଼ାରେ ସକାଳ ୧୧:୪୦ରେ ପହଞ୍ଚିବ। ପୁଣି ରାତି ୧୨ଟା୧୦ରେ ଏହା ବିଶାଖାପାଟଣା ଅଭିମୁଖେ ଯାତ୍ରା କରିବ। ଏହା ବେଙ୍ଗାଲୁରୁ ସହ ସଂଯୋଗ ହେବ, ଯାହା ସପ୍ତାହରେ ୪ଦିନ ଚାଲିବ। ଏହା ଚେନ୍ନାଇ ସହ ମଧ୍ୟ ସଂଯୋଗ ହେବ, ଯାହା ସପ୍ତାହରେ ୩ ଦିନ ଚାଲିବ। ସେହିପରି ବିମାନ ଭାଇଜାଗ୍‌ରୁ ଆସି ରାତି ୮ଟା୨୫ରେ ଝାରସୁଗୁଡ଼ାରେ ପହଞ୍ଚିବ। ରାତି ୮ଟା ୫୫ରେ ପୁଣି ଏହା କୋଲକାତା ଅଭିମୁଖେ ଯାତ୍ରା କରିବା ପ୍ରସ୍ତାବ ରହିଛି। ସ୍ଲଟ୍ ଦିଆଯାଇଛି। ଟିକେଟ କାଟିବା ପାଇଁ ବିଭାଗ ପକ୍ଷରୁ ଅନୁମତି ଆସିଲେ ଖୁବ୍‌ଶୀଘ୍ର ଏହି ସେବା ଆରମ୍ଭ ହେବ।

### ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବା




## ୧୭ ଘଣ୍ଟା ପରେ ମୃତଦେହ ମିଳିଲା

ଜଗତ୍‌ସିଂହପୁର, ୧୭।୭
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଆଳିପିଙ୍ଗଳ ନିକଟ ଦେବୀ ନଦୀର ଅପରପାର୍ଶ୍ୱ କେତକେଶ୍ୱର ଘାଟରେ ରବିବାର ଅପରାହ୍ନରେ ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗ୍ରାମର ରମେଶ ପ୍ରଧାନଙ୍କ ପୁଅଭୋଳା ପ୍ରଧାନ(୧୪) ବୁଡ଼ିଯାଇଥିଲେ। ସ୍ଥାନୀୟ ଜନସାଧାରଣ ଓ ଅଗ୍ନିଶମ ବାହିନୀ କର୍ମଚାରୀ ବହୁ ଖୋଜାଖୋଜି କରି ମଧ୍ୟ ଭୋଳାଙ୍କୁ ପାଇ ନ ଥିଲେ। ୧୭ ଘଣ୍ଟା ପରେ ତାଙ୍କ ମୃତଦେହ ବୁଡ଼ିଯାଇଥିବା ସ୍ଥାନରୁ ମିଳିଛି। ଓଡ୍ରାଫ ଟିମ୍ ପକ୍ଷରୁ ପାଣିରେ ବୁଡି ଖୋଜାଖୋଜି କରାଯାଇ ତାଙ୍କ ମୃତଦେହ ବାହାର କରାଯାଇଛି। ଭୋଳା ବୁଡ଼ିଗଲାପରେ ଆଉ ଉପରକୁ ଉଠି ନ ଥିଲେ।

## ଶିଶୁପୁତ୍ରକୁ କୂଅକୁ ଫିଙ୍ଗି ଡେଇଁଲେ ମହିଳା

ନରସିଂହପୁର, ୧୭।୭
(ନିରଞ୍ଜନ ଦେବ କୁମାର)

### ପୁଅ ମୃତ, ମା’ ଗୁରୁତର

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳା ତାଙ୍କ ୯ ମାସର ଶିଶୁପୁତ୍ରକୁ କୂଅରେ ଫିଙ୍ଗି ନିଜେ ଡେଇଁ ପଡ଼ିବା ଘଟଣା ଦେଖିବାକୁ ମିଳିଛି କଟକ ଜିଲା ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତର କମାରସାହିରେ। ଏଥିରେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ମହିଳା ଗୁରୁତର ହୋଇପଡ଼ିଛନ୍ତି। ସୋମବାର ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, କମାରସାହିର ଘନଶ୍ୟାମ ଦାସ ୨ ବର୍ଷ ତଳେ ରମା ଦାସଙ୍କୁ ବିବାହ କରିଥିଲେ। ଘନଶ୍ୟାମ ଅନୁଗୋଳ ଜିଲାର ଏକ କମ୍ପାନୀରେ ଶ୍ରମିକ ଭାବରେ କାମ କରନ୍ତି। ପ୍ରାୟ ୯ ମାସ ତଳେ ତାଙ୍କର ଶିଶୁପୁତ୍ର (ସୂରଜ) ଜନ୍ମ ହୋଇଥିଲା। ୪/୫ ଦିନ ତଳେ ଘନଶ୍ୟାମ ଘରକୁ ଆସି ନିଜ କର୍ମସ୍ଥଳୀ ଅନୁଗୋଳକୁ ଚାଲିଯାଇଥିଲେ। କିନ୍ତୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ସୋମବାର ଅପରାହ୍ନ ସାଢେ ୪ଟାବେଳେ ରମା ତାଙ୍କ ଶିଶୁପୁତ୍ରକୁ ଆଣି ବାଡ଼ି ପଛପଟେ ଥିବା କୂଅ ଭିତରକୁ ଫିଙ୍ଗି ନିଜେ ମଧ୍ୟ ଡେଇଁ ପଡ଼ିଥିଲେ। ଶିଶୁପୁତ୍ରର କାନ୍ଦ ଶୁଣି ପରିବାର ଓ ସାହି ପଡିଶା ଲୋକେ ଆସି ଦେଖିବା ବେଳକୁ କୂଅରେ ଉଭୟ ମା’ ଓ ପୁଅ ଭାସୁଥିଲେ। ତୁରନ୍ତ ସେମାନେ ନରସିଂହପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। କିନ୍ତୁ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ମା’ପୁଅଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ଶିଶୁପୁତ୍ରର ମୃତ୍ୟୁ ଘଟିସାରିଥିବାବେଳେ ରମାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତେବେ ପୋଲିସ ଭୟରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପାରିବାରିକ କଳହରୁ ଏଭଳି ଦୁଃଖଦ ଘଟଣା ଘଟିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ୨୫ରୁ ୩ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର)

- ଗସ୍ତକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ
- ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ତ୍ରୁଟି ନ କରିବାକୁ ତାଗିଦ


ଦ୍ରୌପଦୀ ମୁର୍ମୁ

ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଥିବା ପରିପ୍ରେକ୍ଷୀରେ ସୋମବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ରାଷ୍ଟ୍ରପତିଙ୍କ ଓଡ଼ିଶାରେ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗ, ଟିପିସିଓଡିଏଲ୍, ଟିପିଏନଓଡିଏଲ୍‌କୁ ଭଲଭାବେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାର୍ଯ୍ୟକ୍ରମ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଯାଞ୍ଚ ନିମନ୍ତେ ସମ୍ପୃକ୍ତ ଅଭିଜ୍ଞ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ରହିବେ। ଯଥେଷ୍ଟ ସଂଖ୍ୟକ ଜେନେରେଟର ମହଜୁଦ ରଖିବା ସହ ସେସବୁର କାର୍ଯ୍ୟକ୍ଷମ ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଦିଆଯାଇପାରେ ଗତଥର ରାଷ୍ଟ୍ରପତି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାଷଣ ଦେବା ସମୟରେ ବିଦ୍ୟୁତ୍ କଟିଯାଇଥିଲା, ଏଥିଲାଗି ସରକାରଙ୍କୁ ଚାରିଆଡୁ ଭର୍ତ୍ସନାର ଶିକାର ହେବାକୁ ପଡ଼ିଥିଲା। ଏଥର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ରଖି କହିଛନ୍ତି ଯେ, ରାଷ୍ଟ୍ରପତି ୨୫ ତାରିଖରେ ରାଜଭବନଠାରେ ଓଡ଼ିଶାର ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ(ପିଭିଟିଜି) ପ୍ରତିନିଧିଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ। ୨୬ରେ କଟକର ଚଣ୍ଡୀ ମନ୍ଦିର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ। ଏହିଦିନ କଟକ ଉଚ୍ଚ ନ୍ୟାୟାଳୟର ୭୫ତମ ପ୍ରତିଷ୍ଠା ଦିବସର ପୂର୍ତ୍ତି ଉତ୍ସବ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, କଟକର ସମାବର୍ତ୍ତନ ଉତ୍ସବ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ବାର୍ଷିକୋତ୍ସବରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨୭ରେ ଭୁବନେଶ୍ୱର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମାକୁମାରୀ କେନ୍ଦ୍ର ଲାଇଟ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ୨୭ରେ ରାଷ୍ଟ୍ରପତି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ହେଁ ଶେଷ ମୁହୂର୍ତ୍ତରେ କଲେଜ କର୍ତ୍ତୃପକ୍ଷ ଓ ଜୟନ୍ତୀ କମିଟି ପକ୍ଷରୁ ଏହି ଉତ୍ସବ ଘୁଞ୍ଚିବା ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

### ଭଦ୍ରକ କଲେଜ ପ୍ଲାଟିନମ୍ ଜୁବିଲି ଘୁଞ୍ଚିବା ନେଇ ନିଷ୍ପତ୍ତି

ଭଦ୍ରକ,୧୭।୭ (ସନାତନ ରାଉତ)

ଆସନ୍ତା ୨୭ ତାରିଖରେ ଭଦ୍ରକ କଲେଜର ପ୍ଲାଟିନମ୍ ଜୁବିଲି ଉତ୍ସବ ହେବାକୁ ଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ପାଣିପାଗ ବିଭାଗର ଆକଳନ ଅନୁସାରେ ୨୭ ତାରିଖରେ ବର୍ଷା ସମ୍ଭାବନା ଥିବାରୁ କଲେଜ କର୍ତ୍ତୃପକ୍ଷ ଓ ଜୟନ୍ତୀ କମିଟି ପକ୍ଷରୁ ବୈଠକ କରାଯାଇ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଛି। ୨ ଦିନ ତଳେ ବର୍ଷାରେ ଭଦ୍ରକ ସହରର ଅଧିକାଂଶ ରାସ୍ତାଘାଟ ଜଳମଗ୍ନ ହେବା ସହ ନେହେରୁ ଷ୍ଟାଡିୟମ ପରିସରରେ ପାଣି ଜମିଥିଲା। ରାଷ୍ଟ୍ରପତିଙ୍କ ହେଲିକପ୍ଟର ନେହେରୁ ଷ୍ଟାଡିୟମ୍‌ରେ ଅବତରଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଅଜୟ ନାୟକ, ଭାଜପା ନେତା ଡା. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ଲାଟିନମ୍ ଜୁବିଲି ସମାରୋହକୁ କିଛିଦିନ ଘୁଞ୍ଚାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନଭେମ୍ବରରୁ ଡିସେମ୍ବର ଭିତରେ ଉତ୍ସବ କରାଯିବା ପାଇଁ ଯୋଜନା ରହିଛି। ପରେ କଲେଜ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବା ସହ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଚିଠି ପଠାଇବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା।

## ଖେଳ ଖବର




# ଓ୍ୱିମ୍ବଲଡନରେ ନୂଆ

**ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଓ୍ୱିମ୍ବଲଡନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଏଥର ଉଭୟ ମହିଳା ଓ ପୁରୁଷ ବିଭାଗରେ ହୋଇଛନ୍ତି ନୂଆ ଚାମ୍ପିୟନ। ମହିଳା ସିଙ୍ଗଲ୍ସରେ ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ବାଜି ମାରିଥିବାବେଳେ ପୁରୁଷରେ ଚମକ ଦେଖାଇଛନ୍ତି ନମ୍ବରଓ୍ୱାନ ଖେଳାଳି କାର୍ଲୋସ ଅଲକାରାଜ ଗାର୍ଫିଆ।**

ବର୍ଷର ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ସବୁଠାରୁ ସମ୍ମାନଜନକ ବିବେଚିତ ହେଉଥିବା ଓ୍ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଏହାର ମହିଳା ବିଭାଗ ଫାଇନାଲରେ ବିସ୍ମୟ ସୃଷ୍ଟି କରି ଅଣସିଡେଡ୍ ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ୬ଷ୍ଠ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ବିଭାଗରେ ମଧ୍ୟ ଜଣେ ନୂଆ ଚାମ୍ପିୟନଙ୍କୁ ଦେଖିବାକୁ ମିଳିଛି। ୭ ଥର ଚାମ୍ପିୟନ ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କୁ ଏକ ମାରାଥନ୍ ମୁକାବିଲାରେ ୧-୬, ୭-୬ (୮/୬), ୬-୧, ୩-୬, ୬-୪ ସେଟ୍‌ରେ ହରାଇ ସ୍ପେନ୍‌ର କାର୍ଲୋସ ଅଲକାରାଜ ବିଜୟ ମୁକୁଟ ପିନ୍ଧିଛନ୍ତି। ଜୋକୋଭିଚ୍‌ଙ୍କ ବିପକ୍ଷରେ ଅଲ୍‌କାରାଜଙ୍କର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏଥିସହ ସେ ନିଜର ନମ୍ବରଓ୍ୱାନ ର୍‍ୟାଙ୍କିଙ୍ଗ୍‌କୁ ସୁଦୃଢ଼ କରିଛନ୍ତି। ମହିଳା ସିଙ୍ଗଲ୍ସରେ ନମ୍ବର ଓ୍ୱାନ ର୍‍ୟାଙ୍କ୍‌ପ୍ରାପ୍ତ ଇଗା ସ୍ୱିଟେକଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଥିଲା। ସେହିପରି ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ସେମିଫାଇନାଲରୁ ବିଦାୟ ନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ଭୋନ୍ଦ୍ରୋସୋଭା ଫାଇନାଲରେ ମଧ୍ୟ ଜାବେରଙ୍କୁ ଚକ୍‌ମା ଦେଇ ଜଣେ ଅଣ ସିଡେଡ୍ ଖେଳାଳି ମଧ୍ୟ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇପାରେ ବୋଲି ପ୍ରମାଣିତ କରିଛନ୍ତି।

### ତୃତୀୟ ସ୍ପାନିଶ୍ ଖେଳାଳି

ଜୋକୋଭିଚ୍‌ଙ୍କୁ ହରାଇବା ପରେ ଅଲ୍‌କାରାଜ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ସେ ତୃତୀୟ ସ୍ପାନିଶ୍ ଖେଳାଳିଭାବେ ଓ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ମାନୁଏଲ ସାଣ୍ଟାନା ୧୯୬୬ ଓ ରାଫାଲ ନାଡାଲ ୨୦୦୮ ଓ ୨୦୧୦ରେ ଓ୍ୱିମ୍ବଲଡନରେ ବିଜୟ ମୁକୁଟ ପିନ୍ଧିଥିଲେ। ଏହା ବ୍ୟତୀତ ସେ ତୃତୀୟ ସର୍ବକନିଷ୍ଠ ଖେଳାଳିଭାବେ ଓ୍ୱିମ୍ବଲଡନରେ ଟାଇଟଲ ହାସଲ କରିଥିଲେ। ଏହି ତାଲିକାରେ ସେ ବିଜନ ବର୍ଗ ଓ ବୋରିସ ବେକରଙ୍କ ତଳକୁ ସ୍ଥାନ ପାଇଥିଲେ। କେବଳ ସେତିକି ନୁହେଁ, ୪ର୍ଥ ସ୍ପାନିଶ ଖେଳାଳିଭାବେ ସେ ଏକାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ସୌଭାଗ୍ୟ ପାଇଥିଲେ। ନାଡାଲ, ସାଣ୍ଟାନା ଓ ସର୍ଗି ବ୍ରୁଗୁଏରାଙ୍କ ପଥର ପଥିକ ହୋଇଥିଲେ ଅଲ୍‌କାରାଜ। ୨୦୨୨ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିବାରୁ ଏବେ ୨ଟି ଗ୍ରାଣ୍ଡସ୍ଲାମ ଜିତିବାର କୃତିତ୍ୱ ଅର୍ଜନ କରିଛନ୍ତି। ୨୧ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ମାତ୍ର ୪ ଜଣ ଖେଳାଳି ଏକାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ରେକର୍ଡ କରିଥିଲେ। ଏବେ ୫ମ ଖେଳାଳିଭାବେ ଅଲ୍‌କାରାଜ ଏହି ବିରଳ କ୍ଲବରେ ସାମିଲ ହୋଇଛନ୍ତି। ମ୍ୟାଟ୍ସ ଓ୍ୱିଲାଣ୍ଡର ୨୧ ବର୍ଷରେ ପହଞ୍ଚିବା ପୂର୍ବରୁ ୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବାରୁ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ବିଜନ ବର୍ଗ ୩ଟି ଏବଂ ବେକର ଓ ନାଡାଲ ୨ଟି ଲେଖାଏ ଟାଇଟଲ ଜିତି ଏଥିରେ ପଛକୁପଛ ରହିଛନ୍ତି। ଆଉ ଏକ ରୋଚକ କଥା ହେଲା ଓ୍ୱିମ୍ବଲଡନର ଗତ ୨୦ ବର୍ଷ ଇତିହାସରେ ପ୍ରଥମଥର ପାଇଁ ରୋଜର ଫେଡେରର, ରାଫାଲ ନାଡାଲ ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେଙ୍କ ବ୍ୟତୀତ ଅନ୍ୟ ଜଣେ କେହି ଖେଳାଳି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଅଲକାରାଜ।

### ପ୍ରଥମ ଅଣସିଡେଡ

୨୪ ବର୍ଷୀୟ ଭୋନ୍ଦ୍ରୋସୋଭା ମଧ୍ୟ ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ପଥରେ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଓ୍ୱିମ୍ବଲଡନରେ ମହିଳା ସିଙ୍ଗଲ୍ସ ଜିତିବାରେ ସେ ହେଉଛନ୍ତି ଓପନ ଯୁଗର ପ୍ରଥମ ଅଣସିଡେଡ ଖେଳାଳି। ଜାନା ନୋଭୋତ୍ନା ଓ ପେଟ୍ରା କ୍ୱିଟୋଭାଙ୍କ ପରେ ତୃତୀୟ ଚେକ୍ ଖେଳାଳିଭାବେ ସେ ଏଠାରେ ବିଜେତା ଟ୍ରଫି ଧରିବାର ସୌଭାଗ୍ୟ ପାଇଛନ୍ତି। ଓ୍ୱିମ୍ବଲଡନରେ ଚାମ୍ପିୟନ ହେବା ପୂର୍ବରୁ ଭୋନ୍ଦ୍ରୋସୋଭା ମାତ୍ର ୪ଟି ଟୁର୍-ଲେଭଲ ଟାଇଟଲ ଜିତିଥିଲେ। କେବଳ ମାର୍ଟିନା ହିଙ୍ଗିସ ମାତ୍ର ୩ଟି ଟୁର୍-ଲେଭଲ ଟ୍ରଫି ଜିତି ୧୯୯୭ରେ ଟାଇଟଲ ହାସଲ କରିଥିଲେ। ଏହା ବ୍ୟତୀତ ଓପନ ଯୁଗରେ ୫ମ ବାମହାତୀ ମହିଳା ଖେଳାଳିଭାବେ ସେ ଓ୍ୱିମ୍ବଲଡନ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ତାଙ୍କ ପୂର୍ବରୁ ଆନ୍ ଜୋନେସ, ମାର୍ଟିନା ନାଭ୍ରାତିଲୋଭା, ପେଟ୍ରା କ୍ୱିଟୋଭା ଓ ଆଞ୍ଜେଲିକ୍ କର୍ବର ବାମ ହାତର କମାଲ ଦେଖାଇଛନ୍ତି। ଟାଇଟଲ ହାସଲ ପଥରେ ଭୋନ୍ଦ୍ରୋସୋଭା ୫ ଜଣ ସିଡେଡ୍ ଖେଳାଳିଙ୍କୁ ପରାସ୍ତ କରି ଏକାଧିକ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ୨୦୧୧ରେ କ୍ୱିଟୋଭାଙ୍କ ପରେ ସେ ଏପରି ସଫଳତା ପାଇବାରେ ପ୍ରଥମ ମହିଳା ଖେଳାଳି। ଓପନ ଯୁଗରେ ଏକ ବଡ଼ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିବାରେ ସେ ହେଉଛନ୍ତି ୮ମ ଅଣସିଡେଡ ଖେଳାଳି। ଏହାଛଡ଼ା ଓପନ ଯୁଗରେ ୨୪ତମ ମହିଳା ଖେଳାଳିଭାବେ ସେ ଓ୍ୱିମ୍ବଲଡନ ସିଙ୍ଗଲ୍ସ ଟାଇଟଲ ଜିତିବାର ସୌଭାଗ୍ୟ ପାଇଛନ୍ତି। ଓ୍ୱିମ୍ବଲଡନ ଟାଇଟଲ ଜିତିବା ବେଳକୁ ଭୋନ୍ଦ୍ରୋସୋଭାଙ୍କ ର୍‍ୟାଙ୍କିଙ୍ଗ୍ ୪୨ଥିଲା। ତେଣୁ ଓପନ ଯୁଗରେ ସବୁଠାରୁ ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳିଭାବେ ସେ ଚାମ୍ପିୟନ ହୋଇଛନ୍ତି। ଓଭରଅଲ୍ ୫୯ତମ ମହିଳା ଖେଳାଳିଭାବେ ସେ ଓପନ ଯୁଗରେ ଏକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ କରିଛନ୍ତି।

### ବିଗ୍ ଥ୍ରୀଙ୍କ ସମ୍ମିଶ୍ରଣ

ଅଲ୍‌କାରାଜଙ୍କଠାରୁ ପରାଜିତ ହେବା ଫଳରେ ଜୋକୋଭିଚ୍ ୨୪ତମ ଗ୍ରାଣ୍ଡସ୍ଲାମ ଜିତିବାରେ ସଫଳ ହୋଇପାରି ନ ଥିଲେ। ଫଳରେ ସେ ରୋଜର ଫେଡେରରଙ୍କ ସର୍ବକାଳୀନ ୨୪ ଗ୍ରାଣ୍ଡସ୍ଲାମ ବିଜୟ ରେକର୍ଡର ସମକକ୍ଷ ହୋଇପାରି ନ ଥିଲେ। କେବଳ ସେତିକି ନୁହେଁ, ଫେଡେରର ସର୍ବାଧିକ ୮ ଥର ଓ୍ୱିମ୍ବଲଡନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଥିବାବେଳେ ଜୋକୋଭିଚ୍ ଏହାର ସମକକ୍ଷ ହେବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ୨୦୧୩ ଫାଇନାଲରେ ଆଣ୍ଡି ମୁରେଙ୍କଠାରୁ ହାରିବାପରେ ଜୋକୋଭିଚ୍ ସେଣ୍ଟରକୋର୍ଟରେ ୪୫ ମ୍ୟାଚ ବିଜୟର ରେକର୍ଡ କରିଥିଲେ। ଏହି ଧାରା ଏବେ ଭାଙ୍ଗିଛି। ଓ୍ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଫାଇନାଲ ପରେ ଜୋକୋଭିଚ୍ କହିଥିଲେ ଯେ, ମୁଁ ପୂର୍ବରୁ ଅଲ୍‌କାରାଜଙ୍କ ପରି ଖେଳାଳିଙ୍କୁ କେବେ ଭେଟି ନ ଥିଲି। ତାଙ୍କ ଷ୍ଟାଇଲ୍‌ରେ ବିଗ୍ ଥ୍ରୀ (ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡେରର)ଙ୍କ ଗୁଣର ସମ୍ମିଶ୍ରଣ ରହିଛି।

### ବିଭିନ୍ନ ବିଭାଗ ଚାମ୍ପିୟନ

ପୁରୁଷ ସିଙ୍ଗଲ୍ସ: କାର୍ଲୋସ ଅଲକାରାଜ ଗାର୍ଫିଆ (ସ୍ପେନ୍)
ମହିଳା ସିଙ୍ଗଲ୍ସ: ମାର୍କେଟା ଭୋନ୍ଦ୍ରୋସୋଭା (ଚେକ୍ ରିପବ୍ଲିକ୍)
ପୁରୁଷ ଡବଲ୍ସ: ଓ୍ୱେସଲି କୁଲୋଫ (ଡଚ୍)- ନିଲ ସ୍କୁପ୍‌ସ୍କି (ବ୍ରିଟେନ)
ମହିଳା ଡବଲ୍ସ: ବାର୍ବରା ଷ୍ଟ୍ରାଇକୋଭା (ଚେକ୍)- ହସି ସୁ ଓ୍ୱେଇ (ତାଇଓ୍ୱାନ)
ମିକ୍ସଡ ଡବଲ୍ସ: ମେଟ୍ ପାଭିକ୍ (କ୍ରୋଏସିଆ)- ଲ୍ୟୁଡମିଲା କିଚେନକ୍ (ୟୁକ୍ରେନ)
ବାଳିକା ସିଙ୍ଗଲ୍ସ: କ୍ଲେର୍ଭି ଏନ୍‌ଗୋଉନୋ (ଆମେରିକା)
ବାଳକ ସିଙ୍ଗଲ୍ସ: ହେନରି ସିର୍ଲେ (ୟୁନାଇଟେଡ କିଙ୍ଗଡମ୍)

-ପ୍ରସ୍ତୁତି: ତପନ ସ୍ୱାଇଁ

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଦେଓଗାଁ,୧୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତକଙ୍କ ବଡଭାଇ ନରସିଂହ ମେହେରଙ୍କ ଅଭିଯୋଗ ଅନୁସାରେ ଗୋପିନାଥ ମେହେର(୨୭) ରବିବାର ରାତିରେ ଆତ୍ମହତ୍ୟା କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ସବୁଦିନ ଭଳି ଖାଇ ସାରିବାପରେ ଗୋପିନାଥ ମେହେର ନିଜ କୋଠରିକୁ ଯାଇଥିଲେ। ସୋମବାର ସକାଳେ କବାଟ ନ ଖୋଲିବାରୁ ପରିବାର ଲୋକେ ସନ୍ଦେହ କରିଥିଲେ। କବାଟ ଭାଙ୍ଗିବା ପରେ ଗୋପିନାଥଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଦେଓଗାଁ ଥାନାକୁ ଖବର ଦେବାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି।

### ୬ ଆନ୍ତଃରାଜ୍ୟ ଡକାୟତ କୋର୍ଟ ଚାଲାଣ

**ଭବାନୀପାଟଣା-ରାୟଗଡ଼ା ରାସ୍ତାରେ ଟ୍ରକ୍ ଅଟକାଇ ଡକାୟତି**

**ଲାଞ୍ଜିଗଡ଼,୧୭।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର ସାହୁଡ଼ାବା ପାଖରେ ଜଣେ ଟ୍ରକ ଡ୍ରାଇଭରକୁ ଅଟକାଇ ଡକାୟତି କରିବା ଅଭିଯୋଗରେ ବିଶ୍ୱନାଥପୁର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥ ସାହୁଡ଼ାବା ପାଖରେ ରବିବାର ବିଳମ୍ବିତ ରାତିରେ ଏକ ଲାଇନ ଟ୍ରକକୁ ଅଟକାଇ ଡ୍ରାଇଭରଙ୍କଠାରୁ ଲୁଟ କରିବା ପରେ ଲୁଟେରାମାନେ ରାୟଗଡ଼ା ପଟେ ପଳାଉଥିଲେ। ବିଶ୍ୱନାଥପୁର ପୋଲିସର ପାଟ୍ରୋଲିଂ ଟିମ ଡକାୟତ ଦଳକୁ ଗୋଡ଼ାଇ କାବୁ କରିଥିଲେ। ଏଥିରେ ସାମିଲ ଥିବା ରାୟଗଡ଼ା ଜିଲା ରାୟଗଡ଼ା ସହର ସାଇପ୍ରିୟା ନଗରର ଦୀନବନ୍ଧୁ ନାଏକ, ଜେକେପୁର ଚାନ୍ଦିଲି ବିଶିରୋଡ଼ର ପରମାନନ୍ଦ ବେତ୍ରିଆ, ଦେଓପୁରର ମହେନ୍ଦ୍ର କନ୍ଧପାଣି, ଅମଲାଭଟା ଛକର ତରୁଣ କନ୍ଧପାଣି, ବିଷମକଟକ ଚାଟିକଣାର ସଜିତ କରକରିଆ, ସାନସାହିର ଜଗଦୀଶ ହିଆଲ ପ୍ରମୁଖଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି ବିଶ୍ୱନାଥପୁର ପୋଲିସ। ଏନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ. ୬୯/୨୩) ରୁଜୁ କରି ଥାନାଧିକାରୀ ମମତା ହେମ୍ବ୍ରମ ଘଟଣାର ତଦନ୍ତ କରୁଛନ୍ତି।

# ଲଗାଣ ବର୍ଷା, ଜନଜୀବନ ପ୍ରଭାବିତ



ବଲାଙ୍ଗୀର ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଡ୍ରେନ୍ ନ ଥିବାରୁ ବର୍ଷା ପାଣି ଜମି ରହିଛି।



ଏବିଏସ୍‌ଏସ୍ ପଡାଠାରେ ଜାତୀୟ ରାଜପଥ କଡରେ ଡ୍ରେନ୍ ଭିତରେ ଆବର୍ଜନା ପଡିଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ।

**ବଲାଙ୍ଗୀର, ୧୭।୭ (ବୀରେନ୍ଦ୍ର କୁମାର ଝାଙ୍କର)**

■ ସରକାରୀ ବସଷ୍ଟାଣ୍ଡ ସମ୍ମୁଖରେ ଜମା ହୋଇଛି ପାଣି

■ ଡ୍ରେନ୍ ଭିତରେ ପଡିଛି କୁଢ଼ କୁଢ଼ ଆବର୍ଜନା

ସୋମବାର ଲଗାଣ ବର୍ଷା ଯୋଗୁଁ ବଲାଙ୍ଗୀର ସହର ସମେତ ଜିଲାରେ ସ୍ୱାଭାବିକ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ସୋମବାର ଦିନତମାମ ଜାରି ରହିଛି। ବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରି ନ ଥିଲେ। ଡେଲିମାର୍କେଟ ସହ ମୁଖ୍ୟ ମାର୍କେଟରେ ବ୍ୟବସାୟ ଫିକା ପଡିଥିବା ଦେଖାଯାଇଥିଲା। ଚଢ଼ାଦର ଯୋଗୁଁ ପନିପରିବା କିଣାବିକା ଢ଼େର କମି ଯାଇଥିବାବେଳେ ଏବେ ଲଗାଣ ବର୍ଷା ପରିବା ବ୍ୟବସାୟୀଙ୍କୁ ଅଡୁଆରେ ପକାଇଛି। ବର୍ଷା ଯୋଗୁଁ ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାଘାଟ ଶୂନଶାନ ପ୍ରାୟ ରହିଥିଲା।

ବୃଷ୍ଟିପାତ ନିରୀକ୍ଷଣ ସଂସ୍ଥା ତଥ୍ୟ ଅନୁସାରେ ରବିବାର ବଲାଙ୍ଗୀରରେ ୧୮ ମିଲିମିଟିର ବୃଷ୍ଟିପାତ ରେକର୍ଡ କରାଯାଇଥିବାବେଳେ ସୋମବାର ୪୧.୩ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ରାତିତମାମ ବୃଷ୍ଟିପାତ ଜାରି ରହିଥିବାରୁ ସହର ତଳିଅଞ୍ଚଳର ଲୋକେ ଚିନ୍ତାରେ ରହିଛନ୍ତି। ସୋମବାର ଦିନତମାମ ବର୍ଷା ଯୋଗୁଁ ବଲାଙ୍ଗୀର ସହରର ବିଭିନ୍ନ ଡ୍ରେନ୍‌ରେ ଜଳ ନିଷ୍କାସନ ବେଳେ ଅଡୁଆ ପରିସ୍ଥିତି ଦେଖାଯାଇଥିଲା। ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନ୍‌ରୁ ଆବର୍ଜନା ନିଷ୍କାସନକୁ ପ୍ରାଥମିକତା ଦିଆଯାଇ ନ ଥିବାରୁ ଲଗାଣ ବର୍ଷା ବେଳେ ଏବେ ଅନେକ ଡ୍ରେନ୍‌ରେ ପାଣି ଜମି ରହିଛି। ବହୁ ଡ୍ରେନ୍‌ରେ ଏବେ ବି କୁଢ଼କୁଢ଼ ପଲିଥିନ୍ ଏବଂ ଆବର୍ଜନା ପଡିରହିଛି। ମ୍ୟୁନିସିପାଲିଟିର ଅବହେଳା ଜଳଜଳ ଦେଖାଯାଉଛି। କେତେକ ସ୍ଥାନରେ ଜଳ ନିଷ୍କାସନ ପାଇଁ ମ୍ୟୁନିସିପାଲିଟି ଜେସିବି ଲଗାଇ ସଫେଇ କରୁଥିବା ଦେଖାଯାଇଛି। ତେବେ କର୍ତ୍ତୃପକ୍ଷ ବର୍ଷା ପୂର୍ବରୁ ଏକ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରିନାହିଁ। ଫଳରେ ସହରରେ ଅଳ୍ପ ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି।

ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଦେଖିଲେ ସହରର ମ୍ୟୁନିସିପାଲିଟି କିଭଳି କାମ କରୁଛି ତାହା ଜଣାପଡିଯିବ। ପ୍ରାୟ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଏକ ଛୋଟ ଗାଡିଆରେ ପରିଣତ ହୋଇଛି। ସାମାନ୍ୟ ବର୍ଷା ହେଲେ ଏଠାରେ ପାଣି ଜମି ରହୁଛି। ଫଳରେ ବସ ଏବଂ ଯାତ୍ରୀ ଯିବା ଆସିବ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ବିଭାଗ ରାସ୍ତା ତିଆରି ବେଳେ ଏଠାରେ ଡ୍ରେନ୍ ତିଆରି କରି ନ ଥିବାରୁ ରାସ୍ତାଟି ବସ୍‌ଷ୍ଟାଣ୍ଡ ଭିତର ରାସ୍ତାରୁ ଉଚ୍ଚ ହୋଇଯାଇଥିଲା। ଏଠାରେ ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ ରାସ୍ତାର କୌଣସି ପାଶ୍ୱରେ ଡ୍ରେନ୍ ନାହିଁ। ଫଳରେ ସାମାନ୍ୟ ବଷା ହେଲେ ପାଣି ଜମି ରହୁଛି ଏବଂ ଏହା ଦୀର୍ଘଦିନ ଧରି ନିଷ୍କାସିତ ହୋଇନପାରି ଦୁର୍ଗନ୍ଧ ବାହାରୁଛି। ବାରମ୍ବାର ଅଭିଯୋଗ ଓ ଅନୁରୋଧ ପରେ ମଧ୍ୟ ମ୍ୟୁନିସିପାଲିଟି, ରାଜ୍ୟ ସଡକ ଓ ପରିବହନ ବିଭାଗ କିମ୍ୱା ଜାତୀୟ ରାଜପଥ ବିଭାଗ ଏଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ବର୍ଷା ଋତୁ ଆସିବା ପର ଠାରୁ ଏଠାରେ ପାଣି ଜମି ରହିଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଏଠାରେ ଥିବା ଦୋକାନୀ ମଧ୍ୟ ଏଥିଯୋଗୁ କ୍ଷତିର ସମ୍ମୁଖୀନ ହେଉଛନ୍ତି।

# ବର୍ଷାରେ ଭାଙ୍ଗିଲା ବୃଦ୍ଧାଙ୍କ ମାଟିଘର

**ଲୋଇସିଂହା, ୧୭।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଦିମୁଣ୍ଡା ସଦର ଗ୍ରାମର ବିଧବା କୁନ୍ଦୀ ବଗାର(୬୭)ଙ୍କ ମାଟି ଘର ଲଗାଣ ବର୍ଷାରେ ଶନିବାର ଭାଙ୍ଗିଯାଇଛି। ବିକଳ୍ପ ନ ଥିବାରୁ ସେହି ଘରେ ସେ ରହୁଛନ୍ତି। ଖବର ପାଇ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକିରଣ ସାହୁ କ୍ଷେତ୍ର ପରିଦର୍ଶନ କରିଥିଲେ। ସହାୟତା ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଥିବା କୁନ୍ଦୀଙ୍କ ପୁଅ ସୁରେନ୍ଦ୍ର କହିଛନ୍ତି।

ଦେଢବର୍ଷ ତଳେ ସ୍ୱାମୀ ରାତୁ ବଗାରଙ୍କ ମୃତ୍ୟୁ ପରେ କୁନ୍ଦୀ ଘରେ ଏକାକୀ ରହୁଛନ୍ତି। ଦୁଇପୁଅ ସୁରେନ୍ଦ୍ର ଓ ଗୋପାଳ ବିବାହ ପରେ ପରିବାର ସହ ଅଲଗା ରହୁଛନ୍ତି। କୁନ୍ଦୀଙ୍କୁ ବିଧବା ଭତ୍ତା ବାବଦ ୫ ଶହ ଟଙ୍କା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ ମିଳୁଛି। ଏତିକିରେ ମାସଟିଏ ଚଳିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ପରିଣତ ବୟସରେ ଉପନୀତ ହୋଇଥିଲେ ବି ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି। ଫଳରେ ନଡାଛପର ଝାଟିମାଟି ଘରେ ତାଙ୍କ ଦିନ କଟୁଛି। ଖରା ଦାଉରୁ ରକ୍ଷା ପାଇବା ପାଇଁ ଭତ୍ତା ଟଙ୍କାରେ ତାରପୋଲିନ କିଣି ଘର ଉପରେ ଢାଙ୍କିଥିଲେ। ହେଲେ ଗତ ଦୁଇଦିନ ହେଲା ଲଘୁଚାପ ଜନିତ ବର୍ଷା କୁନ୍ଦୀଙ୍କ ମାଟିଘରକୁ ଭାଙ୍ଗି ଦେଇଛି। ଏବେ ସେ କଣ କରିବେ ଚିନ୍ତା କରି ପାରୁ ନ ଥିବା କହିଛନ୍ତି କୁନ୍ଦୀ।



ଭଙ୍ଗା କୁଡ଼ିଆରେ କୁନ୍ଦୀ ବଗାର।

# ସିରିଜ ଦୁର୍ଘଟଣା, ୪ଘଣ୍ଟା ରାସ୍ତାଜାମ



ହାଇସ୍କୁଲ ଛକଠାରେ ସିରିଜ ଟ୍ରକ ଦୁର୍ଘଟଣା ପରେ ରାସ୍ତା ଜାମ ହୋଇଯାଇଛି।

**ଦେଓଗାଁ,୧୭।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ଛକଠାରେ ତିନୋଟି ଟ୍ରକ ସିରିଜ ଭାବେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଟ୍ରକଗୁଡିକର ଡ୍ରାଇଭର ଓ ହେଲପରମାନେ ବର୍ତ୍ତିଯାଇଛନ୍ତି। ଖବର ପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦେଓଗାଁ ହାଇସ୍କୁଲ ଛକଠାରେ ପୂର୍ବରୁ ଏକ ଟ୍ରକ ଅଚଳାବସ୍ଥା ଭାବେ ରହିଥିଲା। ସୋମବାର ସକାଳେ ଅନ୍ୟ ଏକ ଟ୍ରକ ଆସି ଉକ୍ତ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା। ଏହାପରେ ପୁଣି ବିପରୀତ ଦିଗରୁ ଆଉ ଏକ ଟ୍ରକ ଆସି ଉକ୍ତ ଟ୍ରକକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ତିନିଟି ଯାକ ଟ୍ରକ ଚୁରମାର ହୋଇଯାଇଛି। ଅପରପକ୍ଷରେ ୨୬ ନଂ ଜାତୀୟ ରାଜପଥ ଉପରେ ଟ୍ରକଗୁଡିକ ଅଟକି ଯିବାରୁ ଦୀର୍ଘ ୪ ଘଣ୍ଟା ଧରି ଉଭୟ ପଟେ ଗାଡିଗୁଡିକ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ଗୁଡିକୁ ଜେସିବି ଦ୍ୱାରା ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଶୋକସଭାରେ ଲକ୍ଷ୍ମୀନୃସିଂହ ଚୌଧୁରୀଙ୍କ ସ୍ମୃତିଚାରଣ

**ଟିଟିଲାଗଡ଼, ୧୭।୭(ଶରତ ମିଶ୍ର)**

ଟିଟିଲାଗଡର ବିଶିଷ୍ଟ ଶିକ୍ଷାବିତ୍, ସଂଗଠକ, ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ପୁରାତନ ସଦସ୍ୟ ଲକ୍ଷ୍ମୀ ନୃସିଂହ ଚୌଧୁରୀଙ୍କ ବିୟୋଗରେ ସାହିତ୍ୟ ସଂସ୍କୃତି ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ଼ ଛାୟାକାନ୍ତ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଚୌଧୁରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସଦସ୍ୟମାନେ ଚୌଧୁରୀଙ୍କ ସ୍ମୃତି ଚାରଣ କରି ତାଙ୍କ ନିରହଙ୍କାର ସରଳ, ପରୋପକାର ମନୋଭାବର ପ୍ରଶଂସା କରିଥିଲେ। ଶୋକ ସଭାରେ ସଂଗଠନ ଉପ ସଭାପତି ଯୁଗଳ କିଶୋର ଷଡ଼ଙ୍ଗୀ, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ଯୁଗ୍ମ ସମ୍ପାଦକ ହିମାଂଶୁ ଦାଶ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପାଲ, ବରିଷ୍ଠ ସଦସ୍ୟ ସେବକ ଚରଣ ଦାଶ, ଉମେଶ ପ୍ରସାଦ ଦାଶ, ବ୍ରହ୍ମାନନ୍ଦ ପୁହାଣ, ମହେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ଘେରିଲା କଂଗ୍ରେସ ଅନୁସୂଚିତ ଜାତି ସଂଗଠନ

**ଦେଓଗାଁ,୧୭।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ତିନିଦିନର ମହଲତ, ନଚେତ ଆଇନ ଅମାନ୍ୟ ଆନ୍ଦୋଳନ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଂଗ୍ରେସ ଅନୁସୂଚିତ ଜାତି ସଂଗଠନ ତରଫରୁ ହାତିସରା ସରପଞ୍ଚଙ୍କୁ ଗିରଫ ଦାବି ନେଇ ସୋମବାର ଥାନା ଘେରାଉ କରାଯାଇଛି। ଗତ ୧୧ ତାରିଖ କୁତୁର୍ଲା ସରପଞ୍ଚ ତେଜ ହରପାଲ ଓ ତାଙ୍କ ସ୍ୱାମୀ ଉମ୍ବରୁଧର ହରପାଲ ବ୍ୟାଙ୍କ କାମ ସାରି ବହଲି ଛକ ନିକଟ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରେ ହାତୀସରା ସରପଞ୍ଚ କେଲୋ ଡାଙ୍ଗ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର, ଜାତିଆଣ ଆକ୍ଷେପ ସହ ମାଡ ମାରିବା ନେଇ ସରପଞ୍ଚ ହରପାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ହାତୀସରା ସରପଞ୍ଚ ମଧ୍ୟ କୁତୁର୍ଲା ସରପଞ୍ଚଙ୍କ ସ୍ୱାମୀ ଉମ୍ବରୁଧରଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ହାତୀସରା ସରପଞ୍ଚ ଡାଙ୍ଗ ବିରୋଧରେ ଆଟ୍ରୋସିଟି ମାମଲା ରୁଜୁ ହୋଇଥିବାରୁ ଏହାକୁ ଜଣେ ଡେପୁଟି ଏସପି ବି.ବି. ମେହେର ତଦନ୍ତ କରୁଛନ୍ତି। ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ପୁରୁଷ ସରପଞ୍ଚଙ୍କୁ ପୋଲିସ ଗିରଫ ନ କରି ଅନୁକମ୍ପା ଦେଖାଉଥିବା ସଂଗଠନ ଅଭିଯୋଗ କରିଛି। ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀ ମେହେର ଓ ଥାନାଧିକାରୀ ତାରାବତୀ ପଧାନଙ୍କ ସହ ଆଲୋଚନା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ କୌଣସି ନିଷ୍କର୍ଷ ବାହାରି ନାହିଁ। ତିନି ଦିନ ଭିତରେ ସମ୍ପୃକ୍ତ ସରପଞ୍ଚଙ୍କୁ ଗିରଫ ନକଲେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସଂଗଠନ ସଭାପତି ମନବୋଧ ହରପାଲ ଚେତାବନୀ ଦେଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ବିଧାୟକ ପ୍ରତିନିଧି ଅସିତ ମିଶ୍ର, ଲକ୍ଷେଘର ଗଣ୍ଡା ସମାଜ ଜିଲା ସଭାପତି ଓମ୍ ପ୍ରକାଶ କୁମ୍ଭାର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ସିକୁଆଁ ସରପଞ୍ଚ ରାଜକୁମାର ଭୋଇ, ସାରସମାଲ ସରପଞ୍ଚ ଗୋପାଳ ବାଗ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର ତଥା ବିକାଶ ସାହୁ, ପ୍ରଫୁଲ୍ଲ ଦାସ, ଜନ୍ମେଜୟ ସାହୁ, ତାରାକାନ୍ତ ବାଗ, କୈଳାସ ତାଣ୍ଡି, ସମିର ସାହୁ, ଜ୍ୱାଳା ପୋଢ, ବସନ୍ତ ହରପାଲ, ଚୁନା ବାରିକ, ରିତୁ ବୁଡେକ, ଉମ୍ବରୁଧର ଷାଣ୍ଢ ତଥା ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସରପଞ୍ଚଙ୍କ ଗିରଫ ଦାବିରେ ଦେଓଗାଁ ଥାନା ଘେରାଉ କରାଯାଇଛି।

# ୮ ଶ୍ରେଣୀକୁ ୨ ଶିକ୍ଷକ

**ଅଗଲାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**ଲୋଇସିଂହା,୧୭।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଅଭାବଜନିତ ସସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ୨ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ଅବିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଦାବି କରିଥିଲେ ବି କୌଣସି ସୁଫଳ ମିଳୁନାହିଁ। ସୂଚନା ଅନୁଯାୟୀ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ୭, ଦ୍ୱିତୀୟ ଶ୍ରେଣୀରେ ୭, ତୃତୀୟରେ ୧୨, ଚତୁର୍ଥରେ ୯, ପଞ୍ଚମରେ ୧୪, ଷଷ୍ଠରେ ୮, ସପ୍ତମରେ ୧୩ ଏବଂ ଅଷ୍ଟମରେ ୧୪ ଏପଜ କରୁଛନ୍ତି। ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିଲେ। ନିକଟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ରଣାଙ୍କ ପଦୋନ୍ନତି ହେବାରୁ ଅନ୍ୟସ୍କୁଲରେ ଯୋଗଦେଇଛନ୍ତି। ଏବେ ବିଦ୍ୟାଳୟରେ ସହକାରୀ ଶିକ୍ଷକ ରଞ୍ଜନ କୁମାର ସେଠ ଓ ଜୁନିୟର ଶିକ୍ଷୟିତ୍ରୀ ସୁନୀତା ମାଝି ଅବସ୍ଥାପିତ ଅଛନ୍ତି। ୮ଟି ଶ୍ରେଣୀକୁ ୨ ଶିକ୍ଷକ ପାଠ ପଢାଇବାରେ ସମସ୍ୟା ହେଉଥିବା ଗ୍ରାମର ଆଇନଜୀବୀ ପ୍ରବୀଣ ତ୍ରିପାଠୀ କହିଛନ୍ତି। ଶିକ୍ଷକ ସମସ୍ୟାକୁ ନେଇ ପରିଚାଳନା କମିଟି ତରଫରୁ ଗ୍ରାମର ଜଣେ ସ୍ୱେଚ୍ଛାସେବୀ ଯୁବତୀଙ୍କୁ ଶିକ୍ଷାଦାନରେ ନିୟୋଜିତ କରାଯାଇଛି। ୫ ମାସ ଅନ୍ତରରେ ୨୦୨୧ରେ ବିଦ୍ୟାଳୟର ୨ ଜଣ ଶିକ୍ଷକ ଯବଦୁ ପଧାନ ଓ ନାରାୟଣ ସାହୁ ଅବସର ଗ୍ରହଣ କରିଥିଲେ। ଏହାପରଠାରୁ ଆବଶ୍ୟକ ଶିକ୍ଷକ ପାଇଁ ବହୁବାର ବ୍ଲକ ଶିକ୍ଷା ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ ଏଦିଗରେ ପଦକ୍ଷେପ ନିଆଯାଉନାହିଁ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ପରିଚାଳନା ମିଟି ସଭାପତି ପ୍ରସାଦି ସାହୁ କହିଛନ୍ତି।

# ଜନଶୁଣାଣିରେ ୭୧ଅଭିଯୋଗ ଶୁଣିଲେ ଅଧିକାରୀ

**ମୁରିବାହାଲ, ୧୭।୭(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ପ୍ରଶାସନ ତରଫରୁ ମୁରିବାହାଲ ବ୍ଲକ ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକାରୀ ଖିଲାରି ହୃଷିକେଶ, ଏଡ଼ିଏମ ଲମ୍ବୋଦର ଧାରୁଆ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କ ଉପସ୍ଥିତିରେ ୭୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ତନ୍ମଧ୍ୟରୁ ୧୬ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ୫୫ଟି ବିଭିନ୍ନ ବ୍ୟକ୍ତି ଓ ସାମୂହିକ ସମସ୍ୟା ସମ୍ବନ୍ଧିତ ଥିଲା। ଲଖନା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମର ଦିବ୍ୟାଙ୍ଗ ଯଶୋବନ୍ତ ରଣା ସଙ୍ଗୀତା ରଣାଙ୍କୁ ବିବାହ କରିଥିବାରୁ ବିବାହ ପ୍ରୋତ୍ସାହନ ରାଶି ବାବଦ ୨ଲକ୍ଷ ୫୦ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ମିଳିତ ଜନଶୁଣାଣୀରେ ବିଡିଓ ପୂର୍ଣ୍ଣନନ୍ଦ ପୁଟେଲ, ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ବଲାଙ୍ଗୀର ଜିଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଡିଡବ୍ଲୁଓ ଅଲେଖ ବିଶ୍ୱାଳ, ଡ଼ିଏସଏସଓ ଘନଶ୍ୟାମ ମୁଣ୍ଡ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଉପସ୍ଥିତ ଥିଲେ।




ଦିବ୍ୟାଙ୍ଗ ଯଶୋବନ୍ତ ରଣାଙ୍କୁ ବିବାହ ପ୍ରୋତ୍ସାହନ ବାବଦ ଚେକ ପ୍ରଦାନ କରାଯାଉଛି।

# ସ୍କୁଲ ଆସିଲେନି ଛାତ୍ରୀଛାତ୍ର

**ଲାଠୋର, ୧୭।୭(ଭୁବନେଶ୍ୱର ବାରିକ)**

**ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ**

■ ବିପଦସଙ୍କୁଳ ଅବସ୍ଥାରେ ରହିଛି ଶ୍ରେଣୀଗୃହ

■ ମରାମତି ନ ହେବାରୁ ଛାତରୁ ଗଳୁଛି ପାଣି

■ ସମସ୍ୟା ସମାଧାନ ନ ହେଲେ ତାଲା ପଡିବ: ପରିଚାଳନା କମିଟି ସଭାପତି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଧିନ ପିପଲବାହାଲ ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ଅଥବା ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି ହେଉଥିଲେ ବି କର୍ଣ୍ଣପାତ କରାଯାଉନାହିଁ। ଏହିକ୍ରମରେ ସୋମବାର ବିଦ୍ୟାଳୟକୁ କୌଣସି ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଆସି ନଥିବା ଜଣା ପଡ଼ିଛି। ୧୯୯୮ ମସିହାରେ ସ୍ଥାପିତ ପୁଡ଼ାପଡ଼ା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଛି। ପିଲାମାନଙ୍କ ପାଇଁ ୨୫ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଦୁଇଟି ଶ୍ରେଣୀଗୃହ ରହିଛି। ଏହି କୋଠରିର ଛାତରୁ ପାଣି ଗଳୁଛି। ଲୁହା ରଡ଼ରେ କଳଙ୍କି ଲାଗି ଛିଣ୍ଡି ଯାଇଥିବା ହେତୁ ସିମେଣ୍ଟ ଖଣ୍ଡ ମାନ ଖସୁଛି। କେତେବେଳେ କଣ ଅଘଟଣ ଘଟିବ ତାହା କହି ହେବ ନାହିଁ। ବିଦ୍ୟାଳୟ ପରିଚାଳନା ସମିତି ନୂତନ କୋଠରି ନିର୍ମାଣ ପାଇଁ ରେଜୁଲେସନ ପାସ କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପଞ୍ଚାୟତ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଝରୁଛି। ପାଣି ଶ୍ରେଣୀଗୃହ ଏବଂ ବାରଣ୍ଡାରେ ଜମିବା ସହ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ଛୋଟି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ହେତୁ ଗତ ୧୧ ଜୁଲାଇ ୨୦୨୩ରେ ଅଭିଭାବିକାମାନେ ବିଦ୍ୟାଳୟକୁ ଆସି ପ୍ରତିବାଦ କରିଥିଲେ। ଏହାକୁ ନେଇ ଧରିତ୍ରୀରେ ଶ୍ରେଣୀ ଗୃହ ନିର୍ମାଣ ଦାବିରେ ମହିଳାଙ୍କ ପ୍ରତିବାଦ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ ନକରିବାରୁ ବାଧ ହୋଇ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ସୋମବାର ବିଦ୍ୟାଳୟକୁ ଛାଡି ନ ଥିଲେ। ଦରକାର ପଡ଼ିଲେ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇବୁ ବୋଲି କେତେଜଣ ଅଭିଭାବିକା କହିଛନ୍ତି। ସେହିପରି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶକ୍ତି ସେଠ କହିଛନ୍ତି, ପିଲାମାନେ ପାଠ ପଢୁଥିବା ବେଳେ କୌଣସି ପ୍ରକାର ଅଘଟଣ ଘଟିଲେ କିଏ ଦାୟୀ ହେବ। ବିଦ୍ୟାଳୟରେ ମଙ୍ଗଳବାରଠାରୁ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭଇଁଷାଲଙ୍କୁ ପଚାରିବାରେ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରେଣୀ ଗୃହ ରହିଥିବା ଯୋଗୁଁ ସୋମବାର କୌଣସି ପିଲା ବିଦ୍ୟାଳୟକୁ ପାଠ ପଢିବା ପାଇଁ ଆସି ନ ଥିଲେ। ଗତ ୩ବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି। ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ଭେଡେନରେ ବ୍ୟାପୁଛି ଆଖିରୋଗ

**ଭେଡ଼େନ,୧୭।୭ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଦିନକୁ ଦିନ ଆଖିରୋଗ ବ୍ୟାପିବାରେ ଲାଗିଛି । ଏହି ରୋଗ ହେଲେ ଆଖି ଲାଲ ପଡ଼ିଯାଇ କୁଣ୍ଡେଇ ହେବା ସହ ଆଖିପତା ଫୁଲି ଯାଉଛି। ବିଶେଷକରି ଶିଶୁମାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି। ପରିବାରର ଜଣେ ଏଥିରେ ଆକ୍ରାନ୍ତ ହେଲେ ସମସ୍ତଙ୍କୁ ବ୍ୟାପିଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଚାରୁବାଲା ରଥଙ୍କୁ ପଚାରିବାରୁ, ଏହା ଏକ ଭୁତାଣୁ ଜନିତ ସଂକ୍ରାମକ ରୋଗ। ଏହା ୩ ଦିନ ପର୍ଯ୍ୟନ୍ତ ରହିବ। ଆଖିରୋଗୀଙ୍କ ସଂସ୍ପର୍ଶରେ ନ ଆସିବା, ସେମାନଙ୍କ ବ୍ୟବହାର୍ଯ୍ୟ ଦ୍ରବ୍ୟ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ରୋଗୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଛନ୍ତି। ତେବେ ଏହି ରୋଗର ଆକ୍ରାନ୍ତ ଛାତ୍ରୀଛାତ୍ର ସ୍କୁଲକୁ ନ ଯିବା ପାଇଁ ସୂଚନା ଦେଇଛନ୍ତି ।

### ନୃପରସିଂହା ଛକରୁ ମୋଟର ପମ୍ପ ଚୋରି

**ଭେଡେନ,୧୭।୭ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡେନ ଥାନା ଅର୍ନ୍ତଗତ ନୃପରସିଂହା ଛକରୁ ରବିବାର ରାତିରେ ୨ଟି ମୋଟର ପମ୍ପ ଚୋରି ହୋଇଥିବା ଏବଂ ଏକ ସୁନା ଦୋକାନରୁ ଚୋରି ଉଦ୍ୟମ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ନୃପରସିଂହା ଛକର ଲିଙ୍ଗ ମହାପାତ୍ର ଏବଂ ଶଙ୍କର ରେଡ୍ଡିଙ୍କ ମୋଟର ପମ୍ପ ଚୋରି ହୋଇଛି। ସେହିପରି ମା' ଲକ୍ଷ୍ମୀ ସୁନା ଦୋକାନ ସଟର ଭାଙ୍ଗି ଚୋରି ଉଦ୍ୟମ ବିଫଳ ହେବାରୁ ଚୋରମାନେ ସେଠାରେ ଲୁହା ଶାବଳ ଛାଡ଼ି ଯାଇଛନ୍ତି। ପୋଲିସ ଘଟଣା ସ୍ଥଳରୁ ଭଙ୍ଗା ତାଲା ଏବଂ ଲୁହା ଶାବଳ ଜବତ କରି ତଦନ୍ତ ଚଲାଇଛି ।

### ପାଇକମାଳ ହାଇସ୍କୁଲ ଛାତ୍ର ପାଇଲେ ଓଷ୍ଟା ମେଧାବୃତ୍ତି

**ପାଇକମାଳ,୧୭।୭(ବଡ ଶତପଥି):** ପାଇକମାଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଆଦିତ୍ୟ ନାରାୟଣ ପଣ୍ଡା ଓଷ୍ଟା ମେଧା ଛାତ୍ରବୃତ୍ତି ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ଅବସରରେ କଟକରେ ଓଷ୍ଟା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓଡ଼ିଶାର ୧୦୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଟ୍ରଫି ସହ ୩୦୦୦ ହଜାର ଲେଖାଏ ଅର୍ଥ ପ୍ରଦାନ କରିଛନ୍ତି। ଏହିସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀରାମ ପଣ୍ଡା ଯୋଗ ଦେଇ ପୁରସ୍କୃତ ହୋଇ ନିଜକୁ ଧନ୍ୟ ମନେ କରୁଛି ବୋଲି ପଚାରିବାରୁ କହିଛନ୍ତି। ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ଆଦିତ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆହାର କେନ୍ଦ୍ର ପରିଦର୍ଶନ କଲେ ଭାଜପା ପ୍ରତିନିଧି

**ବରପାଲି,୧୭।୭(ଚିତ୍ତରଞ୍ଜନ ସାହୁ):** ବରପାଲି ଆହାର କେନ୍ଦ୍ରରେ ଠିକ୍ ମାନର ଖାଦ୍ୟ ବଣ୍ଟନ ହେଉ ନ ଥିବା ଖାଉଟିମାନଙ୍କ ଅଭିଯୋଗକୁ ଆଧାର କରି ସ୍ଥାନୀୟ ଭାଜପା ନଗର ମଣ୍ଡଳ ସଭାପତି ପଦ୍ମଲୋଚନ ସାହୁ, ଯୁବନେତା ସୁରେନ୍ଦ୍ର ପାତ୍ର, ମଣ୍ଡଳ ସମ୍ପାଦକ ଗୁଣନିଧି ମେହେର, କୈଳାଶ ବାରିକ ପ୍ରମୁଖ ସୋମବାର ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ସେମାନେ କେନ୍ଦ୍ରରେ ଖାଦ୍ୟର ମାନ, ସଫେଇ, ପିଇବା ପାଣି ସମ୍ପର୍କରେ ତଦାରଖ କରିଥିଲେ।



ଲଗାଣ ବର୍ଷାରେ ବରଗଡ଼ ଜିଲା ଭେଡେନ ବ୍ଲକ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥ ମହୁଲପାଲି ଛକରୁ ଭେଡ଼େନ ରାସ୍ତାର ଦନ୍ତା ନଦୀ ପୋଲ ଉପରେ ୩ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି।

## ଦନ୍ତା ନଦୀ ପୋଲ ଉପରେ ୩ ଫୁଟ୍ ପାଣି

**ଭେଡ଼େନ,୧୭।୭ (ସୁଦନ ମହାକୁର)**

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାରଠାରୁ ଲଗାଣ ବର୍ଷା ଲାଗି ରହିଛି । ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥ ମହୁଲପାଲି ଛକରୁ ଭେଡ଼େନ ରାସ୍ତା ଉପରେ ଥିବା ଦନ୍ତା ନଦୀ ପୋଲ ଉପରେ ୩ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଭେଡ଼େନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଆପ୍ ସରକାର ଆଣିବାକୁ ଆହ୍ୱାନ

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ସୋମବାର ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ବିଜୁଳି ଆନ୍ଦୋଳନ ଏବଂ ଜନ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପଦଯାତ୍ରା ସହିତ ସ୍ଥାନୀୟ ଗାନ୍ଧୀ ଛକ ନିକଟ କଲ୍ୟାଣ ମଣ୍ଡପରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ କରାଯାଇଥିଲା । ଦଳର ଜିଲା ସଭାପତି ଭବାନୀ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆପ୍ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ।

ରାଜ୍ୟ ସଭାପତି ମହାପାତ୍ର ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶାରେ ସରପ୍ଲସ ବିଦ୍ୟୁତ ଉତ୍ପାଦନ ହେଉଛି ଏବଂ ରାଜ୍ୟ ସରକାର ବାହାର ରାଜ୍ୟରେ ବିଦ୍ୟୁତ ବିକ୍ରି କରୁଛନ୍ତି। ଅନ୍ୟପଟେ ଦିଲ୍ଲୀ, ପଞ୍ଜାବର ଆପ୍ ସରକାର ପ୍ରତି ପରିବାରକୁ ମାଗଣା ବିଦ୍ୟୁତ ଯୋଗାଇ ଦେଉଥିବାବେଳେ ଏବେ କର୍ଣାଟକର କଂଗ୍ରେସ ସରକାର ଦେୟମୁକ୍ତ ବିଦ୍ୟୁତ୍ ଘୋଷଣା କରିଛନ୍ତି। କିନ୍ତୁ ରାଜ୍ୟର ବିଜେଡି ସରକାର ବିଦ୍ୟୁତ୍‌କୁ ଘରୋଇକରଣ କରିବା ସହିତ ରାଜ୍ୟବାସୀଙ୍କଠାରୁ ମାତ୍ରାଧିକ ଦେୟ ଅସୁଲି କରୁଛନ୍ତି। ସେହିପରି ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ଶିକ୍ଷାକ୍ଷେତ୍ରରେ ସମସ୍ୟା ବଢ଼ି ଚାଲିଛି। ଫଳରେ ଚାଷୀଙ୍କ ସମସ୍ୟାର ସମାଧାନ, ମାଗଣା ବିଦ୍ୟୁତ, ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟସେବା ଆଣିବାକୁ ୨୦୨୪ ନିର୍ବାଚନରେ ଆମ୍ ଆଦମୀ ପାର୍ଟି ସରକାରକୁ ଆଣିବାକୁ ମହାପାତ୍ର ଆହ୍ୱାନ କରିଥିଲେ।

ସମାବେଶରେ ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଦ୍ୟୁତ ମାଗଣାରେ ଯୋଗାଇବା, ବରଗଡ଼ ଚିନିକଳର ପୁନରୁଦ୍ଧାର, ଲେଙ୍ଗୁ ମିଶ୍ର ଛକରୁ ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଜିଲାରେ ବନ୍ଦ ରହିଥିବା ସ୍କୁଲ ପୁନଃ ଖୋଲାଯିବା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଠିକ୍ କରିବା, ଖାଲିଥିବା ଡାକ୍ତର ପଦବୀ ପୂରଣ, ଚାଷୀଙ୍କ ସମସ୍ତ ଧାନ କିଣିବା ସହିତ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ସୁନ୍ଦରଗଡ଼ ଜିଲା ସଭାପତି ବିନୟ ତିୱାରୀ, ଝାରସୁଗୁଡ଼ା ଜିଲା ସଭାପତି ସୁରେନ୍ଦ୍ର ସାହୁ, ସମ୍ବଲପୁର ଜିଲା ସଭାପତି ଲାଲମଣି ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ବାଗ, ଅସିତ୍ ସାହୁ, ମରିୟମ ବାର୍ଲା, ଅମିତାଭ ପାତ୍ର, ରାମଚନ୍ଦ୍ର ବିଶ୍ୱାଳ, ଯଦୁମଣି ପ୍ରଧାନ, ଜୟକ୍ରିଷ୍ଣା ଛୁରିଆ, ବାଲ୍ମିକୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।





ମହିଳା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଆପ୍‌ର ରାଜ୍ୟ ସଭାପତି ।

## ଗଞ୍ଜେଇ ଚାଲାଣ, ୩ ଆନ୍ତଃ ରାଜ୍ୟ ବେପାରୀ ଗିରଫ

**ବରପାଲି,୧୭।୭ (ଚିତ୍ତରଞ୍ଜନ ସାହୁ)**

ଗଞ୍ଜେଇ ଚାଲାଣ ବେଳେ ୨ଆନ୍ତଃରାଜ୍ୟ ବେପାରୀଙ୍କ ସହ ୩ ଜଣଙ୍କୁ ବରପାଲି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା ରାବଣଗୁଡା ଗ୍ରାମର ଗୌର ମାଝୀ (୨୪), ମଧ୍ୟପ୍ରଦେଶ ଛତରପୁର ଜିଲା ରଘୁରାଜ ଶ୍ରିବସ (୩୨), ମଧ୍ୟପ୍ରଦେଶ ଦମୋହ ଜିଲାର ଗୁଲଜର ସିଂ (୨୪)। ସେମାନଙ୍କଠାରୁ ୯ କେଜି ଗଞ୍ଜେଇ, ଗୋଟିଏ ବାଇକ୍, ୩ଟି ମୋବାଇଲ ଫୋନ୍, ନଗଦ ୨ ହଜାର ଟଙ୍କା ଜବତ କରାଯାଇଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ବରପାଲି ପୋଲିସ ଏକ ମାମଲା (ନଂ. ୨୪୩/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ବୌଦ୍ଧରୁ ବରପାଲିକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ବରପାଲି ବଲାଙ୍ଗୀର ରାସ୍ତା କେନାଲ ଛକ ପଟେଲ ଢାବା ନିକଟରେ ଚଢାଉ କରି ସେମାନଙ୍କୁ କାବୁ କରିଥିଲା।



ଗିରଫ ଅଭିଯୁକ୍ତମାନେ।

## ବରଗଡ଼ରେ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ





ରାଣାପ୍ରତାପ ସ୍କୁଲରେ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲରେ ସୋମବାର ଫାଇଲେରିଆ (ବାତଜ୍ୱର) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେଗଲେଟେଡ୍ ଟ୍ରିପିକଲ ଡିଜିଜ୍‌ର ଜିଲା ଅଧିକାରୀ ବିଜୟ ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ପୌର ପରିଷଦ ଅଞ୍ଚଳରେ ଫାଇଲେରିଆ ରୋଗର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ରୋଗର ପ୍ରତିକାର ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ତାରିଖ ଭିତରେ କିଭଳି ସାମୂହିକ ଔଷଧ ସେବନ କରାଯିବ ସେ ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଗୀତା ଜାଲ ଛାତ୍ରୀଛାତ୍ରମାନେ କିଭଳି ଏବଂ କେତେମାତ୍ରାରେ ଔଷଧ ସେବନ କରିବେ, ତାହା ଉପରେ ସଚେତନ କରାଇଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ, ସ୍କୁଲ ଛାତ୍ର କ୍ୟାବିନେଟ୍‌ର ସ୍ୱାସ୍ଥ୍ୟ ମନ୍ତ୍ରୀ ଯୋଗେଶ୍ୱରୀ କୁମ୍ଭାର, ଶିକ୍ଷୟିତ୍ରୀ ବବିତା ନାଏକ, ସୁନିତା ମିଶ୍ର, ନିଲିମା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।ଜ୍ୟୋସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଧିବାମନଙ୍କ ଚିତାଲାଗି ବେଶ

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲିରେ ସୋମବାର ଶ୍ରାବଣ ଅମାବାସ୍ୟା ଅବସରରେ ଶ୍ରୀ ଶ୍ରୀ ଦଧିବାମନଙ୍କୁ ଚିତାଲାଗି ବେଶ କରାଯାଇଥିଲା । ବ୍ରାହ୍ମ ମୁହୂର୍ତ୍ତରୁ ବ୍ରାହ୍ମଣ ସେବକଙ୍କ ଦ୍ୱାରା ଶୁଭ ଶଙ୍ଖ ନାଦ କରି ମହାପ୍ରଭୁଙ୍କ ପହଡ଼ଭଙ୍ଗ, ଦ୍ୱାରଫିଟା ନୀତି, ମଙ୍ଗଳ ପ୍ରଦୀପ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ସୂଯର୍ୟପୂଜା, ଅବକାଶ ନୀତି, ବେଶ ପରିବର୍ତ୍ତନ, ଗୋପାଳ ବଲ୍ଲଭ ଭୋଗ, ଦ୍ୱାରପାଳ ପୂଜା, ରୋଷପୂଜା, ସକାଳ ଧୂପ ପରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯାଇଥିଲା । ମହାପ୍ରଭୁଙ୍କ ସୁନାବେଶ ପରେ ମନ୍ଦିରରେ ଏହା ପ୍ରଥମ ବେଶ । ଏହି ଅବସରରେ ମହାପ୍ରଭୁଙ୍କୁ ବିଶେଷ ତାଳବରା ଭୋଗ ଲାଗି ହୋଇଥିଲା । ଏହା ସହିତ ହରାଳି ଅମାବାସ୍ୟା ପାଇଁ ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଚତୁର୍ଦ୍ଦିଗରେ ଅବସ୍ଥିତ ଦେବୀଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା ।

## ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଭାଜପାର ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । କଠିନ ପରିଶ୍ରମ କରି ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ବିଜୟୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଦଳୀୟ ସଙ୍ଗଠନକୁ ଜିଲାରେ ଆହୁରି ମଜବୁତ୍ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥି, ଡି. ମୁରଲୀ କ୍ରୀଷ୍ଣା, ଅରୂପାନନ୍ଦ ସାହୁ, ଗୋବର୍ଦ୍ଧନ ଭୁଏ, ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅକ୍ରୁର ମଲ୍ଲିକ, ଅବନୀକାନ୍ତ ପଣ୍ଡା, ଅମିତ ପଣ୍ଡା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦଳର ରାଜ୍ୟ ସଭାପତି ସାମଲଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ।





କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଭାଜପାର ନେତୃବୃନ୍ଦ ।

## ନୂତନ ପାକ୍ସ ଉଦ୍‌ଘାଟିତ

**ପଦ୍ମପୁର,୧୭।୭(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବୁଡାମାଲରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଦହିଗାଁ ପାକ୍ସ ସଭାପତି ମହେଶ୍ୱର ପୁରୀ, ସମ୍ପାଦକ ଠାକୁର ପାଣ୍ଡେ, ବ୍ଲକ ଉପାଧକ୍ଷା ସାବିତ୍ରୀ ଚାନ୍ଦ, ସରପଞ୍ଚ ନିରୁପମା ସେଠଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ବିଧାୟିକା ବର୍ଷା ସିଂ ବରିହା ପାକ୍ସକୁ ଉଦ୍‌ଘାଟନ କରୁଛନ୍ତି।

# ସିୟୁଇଟି ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**



ଅମର୍ତ୍ତ୍ୟ ମିଶ୍ର | ଅର୍ପିତା ଗଙ୍ଗଦେବ | ଅନନ୍ୟା ସାହୁ | ସ୍ମୃତିରାଣୀ ପଧାନ | ପ୍ରିୟା ସିଂହଦେଓ | ହର୍ଷବର୍ଦ୍ଧନ ଚୌହାନ

ଚଳିତବର୍ଷ ପ୍ରକାଶିତ ସିୟୁଇଟି (କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷାରେ ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଉକ୍ତ ପରୀକ୍ଷାରେ ଶିକ୍ଷାନୁଷ୍ଠାନର ୩୫ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସୂଚନା ଦେଇଛନ୍ତି। ସେହିପରି ଚଳିତବର୍ଷ ଉକ୍ତ ଶିକ୍ଷାନୁଷ୍ଠାନରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ବିଶେଷ ବିବରଣୀ ଦେଇ ବିକାଶ ଇଣ୍ଟିଗ୍ରେଟେଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ସୂଚନା ଦେଇଛନ୍ତି, ସାଧାରଣ ବର୍ଗରେ ଅମର୍ତ୍ତ୍ୟ ମିଶ୍ର ସିୟୁଇଟି ପରୀକ୍ଷାରେ ୭୩୩.୫୧ ମାର୍କ ଏନ୍‌ଟିଏ ନର୍ମାଲାଇଜ୍‌ଡ ସ୍କୋର ସହିତ ବିକାଶ ଶିକ୍ଷାନୁଷ୍ଠାନରେ ଶୀର୍ଷରେ ରହିଥିବାବେଳେ ଅର୍ପିତା ଗଙ୍ଗଦେବ ୬୮୩.୬୫, ଓବିସି ବର୍ଗରେ ଅନନ୍ୟା ସାହୁ ୬୮୨.୯୪, ସ୍ମୃତିରାଣୀ ପଧାନ ୬୬୨.୧୮, ସାଧାରଣ ବର୍ଗରେ ପ୍ରିୟା ସିଂହଦେଓ ୬୨୩.୩୭, ହର୍ଷବର୍ଦ୍ଧନ ଚୌହାନ ୬୦୭.୮୬, ଅର୍ପିତା ଘଡ଼େଇ ୫୬୫.୭୦, ଶ୍ଳୋକ ଅଗ୍ରୱାଲ ୫୫୬.୫୩, ଓବିସି ବର୍ଗରେ ସାନିଆ ମେହେର ୫୩୫.୨୮, ବିଜେତା ପଟେଲ ୫୦୬.୦୯, ସାଧାରଣ ବର୍ଗରେ ଶ୍ରାବଣୀ ପତି ୫୦୨.୧୯, ପାୟଲ ଗୁପ୍ତା ୫୦୦.୯୯, ଏସଟି ବର୍ଗରେ ଜୟଶ୍ରୀ ନାଏକ ୪୬୮.୬୪ ଏବଂ ରାହୁଲ ମୁର୍ମୁ ୪୨୨.୭୪ ମାର୍କ ରଖି ସଫଳ ହୋଇଛନ୍ତି ।

ଏହି ସମସ୍ତ ଛାତ୍ରୀଛାତ୍ର ଭାରତର ସ୍ୱନାମଧନ୍ୟ ସେଣ୍ଟ୍ରାଲ ୟୁନିଭର୍ସିଟି ଅର୍ଥାତ ୟୁନିଭର୍ସିଟି ଅଫ୍ ଦିଲ୍ଲୀ, ବନାରସ ହିନ୍ଦୁ ୟୁନିଭର୍ସିଟି, ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟି, ହାଇଦ୍ରାବାଦ ୟୁନିଭର୍ସିଟି ଆଦି ବିଶ୍ୱବିଦ୍ୟାଳୟରେ ସିଟ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂର୍ବବର୍ଷର କଟ୍ ଅଫ୍ ମାର୍କକୁ ଅନୁଧ୍ୟାନ କଲେ ଉକ୍ତ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅମର୍ତ୍ତ୍ୟ, ଅର୍ପିତା, ଅନନ୍ୟା, ୟୁନିଭର୍ସିଟି ଅଫ ଦିଲ୍ଲୀର ନର୍ଥ କ୍ୟାମ୍ପସର ଅନୁଷ୍ଠାନରେ ବିଜ୍ଞାନ, କଳା ବିଭାଗର ବିଭିନ୍ନ ବିଷୟରେ ଅନର୍ସରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପାଇଁ ନିଶ୍ଚିତ ଭାବେ ଆଡ୍‌ମିଶନ ପାଇପାରିବେ ବୋଲି ଛାତ୍ରୀଛାତ୍ର ଦୃଢ଼ ବିଶ୍ୱାସ ରଖିଥିବାବେଳେ ଅନ୍ୟ କୃତୀ ଛାତ୍ରୀଛାତ୍ର ମଧ୍ୟ ୟୁନିଭର୍ସିଟି ଅଫ ଦିଲ୍ଲୀର ନର୍ଥ ଓ ସାଉଥ୍ କ୍ୟାମ୍ପସ ଏବଂ ଅନ୍ୟ ୟୁନିଭର୍ସିଟି ମାନଙ୍କରେ ସିଟ୍ ପାଇପାରିବେ ବୋଲି ଆଶା କରାଯାଉଛି। ପ୍ରକାଶଥାଉକି, ବରଗଡ଼ର ବିକାଶରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ନିକତା ଗଙ୍ଗଦେବ, ନବ୍ୟା ନବେଲୀ ଆଚାର୍ଯ୍ୟ, ସମାପିକା ସାହୁ(ସିୟୁଇଟି), ସମ୍ମୋହନ ସମୀରଣ ପତି(ସିୟୁଇଟି) ଓ ଅଂଶୁମାନ ନାଏକ(ସିୟୁଇଟି) ୟୁନିଭର୍ସିଟି ଅଫ ଦିଲ୍ଲୀରେ ନର୍ଥ କ୍ୟାମ୍ପସରେ ଶିକ୍ଷାଲାଭ କରୁଛନ୍ତି । ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ଭାରତରେ ଦ୍ୱିତୀୟ ବର୍ଷ ପାଇଁ ହେଉଥିବା ସିୟୁଇଟି ପରୀକ୍ଷା ପାଇଁ ସ୍କୁଲରେ ପ୍ରସ୍ତୁତି ପ୍ରଣାଳୀକୁ ବୋର୍ଡ ସହିତ ଇଣ୍ଟିଗ୍ରେଟେଡ୍ କରି ୨ବର୍ଷ ମଧ୍ୟରେ ଜାତୀୟସ୍ତରରେ ଏହି ଉଚ୍ଚକୋଟୀର ସଫଳତା ଆଣି ପାରିଥିବା ଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟକ୍ଷ ରାଉଳ, ପ୍ରୋଗ୍ରାମ ହେଡ୍ ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ସହିତ ଶୁଭେଚ୍ଛା ଜଣାଇଛନ୍ତି ।




## ସଂକ୍ଷେପରେ

### ଗାଧୁଆ ଘରେ ଖସିପଡି ବୃଦ୍ଧା ମୃତ

**ରାଉରକେଲା,୧୭।୭(ଦିନେଶ ମିଶ୍ର):** ଗାଧୁଆ ଘରେ ଖସିପଡିବାରୁ ସେକ୍ଟର-୭ ଥାନା ଅଧୀନ ଏ ବ୍ଲକ ଅଞ୍ଚଳର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ଧୁବୁଲି ପାତ୍ର(୭୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସୋମବାର ସକାଳ ସାଢେ ୭ଟାରେ ଧୁବୁଲି ଗାଧୁଆ ଘରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ତଳେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**ରାଉରକେଲା,୧୭।୭(ଦିନେଶ ମିଶ୍ର):** ରଘୁନାଥପାଲି ଥାନା ଅନ୍ତର୍ଗତ ତାରିଣୀ ମନ୍ଦିର ନିକଟରେ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ରିପୋର୍ଟ ଲେଖାଯିବା ଯାଏ (ରାତି ସାଢେ ୭ଟା) ମୃତ ମହିଳାଙ୍କ କୌଣସି ପରିଚୟ ମିଳିନାହିଁ। ସିଭିଲଟାଉନଶିପ୍ ସ୍ଥିତ ତାରିଣୀ ମନ୍ଦିର ରାସ୍ତାକଡ଼ରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ରାସ୍ତାକଡରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫୮।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଚକା ଫାଟି କାର୍ ଦୁର୍ଘଟଣାଗ୍ରସ୍ତ

**ରାଉରକେଲା,୧୭।୭(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକରେ ଏକ କାର୍ ଚକା ଫାଟିଯିବାରୁ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି କାର୍‌କୁ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ଉକ୍ତ କାର୍ (ନଂ.ଓଡ଼ି୨୩ଏଫ୍/୨୧୨୭) ବେଦବ୍ୟାସରୁ ଆସୁଥିଲା ବେଳେ ସମାନ ଦିଗରୁ ଏକ ଟ୍ରକ ମଧ୍ୟ ଆସୁଥିଲା। ଏଥିରେ କାର୍ ଚକା ଫାଟିଯିବାରୁ ତାହା ଟ୍ରକ୍ ସହ ପିଟି ହୋଇ ପୁନଃ ଡିଭାଇଡରେ ପିଟି ହୋଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ପରେ ଟ୍ରକ୍ ଚାଳକ ଓ କାର୍ ଚାଳକଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ପୋଲିସ ସୂଚନା ଦେଇଛି।

### ଶିବାଳୟରେ ଜଳଲାଗି କଲେ ଶ୍ରଦ୍ଧାଳୁ

**ରାଉରକେଲା,୧୭।୭(ସଙ୍ଗୀତା ଜେନା):** ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଇସ୍ପାତ ସହରରେ ବିଭିନ୍ନ ଶିବାଳୟମାନଙ୍କରେ ଜଳ ଲାଗି କରିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ହନୁମାନ ବାଟିକା ସ୍ଥିତ ଶିବ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ବହୁ ଶ୍ରଦ୍ଧାଳୁ ମନ୍ଦିରରେ ଜଳଲାଗି କରିଥିଲେ। ତରକେରା ସ୍ଥିତ ଧବଳେଶ୍ୱର, ଘୋଘର ଧାମ ଓ ଅନ୍ୟ ଶିବ ମନ୍ଦିରରେ ଗହଳି ପରିଲକ୍ଷିତ ହୋଇଥିଲା।

# ପରିବାରକୁ ମିଳିଲାନି ନ୍ୟାୟ

**ରାଉରକେଲା, ୧୭।୭(ସଙ୍ଗୀତା ଜେନା)**

୨୦୨୨ ନଭେମ୍ବର ୧୩ ତାରିଖରେ ଝିରପାଣିରେ ହୋଇଥିବା ବହୁଚର୍ଚ୍ଚିତ ବାଞ୍ଛାନିଧି ତନ୍ତୀ ହତ୍ୟାକାଣ୍ଡକୁ ୯ ମାସ ବିତିଲାଣି। ତେବେ ପୋଲିସ ତଦନ୍ତ ଶିଥିଳ ହୋଇପଡିଥିବାରୁ ମୃତକଙ୍କ ପରିବାର ଲୋକଙ୍କୁ ଏଯାଏ ନ୍ୟାୟ ମିଳିପାରି ନ ଥିବା ଅଭିଯୋଗ ହୋଇଛି। ଜମିଜମା ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ସଙ୍ଘଠିତ ହୋଇଥିଲା। ବାଞ୍ଛାନିଧି ପରିବାରର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ମୃତକଙ୍କ ଅନ୍ତେ ତାଙ୍କ ପରିବାରରେ ବିଧବା ପତ୍ନୀ ଅନୁପମା ପାତ୍ର(୩୧), ଦୁଇ ଝିଅ ମଧୁସ୍ମିତା(୧୩) ଓ ସାନଝିଅ ବିଦ୍ୟୁସ୍ମିତା(୬), ବଡ଼ଭଉଣୀ ବାସନ୍ତୀ ଏବେ ଘୋର ଆର୍ଥିକ ଅନଟନରେ ଗତି କରୁଛନ୍ତି।

ମୃତକଙ୍କ ପତ୍ନୀ ଅନୁପମାଙ୍କ ସୂଚନା ଅନୁସାରେ, ୨୦୨୨ ନଭେମ୍ବର ୧୩ ତାରିଖ ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ତାଙ୍କ ସ୍ୱାମୀ ବାଞ୍ଛାନିଧି ନିକଟସ୍ଥ ନଦୀକୂଳକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଅଭିଯୁକ୍ତ ଛନୁକୁ ଓରଫ୍ ଅଜିତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ବାଞ୍ଛାନିଧି ସେଠାରୁ କୌଣସି ମତେ ଘର ପର୍ଯ୍ୟନ୍ତ ଦୌଡ଼ି ଆସି ସମସ୍ତଙ୍କୁ



ମୃତକଙ୍କ ପତ୍ନୀ, ବଡ଼ଭଉଣୀ ଓ ୨ ଝିଅ।

**ବାଞ୍ଛାନିଧି ହତ୍ୟାକାଣ୍ଡକୁ ୯ ମାସ ପୂରିଲା**

ଘଟଣା ସମ୍ପର୍କରେ କହିଥିଲେ। ପ୍ରଥମେ ତାଙ୍କୁ ସିଡ଼ବ୍ଲ୍ୟୁଏସ୍ ଓ ପରେ ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ଆର୍ଥିକ ଅନଟନ ଦେଇ ଗତି କରିବାକୁ ପଡୁଛି ବୋଲି ଅନୁପମା କହିଛନ୍ତି। ସେ ଆହୁରି କହିଛନ୍ତି, ସ୍କୁଲ ଫି ଦିଆଯାଇ ନ ପାରିବାରୁ ବଡ଼ଝିଅକୁ ସରକାରୀ ସ୍କୁଲରେ ଭର୍ତ୍ତି କରାଗଲା। ସ୍ୱାମୀ ରାଜମିସ୍ତ୍ରୀ କାମ କରୁଥିଲେ। ପ୍ରତ୍ୟେକ ରବିବାର ପିଲାମାନେ ହୋଟେଲରୁ ଜଳଖିଆ ଖାଇଥାନ୍ତି। ସେହି ଦିନ ମଧ୍ୟ ରବିବାର ଥିଲା। ସକାଳେ ପିଲାମାନେ ଶୋଇଥିଲେ। ଉଠିଲାବେଳକୁ ପିଲାଙ୍କ ବାପାଙ୍କୁ ଗୁଳି କରାଯାଇସାରିଥିଲା। ଘର ଚଳାଇବା ଲାଗି କାହାଠାରୁ ମଧ୍ୟ ସାହାଯ୍ୟ ମିଳିପାରିଲା ନାହିଁ ବୋଲି ଅନୁପମା କହିଛନ୍ତି। ସେହିପରି ବଡ଼ଭଉଣୀ ବାସନ୍ତୀ କହିଛନ୍ତି, ଆମକୁ ନ୍ୟାୟ ଦରକାର। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଫେରାର ଅଛନ୍ତି। ଏ ନେଇ ଆମକୁ ଥାନା ପକ୍ଷରୁ କୌଣସି ଯୋଗାଯୋଗ କରାଯାଇନାହିଁ ବୋଲି ସେ କହିଥିଲେ। ତେବେ ଶୀଘ୍ର ରାଉରକେଲା ଏସ୍‌ପିଙ୍କ ନିକଟରେ ଗୁହାରି କରିବେ ବୋଲି ପରିବାରବର୍ଗ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରାଯିବାରୁ ସେ କହିଲେ, ଉକ୍ତ ହତ୍ୟାକଣ୍ଡ ସମ୍ପର୍କରେ ବୁଝି ବିହିତ ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ।

ସୂଚନାଯୋଗ୍ୟ, ଜମିଜମାକୁ ନେଇ ପୂର୍ବରୁ ବାଞ୍ଛାନିଧିଙ୍କୁ ଅଭିଯୁକ୍ତମାନେ ଧମକଚମକ ଦେଇଥିଲେ। ନଭେମ୍ବର ୧୩ରେ ଝିରପାଣି ଝରିଆ କୋଚାରେ ଏହି ହତ୍ୟାକାଣ୍ଡ ସଙ୍ଘଠିତ ହୋଇଥିଲା। ବାଞ୍ଛାନିଧିଙ୍କୁ ହତ୍ୟା କରାଯିବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ପାଇଁ ଝିରପାଣି ଥାନା ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨ଦିନ ପରେ ଜଣେ ଅଭିଯୁକ୍ତ ଛନୁକୁଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ହେଲେ ଏଥିରେ ସମ୍ପୃକ୍ତ ଅନ୍ୟ ୨ ଜଣ ଫେରାର ଥିବା ପୋଲିସ କହିଛି। ଝିରପାଣି ଥାନା ପୋଲିସ ଏକ ମାମଲା (ନଂ.୧୦୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।



ଲଗାଣ ବର୍ଷାରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଅଧୀନ ଗୋପବନ୍ଧୁପାଲି ବସ୍ତିର ଲୋକଙ୍କ ଘରେ ପାଣି ପଶିଛି। ଡ୍ରେନେଜ ସୁବିଧା ନ ଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। (ଫଟୋ: ବିବେକ)

## କଏଦୀଙ୍କୁ ଶିକ୍ଷା ବାଣ୍ଟି ଚର୍ଚ୍ଚାରେ ତାରକେଶ୍ୱର

**ରାଉରକେଲା,୧୭।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ୱତନ୍ତ୍ର କାରାଗାରରେ କଏଦୀମାନଙ୍କୁ ଦୀର୍ଘ ୧୧ବର୍ଷ ହେଲା ଶିକ୍ଷା ବାଣ୍ଟୁଛନ୍ତି ସେହି କାରାଗାରର ଜଣେ କଏଦୀ ତାରକେଶ୍ୱର ଚୌଧୁରୀ। ତାଙ୍କର ଏଭଳି ମହତ୍ କାମ ଯୋଗୁ ସେ ଆଜି ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି। ପାନପୋଷ ବାଙ୍ଗଲାଟୋଲୀ ଅଞ୍ଚଳର ତାରକେଶ୍ୱର ଚୌଧୁରୀ(୫୩)। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଶନ। ଶିକ୍ଷିତ ହୋଇ ମଧ୍ୟ ଏକ ଆପରାଧିକ ମାମଲାରେ ଦଣ୍ଡାଦେଶ ପାଇ ସେ ୨୩ବର୍ଷ ହେଲା ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବନ୍ଦୀ ଜୀବନ ବିତାଉଛନ୍ତି। ତେବେ ୧୧ବର୍ଷ ତଳେ ତାଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ହୋଇଥିଲା। ଅନ୍ୟମାନେ ଆଉ କେହି ଏଭଳି ପରିସ୍ଥିତିର ସମ୍ମୁଖୀନ ନ ହୁଅନ୍ତୁ ତାକୁ ମନରେ ସଂକଳ୍ପ କରି ତାରକେଶ୍ୱର ଜେଲ୍‌ର କଏଦୀମାନଙ୍କୁ ଶିକ୍ଷାଦାନ କରିବା ଆରମ୍ଭ କଲେ। କାରାଗାରର ୪୭୦ କଏଦୀଙ୍କ ମନରୁ ବିକୃତ ଚିନ୍ତାଧାରା ହଟାଇବା



ଜେଲ୍ ଦଣ୍ଡ ଭୋଗୁଥିବା ତାରକେଶ୍ୱର।

ପାଇଁ ସେ ଅଦ୍ୟାବଧି ପ୍ରତିଦିନ ଦୁଇଓଳା ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ବିଶେଷ କରି ଜେଲ୍‌ଦଣ୍ଡ ଭୋଗୁଥିବା ଯୁବବର୍ଗର ଅପରାଧୀମାନଙ୍କୁ ଶିକ୍ଷା ମାଧ୍ୟମରେ ପରିବର୍ତ୍ତନ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। ନିଜେ ଅପରାଧୀ ହୋଇ ବି ୧୨ବର୍ଷ ହେଲା ଶତାଧିକ କଏଦୀଙ୍କ ମନ ପରିବର୍ତ୍ତନ ପାଇଁ ତାରକେଶ୍ୱର ଏଭଳି ନିଆରା ପ୍ରୟାସ କରିଆସୁଥିବା କାରଗାର କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ରାଉରକେଲା ସ୍ୱତନ୍ତ୍ର କାରାଗାର ସୁପରିଣ୍ଟେଣ୍ଡେଣ୍ଟ ରାଜୀବ ସିଂ ଗୁପ୍ତା ଓ କାରାଗାର ଜେଲର ରତିକାନ୍ତ ଶୁକ୍ଳାଙ୍କ ଦିଗ୍‌ଦର୍ଶନ ତାଙ୍କ ଜୀବନରେ ଏତେବଡ ପରିବର୍ତ୍ତନ ଆଣିପାରିଥିବା ତାରକେଶ୍ୱର ମନ୍ତବ୍ୟ ଦେଇଛନ୍ତି। ଏ ସମ୍ପର୍କରେ ରାଉରକେଲା ସ୍ୱତନ୍ତ୍ର କାରାଗାର ସୁପରିଣ୍ଟେଣ୍ଡେଣ୍ଟ ରାଜୀବ ସିଂ ଗୁପ୍ତା କୁହନ୍ତି, ୨୩ବର୍ଷ ହେଲା ତାରକେଶ୍ୱରଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ପ୍ରୟାସ ସଫଳ ହୋଇଛି। ସେ କାରାଗାରର ୪୭୦ କଏଦୀଙ୍କୁ ଦୈନିକ ଶିକ୍ଷା ପ୍ରଦାନ କରୁଛନ୍ତି ଏବଂ ତାଙ୍କ ପ୍ରୟାସରେ ୪ଶହରୁ ଊର୍ଦ୍ଧ୍ୱ ଅପରାଧୀଙ୍କ ମନୋଭାବରେ ପରିବର୍ତ୍ତନ ଆସିଥିବା ଗୁପ୍ତା କହିଛନ୍ତି। ସେହିପରି ରାଉରକେଲା ସ୍ୱତନ୍ତ୍ର କାରାଗାର ଜେଲର ରତିକାନ୍ତ ଶୁକ୍ଳା ମଧ ତାରକେଶ୍ୱରଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଗ୍ରହଶାନ୍ତି ଆଳରେ ସୁନା ଅଳଙ୍କାର ଧରି ଦୁର୍ବୃତ୍ତ ଚମ୍ପଟ

**ରାଉରକେଲା, ୧୭।୭(ସଙ୍ଗୀତା ଜେନା)**

ଛେଣ୍ଡ ଅଞ୍ଚଳରେ ଜଣେ ସୋମବାର ମହିଳାଙ୍କ ଗ୍ରହ ଶାନ୍ତି କରାଇବା ଆଳରେ ୨ଜଣ ଦୁର୍ବୃତ୍ତ ତାଙ୍କ ସୁନା ଅଳଙ୍କାର ଧରି ଚମ୍ପଟ ମାରିଛନ୍ତି। ଏ ନେଇ ସମ୍ପୃକ୍ତ ମହିଳା ଜଣଙ୍କ ଛେଣ୍ଡ ଥାନାରେ ଏତଲା ଦେଇଥିବା ବେଳେ ରାତି ୯ଟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁସାରେ, ଛେଣ୍ଡ ଅଞ୍ଚଳରେ ସକାଳ ସାଢ଼େ ୮ଟା ସମୟରେ ଛେଣ୍ଡ-୧ ଏନ୍-୭୨ରେ ରହୁଥିବା ଅଭିସ୍ମିତା ରାଉତ ନାମକ ମହିଳା ତାଙ୍କ ପୁଅକୁ ନିକଟସ୍ଥ କିଡ୍ସ କିନ୍‌ଡର ଗାର୍ଡେନରେ ଛାଡ଼ି ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ହିନ୍ଦୀରେ କଥା ହେଉଥିବା ଦୁର୍ବୃତ୍ତ ଅଭିସ୍ମିତାଙ୍କୁ କିଛି ପଚାରି କଥା ହେବାକୁ ଆରମ୍ଭ କରିଥିଲେ। ଉକ୍ତ ଦୁର୍ବୃତ୍ତ ଅଭିସ୍ମିତାଙ୍କୁ କହିଥିଲେ, ତୁମ ଘରେ କେହି ଅସୁସ୍ଥ ଅଛନ୍ତି। ତୁମର ଭୁଲ ଯୋଗୁ ପରିସ୍ଥିତି ଖରାପ ହେଉଛି। ତୁମେ ପୂଜା ପାଇଁ କିଛି କର୍ପୂର, ସୁନାଗହଣା ଦେଲେ ପୂଜାପାଠ କରାଯିବ। ଗ୍ରହ ଶାନ୍ତି କରାଯିବ। ଏହାପରେ ମହିଳା ଜଣଙ୍କ କର୍ପୂର ଓ ପିନ୍ଧିଥିବା ସୁନା ଗହଣା ଖୋଲି ସେମାନଙ୍କୁ ଦେଇଥିଲେ। ଏହାପରେ ଦୁର୍ବୃତ୍ତ ଦ୍ୱୟ ୮୦ ପାଦ ଚାଲି ଆଗକୁ ଯାଅ। ପୂଜା ପରେ ତୁମେ ଗହଣା ନେଇଯିବ ବୋଲି କହିଥିଲେ। ମହିଳା ଜଣଙ୍କ ୮୦ ପାଦ ଚାଲି ଫେରିବା ବେଳକୁ ଦୁର୍ବୃତ୍ତ ଦ୍ୱୟ ସୁନାଗହଣା ଧରି ଚମ୍ପଟ ମାରିଥିଲେ।

## ବ୍ରାଉନ ସୁଗାର ଜବତ, ୪ ଗିରଫ

**ରାଉରକେଲା,୧୭।୭(ଦିନେଶ ମିଶ୍ର)**

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳର ବ୍ରାଉନସୁଗାର ଚାଲାଣ ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାନ୍ଧୀରୋଡ୍ ଅଞ୍ଚଳର କରନ ସିଂ(୨୬), ଡେଭିଡ ଓରଫ୍ ରାଜେଶ ଆନ୍ଥୋନି(୩୧), ପ୍ରଦୀପ ଯାଦବ(୨୪) ଏବଂ ରାଜ ରୟ(୨୮)। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୦।୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ରବିବାର ଅପରାହ୍ନ ସାଢେ ୪ଟାରେ କିଛି ଯୁବକ ବିଶ୍ରା ଅଞ୍ଚଳରୁ ଏକ କାର୍ (ନଂ.ଓଆରଓ୨ବିଜେ/୦୦୦୫) ଯୋଗେ ବ୍ରାଉନ ସୁଗାର ନେଇ ରାଉରକେଲା ଗୋପବନ୍ଧୁପାଲି ଅଭିମୁଖେ ଯାଉଥିଲେ। ପ୍ଲାଣ୍ଟସାଇଟ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବିଶ୍ରା ଛକ ସିଆଇଏସ୍‌ଏଫ୍ ଗେଟ୍ ସମ୍ମୁଖରେ ଉକ୍ତ କାର୍‌କୁ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୧୦୩ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା।

## ନୀଳଶୈଳ କଲେଜରେ ବୃକ୍ଷରୋପଣ



ଅତିଥି ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

**ରାଉରକେଲା,୧୭।୭(ସଙ୍ଗୀତା ଜେନା)**

ରାଉରକେଲା ଜଗଦା ସ୍ଥିତ ନୀଳଶୈଳ କଲେଜରେ ରାଷ୍ଟ୍ରୀୟ ସେବା ଯୋଜନା ଶାଖା ଓ ଯୁବ ରେଡକ୍ରସ ଶାଖାର ମିଳିତ ଆନୁକୂଲ୍ୟରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ଅଧ୍ୟାପିକା ତୃପ୍ତିରେଖା ପାତ୍ର, ଅଧ୍ୟାପିକା ନିତୁ ମାରାଣ୍ଡିଙ୍କ ତତ୍ତ୍ୱାବଧାନ ଏବଂ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଭାତ ରାଉତ ଓ ଗଣିତ ବିଭାଗର ଅଧ୍ୟାପକ ଶ୍ରୀକାନ୍ତ ଷଡଙ୍ଗୀ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପିକା ଡ. ଅଞ୍ଜନା ନାୟକ, ସଞ୍ଜିତ ଭୂୟାଁ, ବିଜୟ ଦାସ, ଅଧ୍ୟାପିକା ସୁନୀତା ଏକ୍କା, ପଦ୍ମାବତୀ ମୁର୍ମୁ, ଲୋଚନା ବାରିକ, ପ୍ରିୟଙ୍କା ପୂର୍ତ୍ତି, ଅର୍ଚ୍ଚନା ଭୋଇ, ଶୀତଲ ମିଞ୍ଜ, ଡ. ନେହା ଶର୍ମା, ଡ. ରଞ୍ଜିତା ଓରାମ, ଗୁରୁ ପ୍ରସନ୍ନ ରାୟ, ପ୍ରଶାନ୍ତ ମହାପାତ୍ର, ସୌମ୍ୟ କର, କେ. ଭୀମ, ଅନିଲ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଶତାଧିକ ଫଳଫୁଲ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା।

## ସ୍କୁଲରେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର

**ରାଉରକେଲା,୧୭।୭(ଦିନେଶ ମିଶ୍ର)**

ରାଉରକେଲା ନୟାବଜାର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପାଚିକା ଓ ସହାୟିକାମାନଙ୍କ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍‌ଡି ଇମ୍‌ରାନ ଖାନ୍ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସିଆରସିସି ସିପ୍ରା ସାହୁ, ଦୀପକ କୁମାର ସାମଲଙ୍କ ସମେତ ୩ଟି କ୍ଲଷ୍ଟରରୁ ଆସିଥିବା ୫୨ ଜଣ ପାଚିକା ଓ ସହାୟିକା ଯୋଗଦାନ କରିଥିଲେ। ଶିବିରରେ ବିଶ୍ରା ବିଇଓ ବେଣୁଧର ସ୍ୱାଇଁ ଯୋଗଦେଇ ପାଚିକାମାନେ ନିଜେ କିପରି ପରିଷ୍କାର ପରିଚ୍ଛନ୍ନ ରହିବେ ଏବଂ ବିଦ୍ୟାଳୟରେ କିଭଳି ସ୍ୱଚ୍ଛତା ରଖି ବିଦ୍ୟାର୍ଥୀମାନଙ୍କୁ ଖାଦ୍ୟ ପରିବେଷଣ କରିବେ ସେ ନେଇ ମତପ୍ରକାଶ କରିଥିଲେ। ଲକ୍ଷ୍ମୀଦେବୀ, ସିପ୍ରା ସାହୁ, ପ୍ରତାପ ରାଉତ, ବଳରାମ ଦାସ, ଗୋବିନ୍ଦ ଚନ୍ଦ୍ର ସେଠୀ, ସୁଷମା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଶ୍ନପତ୍ର ମାଧ୍ୟମରେ ପାଚିକା ଓ ସହାୟିକାମାନଙ୍କ ମୂଲ୍ୟାଙ୍କନ କରି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଆହତ ଶ୍ରମିକଙ୍କୁ ସହଯୋଗ କରୁନାହାନ୍ତି ଠିକାଦାର

**ରାଉରକେଲା, ୧୭।୭(ସଙ୍ଗୀତା ଜେନା)**

ଗତ ୨ ତାରିଖରେ ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ନିର୍ମାଣ କାମ କରୁଥିବା ବେଳେ ଜଣେ ମହିଳା ଶ୍ରମିକ ସୁଷମା ଗୌଡ଼(୫୦) ଆହତ ହୋଇଥିଲେ। ଏଥିରେ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମାଜସେବୀ ମୀନତି ଦେବତା, ସୁରଜିତ ନନ୍ଦ ଓ ପରିବାରବର୍ଗ ତାଙ୍କ ଚିକିତ୍ସା ପାଇଁ ରାଉରକେଲା ଏଡିଏମ୍‌ଙ୍କୁ ନିବେଦନ କରିଥିଲେ। ଏଡିଏମ୍ ରେଡ଼କ୍ରସ ପାଣ୍ଠିରୁ ୭ହଜାର ଟଙ୍କା ସାହାଯ୍ୟ କରିଥିଲେ। ତାଙ୍କ ଚିକିତ୍ସା ଚାଲୁଥିବା ବେଳେ ସୁଷମାଙ୍କୁ କାମରେ ଲଗାଇଥିବା ଠିକାଦାର କୌଣସି ସହଯୋଗ କରି ନ ଥିଲେ। ଏପରିକି ତାଙ୍କୁ ସୁଷମାଙ୍କ ପରିବାରବର୍ଗ ଯୋଗାଯୋଗ କରିଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଫଳରେ ସୋମବାର ସୁଷମାଙ୍କ ପତି ମୋହନ ଗୌଡ଼, ପୁଅ ଝିରପାଣି

**ନ୍ୟାୟ ପାଇଁ ପରିବାରବର୍ଗ ଥାନାର ଦ୍ୱାରସ୍ଥ**

ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଥାନାରେ ଠିକାଦାର ଓ ଶ୍ରମିକ ଯୋଗାଣ କରୁଥିବା ମଧ୍ୟସ୍ଥଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ମୋହନ କହିଛନ୍ତି। ଅପରପକ୍ଷେ ସୁଷମାଙ୍କ ଅବସ୍ଥା ଗୁରୁତର ଥିବାରୁ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଝିରପାଣି ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।




ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଆହତ ଶ୍ରମିକଙ୍କ ପରିବାର ଲୋକେ।

## ରାଉରକେଲାରେ ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ ପ୍ରିମିୟମ ଶୋ'ରୁମ୍

**ରାଉରକେଲା,୧୭।୭(ଦିନେଶ ମିଶ୍ର)**

ରାଉରକେଲା ଡେଲିମାର୍କେଟ ସ୍ଥିତ ହରିୟାଣା ଭବନ ନିକଟରେ ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ ପ୍ରିମିୟମ ଶୋ'ରୁମ୍ ପ୍ରଥମ ଥର ପାଇଁ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଶୋ'ରୁମ୍‌କୁ ପ୍ରେଷ୍ଟିଜ୍‌ର ପୂର୍ବତନ ଶାଖା ପରିଚାଳକ ଅଙ୍କିତ କୁମାର ଓ ଓଡ଼ିଶାର ଏରିଆ ସେଲ୍ସ ମ୍ୟାନେଜର ପ୍ରବୀଣ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶୋ'ରୁମ୍‌ରେ ପ୍ରେଷ୍ଟିଜ୍ କମ୍ପାନୀର ସମସ୍ତ ପ୍ରକାର କିଚେନ୍ ଓ୍ୱାର ଓ ସ୍ମଲ ଆପ୍‌ଲାଇସେନ୍ସ ସାମଗ୍ରୀ ଉପଲବ୍ଧ ରହିଛି। ଶୋ'ରୁମ୍‌ରେ ଗ୍ରାହକଙ୍କ ପାଇଁ ପ୍ରେଷ୍ଟିଜ୍‌ର ଡବଲ ଇଣ୍ଡକେଶନ୍, ସ୍ମାର୍ଟ ରାଇସ୍ କୁକର, ୱାଇଫାଇ କେଟିଲ, ଫ୍ଲିପନ୍ ପ୍ରେସର କୁକର, ସ୍ୱଚ୍ଛ ଗ୍ୟାସ୍ ଷ୍ଟୋଭ ଭଳି ଅତ୍ୟାଧୁନିକ ଘରୋଇ ଉପକରଣ ରହିଛି। ଏଥିସହ ପ୍ରେଷ୍ଟିଜ୍‌ର ପ୍ରେସର କୁକର, କୁକ୍‌ଓ୍ୱାର, ଗ୍ୟାସଚୁଲା, ଗ୍ୟାସ୍ ଷ୍ଟୋଭ, ଇଣ୍ଡକଶନ୍, ମିକ୍ସଚର ଗ୍ରାଇଣ୍ଡର, ରାଇସ କୁକର, ରୋଟି ମେକ୍‌ର, ଓଟିଜି, ଆଇରନ




ପ୍ରେଷ୍ଟିଜ୍ କମ୍ପାନୀର ଓଡ଼ିଶା ସେଲ୍ସ ମ୍ୟାନେଜର ଏବଂ କର୍ମଚାରୀଙ୍କ ସହ ରାଉରକେଲା ଏକ୍ସକ୍ଲୁଜିଭ ଶୋ'ରୁମ୍ ଅଧିକାରୀ।

ଫ୍ଲାକ୍ସ, ତାୱା, ଫାଇପେନ୍ ସ୍ୱିନ୍ ମଗ୍ ଭଳି ପ୍ରାୟ ୨୩୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ଗୋଟିଏ ଶୋରୁମ୍ ଛାତ ତଳେ ଗ୍ରାହକମାନେ ପାଇପାରିବେ। ଏହିସବୁ ସାମଗ୍ରୀ କିଣିବା ପାଇ ଗ୍ରାହକଙ୍କ ପାଇଁ ଇଏମ୍‌ଆଇ ବ୍ୟବସ୍ଥା ସାଙ୍ଗକୁ ମାଗଣା ଘରୋଇ ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏହି ଶୋ'ରୁମ୍‌ରୁ କୌଣସି ସାମଗ୍ରୀ କିଣିଥିବା ପ୍ରଥମ ୫୦ଜଣ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉପହାର ବ୍ୟବସ୍ଥା କରାଯାଇଛି। ରାଉରକେଲାରେ ଉଦ୍‌ଘାଟିତ ପ୍ରେଷ୍ଟିଜ୍‌ର ଏକ୍ସକ୍ଲୁଜିଭ ଶୋ'ରୁମ୍ ପରିଚାଳକ ଭାବେ ଚନ୍ଦୁଲାଲ ଗୁପ୍ତା ଓ ସୁମିତ ଗୁପ୍ତା ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୋ'ରୁମ୍ ଉଦ୍‌ଘାଟନୀ ଉତ୍ସବରେ ସୌମ୍ୟଦୀପ ରୟ, ସୁଜିତ କୁମାର ନାୟକ, ଅମିତ କୁମାର ଭୂୟାଁ, ବୃନ୍ଦାବନ ବାରିକଙ୍କ ସମେତ କମ୍ପାନୀର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ରାଉରକେଲାରେ ଖୋଲିଥିବା ପ୍ରେଷ୍ଟିଜ୍ କମ୍ପାନୀର ଏହି ଶୋ'ରୁମ୍‌ରେ ମାତ୍ର ୧୪୫ ଟଙ୍କାରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ ଘରୋଇ ଉପକରଣ ଉପଲବ୍ଧ ରହିଛି। ସହରବାସୀ ଏହାର ଭରପୂର ସୁଯୋଗ ନେବା ପାଇଁ ଓଡ଼ିଶାର ଏରିଆ ସେଲ୍ସ ମ୍ୟାନେଜର ପାତ୍ର ନିବେଦନ କରିଛନ୍ତି।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

କୁଚିଣ୍ଡା (ବିରଞ୍ଚି ଦର୍ଶା): ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ଧୁରୁଆଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ କେଶାଇବାହାଲ, କବରାବାହାଲ, ମହୁଲପାଲି, ବାବୁନିକ୍ତିମାଲ ଓ ତୁରେଇ ଏଭଳି ୫ଟି ପଞ୍ଚାୟତରୁ ମାତ୍ର ୩ ଗୋଟି ଅଭିଯୋଗ ଆସିଥିଲା। ସ୍ଥାନୀୟ ସରପଞ୍ଚ ବାଣେଶ୍ୱର ନାଏକ, ଡବ୍ଲ୍ୟୁଇଓ ରଞ୍ଜନ ରାମ, ବିଆରସିସି ହୃଦାନନ୍ଦ ପ୍ରଧାନ, ଯୋଗାଣ ଅଧିକାରୀ ସୁମିତ୍ରା ଓରାମ, ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜକ ସଞ୍ଜୟ ରାଉତ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସତ୍ୟଜିତ ନାଥ, ଫରେଷ୍ଟ ଗାର୍ଡ ସୁରଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ପିସିସି ସଭାପତିଙ୍କ କୁଶ ପୁତ୍ତଳିକା ଦାହ, ମହାନଗର ନିଗମ ଅନ୍ତର୍ଗତ ଭାଲୁପାଲି ଛକ, ମଧ୍ୟାହ୍ନ ୧୨ଟା।
- ବିରାଟ ଇନ୍‌ଷ୍ଟିଚ୍ୟୁଟ ଆୟୋଜିତ ସମ୍ମାନ ଉତ୍ସବ, ତପସ୍ୱିନୀ ପ୍ରେକ୍ଷାଳୟ, ଅପରାହ୍ନ ୪ଟା।
- ସାହିତ୍ୟିକ ଲକ୍ଷ୍ମୀନାଥ ବେଜବରୁଆଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଭୂମି ପୂଜନ, କଚେରି ଛକ, ଅପରାହ୍ନ ୫ଟା।
- ମହରମ ସକାଶେ ଶାନ୍ତି କମିଟି ବୈଠକ, ଜିଲାପରିଷଦ ସଭାକକ୍ଷ, ଅପରାହ୍ନ ୪ଟା।

## ସଂକ୍ଷେପରେ

### ତାଲପଦର ଗ୍ରାମରେ ସାମୂହିକ ବୃକ୍ଷ ରୋପଣ

ସମ୍ବଲପୁର,୧୭।୭(ବି.ଶଙ୍କର): ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ପୋଷ୍ୟ ଗ୍ରାମ ତାଲପଦରଠାରେ ସାମୂହିକ ବୃକ୍ଷ ରୋପଣ କରାଯାଇଛି। ସକାଳ ୮ଟା ସମୟରେ ଶାଖାର ସମସ୍ତ ସଦସ୍ୟ ଓ ତାଲପଦର ଗ୍ରାମବାସୀ ଏକାଠି ହୋଇ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ସମ୍ବଲପୁର ଶାଖା ସଭାପତି ମକରଧ୍ୱଜ ଯୋଷୀ, ସମ୍ପାଦକ ଏସ୍ କୁମାର ସାହୁ, ଅର୍ଥସଚିବ ନିରଜ ସିଂହ, ଶାଖା ସଂସ୍କାର ସଚିବ ଭକ୍ତପ୍ରସାଦ ନନ୍ଦ, ରାଜ୍ୟ ସଭାପତି ଡାକ୍ତର ବିନୋଦ ବିହାରୀ ନାଏକ, ଡାକ୍ତର ଶର୍ମିଳା ପ୍ରଧାନ, ପ୍ରାନ୍ତ ମହିଳା ସଚିବ ଭାରତୀ ଠାକୁର, କ୍ଷେତ୍ରୀୟ ସଚିବ ଶ୍ୟାମସୁନ୍ଦର ଶର୍ମା, ପ୍ରାନ୍ତ ସଂସ୍କାର ସଚିବ ଡାକ୍ତର ରଶ୍ମିରେଖା ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଚିତ୍ତରଞ୍ଜନ ବାଗଙ୍କୁ ସ୍ୱାଗତ

ସମ୍ବଲପୁର,୧୭।୭(ଶୁଭାଶିଷ ପାଢୀ): ଭୁବନେଶ୍ୱରଠାରେ କଳିଙ୍ଗ ଗୌରବ ସମ୍ମାନ ୨୦୨୩ ପାଇ ସମ୍ବଲପୁର ଫେରିବା ପରେ ଚିତ୍ତରଞ୍ଜନ ବାଗଙ୍କୁ ସହରର କଚେରି ଛକରେ ସୋମବାର ଛତାବର ଆଦିବାସୀ ମୁଣ୍ଡା ସମାଜ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ମୁଣ୍ଡା ସମାଜର ହୃଷୀକେଶ ମୁଣ୍ଡା, ରାଜକୁମାର ମୁଣ୍ଡା, ମାନଭଞ୍ଜନ ପଶାୟତ ପ୍ରମୁଖ ଉପସ୍ଥିତ ରହିଥିଲେ। କଳିଙ୍ଗ ସମ୍ମାନ ପାଇ ଚିତ୍ତରଞ୍ଜନ ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି କର୍ମକର୍ତ୍ତା କହିଥିଲେ।

### ମହିଳା ମହାବିଦ୍ୟାଳୟର ୬୫ତମ ସ୍ୱନକ୍ଷତ୍ର ଦିବସ

ସମ୍ବଲପୁର,୧୭।୭(ବି.ଶଙ୍କର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ୬୫ତମ ସ୍ୱନକ୍ଷତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷଠାରେ ଆୟୋଜିତ ଉତ୍ସବରେ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁରକୁ ଶ୍ରେଷ୍ଠ ୫୦ ନଗର ମଧରେ ପହଞ୍ଚାଇବାର ଦାୟିତ୍ୱ ଆଜିର ଯୁବସମାଜର ବୋଲି ସେ କହିଛନ୍ତି। ଉତ୍ସବରେ ଇଞ୍ଜିନିୟର କରୁଣାକର ସୁପକାରଙ୍କ ଦ୍ୱାରା ସ୍ଥାପିତ ଜନାର୍ଦ୍ଦନ ସୁପକାର ସ୍ମୃତି ପୁରସ୍କାର ଦିଆଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ ଯୁକ୍ତଦୁଇ ଓ ଯୁକ୍ତତିନିର ୧୦ ଶ୍ରେଷ୍ଠ ଛାତ୍ରୀଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଫେସର ଉମା ଶଙ୍କର ଦାଶ ଅତିଥି ପରିଚୟ ଓ ପ୍ରଫେସର ଜିତେନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଲେଜ ଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ମୋହରା କରାଯାଉଛି: ଏବିଭିପି

ସମ୍ବଲପୁର,୧୭।୭ (ଶୁଭାଶିଷ ପାଢୀ): ୫-ଟି ସଚିବ ଭିକେ ପାଣ୍ଡିଆନ୍ ଦୁଇଦିନିଆ ସମ୍ବଲପୁର ଜିଲା ଗସ୍ତସାରି ଫେରି ଯାଇଛନ୍ତି। ତାଙ୍କ ଗସ୍ତ ସମୟରେ ସ୍କୁଲ ପିଲାଙ୍କୁ ମୋହରା କରି ସଭା କରାଯାଇଥିଲା। ଛାତ୍ର ନିର୍ବାଚନ ବନ୍ଦ କରି ରାଜ୍ୟ ସରକାର ଏବେ ପୁଣି ରାଜନୀତିରେ ବଳପୂର୍ବକ ପିଲାଙ୍କୁ ସାମିଲ କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଏବିଭିପି ପକ୍ଷରୁ ଅଭିଯୋଗ କରାଯାଇଛି। କର୍ମକର୍ତ୍ତା ଅଭିଯୋଗ କରିଥିଲେ, ପୂର୍ବରୁ କନ୍ଧମାଳ ଓ ବରଗଡ ଜିଲାରେ କଲେଜ ଅଧକ୍ଷମାନଙ୍କୁ ଚିଠି କରି ଛାତ୍ରୀଛାତ୍ରଙ୍କୁ ସଭାକୁ ନେବା ଭଳି ଘଟଣା ଘଟିଥିଲା, ଯାହାକି ଲଜ୍ଜାଜନକ। ୫-ଟି ସଚିବଙ୍କ ସଭାକୁ ବିରୋଧ କରିବାରୁ ଅନେକ ଛାତ୍ରୀଛାତ୍ରଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଶେତାଂଶୁ ଶେଖର ବରାଇ, ପ୍ରିତିଶ କର, ଯସବର୍ଦ୍ଧନ ତିୱାରୀ, ସିମରନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ମଧରେ ଏକାଗ୍ରତା ଜରୁରୀ

## ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୧୭।୭(ବି.ଶଙ୍କର)


ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା ଓ ବିଶ୍ୱଶାନ୍ତି ସକାଶେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ପ୍ରଶିକ୍ଷିକା ଦୀପାଳି ଚୌଧୁରୀ ଯୋଗଦେଇ ମହାପୁରୁଷଙ୍କ ଜୀବନୀ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏକାଗ୍ରତା ଓ ନିଷ୍ଠା ବିବେକାନନ୍ଦଙ୍କୁ ସ୍ୱାମୀଜୀ ଭାବେ ପରିଚିତ କରାଇଥିଲା। ତେଣୁ ଛାତ୍ରୀଛାତ୍ରଙ୍କ ମଧରେ ଏକାଗ୍ରତା ସୃଷ୍ଟି ହେଲେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଏହି ଉପଲକ୍ଷେ ଧନୁପାଲି ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ସ୍ୱାମୀଜୀଙ୍କ ଏକ ଫଟୋଚିତ୍ରକୁ ଲାଇବ୍ରେରୀର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ ଯୋଗଦେଇ ସ୍ମରଣ ଶକ୍ତି ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ। ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ପ୍ରଫେସର ରବିନାରାୟଣ ମିଶ୍ର, ଡା. ଜୟଦେବ ମେହେର, ପ୍ରଫେସର ଦେବେନ୍ଦ୍ର ପଣ୍ଡା, ପୃଥ୍ୱିରାଜ ମିଶ୍ର, ଡ. ଅଶୋକ ହୋତା ଉଦିତଚନ୍ଦ୍ର ପାଟଯୋଶୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୧୫ ହାଇସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଜାତୀୟ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ପ୍ରୋଗ୍ରେସିଭ ସମ୍ବଲପୁରର ଦାବି

ସମ୍ବଲପୁର,୧୭।୭ (ଶୁଭାଶିଷ ପାଢୀ)

ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ଦାବି କରାଯାଇଛି। ଅନୁଷ୍ଠାନ ପକ୍ଷରୁ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ଏକ ମିନି ଷ୍ଟାଡିୟମ, ପାଠାଗାର ଉନ୍ନତୀକରଣ ଓ କର୍ମଚାରୀ ନିଯୁକ୍ତି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ପର୍ଯ୍ୟାପ୍ତ ଶ୍ରେଣୀଗୃହ, ପାଠାଗାର ନବୀକରଣ, ହୀରାକୁଦ ଶିଳ୍ପ ତାଲିମ କେନ୍ଦ୍ରର ଭିତ୍ତିଭୂମି ବିକାଶ, ବୁର୍ଲା କଲେଜର ନୂତନ କୋଠା, କୁଚିଣ୍ଡା ମହାବିଦ୍ୟାଳୟ ପାଇଁ ଉନ୍ନତ ପାଠଗାର, ସ୍ମାର୍ଟ ଶ୍ରେଣୀଗୃହ, ରେଢ଼ାଖୋଲ ଭୀମ ଭୋଇ ମହାବିଦ୍ୟାଳୟ ପାଇଁ ଏକ କମ୍ପ୍ୟୁଟର ଓ ପରିସଂଖ୍ୟାନ ମୂଳକ ଗବେଷଣାଗାର, ନାକଟିଦେଉଳ ମହାବିଦ୍ୟାଳୟ ପାଇଁ ଏକ ପ୍ରେକ୍ଷାଳୟ, ଯୁଯୁମୁରା ପାର୍ବତୀ ଗିରି ମହାବିଦ୍ୟାଳୟରେ ପାଠାଗାର ବ୍ୟବସ୍ଥା, ଧମାସ୍ଥିତ ମା' ଝଡ଼େଶ୍ୱରୀ ମହାବିଦ୍ୟାଳୟରେ ଜଳଯୋଗାଣ ସୁବିଧା, ପିଲାଙ୍କ ପାଇଁ ଖେଳପଡିଆ, ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟରେ ପ୍ରେକ୍ଷାଳୟ ଆଦି ଅନ୍ୟତମ। ଉପଦେଷ୍ଟା ସଞ୍ଜିତ ମହାନ୍ତି, ମିଲନ ହୋତା, ସୁମିତ ପଟେଲ, ଦେବ ପଟ୍ଟନାୟକ, ଚିମନ୍ ପ୍ରଧାନ, ନିଖିଲ ବାବୁ, ଶୁଭମ୍ ମହାନ୍ତି, ସୁଦେସ ପଣ୍ଡା, ଅନୁଜ ଛତ୍ରିଆ, ପ୍ରଞ୍ଜଳ ଧାରୁଆ, ସୁମିତ ମହାପାତ୍ର, ସିପୁନ ମହାପାତ୍ର, ରାଜେଶ୍ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୭।୭(ଶୁଭାଶିଷ ପାଢୀ)



ସ୍କୁଲ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରେ କଟକ ମୁଣ୍ଡୁଳିସ୍ଥିତ ତୃତୀୟ ବାଟାଲିୟନ ଓ ଜିଲା ପ୍ରଶାସନ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କୁ ବାତ୍ୟା ସମୟରେ ଉଦ୍ଧାର, ଭୂମିକମ୍ପ ସମୟରେ କ'ଣ କରିବେ ବା କ'ଣ କରିବେନି, ସାପ କାମୁଡ଼ିଲେ କିଭଳି ପଦକ୍ଷେପ ନେବେ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ୨୬୫ ଜଣ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ୧୮ରେ ଝାଡ଼େଶ୍ୱରୀ କଲେଜ ଧମା, ୧୯ରେ ଭୀମଭୋଇ କଲେଜ ରେଢ଼ାଖୋଲ,୨୦ ଓ ୨୧ରେ ଇଣ୍ଡିଆନ ଅଏଲ କର୍ପୋରେଶନ ନକ୍ସପାଲି, ୨୪ରେ ମହୁଲପାଲି ହାଇସ୍କୁଲ ଯୁଯୁମୁରା, ୨୫ରେ ଜମନକିରା ଡିଗ୍ରୀ କଲେଜ, ୨୬ରେ ସୁରଜମଲ ଡିଗ୍ରୀ କଲେଜ ରେଙ୍ଗାଲି, ୨୭ରେ ଭୂଷଣ ପାୱାର ଏବଂ ଷ୍ଟିଲ ଲିମିଟେଡ୍ ଠେଲକୋଲି, ୨୯ରେ ଜିଲା ପରିଷଦ ସମ୍ମିଳନୀ କକ୍ଷ ସମ୍ବଲପୁରଠାରେ କାର୍ଯ୍ୟକ୍ରମ କରାଯିବ। ଏଥିରେ ବିଭିନ୍ନ ଷ୍ଟେକ ହୋଲଡର, କଲେଜ ଓ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିବେ।

## ବିଦ୍ୟୁତ୍ ବିଭ୍ରାଟ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

କୁଚିଣ୍ଡା,୧୭।୭(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକର ବକ୍ସମା ପଞ୍ଚାୟତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ଅନ୍ଧାରରେ ରହୁଥିବା ଅଭିଯୋଗ କରିଛନ୍ତି। ଶନିବାର ସକାଳୁ ବିଦ୍ୟୁତ୍ କଟି ରାତି ପ୍ରାୟ ୭ଟାରେ ଆସିଥିଲା। ସେହିଭଳି ରବିବାର ସକାଳେ ଓ ଅପରାହ୍ନରେ କିଛିସମୟ ପାଇଁ ଲାଇନ ଆସି ପୁଣି କଟିଥିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବକ୍ସମା ଅଞ୍ଚଳକୁ ଲସା ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ ହେଉଥିବା ବେଳେ ଅଧିକାଂଶ ସମୟ ଏଭଳି ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କ ବେପରୁଆ ନୀତି ଯୋଗୁ ଏଭଳି ସମସ୍ୟା ଦେଖାଦେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ଡିଭିଜନ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ପଣ୍ଡାଙ୍କ ମତାମତ ନିଆଯିବାରୁ ବିଦ୍ୟୁତ୍ ସମସ୍ୟାକୁ ସ୍ୱୀକାର କରି ପ୍ରବଳ ବର୍ଷା ଓ ବିଜୁଳି ଯୋଗୁ ଏଭଳି ବିଭ୍ରାଟ ହେଉଛି। କର୍ମଚାରୀ କାମ କରୁଛନ୍ତି, ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ପାଣିରେ ପଶି ଯାଉଛନ୍ତି ସ୍କୁଲ ପିଲା


ରେମେଡ ସ୍କୁଲ ପରିସର ଜଳାର୍ଣ୍ଣବ ହୋଇପଡିଛି।

ସମ୍ବଲପୁର,୧୭।୭ (ଶୁଭାଶିଷ ପାଢୀ)

ଲଗାଣ ବର୍ଷା ଯୋଗୁ ସମ୍ବଲପୁର ମହାନଗର ନିଗମ ରେମେଡସ୍ଥିତ ପ୍ରାଥମିକ ସ୍କୁଲ ପରିସର ଜଳାର୍ଣ୍ଣବ ହୋଇପଡିଛି। ଏଠାରେ ଅଙ୍ଗନୱାଡି କେନ୍ଦ୍ର ସହ ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ବିପଦପୂର୍ଣ୍ଣ ଭାବେ ପିଲାମାନେ ପାଣିରେ ପଶି ଯା'ଆସ କରୁଛନ୍ତି। ସ୍କୁଲ ଗେଟ୍‌ରୁ କ୍ଲାସରୁମ ପର୍ଯ୍ୟନ୍ତ ଯିବା ପାଇଁ ଡଙ୍ଗା ଦରକାର ବୋଲି ପିଲାଙ୍କୁ କାଖେଇ ନେଇ ଯାଉଥିବା ଜଣେ ଅଙ୍ଗନୱାଡି କର୍ମୀ କହୁଥିବା ଭିଡିଓ ଭାଇରାଲ ହୋଇଛି। ଘଟଣାସ୍ଥଳରେ ପରିଚାଳନା କମିଟି ସଦସ୍ୟ, ଅଭିଭାବକମାନେ ମଧ ପହଞ୍ଚି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ନ ଥିବାରୁ ଆଣ୍ଠୁଏ ପାଣି ଜମି ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ।

# ଗୋଣ୍ଡୱାନା ଗୋଣ୍ଡ ସମାଜର ସଭା

କୁଚିଣ୍ଡା,୧୭।୭(ବିରଞ୍ଚି ଦର୍ଶା)



କର୍ମକର୍ତ୍ତାମାନେ ଚାରା ରୋପଣ କରୁଛନ୍ତି।

ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ବାମରା ବ୍ଲକ ଅଧୀନ ତଳସରା ଆଞ୍ଚଳିକ କମିଟି ପକ୍ଷରୁ ମୁଣ୍ଡକଟା ଗ୍ରାମରେ ରବିବାର ଏକ ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କମିଟି ମହାସଚିବ କୁଳମଣି ବରିହାଙ୍କ ଆହ୍ୱାନ କ୍ରମେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କମିଟି ମହାସଚିବ ପ୍ରଫୁଲ୍ଲ କୁମୁରା ମୁଖ୍ୟଅତିଥି, ପରିଷଦ ସଭାପତି ଅଚ୍ୟୁତ ନାଏକ ମୁଖ୍ୟବକ୍ତା, ରାଜ୍ୟ ମହିଳା ଉପସଭାନେତ୍ରୀ ବୀଣାପାଣି ନାଏକ, ଅରୁଣ ଭୋଇ, ସଦାଶିବ ଭୋଇ, ସୁଖମନି ଧୁରୁଆ,ପ୍ରଦୀପ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ଗୋଣ୍ଡ ସମାଜର ସଂଗଠନ, ସାମାଜିକ ସମ୍ବିଧାନର କାର୍ଯ୍ୟକାରିତା ଓ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସମାଜ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଏକାନ୍ତ ନାଏକ, ଗୁରୁଚରଣ ନାଏକ, କୈଳାସ ନାଏକ, ଯଜ୍ଞ ପ୍ରସାଦ ନାଏକ, ତରୁଲତା ନାଏକ, ବଳରାମ ନାଏକ, ଲିଲିମା ନାଏକ,ଗୀତାଞ୍ଜଳି ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାଜ୍ୟ ଯୁବ କମିଟି ସଭାପତି ସୌମ୍ୟ ରଞ୍ଜନ ନାଏକ ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷାକୁ ଗୁରୁତ୍ୱ

ସମ୍ବଲପୁର,୧୭।୭(ଶୁଭାଶିଷ ପାଢୀ)

ସମ୍ବଲପୁର ରୋଟାରୀ କ୍ଲବ ଅଫ୍ ସେଣ୍ଟ୍ରାଲ ପକ୍ଷରୁ ୩୨ତମ ଅଧିଷ୍ଠାନ ସମାରୋହ ଭିଏସ୍ଏସ୍ ମାର୍ଗର ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୧ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସଞ୍ଜିତ ସିଂ ଅରୋରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ରୋଟାରୀ କ୍ଲବ୍ ଅଫ ସମ୍ବଲପୁର ସେଣ୍ଟ୍ରାଲର ନୂତନ ସଭାପତି ଭାବରେ ଅମିତ ଅଗ୍ରୱାଲ, ସମ୍ପାଦକ ଭାବରେ ସୁନିଲ ଅଗ୍ରୱାଲଙ୍କ ସମେତ ନୂତନ ସଦସ୍ୟମାନେ ଶପଥ ନେଇ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ସଭାପତି ଅଗ୍ରୱାଲ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ପ୍ରମୋଦ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବରିଷ୍ଠ ରୋଟାରିଆନ ଉପସ୍ଥିତ ଥିଲେ।

# ରାସ୍ତା ସମସ୍ୟା: ୫-ଟି ସଚିବଙ୍କୁ ଦାବିପତ୍ର

ନାକଟିଦେଉଳ,୧୭।୭(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମପଞ୍ଚାୟତ ବ୍ରାହ୍ମଣୀ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରବିବାର ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ରେଢାଖୋଲ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ଗ୍ରାମବାସୀ ଏହି ସମସ୍ୟା ନେଇ ତାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି, ଗ୍ରାମପଞ୍ଚାୟତ, ବ୍ଲକ, ତହସିଲ ଆଦି କାର୍ଯ୍ୟାଳୟକୁ ଗଲେ ଜଣକ ବିଲର ହୁଡା ଉପରେ ନିର୍ଭର କରୁଛନ୍ତି। ଲୋକେ କୌଣସି ରୋଗବ୍ୟାଧିରେ ପଡିଲେ ଏହି ବିଲ ହୁଡାରେ ଖଟିଆରେ ବୋହି ମୁଖ୍ୟରାସ୍ତାକୁ ନେଉଛନ୍ତି। ସରକାର ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବିନିଯୋଗ କରୁଥିବା ବେଳେ ଏହାର ସୁଫଳ ପାଇପାରୁ ନାହାନ୍ତି। ବିଗତ ଦିନରେ ଗ୍ରାମବାସୀ ବ୍ଲକ, ଉପଖଣ୍ଡ, ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ ସମାଧାନ ହୋଇପାରିନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି।

## ୩ ଦିବ୍ୟାଙ୍ଗ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୭।୭(ବି.ଶଙ୍କର)

ସମ୍ବଲପୁର ଜିଲା ବୁଢ଼ିଆକଟା ଗ୍ରାମର ୩ ଜଣ ଦିବ୍ୟାଙ୍ଗ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯୁଯୁମୁରା ବ୍ଲକ କଂସର ପଞ୍ଚାୟତ ବୁଢ଼ିଆକଟା ଗ୍ରାମର ଦିବ୍ୟାଙ୍ଗ ବାସନ୍ତୀ ୩୫ କେଜି ଚାଉଳ, ସ୍ୱତନ୍ତ୍ର ଋଣ, ଆବାସ ଘର ଦେବାକୁ ଗୁହାରି କରିଥିଲେ। ସେହିପରି ଗ୍ରାମର ଅନ୍ୟ ଦୁଇଜଣ ଦିବ୍ୟାଙ୍ଗ ଭିନ୍ନକ୍ଷମ କାର୍ଡ, ଭତ୍ତା ସମସ୍ୟା ନେଇ ଅଭିଯୋଗ କରିଥିଲେ।

# ମାନବ ଚରିତ୍ର ନିର୍ମାଣରେ ସଂସ୍କୃତର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଏମ୍‌ୟୁ ସଂସ୍କୃତ ବିଭାଗରେ ପୁରାତନ ଛାତ୍ର ସମାବେଶ

ସମ୍ବଲପୁର,୧୭।୭(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ସଂସ୍କୃତ ବିଭାଗ ପକ୍ଷରୁ ପୁରାତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ସହାଚାର୍ଯ୍ୟ ଡ. ଫାଲଗୁନୀ ମହାନନ୍ଦିଆ ସଭାପତିତ୍ୱ କରିଥିଲେ। ସଭାରେ ୩୪ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୁରାତନ ଛାତ୍ର ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ସହାଚାର୍ଯ୍ୟ ଡ. ଦୁଃଶାସନ ବିଶ୍ୱାଳ, ଦଧିବାମନ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅବସରପ୍ରାପ୍ତ ସହାଚାର୍ଯ୍ୟ ଡ. ଆୟୁଷ୍ମନ୍ତ ଷଡଙ୍ଗୀ, ପର୍ଜଙ୍ଗ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ସହାୟକ ଆଚାର୍ଯ୍ୟ ଡ. ବିଶିକେଶନ କର୍ଣ୍ଣ, ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟର ସହାୟକ ଆଚାର୍ଯ୍ୟ ଡ. ଧର୍ମରାଜ ବାଗ, ଜିଏମ୍‌ୟୁ ସଂସ୍କୃତ ବିଭାଗର ସହାୟକ ଆଚାର୍ଯ୍ୟ ଡ. ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ମାନବ ଚରିତ୍ର ନିର୍ମାଣରେ ସଂସ୍କୃତ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଏମ୍‌ୟୁ ସଂସ୍କୃତ ବିଭାଗର ଡ. ସସ୍ମିତା ପତି ସଭାର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଅନଲାଇନରେ ମଧ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶାନ୍ତିମନ୍ତ୍ର ପାଠ ସହ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା।

# ପ୍ରହସନ ପାଲଟିଛି ଜନ ଅଭିଯୋଗ ଶୁଣାଣି

ଜମନକିରା,୧୭।୭(ରବୀନ୍ଦ୍ର ପ୍ରସାଦ ଦାନି)


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଲୋକଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିଛନ୍ତି। ହେଲେ ଖୋଦ ଚିଠି କରିଥିବା ପଦସ୍ଥ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁ ନ ଥିବାରୁ ଅଭିଯୋଗ ଶୁଣାଣି ପ୍ରହସନ ପାଲଟିଥିବା ଏଠାରେ ଆଲୋଚନା ହେଉଛି। ଏଭଳି ଘଟଣା ଜମନକିରା ବ୍ଲକରେ ସୋମବାର ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଦେଖିବାକୁ ମିଳିଥିଲା। ଜିଲାପାଳ ତାଙ୍କ ପତ୍ର ସଂଖ୍ୟା ୧୨୫/ତା୨୬।୬।୨୩ ରିଖରେ ୫ ବ୍ଲକକୁ ଚିଠି କରି ଅଭିଯୋଗ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ସୋମବାର ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ମାତ୍ର ଜିଲାପାଳ ଓ ଏସ୍‌ପି ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ସମାଧାନ ହୋଇପାରି ନ ଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ୩୫ରୁ ୪୦ କିଲୋମିଟର ଦୂରରୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶିବିରରେ ମୋଟ ୨୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧରେ ୨୧ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ରହିଥିଲା। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଚାଲିଥିବା ଅଭିଯୋଗ ଶୁଣାଣିରେ ଜିଲା, ଉପଖଣ୍ଡ, ବ୍ଲକସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକ୍ ଛକରୁ ପର୍ଶୁରାମ ଫଟୋ ଗାଏବ, ଉତ୍ତେଜନା

**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର):** ପାଟଣାଗଡ ବ୍ଲକ୍ ଛକଠାରେ ଲାଗିଥିବା ପର୍ଶୁରାମ ଫଟୋକୁ କେହି ନେଇଯିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବ୍ରାହ୍ମଣ ଏକତା ମଞ୍ଚ, ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ପୋଲିସକୁ ଲିଖିତ ଜଣାଇଛନ୍ତି। କିଛିବର୍ଷ ହେଲା ବ୍ଲକ୍ ଛକକୁ ପର୍ଶୁରାମ ଛକ ଭାବେ ନାମିତ କରି ସେଠାରେ ପର୍ଶୁରାମ ପ୍ରତିମୂର୍ତ୍ତି ବସାଇବା ଯୋଜନା କରିଥିଲେ। ସେଠାରେ ପର୍ଶୁରାମଙ୍କ ଫଟୋ ରଖାଯାଇଥିଲା। ସୋମବାର ଉକ୍ତ ଫଟୋକୁ କେହି ଉଠାଇ ନେଇଛି।

# ୨୭ ବର୍ଷ ଚାକିରିରେ ୩୩ ହଜାର ଅସ୍ତ୍ରୋପଚାର

ଭବାନୀପାଟଣା,୧୭।୭
(ଉତ୍ତମ କୁମାର ଦାଶ)

୨୭ ବର୍ଷ ଚାକିରିରେ ୩୩ ହଜାରରୁ ଊର୍ଦ୍ଧ୍ୱ ପରିବାର ନିୟୋଜନ (ମହିଳା ବନ୍ଧ୍ୟାକରଣ) ଅସ୍ତ୍ରୋପଚାର କରି ଜଣେ ଡାକ୍ତର ଏବେ ଜିଲା ସମେତ ରାଜ୍ୟ, ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଛନ୍ତି। ଏଥିପାଇଁ ଜାତୀୟ ସ୍ତରରେ ଥରେ, ରାଜ୍ୟ ସରକାରଙ୍କ ପକ୍ଷରୁ ୮ଥର, ଜିଲା ପ୍ରଶାସନ ପକ୍ଷରୁ ୭ଥର ମଧ୍ୟ ପୁରସ୍କୃତ ହୋଇସାରିଛନ୍ତି। ସେହିପରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ୨ଥର ସ୍ଥାନ ପାଇପାରିଛନ୍ତି। ଏଭଳି ଜଣେ ସଫଳ ଡାକ୍ତର ହେଲେ କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ। ଗତ ୧୯୯୬ ମସିହାରେ ସେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ଭାବେ ନିଯୁକ୍ତି ହୋଇଥିଲେ। ସେଠାରୁ ବର୍ଷେ କାମ କରି ଚାଲିଆସି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୯୭ ରୁ ୨୦୦୪ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ପରେ ଧର୍ମଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ବଦଳି ହୋଇଥିଲେ। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟରତ ଅଛନ୍ତି। ବର୍ଷକୁ ଶହେରୁ ଊର୍ଦ୍ଧ୍ୱ ଦିନ ଧରି ସେ ଜିଲାର ଧର୍ମଗଡ଼ ଉପଖଣ୍ଡର ସମସ୍ତ ବ୍ଲକ ସମେତ ଭବାନୀପାଟଣା, କେସିଙ୍ଗା, ଥୁଆମୂଳ ରାମପୁର ଆଦି ୧୦ଟି ବ୍ଲକର ସରକାରୀ ଡାକ୍ତରଖାନାରେ ଅନୁଷ୍ଠିତ କ୍ୟାମ୍ପକୁ ଯାଇ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ସେ ୩୩ ହଜାର ୩ ଶହ ପରିବାର ନିୟୋଜନ ଅସ୍ତ୍ରୋପଚାର କରିସାରିଲେଣି। ବିଶେଷକରି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### କଳାହାଣ୍ଡି ଡାକ୍ତରଙ୍କ ସଫଳତା

ଗ୍ରାମାଞ୍ଚଳର ମହିଳାମାନେ ଅଧିକ ଶିଶୁ ଜନ୍ମ କରିବାରୁ ମା' ସହିତ ଶିଶୁ ପୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଯଦ୍ୱାରା ପ୍ରସବବେଳେ ଉଭୟଙ୍କ ପାଇଁ ମୃତ୍ୟୁର କାରଣ ହୋଇଥାଏ। ତେଣୁ ପରିବାର ନିୟୋଜନ ମାଧ୍ୟମରେ ଏହାକୁ ରୋକା ଯାଇପାରିବ। ଏହା ସହ ସେମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶରେ ଉନ୍ନତି ଆସିବା ସହିତ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବ ବୋଲି ଡାକ୍ତର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ୨୦୧୮ରେ ନୂଆଦିଲ୍ଲୀରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡସିପ ସୋସାଇଟି ପକ୍ଷରୁ ତାଙ୍କୁ ଜାତୀୟ ସ୍ତରରେ ଭାରତ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨୦୧୨, ୨୦୧୪, ୨୦୧୫, ୨୦୧୬, ୨୦୧୮, ୨୦୨୧, ୨୦୨୨ ଓ ୨୦୨୩ରେ ୮ଥର ପୁରସ୍କୃତ ହୋଇଛନ୍ତି। ୨୦୨୨ରେ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଇଫ୍ ଟାଇମ ଏଚିଭମେଣ୍ଟ ଆୱାର୍ଡ ମଧ୍ୟ ପାଇଛନ୍ତି। ତାଙ୍କର ଏହି ସେବା ପାଇଁ ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପୁରସ୍କୃତ କରିସାରିଛନ୍ତି। ସେହିପରି ତାଙ୍କ ନାମ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ୨ଥର ସ୍ଥାନିତ ହୋଇଛି। ଗତବର୍ଷ ଅକ୍ଟୋବର ମାସରେ ଜୁନାଗଡ ହୋଟେଲ ଓରିୟନଠାରେ ସେ ୨୪୦ଟି ଦେଶର ୨୩୨୬ଟି ମୁଦ୍ରା ଓ ନୋଟ୍ ପ୍ରଦର୍ଶିତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ଡାକ୍ତର ପାଣିଗ୍ରାହୀ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭାରପ୍ରାପ୍ତ ଅଧୀକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ସ୍ୱାଭିମାନ ପରିବାରର ବାର୍ଷିକ ବୈଠକ



ସ୍ୱାଭିମାନ ପରିବାର ବାର୍ଷିକ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର, ୧୭।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଯାଦବ ଭବନ ଠାରେ ସ୍ୱାଭିମାନ ପରିବାରର ବାର୍ଷିକ ବୈଠକ ରବିବାର ସ୍ୱାଭିମାନ ପରିବାର ସଭାପତି ରମ୍ୟରଞ୍ଜନ ସାହୁ, ସମ୍ପାଦକ ରିକୁନ ମିଶ୍ର, ସହସମ୍ପାଦକ ସଞ୍ଜୀବ ସାହୁ ଏବଂ ସ୍ୱାଭିମାନ ପରିବାରର ମାର୍ଗଦର୍ଶକ ଟୁନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍ୱାଭିମାନ ପରିବାର ପକ୍ଷରୁ ଏକ ବର୍ଷ ମଧ୍ୟରେ ହୋଇଥିବା ସାମାଜିକ କାମ, ଆଗାମୀ ଭବିଷ୍ୟତରେ ହେବାକୁ ଯାଉଥିବା କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସଭାରେ ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ସଭାପତି ସୁଦାମ ମେହେର, ବ୍ଲକ ସମ୍ପାଦକ ବାଲଗୋପାଳ ମିଶ୍ର, କଣ୍ଟାବାଞ୍ଜି ବ୍ଲକ ସଭାପତି ରାଜୁ ବାରିକ, ବ୍ଲକ ସମ୍ପାଦକ ସୋମନାଥ ଭୋଇ ଏବଂ ବେଲପଡା ବ୍ଲକ ସଭାପତି ଜନାର୍ଦ୍ଦନ ସିଂ ଏବଂ ସମ୍ପାଦକ ସିପୁନ ଖମାରିଙ୍କୁ ଚୟନ କରାଯାଇ ବ୍ଲକ କାର୍ଯ୍ୟଭାର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସକ୍ରିୟ ସଦସ୍ୟ ସୁବାସ ମଟାରୀ, ଆଶିଷ ଶତପଥି, ଯୋଗେଶ ସାହୁ, ମନୀଷ ସାହୁ, ସୌରଭ ବିଶ୍ୱାଳ, ଅରୁଣ ଶର୍ମା, ଜିତୁ ନାୟକ, ସୁଶାନ୍ତ ପଧାନ, ଆଲୋକ ପଟେଲ, ଅଲେକ୍ସ ଡାଙ୍ଗ, ଜ୍ୟୋତି ପଟେଲ, ଚକ୍ରଧର ମେହେର ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ରୋଟାରୀ ଏଲିଟ୍‌ର ଗ୍ରୀନ ଡ୍ରିମ



ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ସଦସ୍ୟମାନେ ସ୍କୁଲରେ ବୃକ୍ଷରୋପଣ କରୁଛନ୍ତି।

ବଲାଙ୍ଗୀର, ୧୭।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏକାଡେ଼ମିକ ହାଇଟ୍ସ ପବ୍ଲିକ ସ୍କୁଲ ପରିସରରେ ରୋଟାରୀ ଏଲିଟ ଏବଂ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଗ୍ରୀନ ଡ୍ରିମକୁ ଅନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ ନିର୍ଦ୍ଦେଶକ ଅର୍ଚ୍ଚନା ଶତପଥୀ ଓ ଅଜିତ ଶତପଥୀ, ରୋଟାରୀ ଏଲିଟ ସଭାପତି ବିଶ୍ୱଜିତ ଦାଶ, ସମ୍ପାଦିକା ଦୀପିକା ପାଣିଗ୍ରାହୀ, ରୋଟାରୀ ଏଲିଟର ସମସ୍ତ ସଦସ୍ଯ ଓ ଉଡାନ ଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଆଗାମୀ ଦିନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଗ୍ରୀନ ଡ୍ରିମକୁ ବ୍ୟାପକ କରାଯିବ ବୋଲି ଏଲିଟ ସଭାପତି ଦାଶ କହିଥିଲେ।

# ଦୁର୍ଗମ ଗାଁକୁ ସଂଯୋଗ କରୁଥିବା ପୋଲ ବିପଦସଙ୍କୁଳ

କୋକସରା, ୧୭।୭
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କୋକସରା ବ୍ଲକ ଆମପାଣି ପଞ୍ଚାୟତରେ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ବନବାସୀ ଆଜି ମଧ୍ୟ ଅନେକ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ରହିଛି କୁଟୁରୁ ରାଜସ୍ୱ ଗ୍ରାମ। ଆମପାଣି ପଞ୍ଚାୟତଠାରୁ ଜାତୀୟ ରାଜପଥ ୨୬ ଆମପାଣି ଘାଟି ବିରିମୁହାଣ ଛକରୁ ଜଙ୍ଗଲ ରାସ୍ତା ଦେଇ ୧୨ କିଲୋମିଟର ଜଙ୍ଗଲରେ ରହିଛି ଏହି ଗ୍ରାମ। ଗାଁକୁ ସଂଯୋଗ କରୁଥିବା ରାସ୍ତାର ବାଟରେ ପଡୁଥିବା ଏକ ନାଳା ଦେଇ ଯାତାୟାତ କରିବାକୁ ହୁଏ। ତେବେ ନାଳା ଉପରେ ନିର୍ମାଣ ହୋଇଥିବା ପୋଲ ବର୍ଷା ସ୍ରୋତରେ ଦୁର୍ବଳ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଜଙ୍ଗଲରେ କୁଟୁରୁ ଗ୍ରାମ ବ୍ୟତୀତ ରହିଛି ସର୍ଗିପାନୀ, ଲେକାଆମ, ଆନ୍ଧି ଝରଣ ଭଳି ବନବାସୀ ଗାଁ। ପୋଲ ବିପଦ ଅବସ୍ଥାରେ ରହିଥିବା ଫଳରେ ପଞ୍ଚାୟତକୁ ପିଡ଼ିଏସ ସାମଗ୍ରୀ ନେବାପାଇଁ ଟ୍ରାକ୍ଟର ଅଟୋ ନେଇ ଆସୁଥିବା ହିତାଧିକାରୀ ଏବଂ ବନବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଉତ୍ତମ କୁମାର ବାଗ କହିଛନ୍ତି, କୁଟୁରୁ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ପାଇଁ ସାମୟିକ ଭାବେ ପୋଲ ମରାମତି କରି ଯାତାୟାତର ସୁବିଧା କରାଯିବ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ଜିଲାପାଳ



କଳାହାଣ୍ଡି ଜିଲାପାଳ ଘଟଣାସ୍ଥଳକୁ ଯାଇ ତଦାରଖ କରୁଛନ୍ତି।

### କଲମଡଙ୍ଗା ନାଳରେ ହେବ ପୋଲ

ଜୁନାଗଡ, ୧୭।୭ (ଅଂଶୁମାନ ଯୋଷୀ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ପଞ୍ଚାୟତ ପୁରୁଣାସର ଗ୍ରାମରେ ପ୍ରବାହିତ ଚିରସ୍ରୋତା ହାତୀନଦୀ ସ୍ଥାନୀୟ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ନଦୀର ପାଣି ଉପର ମୁଣ୍ଡକୁ ନ ଯାଇ ତଳମୁଣ୍ଡକୁ ଯାଇ ଏକ ବିରାଟ ସ୍ରୋତ ହୋଇ କଲମଡଙ୍ଗା ନାଳରେ ପରିଣତ ହୋଇଛି। ବର୍ଷ ସାରା ଏହି ନାଳରେ ପାଣି ଯାଉଥିବାରୁ ସ୍ଥାନୀୟ ଚାଷୀ ଆରପଟ ଚାଷ ଜମିକୁ ଯାଇପାରୁ ନ ଥିବାରୁ ଗତ ୨୦ବର୍ଷ ହେଲା ସେଠାକାର ପ୍ରାୟ ୩ ଶହ ଏକର ଚାଷ ଜମି ପଡିଆ ହୋଇ ରହୁଛି। ତେବେ ଚାଷୀଙ୍କ ଏହି ସମସ୍ୟାକୁ ନେଇ ଗତ ୧୨ ତାରିଖ 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ସୋମବାର ବର୍ଷା ସତ୍ତ୍ୱେ ମଧ୍ୟ ପୁରୁଣାସର ଗ୍ରାମକୁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି। ପରେ କାଦୁଅ ରାସ୍ତାରେ ଘଟଣା ସ୍ଥଳକୁ ଯାଇ ସେଠାକାର ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଉପସ୍ଥିତ ଥିବା ଆରଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ରାୟଗୁରୁ, ଜୁନାଗଡ ଏଇଇ ବର୍ଷାରାଣୀ ପଗଡାଙ୍କ ସହ କଲମଡଙ୍ଗା ନାଳରେ କିପରି ପୋଲ ନିର୍ମାଣ ହେବ ସେ ନେଇ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କୁ ଶିଘ୍ର ଏହି ପୋଲ ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଚାଷୀଙ୍କୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ଖଡ଼ିଆଳ, ୧୭।୭(ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ ସମ୍ମିଳନୀ ସଭାଗୃହରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଏଡିଏମ ଅଗସ୍ତି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୬ଟି ଅଭିଯୋଗ ଗ୍ରହଣ ହୋଇଥିବାବେଳେ ଗୋଷ୍ଠୀ ଗତ ଆଠଟି ବ୍ୟକ୍ତିଗତ ୫୮ ଅଭିଯୋଗର ଶୁଣାଣି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଇନ୍ଦ୍ରମଣି ବେହେରା, ଉପଜିଲାପାଳ ସୁବାଷ ଚନ୍ଦ୍ର ରାଇତ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଚୌଧରି ଶୋଭାରାଣୀ ମିଶ୍ରଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏସ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା - ୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୭୮-ଜିଆର୍‌ସି-ସିଇ-ସି-ଏସ୍‌ଓ-୭୦-୨୦୨୨, ତାରିଖ: ୧୭।୭।୨୦୨୩ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ରାଉରକେଲା-ବଣ୍ଡମୁଣ୍ଡା ୫ମ ଲାଇନ୍ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ - ଦକ୍ଷିଣ ପୂର୍ବ ରେଳପଥର ରାଉରକେଲା - ବଣ୍ଡମୁଣ୍ଡା ସେକ୍ସନ ମଧ୍ୟରେ ଫର୍ମେଶନରେ ମାଟିକାମ ନିର୍ବାହ, ଛୋଟ ସେତୁ ନିର୍ମାଣ, ପି.ୱେ ଲିଙ୍କିଙ୍ଗ୍ କାର୍ଯ୍ୟ, ପି.ୱେ ଫିଟିଂସ୍ ଯୋଗାଣ, ପି.ୱେ ସାମଗ୍ରୀର ପରିବହନ, ବାଲାଷ୍ଟ ଯୋଗାଣ, ପ୍ରମୁଖ ସେତୁ ନଂ. ୧୩୧ଏ (୧×୩୦.୫ ମି. ଓପନ୍ ୱେବ୍ ଗିର୍ଡର) ନିର୍ମାଣ, ବଡ଼ ସେତୁ ନଂ. ୧୪୩ (୧×୧୮.୩ ମି. କମ୍ପୋଜିଟ୍ ଗିର୍ଡର) ଏବଂ ରୋଡ୍ ଓଭରବ୍ରିଜ୍ ନଂ.୧୩୩ (୧×୪୨.୦ ମି. ବୋ' ଷ୍ଟ୍ରିଙ୍ଗ୍ ଗିର୍ଡର - କମ୍ପୋଜିଟ୍ ଗିର୍ଡର) ସହିତ ଆପ୍ରୋଚ୍ ରୋଡ୍ ନିର୍ମାଣ ସମେତ ଯଥାକ୍ରମେ ଓପନ୍ ୱେବ୍ ଗିର୍ଡର, କମ୍ପୋଜିଟ୍ ଗିର୍ଡର ଏବଂ ବୋ' ଷ୍ଟ୍ରିଙ୍ଗ୍ ଗିର୍ଡରର ଯୋଗାଣ, ଫାବ୍ରିକେସନ, ଆସେମ୍ବ୍ଲି ଓ ସ୍ଥାପନା/ଶୁଭାରମ୍ଭ । ଆନୁମାନିକ ମୂଲ୍ୟ: ₹୬୯.୫୪ କୋଟି । ବିଡ୍ ଅମାନତ: ₹୩୬,୨୬,୯୦୦। ସମାପ୍ତି ଅବଧି: ୨୪ ମାସ । ସମାପ୍ତି ତାରିଖ: ତା୦୯।୦୮।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିର୍ନିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-411)



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-ABSS-FOB-SOUTH-324, ତା.12.07.2023ରିଖ

କାର୍ଯ୍ୟର ନାମ : (i) ଅମୃତ ଭାରତ ଷ୍ଟେସନ ଯୋଜନା ଅଧିନରେ 07 ଷ୍ଟେସନ [ସାଉଥ ସେକ୍ସନ ଷ୍ଟେସନ- ପଲାସା (PSA), ଇଚ୍ଛାପୁରମ (IPM), ଛତ୍ରପୁର (CAP), ବାଲୁଗାଁ (BALU), ସାକ୍ଷୀଗୋପାଳ (SIL), ରଘୁନାଥପୁର (RCTC), ପାରାଦୀପ (PRDP)] ଗୁଡ଼ିକଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା । (ii) ଅମୃତ ଭାରତ ଷ୍ଟେସନ ଯୋଜନା ଅଧିନରେ ଷ୍ଟେସନ [ବ୍ରହ୍ମପୁର (BAM), ଭଦ୍ରକ (BHC), ଯାଜପୁର-କେନ୍ଦୁଝର ରୋଡ଼ (JJKR), ଖୋର୍ଦ୍ଧା ରୋଡ଼ (KUR)] ଗୁଡ଼ିକଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା । (iii) ଅମୃତ ଭାରତ ଷ୍ଟେସନ ଯୋଜନା ଅଧିନରେ 08 ଷ୍ଟେସନ [ପଲାସା (PSA), ଇଚ୍ଛାପୁରମ (IPM), ଛତ୍ରପୁର (CAP), ବାଲୁଗାଁ (BALU), ସାକ୍ଷୀଗୋପାଳ (SIL), ରଘୁନାଥପୁର (RCTC), ପାରାଦୀପ (PRDP), କେନ୍ଦୁଝରଗଡ଼ (KDJR)]ଗୁଡ଼ିକଠାରେ ପ୍ଲାଟଫର୍ମ ପୃଷ୍ଠଭାଗର ଉନ୍ନୟନ।

ଟେଣ୍ଡର ମୂଲ୍ୟ : ₹ 3,14,72,888.71, EMD : ₹ 3,07,400/-

ବିଡ୍ ଆରମ୍ଭ ହେବା ତାରିଖ : ତା.20.07.2023ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 03.08.2023ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-351/O/23-24



**ROURKELA DEVELOPMENT AUTHORITY**
UDITNAGAR, ROURKELA - 769012
No. 866/RDA Dated: 13.07.2023

**PROCLAMATION**

It is hereby informed to the General Public that, Sri Jetendra Kumar Sahu, S/o. Late Nandalal Sahu has applied for mutation of House No. C3L1-43 under Gopabandhu Nagar Housing Scheme Chhend, Rourkela - 15 in his favour consequent upon death of his Father Late Nandalal Sahu. If anybody has got any objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority



**GOVT. OF ODISHA**
**DIRECTORATE OF SCHEDULE CASTES & SCHEDULE TRIBES RESEARCH & TRAINING INSTITUTE (SCSTRTI)**
CRPF Square, Bhubaneswar - 751003, Odisha
E-mail Id: scstrti@yahoo.co.in
Telephone & Fax No.: 0674-2563649/2561635
No. 2589/S&S/01/23 Dated: 15.07.2023

**QUOTATION CALL NOTICE**

No. V-23: Sealed quotations are hereby invited from interested agencies/firms for AMC of ACs and Office Stationary, Consumable & Raw materials items to SCSTRTI, Bhubaneswar. The Quotation must be addressed to Director, SCSTRTI, CRP Square, Near P.D. Market, Bhubaneswar-751003. The last date of submission of the bids and terms & conditions are available in the Office website. The interested Agency/firms can log on to the (www.scstrti.in) for detail.

OIPR-26002/11/0008/2324 Sd./- Director



**ସର୍ବସାଧାରଣଙ୍କ ନିମନ୍ତେ ସୂଚନା**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଯେ ମୁଁ ରୀତାଞ୍ଜଳି ସାହୁ, ସ୍ୱାମୀ-ସୁନୀଲ କୁମାର ସାହୁ, ସା/ପା. ହିଞ୍ଜିଳିକାଟୁ, ଜିଲ୍ଲା- ଗଞ୍ଜାମ ତା୨୪ ଜୁନ ୨୦୧୯ରିଖ ଦିନ ବିଭୁଦତ୍ତ ପଟେଲ, ପିତା- ବିଘ୍ନରାଜ ପଟେଲଙ୍କଠାରୁ ଏକ ଜମି ଯାହାକି ପ୍ଲଟ ନଂ. ୨୮, ଖାତା ନଂ. ୧୧୦/୧, ମୌଜା- ଗଙ୍ଗନଗର, ୟୁନିଟ-୬, ରାଜ୍ୟପାଳ ଭବନ ନିକଟ, ଭୁବନେଶ୍ୱର, ଏରିଆ-୨୩୧ ଡେସିମାଲ ବିକ୍ରି ଚୁକ୍ତି କରିଥିଲୁ। ଏ ବାବଦରେ ଅଗ୍ରିମ ଆକାରରେ ଅର୍ଥ ମଧ୍ୟ ପ୍ରଦାନ କରିଥିଲୁ। କିନ୍ତୁ ସେ ଚୁକ୍ତି ଖିଲାପ କରିଥିବାରୁ ଉକ୍ତ ବ୍ୟକ୍ତିଙ୍କ ନାମରେ କ୍ୟାପିଟାଲ ଥାନାରେ ଏକ କେସ ରୁଜୁ ହୋଇଅଛି ଯାହାକି FIR ନମ୍ବର - ୨୦୦/୦୬.୦୪.୨୦୨୨ ।

ଏବେ ଆମ୍ଭେ ଜାଣିବାକୁ ପାଉଅଛୁ ଯେ ଉକ୍ତ ଜମିକୁ ଚଞ୍ଚକତା କରି ଆଉଥରେ ବିକ୍ରି କରିବା କିମ୍ବା ବିକ୍ରି ବାବଦରେ ଅଗ୍ରିମ ଅର୍ଥ ଗ୍ରହଣ କରିବା ପାଇଁ ମସୁଧା ଚଳାଇଛନ୍ତି।

ଏଣୁ ସମସ୍ତଙ୍କୁ ସୂଚାଇ ଦିଆଯାଉଛି କି ଉକ୍ତ ଜମିକୁ କେହି କିଣାବିକା କିମ୍ବା ବନ୍ଧକ କିମ୍ବା ବିକ୍ରି ବାବଦରେ ଅଗ୍ରିମ ଅର୍ଥ ଦେଣନେଣ କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ଏବଂ କ୍ରେତା ଓ ବିକ୍ରେତା ଉଭୟ ଆଇନ ଅନୁଯାୟୀ ଦଣ୍ଡିତ ହେବେ।

ରୀତାଞ୍ଜଳି ସାହୁ



**DIRECTORATE OF ECONOMICS AND STATISTICS, ODISHA, BHUBANESWAR**
Parisankshyan Bhawan, Heads of Department Building Campus, Unit - V, Bhubaneswar, PIN - 751001
Ph.: 0674-2391295, e-Mail: desbbsr@gmail.com, desbbsr@gov.in
Order No. 4001/DES-OEV-MISC-0004-2021 Date: 15.07.2023

**TENDER NOTICE**

(For award of Contract for Outsourcing the function of 13 (Thirteen Numbers) of Peon & Services of Gardening for Directorate of Economics and Statistics, Bhubaneswar)

No. X-06: Sealed tenders are invited from intending service providing agencies for outsourcing the function of services of 13 Numbers of Peon & Gardening for Directorate of Economics & Statistics, Odisha, Bhubaneswar on contract basis.

The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - http://www.desorissa.nic.in or obtained in person from the Office of the Director, Economics & Statistics, Odisha, Bhubaneswar on payment of Rs.500/- in cash or in shape of Bank Draft for Rs.500/- (Non-refundable) in favour D.D.O., DE&S, Odisha, Bhubaneswar on any working day from 17.07.2023 to 07.08.2023 between 11.00 A.M. to 4.00 P.M. The downloaded tender document from the website should be submitted along with a Bank Draft/Bankers Cheque of Rs.500/- (Non-refundable).

The tender document will be received only through Speed Post/ Registered Post during office hour only. The last date and time for receipt of filled in tender documents is 07.08.2023 by 5.00 P.M. The office shall not be responsible for any kind of postal delay.

OIPR-01483/11/0002/2324 Sd./- DIRECTOR



**GOVERNMENT OF ODISHA** No.O-398
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
e-mail: serwsbd2003@yahoo.com

**e-Procurement Notice for Road & Bridge Works**

1. Name of the work : Construction of Road (5 Nos); Construction of Bridge (1 No.).
2. Class of contractor : 'B' & 'A' Class of (Odisha PWD) or relevant class of other licencing authority.
3. Estimated Cost : Varies from Rs.157.36 Lakhs to Rs.494.99 Lakhs (Approximately)
4. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-10/ 2023-24 | 24.07.2023 at 11.00 A.M. | 16.08.2023 up to 5.30 P.M. | 14.08.2023 Up to 2.00 P.M. | 17.08.2023 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

OIPR-25182/11/0011/2324 Sd./- Chief Construction Engineer, Rural Works Circle, Sunabeda



See Career Appointment on every Wednesday & Saturday



**OFFICE OF THE PROJECT ADMINISTRATOR, ITDA, BARIPADA**
Email: itdabpd@nic.in (&) Phone/Fax: (06792) 260250
No. 3175/ITDA Dt.: 15.07.2023

**e-Procurement Notice**
Bid Identification No. ITDABPD-02/2023-24

No. CAD-1308: The Project Administrator, ITDA, Baripada on behalf of Governor of Odisha invites Percentage Rate bids through e-procurement to be received in online mode only for the works as details in the table below.

1. Nature of the Work : Civil Works
2. Total No. of Work : 17 (Seventeen) Nos.
3. Estimated Amount : 11.00 to 75.00 Lakhs
4. Class of Contractor : "D", "C", "B" & "A" Class
5. Period of Completion : Four to Nine Calendar Months
6. Other details :

| Name of the Procurement Officer | Bid Identification No. | Online availability of Bid | Last date of Receipt of Bid Online | Date of Opening of Bid |
|---|---|---|---|---|
| Project Administrator, ITDA, Baripada | ITDABPD-02/ 2023-24 | From 10.00 A.M. of 25.07.2023 to 05.30 P.M. of 11.08.2023 | Till 05.30 P.M. of 11.08.2023 | On 11.00 A.M. on 14.08.2023 |

7. The bid documents will be available in the website: https://tendersodisha.gov.in from 25.07.2023 10.00 A.M. to 11.08.2023 upto 05.30 P.M.
8. The bidder must possess compatible Digital Signature Certificate (DSC) of Class-II or Class-III.
9. Bids received online shall be opened in the Office of the Project Administrator, ITDA, Baripada.
10. Other details can be seen in the bidding documents.
11. Any addendum/corrigendum/cancellation of above tender will be published in the website https://tendersodisha.gov.in and in the notice board.

OIPR-26033/11/0003/2324 Sd./- Project Administrator, ITDA, Baripada



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
RAYAGADA, Phone : 9438200057
District Website : www.rayagada.nic.in

Tender No. 1230 Dt-14.07.2023

District Manager, Odisha State Civil Supplies Corporation Ltd., Rayagada invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs (ii) Handling Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the biennial Year 2023-25 |
| 2 | Availability of bid document in the portal | From 18.07.2023 |
| 3 | Last Date / Time for receipt of bids in the portal | Dt. 31.07.2023 up to 5.30 PM |
| 4 | Date/Time of Opening of Technical Bid | Dt. 01.08.2023 at 11.00 AM |
| 5 | Name and address of the Officer Inviting Tender | District Manager, OSCSC Ltd., Rayagada |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager, OSCSC Ltd., Rayagada



**GOVERNMENT OF ODISHA**
**"e" - PROCUREMENT NOTICE**
**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com
No. 3305 Date: 15.07.2023
No. B-492

**Invitation For Bids**
Bid Identification No. S.E. (R&B), KHARIAR - 07/2023-24

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha invites percentage rate composite & Non composite bids in Single Cover System in ONLINE MODE only. | |
| 2 | Nature of Work | Road & Building Works |
| 3 | No. of Work | 09 Nos. Works |
| 4 | Tender Paper Cost | As specified in the notice for the respective work, to be remit online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the Website | 10.00 hours of 18.07.2023 to 17.00 hours of 27.07.2023 |
| 7 | Date of Opening of Bid | Dt.29.07.2023 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR-34062/11/0016/2324 Sd./- Executive Engineer, Khariar (R&B) Division, Khariar

## ସଂକ୍ଷେପରେ

### ଜୁନାଗଡ଼ରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ଭବାନୀପାଟଣା,୧୭।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସଭାଗୃହରେ ସୋମବାର କଳାହାଣ୍ଡି ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି .ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦର୍ଖାନ, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୨୫ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୩ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା।

### ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଜୁନାଗଡ,୧୭।୭(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ ନୂଆ ବସଷ୍ଟାଣ୍ଡଠାରେ ସୋମବାର ଡ.ବିଆର ଆମ୍ବଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦୟାନିଧି ବାଗ, ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଜୁନାଗଡ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ନିଆଲ ଓ ଉଗ୍ରସେନ କନ୍ଦପାନ ପରିଚାଳନା କରିଥିଲେ। ଏହି ଅବସରରେ ଆରମ୍ଭରେ ସହରର ହିଞ୍ଜଲିବାହାଲି ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା।

### ବେଆଇନ ଗଚ୍ଛିତ ରାସାୟନିକ ସାର ଜବତ

ନୂଆପଡା,୧୭।୭(ମକାରୁ ବେମାଲ): ନୂଆପଡା ସଦର ବ୍ଲକ ଖାଇରଣି ପଞ୍ଚାୟତ ପିପାଲଛିଣ୍ଡି ଗାଁରେ ବେଆଇନ ଭାବରେ ଗଚ୍ଛିତ ରଖିଥିବା ରାସାୟନିକ ସାରକୁ ନୂଆପଡା କୃଷି ବିଭାଗ ଜବତ କରିଛି। ପିପାଲଛିଣ୍ଡି ଗାଁର ଶେଷଦେବ ରଣା ବେଆଇନ ଭାବରେ ବିଭିନ୍ନ ପ୍ରକାର ରାସାୟନିକ ସାର ଗଚ୍ଛିତ ରଖି ଚଡ଼ା ଦରରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଥିଲା। କୃଷି ବିଭାଗ ଉପନିର୍ଦ୍ଦେଶକ ହିମାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ପିପାଲଛିଣ୍ଡି ଗାଁ ଉପରେ ଚଢ଼ାଉ କରି ୩ ଶହ ପ୍ୟାକେଟ ବିଭିନ୍ନ ପ୍ରକାର ରାସାୟନିକ ସାର ଜବତ କରିଛନ୍ତି। ଚଢ଼ାଉ ସମୟରେ ସହକାରୀ ଜିଲାପାଳ ଚନ୍ଦନ ଶତପଥୀ, ଫର୍ଟିଲାଇଜର ଇନ୍ସପେକ୍ଟର ଆଶିଷ କୁମାର ମେହେର, ସ୍କିମ ଅଧିକାରୀ ସତ୍ୟ ଭୂଷଣ ନାଗ, କୃଷି ପର୍ଯ୍ୟବେକ୍ଷକ ବ୍ରଜରାଜ ସାହୁ ଓ ନୂଆପଡା ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ସାପ୍ତାହିକ ହାଟର ଉନ୍ନତୀକରଣ କରାଯାଉ


ସାପ୍ତାହିକ ହାଟର ଦୃଶ୍ୟ।

ନୂଆପଡ଼ା,୧୭।୭ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଗାଁ ସପ୍ତାହିକ ହାଟରେ ଅସରାଏ ବର୍ଷାରେ କାଦୁଅ ପଚପଚ ହେଉଥିବା ଅଭିଯୋଗ ହେଉଛି। ଏହି ସାପ୍ତାହିକ ହାଟରେ ଅଞ୍ଚଳର ୬/୭ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ସପ୍ତାହର ସୋମବାର ହାଟ ବସୁଥିବାରୁ ଅଞ୍ଚଳର ଲୋକେ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର ବା ତାଜା ପନିପରିବା କିଣି ଖାଇବା ପାଇଁ ଆସିଥାନ୍ତି। ବହୁ ପୁରାତନ ସାପ୍ତାହିକ ହାଟ ହୋଇଥିଲେ ମଧ୍ୟ ସିମେଣ୍ଟ ଚଟାଣ ନାହିଁ କିମ୍ବା ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଛାତ ଘର ଖଣ୍ଡିଏ ନାହିଁ। ସରକାର ଯେଉଁ ସାପ୍ତାହିକ ହାଟଗୁଡ଼ିକରେ ସବୁ ସୁବିଧା ରହିଛି, ସେହି ସାପ୍ତାହିକ ହାଟଗୁଡ଼ିକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆଦର୍ଶ ହାଟରେ ପରିଣତ କରୁଛନ୍ତି। ହେଲେ ବହୁ ପୁରାତନ ହାଟ ପ୍ରତି କୌଣସି ଅଧିକାରୀ କିମ୍ବା ରାଜନେତାଙ୍କ ନିଘା ନାହିଁ। ଖୁଚୁରା ବ୍ୟବସାୟୀ ବସିବା ପାଇଁ ଚଟାଣ ତିଆରି ହେବା ଦୂରର କଥା ଦୁଇ ବର୍ଷ ହେବ ୪ଟି ମାର୍କେଟ କମ୍ପ୍ଲେସ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଯେଉଁଠାରେ ହାଟ ବସେ ଅଳ୍ପ ବର୍ଷା ହେଲେ କାଦୁଅ ହୋଇ ଯାଉଥିବାରୁ ବ୍ୟବସାୟୀମାନେ ଫେରିଯାଉଛନ୍ତି। ହାଟରୁ ସଉଦା କରିବା ପାଇଁ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ସଉଦା ନେଇ ଘରକୁ ଯିବା ବଦଳରେ ଖାଲି ହାତରେ ନିରାଶ ହୋଇ ଫେରି ଯାଉଛନ୍ତି। ହାଟରେ ବସୁଥିବା ପ୍ରତ୍ୟେକ ବ୍ୟବସାୟୀଠାରୁ ରଜନା ପଞ୍ଚାୟତ କର ଆଦାୟ କରୁଛି। ହେଲେ କାହିଁକି ଚଟାଣ ନିର୍ମାଣ କରୁ ନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ହେଉଛି। ବର୍ଷା ୩ ମାସରେ ଲୋକଙ୍କୁ ବହୁତ ହଇରାଣ ହେବାକୁ ପଡ଼େ। ଆଦିବାସୀ ବହୁଳ ଅଞ୍ଚଳରେ ସାପ୍ତାହିକ ହାଟ ବସୁଥିବାରୁ ଅଧିକାଂଶ ଲୋକ ନିର୍ଭର କରି ଦୂର ଦୂରାନ୍ତକୁ ଯାଉନାହାନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସାପ୍ତାହିକ ହାଟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସେମାନଙ୍କ ମୁହଁରୁ ...


“ ସାପ୍ତାହିକ ହାଟର ଉନ୍ନତିକରଣ ପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଜମି ଚିହ୍ନଟ କରିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ହୋଇ ଥିବାରୁ ଉନ୍ନୟନ କାର୍ଯ୍ୟ ହୋଇପାରୁ ନାହିଁ ପୁଣି ଜମି ଚିହ୍ନଟ କରି ଅନ୍ୟ ସ୍ଥାନରେ ସାପ୍ତାହିକ ହାଟ ବସାଇବା ପାଇଁ ଉଦ୍ୟମ କରୁଛୁ।

-କ୍ଷୀରସିନ୍ଧୁ ଭୋଇ, ରଜନା ପଞ୍ଚାୟତ ସରପଞ୍ଚ।


“ ଆମେ ପ୍ରତି ସୋମବାର ଆସି କିଛି ଖୁଚୁରା ଜିନିଷ ବିକ୍ରୟ କରି ଯାଉଛୁ। ବର୍ଷା ଦିନ ହେଲାଠାରୁ ହାଟ ଭଲ ଭାବରେ ବସିପାରୁ ନାହିଁ ବେପାରୀମାନଙ୍କ ବସିବା ପାଇଁ ପିଣ୍ଡା ତିଆରି ନ କଲେ ଆମେ ବ୍ୟବସାୟୀମାନେ ହାଟକୁ ଜିନିଷ ଆଣି ବିକ୍ରୟ କରିବା ଛାଡିଦେବୁ।

-ପ୍ରତାପ ଶଗରିଆ, ବ୍ୟବସାୟୀ


“ ଆମେ ଦୂର ଦୂରାନ୍ତରୁ ହାଟରେ ନିଜ ଇଛା ମୁତାବକ ଜିନିଷ କିଣି ନେବା ପାଇଁ ଆସିଅଛୁ। ହେଲେ ହାଟ ଭିତରେ କାଦୁଅ ପଚ ପଚ କରୁଥିବାରୁ ମନ ଇଛା ପସନ୍ଦର ଜିନିଷ କିଣି ପାରୁ ନାହୁ। ଦୋକାନୀମାନେ ମଧ୍ୟ ଜିନିଷ ଖୋଲା କରି ରଖିପାରୁ ନାହାନ୍ତି।

-ଶଗରିଆ ବୋଲଧା, ଗ୍ରାହକ।


“ ଆଖପାଖର ଚାଷୀ ନିଜ ବାଡି ବଗିଚା ଚାଷ କରି ପନିପରିବା ଆଣି ବିକ୍ରୟ କରୁଥିବାବେଳେ ଦୂରଦୁରାନ୍ତ ବେପାରୀ ମଧ୍ୟ ଆସି ବ୍ୟବସାୟ କରି ଯାଉଛନ୍ତି। ସପ୍ତାହକ ଥରେ ହାଟ ହେଉଥିବାରୁ ଅଞ୍ଚଳ ପାଇଁ ସୁବିଧା ହେଉଛି। ହାଟ ବସିବା ସ୍ଥାନର ଉନ୍ନତିକରଣ କରାଗଲେ ସୁବିଧାରେ ହାଟ ବସି ପାରନ୍ତା।

-ସୋବାରୁ ଯାଦବ, ଗ୍ରାହକ

## ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆକ୍ରମଣରେ ବୃଦ୍ଧ ଗୁରୁତର ଥାନାରେ ଅଭିଯୋଗ

କୋକସରା,୧୭।୭
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ଆମପାଣି ଥାନା ଅନ୍ତର୍ଗତ ଯାନିପଡା ଗ୍ରାମର ମଙ୍ଗଲୁ ମାଝୀ (୬୮) ରବିବାର ବିଳମ୍ବିତ ରାତିରେ ନିଜ ପନିପରିବା ଚାଷ କରିଥିବା କ୍ଷେତ ନିକଟରେ ଥିବା ଏକ କୁଡିଆ ଘରେ ଶୋଇଥିବା ସମୟରେ ଚାରି ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆସି ବୃଦ୍ଧଙ୍କୁ ଅତର୍କିତ ମାଡ଼ ମାରିବା ସହ ଶୋଇଥିବା ଖଟ ଉପରେ ଦଉଡିରେ ବାନ୍ଧି ଦେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମପାଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଦୁର୍ବୃତ୍ତମାନେ କାହିଁକି ଆକ୍ରମଣ କରିଛନ୍ତି ସେ ନେଇ କାରଣ ଅସ୍ପଷ୍ଟ ରହିଛି। ପୀଡିତ ମଙ୍ଗଲୁ ମାଝୀ ଆମପାଣି ଥାନାରେ ଏନେଇ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ରାଜେଶ ପରିଡା ସୂଚନା ଦେଇଛନ୍ତି।

# ବାଲି ଚୋରା ଚାଲାଣ ନେଇ ଅଭିଯୋଗ

**୫ ହଜାର କ୍ୟୁବିକ ମିଟର ବାଲି ଲିଜ ନେଇ ୫ଲକ୍ଷ କ୍ୟୁବିକ ମିଟର ବାଲି ଉଠାଇବା ଲକ୍ଷ୍ୟରେ ଠିକା ସଂସ୍ଥା**


କେସିଙ୍ଗା ତେଲ ନଦୀ ମହଦା ବାଲି ଘାଟରୁ ହାଇୱା ଯୋଗେ ବାଲି ଚାଲାଣ କରାଯାଉଛି।

କେସିଙ୍ଗା,୧୭।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ସୀମାନ୍ତ ଅଞ୍ଚଳରେ ଥିବା କେସିଙ୍ଗା ଓ ଟିଟିଲାଗଡ଼ ତହସିଲ ଅଧିନସ୍ଥ ତେଲ ନଦୀ ମହଦା ଘାଟରୁ ବେନିୟମ ଭାବେ ବାଲି ଚାଲାଣକୁ ବିରୋଧ କରି କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ସୁରେଶ ରାଓ ବଲାଙ୍ଗୀର ଜିଲାପାଳ, ଟିଟିଲାଗଡ ଉପଜିଲାପାଳ, ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଜସ୍ୱ ବିଭାଗ ଓଡିଶା, ୫-ଟି ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଠିକା ସଂସ୍ଥା ୫ହଜାର କ୍ୟୁବିକ ମିଟର ବାଲି ଲିଜ ନେଇ ୫ଲକ୍ଷ କ୍ୟୁବିକ ମିଟର ବାଲି ଉଠାଇବା ଲକ୍ଷରେ ଦିନରାତ୍ରୀ ଚୋରା ଚାଲାଣ କରୁଛି।

ସୂଚନା ମତେ କେସିଙ୍ଗା ସହରରୁ ୨କି. ମି ଦୂରରେ ତେଲ ନଦୀ ଅବସ୍ଥିତ। ନଦୀର ଗୋଟିଏ ପାର୍ଶ୍ୱ କେସିଙ୍ଗା ତହସିଲ ବିଭାଗ ଅଧିନରେ ଆସୁଥିବାବେଳେ ଅପରପାର୍ଶ୍ୱ ୧୨ କି.ମି ଦୂର ଟିଟିଲାଗଡ଼ ତହସିଲ ବିଭାଗ ଅଧିନରେ ଆସୁଛି। ଜଣେ ବ୍ୟକ୍ତିଙ୍କୁ ୩୯୮ ଟଙ୍କା କ୍ୟୁବିକ ମିଟରରେ ୫ ହଜାର କ୍ୟୁବିକ ମିଟର ବାଲି ଉଠାଣ ପାଇଁ ୫ବର୍ଷ ନିମନ୍ତେ ଲିଜରେ ଦିଆଯାଇଛି। ବାଲି ଉଠାଣ ଦିନଠାରୁ ବିଭିନ୍ନ ଜରିଆରେ ଜାଲିଆତି କରି ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୧ଲକ୍ଷ କ୍ୟୁବିକ ମିଟର ବାଲି ଉଠାଇନେଇଥିବା ଅଭିଯୋଗ ହେଉଛି। ଏନେଇ ଟିଟିଲାଗଡ଼ ଉପଜିଲାପାଳ ଓ ତହସିଲଦାରଙ୍କୁ ଅନେକ ବ୍ୟକ୍ତି ବିଶେଷ ଓ ସଙ୍ଗଠନ ଅଭିଯୋଗ କରିଛନ୍ତି। ବହୁ ଆଗରୁ ବିନା ଟ୍ରାଞ୍ଜିଟ ପାସରେ ଜାଲିଆତି କରି ଦୈନିକ ଶହ ଶହ ହାଇୱା ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପ୍ରମାଣସହ ପ୍ରଦାନ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ଟିଟିଲାଗଡ଼ ତହସିଲଦାର ଲଳିତ ବାଗଙ୍କୁ ପଚାରିବାରୁ ନୂତନ ଭାବେ ଯୋଗଦେଇଛି,ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗକାରୀ କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ସୁରେଶ ରାଓଙ୍କୁ ପଚାରିବାରୁ ବହୁ ଦିନରୁ ବାଲି ଚୋରା ଚାଲାଣ ହେଉଛି, ପ୍ରଶାସନକୁ ପ୍ରମାଣ ସହ ଲୋକେ ଅଭିଯୋଗ କରିଛନ୍ତି ହେଲେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

## କାଳୀକୃଷ୍ଣ ସଂଘ ପକ୍ଷରୁ ଥାନା ପରିସରରେ ଚାରା ରୋପଣ

କୋକସରା,୧୭।୭
(ଦୁଷ୍ମନ୍ତ କୁମାର ପାଟଯୋଷୀ)

କାଳୀକୃଷ୍ଣ ସଂଘ ପ୍ରତିଷ୍ଠାତା ସଦ ଗୁରୁଦେବ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ୮୧ତମ ଧରାବତରଣ ଦିବସ ଅବସରରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜୟପୁରରୁ କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀଜଗଦାନନ୍ଦ ଜୀ ଯୋଗଦେଇ ଚାରାରୋପଣ କରିବା ସହ ବୃକ୍ଷର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଆମପାଣି ଥାନା ଅଧିକାରୀ ଚତୁର୍ଭୁଜ ନାଏକ, ଆଇଆରବିଏନ କମାଣ୍ଡାଣ୍ଟ ବିପ୍ରଚରଣ ନାଏକ, ଓଆଇସି ରାଜେଶ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କିସମର ଚାରା ରୋପଣ କରିଥିଲେ। କନ୍ଦାଗଡ଼ କାଳୀକୃଷ୍ଣ ସଂଘର ସଭାପତି ଜିତେନ୍ଦ୍ର ପଣ୍ଡା, ଗୋବିନ୍ଦ ମାଝୀ, ଭାସ୍କର ଦଣ୍ଡସେନା, ଗଙ୍ଗାବାଳୀ ରାଉତ, ଟୁନୁ ମାଝୀ, ମଳୟ ମାଝୀ, ଦିଲୀପ ଠାକୁର, ଗଣେଶ ରାମ ଅଗସ୍ତି, ରାମଚନ୍ଦ୍ର ତିୱାରୀ, ଗବ୍ର ନାଏକ, ରାମ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ମିଶନଶକ୍ତି ଦ୍ୱାରା ଚୟନ ବ୍ୟକ୍ତିଙ୍କୁ ସ୍ୱୀକୃତି ଦିଆଯାଉ


ଜିଲାପାଳ କାର୍ଯ୍ୟାଳୟ ଆସିଥିବା ମହିଳା।

ନୂଆପଡା,୧୭।୭ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ସୋମନାଥ ୫-ଟି ଉଚ୍ଚ ବିଦ୍ୟାଳୟର ରାତ୍ର ଜଗୁଆଳି ଓ ଝାଡୁଦାର ପଦବୀ ପାଇଁ ଚୟନ କରା ଯାଇଥିବା ବ୍ୟକ୍ତିମାନଙ୍କୁ ପ୍ରଧାନ ଶିକ୍ଷକ ସ୍ୱୀକୃତି ଦେଉ ନ ଥିବାରୁ ରଜନା ମା' ଠାକୁରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଅନ୍ୟ କୌଣସି କାର୍ଯ୍ୟରେ ଯାଇଥିବାରୁ ମିଶନ ଶକ୍ତି ଜିଲା ସଂଯୋଜକ ରାମ ତାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ନିୟମ ମୁତାବକ ୫-ଟି ବିଦ୍ୟାଳୟ ଗୁଡିକରେ ଓଡିଶା ସରକାରଙ୍କ ମିଶନ ଶକ୍ତି ଦ୍ୱାରା ଚୟନ ପ୍ରକ୍ରିୟାରେ ଚୟନ ହୋଇଥିବା ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ମହିଳାମାନେ ରାତ୍ର ଜଗୁଆଳି ଓ ବିଦ୍ୟାଳୟ ସଫାସୁତରା କରିବା ପାଇଁ ଝାଡୁଦାର ରହିବାର ନିୟମ ରହିଛି। ମା' ଠାକୁରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରଜନାର ରାତ୍ର ଜଗୁଆଳି ଭାବରେ ଝମ୍ପେଶ୍ୱର ଚିନ୍ଦା ଓ ଝାଡୁଦାର ଭାବରେ ଜାନକି ଚିନ୍ଦାଙ୍କୁ ମିଶନ ଶକ୍ତି ଦ୍ୱାରା ଚୟନ କରି ରଜନା ସୋମନାଥ ୫-ଟି ଉଚ୍ଚ ବିଦ୍ୟାଳୟରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଦୁଇ ଜଣ ଯାଇ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଯୋଶୀଙ୍କୁ ଯୋଗାଯୋଗ କରିବାରୁ ମନା କରି ଦେଇଥିଲେ। ପ୍ରଧାନଶିକ୍ଷକ ତାଙ୍କ ମନଇଛା ଚୟନ କରି ନିଜ ଲୋକଙ୍କୁ ରଖିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଇଟା ପ୍ରଧାନ ଶିକ୍ଷକ ଚୟନ କରି ପାରିବେ ନାହିଁ। ମିଶନ ଶକ୍ତି ଚୟନ କରି ବିଦ୍ୟାଳୟକୁ ପଠାଇବେ। ପ୍ରଧାନ ଶିକ୍ଷକ କେବଳ ତାଦାରଖ କରିବେ ବୋଲି ମିଶନ ଶକ୍ତି ଜିଲା ସଂଯୋଜକ ତାଣ୍ଡି କହିଛନ୍ତି। ପ୍ରଧାନ ଶିକ୍ଷକ ଯୋଶୀଙ୍କୁ ଫୋନ ଯୋଗାଯୋଗ କରିବାରୁ ମୋତେ ଫୋନ ମାଧ୍ୟମରେ ଜଣାଇଥିଲେ। ମୋ ପାଖକୁ ରିଜ୍ୟୁଲେସନ କପି ଦେଇ ନାହାନ୍ତି ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ନିଜ ମନ ମୁତାବକ କାର୍ଯ୍ୟ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି ମା' ଠାକୁରାଣୀ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଭାନେତ୍ରୀ ଶୋଭାଙ୍ଗିନୀ ଚିନ୍ଦା,ସମ୍ପାଦିକା ଯାଜ୍ଞସେନି ଚିନ୍ଦା, ଚନ୍ଦ୍ରକାନ୍ତି ଚିନ୍ଦା, ବୈଦେହି ଚିନ୍ଦା, କରୁଣା ଚିନ୍ଦା, ଜାନକି ଚିନ୍ଦା, ଶୁଶିଳା ଚିନ୍ଦା, ରତନେ ଚିନ୍ଦା, ଉଷା ଚିନ୍ଦା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ନିମ୍ନମାନର କାମ ନେଇ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବିପତ୍ର

ଖଡ଼ିଆଳ,୧୭।୭
(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ କିରିକିଟା ପିଡବ୍ଲ୍ୟୁଡି ରାସ୍ତା ଠାରୁ ସିନାପାଲି ବ୍ଲକର ହତିବନ୍ଧା ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ନିମ୍ନମାନର ନେଇ ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଲିଖିତ ଅଭିଯୋଗ ଅନୁଯାୟୀ ହାତୀବନ୍ଧାଠାରୁ କିରିକିଟା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ଗ୍ରାମ୍ୟ ନିର୍ମାଣ ବିଭାଜନ ଯନ୍ତ୍ରୀଙ୍କ ଅଧିନରେ ହୋଇଥିବା ପ୍ରଧାନମନ୍ତ୍ରୀ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାବେଳେ ନିର୍ମାଣର ଏକ ମାସ ମଧ୍ୟରେ ପିଚୁ ଉଠିଯାଇଥିବା ଅଭିଯୋଗ କରିଛି ଦଳିତ ଅଧିକାର ମଞ୍ଚ। ସୂଚନା ଫଳକରୁ ଜଣାପଡିଛି ଯେ ସମ୍ପୃକ୍ତ କାର୍ଯ୍ୟ ଗତ ସେପ୍ଟେମ୍ବର ୨୦୨୨ରେ ସରିଥିବା ସୂଚନା ଫଳକରୁ ଜଣାପଡୁଛି। ଦୀର୍ଘ ୭ କିମି ୩୯୦ ମିଟର ରାସ୍ତାର ଅଟକଳ ମୂଲ୍ୟ ପ୍ରାୟ ୩୭୨.୫୨ ଲକ୍ଷ ଟଙ୍କା ଅଟେ। ରାସ୍ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ ୧୩୩.୮୯ ଲକ୍ଷ ଟଙ୍କା ବ୍ୟୟର ଅଟକଳ ରହିଛି ଯାହାକି ଆସନ୍ତା ସେପ୍ଟେମ୍ବର ୨୦୨୩ ପରେ ଖର୍ଚ୍ଚ ହେବା କଥା । ମାତ୍ର ରାସ୍ତା କାର୍ଯ୍ୟ ହୋଇ ଏକ ମାସ ନପୂରୁଣୁ ରାସ୍ତାର ୨୦୦ ମିଟର ପିଚୁ ଉପୁଡ଼ି ରାସ୍ତା ଭାଙ୍ଗି ଯାଇଛି। ତେଣୁ ରାସ୍ତା କାର୍ଯ୍ୟ କରିଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ଦଳିତ ଅଧିକାର ମଞ୍ଚ ଓ ଗ୍ରାମବାସୀ। ଏନେଇ ଖଡ଼ିଆଳ ଅଧୀକ୍ଷଣ ଯନ୍ତ୍ରୀ ଅର୍ଜୁନ ଚରଣ ମୁଣ୍ଡାଙ୍କୁ ପଚାରିବାରୁ କପିଆ ଗ୍ରାମ ଠାରେ ରାସ୍ତା ଟିକେ ଖରାପ ଅଛି। ପାଗ ଶୁଖିଲା ପରେ ତିଆରି କରାଯିବ ବୋଲି ପ୍ରକାଶ କରିବା ସହିତ ସମ୍ପୃକ୍ତ କାର୍ଯ୍ୟର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ କରିବେ ଠିକାଦାର ବୋଲି ପ୍ରକାଶ କରିଥିଲେ।


ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ନିମ୍ନମାନର ହୋଇଛି।

# କାରୁଣ୍ଡ କଳା କେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**୧୨ଜଣଙ୍କୁ 'କାରୁଣ୍ଡଶ୍ରୀ ସମ୍ମାନ' ପ୍ରଦାନ**

ଭବାନୀପାଟଣା,୧୭।୭
(ଉତ୍ତମ କୁମାର ଦାଶ)



କଳାହାଣ୍ଡିଆ ଶବ୍ଦକୋଷ ରଚୟିତା ପରମେଶ୍ୱର ମୁଣ୍ଡଙ୍କୁ କାରୁଣ୍ଡଶ୍ରୀ ସମ୍ମାନ ପ୍ରଦାନ କରାଯାଉଛି।

କଳାହାଣ୍ଡିର ଅଗ୍ରଣୀ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାରୁଣ୍ଡ କଳା କେନ୍ଦ୍ର' ରୌପ୍ୟ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଭବାନୀପାଟଣା ଟାଉନହଲ ଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'କଳାହାଣ୍ଡିର ଲୋକନୃତ୍ୟ ଓ ଘୁମୁରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ପଦ୍ମନାଭ ରାଜୁଙ୍କ ପୌରହିତ୍ୟରେ ଆୟୋଜିତ ସାଂସ୍କୃତିକ ସଭାରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଉଦ୍‌ଘାଟକ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ସମ୍ମାନିତ ଅତିଥି ଓ ଗବେଷକ ଉମାଶଙ୍କର କର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। କଳା, ସଂସ୍କୃତି ଓ ସାହିତ୍ୟ କୌଣସି ଅଞ୍ଚଳର ଅସ୍ମିତା ଓ ଅସଲ ପରିଚୟ। କଳାହାଣ୍ଡିର କଳା ଓ ସଂସ୍କୃତିର ସଂରକ୍ଷଣ ତଥା ବିକାଶ କରିବା ଦିଗରେ କାରୁଣ୍ଡ କଳା କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ କଳାହାଣ୍ଡିର ଲୋକନୃତ୍ୟକୁ ସମସାମୟିକ ଧାରାରେ ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୨ଜଣ ସଙ୍ଗୀତଜ୍ଞ ସୁଧୀର ଚନ୍ଦ୍ର ପଣ୍ଡା, ନାଟ୍ୟକାର ନିର୍ଦ୍ଦେଶକ ଅଶୋକ ପାତ୍ର, ଘୁମୁରା ଗୁରୁ କୈଳାସ ଚନ୍ଦ୍ର ସିଂହ, ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ମହାପାତ୍ର, ଅଭିନେତା ଅବଦୁଲ କାଦିର, ଚଳଚ୍ଚିତ୍ର ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ବୈଦ୍ୟରାଜ ପବିତ୍ର ଶବର, ସୁଆଙ୍ଗ କଳାକାର ଦୁର୍ଗା ପ୍ରସାଦ ବାଣୁଆ, କଳାହାଣ୍ଡିଆ ଶବ୍ଦକୋଷ ରଚୟିତା ପରମେଶ୍ୱର ମୁଣ୍ଡ, ଲୋକସଂସ୍କୃତି ଗବେଷକ ଧାନାନନ୍ଦ ପଣ୍ଡା, କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଓ ଓଡ଼ିଶୀ ତଥା ଲୋକନୃତ୍ୟ ଗୁରୁ ସତ୍ୟବାନ ପ୍ରଧାନୀଙ୍କୁ 'କାରୁଣ୍ଡଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। କଳାହାଣ୍ଡି ଲେଖକ କଳା ପରିଷଦ ସଙ୍ଗୀତ ମହାବିଦ୍ୟାଳୟର ଶିଳ୍ପୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭ୍ୟ ଡ଼. ତପନ ରଥ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଏବଂ କାର୍ଯ୍ୟକାରୀ ସଭ୍ୟ ଜଗଦୀଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଆକାଶବାଣୀ କଳାକାର ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ କାରୁଣ୍ଡ କଳା କେନ୍ଦ୍ରର ଘୁମୁରା ନୃତ୍ୟ, କଳାହାଣ୍ଡି କଳା କେନ୍ଦ୍ରର ଓଡ଼ିଶୀ, ପ୍ରତିଭା ଅନୁଷ୍ଠାନର ସିଙ୍ଗାରି ନୃତ୍ୟ, ଜେ.କେ ଡ୍ୟାନ୍ସ ସ୍କୁଲର ସମ୍ବଲପୁରୀ ନୃତ୍ୟ ଓ ପଣ୍ଡିତ ମଙ୍ଗଳୁ ମିଶ୍ର ଓ ସାଥି ଦାସକାଠିଆ ନୃତ୍ୟ ପରିବେଷଣ କରିଥିଲେ। ମଶାଲ ଶୋଭାଯାତ୍ରାରେ ବାଲଗୋପାଳ ସେବା ନିକେତନର ଘୁମୁରା ଓ ବେହେରାଗୁଡାର ମହିଳା ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଦୀପ ଧଙ୍ଗଡାମାଝୀ, କୋଷାଧ୍ୟକ୍ଷ ସୋମନାଥ ରାଜୁ, କାର୍ଯ୍ୟକାରୀ ସଭ୍ୟ ପ୍ରଶାନ୍ତ ଠାକୁର, ଲୋକନାଥ ରାଜୁ, ବିଜୟ ମୁନି, ରଜନୀ ମିଶ୍ର, ଶିବ ନାଏକ, ହେମନ୍ତ ରାୟ, ସମିତା ମହାପାତ୍ର ପ୍ରମୁଖ ରୌପ୍ୟ ଜୟନ୍ତୀ ପରିଚାଳନାରେ ସହଯୋଗ କରିଥିଲେ।

# ସରକାର ଗହମ ଦେଲେନି, ଛତୁଆ ବଣ୍ଟନ ବନ୍ଦ



- ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ୩୨୦୧୬ ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁ
- ସୁବର୍ଣ୍ଣପୁର ଜିଲାରେ ଶିଶୁ ଓ ମାତୃମଙ୍ଗଳ ଯୋଜନା ବାଟବଣା

**ସୋନପୁର, ୧୭।୭(ମୃତ୍ୟୁଞ୍ଜୟ ଶତପଥୀ)**

ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ଉତ୍ତମ ସ୍ୱାସ୍ଥ୍ୟଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଗର୍ଭଧାରଣଠାରୁ ଶିଶୁ ଜନ୍ମ ପର୍ଯ୍ୟନ୍ତ ମା'ର ସ୍ୱାସ୍ଥ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ନିରାପଦ ମାତୃତ୍ୱ, ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପାଇଁ ପୋଷଣଯୁକ୍ତ ଖାଦ୍ୟ ହିସାବରେ ଛତୁଆ, ସୁଜି, ଅଣ୍ଡା ଓ ଲଡୁ ଆଦି ପ୍ରଦାନ କରାଯାଉଛି। ତେବେ ସୁବର୍ଣ୍ଣପୁର ଜିଲାରେ ଗତ ୨ ମାସ ଧରି ସପ୍ଲିମେଣ୍ଟାରୀ ନ୍ୟୁଟିସନ ପ୍ରୋଗ୍ରାମ(ଏସଏନ୍‌ପି) ଅଧିନରେ ଛତୁଆ ପ୍ରସ୍ତୁତ ହୋଇପାରିନି। ରାଜ୍ୟ ସରକାର ଗହମ ଯୋଗାଇ ନ ପାରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଜିଲାର ୩୨ ହଜାର ୧୬ଜଣ ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ହୋଇପାରୁନି। ଅଧିକ ଶିଶୁ କୁପୋଷଣର ଶିକାର ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ଜିଲାରେ ଶିଶୁ ଓ ମାତୃମଙ୍ଗଳ ଯୋଜନା ବାଟବଣା ହୋଇଥିବା ଗର୍ଭବତୀ ମହିଳା, ପ୍ରସୂତି ଓ ଶିଶୁଙ୍କ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

ସୁବର୍ଣ୍ଣପୁର ଜିଲାରେ ଅପପୁଷ୍ଟି ସ୍ଥିତି ବେଶ୍ ଗମ୍ଭୀର। ସୁଷମ ଖାଦ୍ୟ ଅଭାବରୁ ବୟସ ଓ ଉଚ୍ଚତା ଅନୁପାତରେ ଶିଶୁର ଓଜନ କମ୍ ରହୁଛି। ତଥ୍ୟ ଅନୁସାରେ ଜିଲାର ୪୨୯୮୫ ଜଣ ଶିଶୁଙ୍କ ମଧ୍ୟରୁ ୧୦୫୦ ଜଣ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ଜିଲାରେ ୧୫୫୬ ଅଙ୍ଗନୱାଡି କେନ୍ଦ୍ର ରହିଛି। ଅତିରିକ୍ତ ଭୋଜନ କାର୍ଯ୍ୟକ୍ରମରେ ଜିଲାର ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଅଧିନରେ ୪୧୧୭ଜଣ ଗର୍ଭବତୀ ମହିଳା, ୪୨୧୮ଜଣ ପ୍ରସୂତି ମହିଳା ଓ ୬ ମାସରୁ ୩ ବର୍ଷ ମଧ୍ୟରେ ୨୩ହଜାର ୬୮୧ ଜଣ ଶିଶୁ ପଞ୍ଜିକୃତ ହୋଇଛନ୍ତି। ୧୧ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଜରିଆରେ ପୁଷ୍ଟିକର ଖାଦ୍ୟ(ଛତୁଆ) ପ୍ରସ୍ତୁତ ହୋଇ ଜିଲାର ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ବଣ୍ଟନ ହେଉଛି। ଛତୁଆର ମୁଖ୍ୟ ଉପାଦାନ ଗହମ ହୋଇଥିବା ବେଳେ ସେଥିରେ ବୁଟ, ବାଦାମ ଓ ଚିନି ମିଶା ଯାଇଥାଏ। ଗର୍ଭବତୀ ମହିଳା ଓ ପ୍ରସୂତିଙ୍କୁ ଅନ୍ୟ ପୁଷ୍ଟିକର ଖାଦ୍ୟ ସହ ମାସିକ ୪ କିଲୋ ୪୧୦ଗ୍ରାମ ଲେଖାଏ ଛତୁଆ ପ୍ୟାକେଟ୍ ପ୍ରଦାନ କରାଯାଏ। ସେହିଭଳି ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଭାବେ ଅଣ୍ଡା, ଲଡୁ ସହିତ ୨କିଲୋ ୨୦୦ଗ୍ରାମ ଛତୁଆ ମିଳେ । ସରକାର ଏହି ଜିଲାକୁ ଠିକ୍ ସମୟରେ ଗହମ ଆବଣ୍ଟନ କଲେନି। ଆବଶ୍ୟକ ଅନୁଯାୟୀ ଛତୁଆ ପ୍ରସ୍ତୁତ ହୋଇ ପାରିଲାନି। ଫଳରେ ଜିଲାର ସୋନପୁର, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା, ବୀରମହାରାଜପୁର ବ୍ଲକରେ ଜୁନ୍ ଓ ଜୁଲାଇ ମାସର ଛତୁଆ ବଣ୍ଟନ ହୋଇନି। ତରଭା ବ୍ଲକରେ ମେ ମାସରେ ଅଧା ଛତୁଆ ବଣ୍ଟନ ହୋଇଥିବା ବେଳେ ଜୁନ୍ ଓ ଜୁଲାଇ ମାସରେ ଛତୁଆ ବଣ୍ଟନ ହୋଇ ନଥିବା ଜଣାପଡିଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ ନାୟକ କୁହନ୍ତି, ମୁଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛି। ଗହମ ନ ଥିବାରୁ ଜିଲାରେ ଛତୁଆ ପ୍ରସ୍ତୁତି ଓ ବଣ୍ଟନ ହୋଇପାରିନି। ଗହମ ଯୋଗାଣ ପାଇଁ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଏବେ ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୧୬୦କୁଇଣ୍ଟାଲ ୬୦କିଲୋ ଗହମ ଆଲଟମେଣ୍ଟ ଆସିଛି। ଏଫସିଆଇ ଗୋଦାମରୁ ଗହମ ଉଠାଣ ପରେ ଛତୁଆ ୟୁନିଟ୍‌ଗୁଡିକୁ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟ ଗହମ ମିଳିଲା ପରେ ଛତୁଆ ପ୍ରସ୍ତୁତି ତ୍ୱରାନ୍ୱିତ ହେବ ବୋଲି ନାୟକ କହିଛନ୍ତି।

## ସଂକ୍ଷେପରେ

### ବୀରମହାରାଜପୁରରେ ୯୬.୫ମିମି ବର୍ଷା ରେକର୍ଡ

**ଅମରପାଲି,୧୭।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗ ତରଫରୁ ମିଳିଥିବା ସୁଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିନିକା ବ୍ଲକରେ ସର୍ବାଧିକ ୧୬୫.୨ମିଲି ମିଟର ଏବଂ ତରଭା ବ୍ଲକରେ ସର୍ବନିମ୍ନ ୩୩ମିଲି ମିଟର ବର୍ଷା ରେକର୍ଡ ହୋଇଛି। ବୀରମହାରାଜପୁର ବ୍ଲକରେ ୯୬.୫ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୋନପୁର ବ୍ଲକରେ ୬୦ମିମି ବର୍ଷା, ଡୁଙ୍ଗୁରିପାଲି ବ୍ଲକରେ ୫୯.୨ମିମି ବର୍ଷା ଓ ଉଲୁଣ୍ଡା ବ୍ଲକରେ ୮୩ ମିମି ବର୍ଷା ରେକର୍ଡ ହୋଇଛି। ଦୁଇଦିନ ଲଗାଣ ବର୍ଷା ହେବା ଫଳରେ ଚଳିତ ବର୍ଷ ବିଳମ୍ବ ହୋଇଥିବା ଚାଷ କାର୍ଯ୍ୟ ଏବେ ପୁଣି ଜୋରସୋର ହେଉଥିବା ଦେଖିବାକୁ ମିଳିଛି।

### ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବିନିକା ୧୭।୭ ( ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଚାଳନା କମିଟିର ନୂତନ ସଭାପତି ପ୍ରଫେସର କିଶୋର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ। ଅଧାପକ ଗୋପାଳ କୃଷ୍ଣ ଦାସ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ରୁଦ୍ର ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ନୂତନ ସଭାପତି ପ୍ରଫେସର ପାଣିଗ୍ରାହୀ ଅବସର ପୂର୍ବରୁ ସୋନପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧାପକ ଥିଲେ।

### ସହକାରୀ ପ୍ରଫେସର ପାଇଁ ଚୟନ ହେଲେ ଅଧାପକ

**ଡୁଙ୍ଗୁରିପାଲି, ୧୭।୭(ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ରାମପୁରସ୍ଥିତ ଶ୍ରୀରାମ



ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଲିଙ୍ଗରାଜ ସାହୁ ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ଗ୍ରୁପ-୧ ସହକାରୀ ପ୍ରଫେସର ଭାବେ ଚୟନ ହୋଇଛନ୍ତି। ଗତ ୧୫ତାରିଖ ପ୍ରକାଶିତ ଚୟନ ତାଲିକାରେ ସମଗ୍ର ଓଡିଶାରେ ସେ ୭ମ ସ୍ଥାନ ଅଧିକାର କରିଛନ୍ତି। ସେ ପୂର୍ବରୁ ଓଡିଶା ଷ୍ଟାଫ ସିଲେକ୍ସନ ଦ୍ୱାରା ଚୟନ ହୋଇ ୨୦୧୬ ମସିହାରୁ ମହାବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ଅଧାପକ ସାହୁ ସ୍ନାତକରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ଏବଂ ୨୦୧୪ରେ ସମ୍ବଲପୁର ବିଶବିଦ୍ୟାଳୟରୁ ଡକ୍ଟରେଟ ହାସଲ କରିଥିଲେ। ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଦୁଲୁଲାବାହାଲ ଗ୍ରାମର ମୂଳ ବାସିନ୍ଦା ଚତୁର୍ଭୁଜ ସାହୁ ଓ ମଦନା ଦେବୀଙ୍କ ସେ ଜ୍ୟେଷ୍ଠ ପୁତ୍ର।

### ଶିବାଳୟମାନଙ୍କରେ ଶ୍ରଦ୍ଧାଳୁଙ୍କ ସମାଗମ

**ଅମରପାଲି,୧୭।୭(ପୀତାମ୍ବର ସାହୁ):** ଲଗାଣ ବର୍ଷା ସତ୍ତ୍ୱେ ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଶୈବାଳୟରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରାବଣ ଦ୍ୱିତୀୟ ସୋମବାର ଓ ସଂକ୍ରାନ୍ତି ଯୋଗୁଁ ସକାଳୁ ଶିବ ମନ୍ଦିରମାନଙ୍କରେ ବୋଲବମ ଭକ୍ତଙ୍କ ସମେତ ଶ୍ରଦ୍ଧାଳୁ ଜଳ ଢାଳିଥିଲେ। ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ମନ୍ଦିର, ଗୋଧନେଶ୍ୱର ଶିବ ମନ୍ଦିର, ସୁନାରିବେଣ୍ଢୀ ସ୍ୱପ୍ନେଶ୍ୱର ମନ୍ଦିର, ବଡବର୍ଡାକଟା ବାଣେଶ୍ୱର ଶିବ ମନ୍ଦିର, ପିତାମହୁଲ ଶିବ ମନ୍ଦିର, ଗୌଡଗାଡ, କୁଞ୍ଜାପାଲି, କେଶଲଗା ସ୍ଥିତ ଯୋଗିମୁଣ୍ଡା, ଠେଙ୍ଗ ଡ୍ୟାମ ରାମେଶ୍ୱର ମନ୍ଦିର, କେନଝିରିଆପାଲି ଶିବମନ୍ଦିର, ଚୌକା ମନ୍ଦିରରେ ବୋଲବମ ବ୍ରତାଧାରୀ ଜଳ ଢାଳିବା ପରେ ଦେବ ଦର୍ଶନ କରିଥିଲେ।

## ପ୍ରାଣୀ କଲ୍ୟାଣ ମଞ୍ଚ ପକ୍ଷରୁ ବିଶ୍ୱ ସର୍ପ ଦିବସ

**ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)**

ବୌଦ୍ଧ ପ୍ରାଣୀ କଲ୍ୟାଣ ମଞ୍ଚ ପକ୍ଷରୁ ସୋମବାର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରୁଣାକଟକଠାରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରବୀର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସାପଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ପ୍ରାଣୀ କଲ୍ୟାଣ ମଞ୍ଚର ଉପଦେଷ୍ଟା ସମୀର ସାହୁ ସର୍ପ ପ୍ରଜାତି ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ଶିକ୍ଷକ ପ୍ରାଣବନ୍ଧୁ ମହାପାତ୍ରଙ୍କୁ ପରିବେଶ ବନ୍ଧୁ ସମ୍ମାନ, ଯଜ୍ଞେଶ୍ୱର ମିଶ୍ରଙ୍କୁ ପରିବେଶ ମିତ୍ର ସମ୍ମାନ, ତ୍ରିନାଥ ଜଗଦଲାଙ୍କୁ ପ୍ରାଣୀ କଲ୍ୟାଣ ସମ୍ମାନ, ଦାଶରଥି ମେହେରଙ୍କୁ ବରିଷ୍ଠ ସର୍ପ ଧରାଳି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ର କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

## ୨୯ ପ୍ରକଳ୍ପ ପାଇଁ ୧ କୋଟି ୩୧ ଲକ୍ଷ ଟଙ୍କା ମଞ୍ଜୁର

**ଅମରପାଲି,୧୭।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୨୦ଟି ଆଧ୍ୟାତ୍ମିକ ପୀଠ ଓ ୯ଟି ଗୋଷ୍ଠୀ କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ୩୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥ ବିଭିନ୍ନ ଆଧ୍ୟାତ୍ମିକ କ୍ଷେତ୍ରର ମରାମତି ଓ ନବୀକରଣ ଏବଂ ବିଭିନ୍ନ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଖର୍ଚ୍ଚ ହେବ। ଜଟେସିଙ୍ଗା ପଞ୍ଚାୟତର ଗୋଧନେଶ୍ୱର ଶିବ ମନ୍ଦିର ପାଇଁ ୫ ଲକ୍ଷ, ବଡ଼ଖମାର ସ୍ଥିତ ବରାହପଦର ମଠ ପାଇଁ ୪ ଲକ୍ଷ, ସୁବଳୟାର ଜଗନ୍ନାଥ ମନ୍ଦିର ପାଇଁ ୬ ଲକ୍ଷ, କମିରା ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୪ ଲକ୍ଷ, ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ସଂଗ୍ରାମପୁର ରଘୁନାଥ ମନ୍ଦିର ପାଇଁ ୪ ଲକ୍ଷ, ପିତାମହୁଲ ଶିବ ମନ୍ଦିର ପାଇଁ ୪ ଲକ୍ଷ, ଡୁଲେଶ୍ୱର ରାମ ମନ୍ଦିର ପାଇଁ ୪ ଲକ୍ଷ, ଖଣ୍ଡହତା ପଞ୍ଚାୟତର ସୁନାରିବେନି ଶିବ ମନ୍ଦିର ପାଇଁ ୫ ଲକ୍ଷ, ଲୁଡୁରପଙ୍କ ପଞ୍ଚାୟତର ମେଣ୍ଢିଲିପାଲିଠାରେ କଲ୍ୟାଣ ମଣ୍ଡପ ପାଇଁ ୪ ଲକ୍ଷ, ବହଲପଦର ପଞ୍ଚାୟତର କୁନ୍ଦପାଲ ନିକଟସ୍ଥ ଦେଉଳଝୁରି ମଠ ପାଇଁ ୪ ଲକ୍ଷ ଓ ଯୋଗୀମୁଣ୍ଡା ମନ୍ଦିର ପାଇଁ ୪ ଲକ୍ଷ ଟଙ୍କା ଆବଣ୍ଟିତ ହୋଇଛି। ଅନୁରୂପଭାବେ ଦୁର୍ଜନଟେଲା ପଞ୍ଚାୟତର କୁଞ୍ଜାପାଲି ବଡଦେଓ ମନ୍ଦିର ପାଇଁ ୪ ଲକ୍ଷ ଓ ଡ୍ୟାମ ସାଇଟ ସ୍ଥିତ ରାମେଶ୍ୱର ମନ୍ଦିର ପାଇଁ ୪ ଲକ୍ଷ, କେନଝରିଆପାଲି ମଠ ପାଇଁ ୪ ଲକ୍ଷ, ମୁର୍ଷୁଣ୍ଡି କଲ୍ୟାଣ ମଣ୍ଡପ ପାଇଁ ୪ ଲକ୍ଷ, ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୫ ଲକ୍ଷ, ହିଲୁଙ୍ଗ ପଞ୍ଚାୟତ ମୈତ୍ରୀ ସଦନର ଉନ୍ନତିକରଣ ପାଇଁ ୭ ଲକ୍ଷ, ଖଣ୍ଡହତାଠାରେ କଲ୍ୟାଣ ମଣ୍ଡପ ପାଇଁ ୫ ଲକ୍ଷ, କେନଝରିଆପାଲି ପଞ୍ଚାୟତର ଫୁଲେଶ୍ୱରଠାରେ କଲ୍ୟାଣ ମଣ୍ଡପ ପାଇଁ ୫ ଲକ୍ଷ, ମୁର୍ଷୁଣ୍ଡି ପଞ୍ଚାୟତର କର୍ଡାପାଲଠାରେ କଲ୍ୟାଣ ମଣ୍ଡପ ପାଇଁ ୫ ଲକ୍ଷ, ଉଫୁଲା ପଞ୍ଚାୟତର କାନପୁର ମାହେଶ୍ୱରୀ ମନ୍ଦିର ପାଇଁ ୫ ଲକ୍ଷ, ବାଗବର ପଞ୍ଚାୟତର ଚନ୍ଦ୍ରମଣି ମଠ ନିକଟସ୍ଥ ତ୍ରିଦେବ ମନ୍ଦିର ପାଇଁ ୪ଲକ୍ଷ, ଫୁଲଚରା ମାହେଶ୍ୱରୀ ମନ୍ଦିର ପାଇଁ ୫ଲକ୍ଷ, ଚମ୍ପାମାଳର ଚମ୍ପେଶ୍ୱର ଶିବ ମନ୍ଦିର ପାଇଁ ୪ ଲକ୍ଷ, ବୀରମହାରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ପାଇଁ ୬ ଲକ୍ଷ, ମେଣ୍ଢାମାଲ ଶିବ ମନ୍ଦିର ପାଇଁ ୪ ଲକ୍ଷ ଓ ହିଲୁଙ୍ଗ ମାହେଶ୍ୱରୀ ମନ୍ଦିର ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

## ଜଣଙ୍କୁ ଆଜୀବନ, ଅନ୍ୟ ୨ ନିର୍ଦ୍ଦୋଷରେ ଖଲାସ

**ସୁଧୀର ହତ୍ୟା ମାମଲା**

**ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ହତ୍ୟା ମାମଲାର ବିଚାର କରି ଜଣଙ୍କୁ ଆଜୀବନ କାରାଦଣ୍ଡ ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୧୬।୧୦।୨୦୧୬ ସନ୍ଧ୍ୟାରେ ସମାପାଙ୍ଗୁ ଗ୍ରାମର ସୁଧୀର କହଁର ବଘିଆପଡାକୁ ମେଲୋଡି ଦେଖିବାକୁ ଯାଇଥିଲେ। କିନ୍ତୁ ସେ ୧୭ ତାରିଖ ସକାଳ ସୁଦ୍ଧା ଘରକୁ ଫେରି ନ ଥିଲେ। ସୁଧିରଙ୍କୁ କେହି ହତ୍ୟା କରି ବିଲରେ ଫିଙ୍ଗିଦେଇଥିବା ନେଇ ସାହିର ପିଉସୀ ପଦ୍ମା କହଁର ସୁଧିରଙ୍କ ସ୍ତ୍ରୀ ସପ୍ନାଙ୍କୁ କହିଥିଲେ। ସପ୍ନା ଓ ପଦ୍ମା ଘଟଣାସ୍ଥଳକୁ ଯାଇ ସୁଧିରଙ୍କ ଗଳା ଓ ବେକ କାଟି ଦିଆଯାଇଥିବା ଦେଖିଥିଲେ। ସପ୍ନା ଉକ୍ତ ଦିନ ହିଁ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୦୧୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ହତ୍ୟାକାଣ୍ଡରେ ଏରଡା ଗ୍ରାମର ଯଶୋବନ୍ତ ସାହୁ, ଖୁଣ୍ଟିଆପଡାର କନିଷ୍ଠ ମନହିରା ଓ ପଦ୍ମନପୁରର ପଦ୍ମନ ବେହେରାଙ୍କ ସମ୍ପୃକ୍ତି ଥିବା ଜାଣି ଏମାନଙ୍କ ନାମରେ ମାମଲା କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲାଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ ନଂ.୨୧/୧୭ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୬ ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତ ଯଶୋବନ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଓ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତ କନିଷ୍ଠ ଓ ପଦ୍ମନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା, କନିଷ୍ଠଙ୍କ ପାଇଁ ଆଇନଜୀବୀ ପ୍ରିତମ ମିଶ୍ର ଓ ପଦ୍ମନଙ୍କ ପାଇଁ ଆଇନଜୀବୀ ପ୍ରଦୀପ କୁମାର ମହାରଣା ମାମଲା ପରିଚାଳନା କରୁଥିଲେ।

## ବୈଷ୍ଣୋଦେବୀ ମନ୍ଦିରରେ କବିତା ପାଠୋତ୍ସବ



କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

**ବରଗଡ଼,୧୭।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଡୁରୁଙ୍ଗାସ୍ଥିତ ମାଁ ବୈଷ୍ଣୋଦେବୀ ମନ୍ଦିର ପରିସରରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରବିବାର କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ରକ୍ଷାକାରୀ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବହୁସଂଖ୍ୟକ କବୟିତ୍ରୀ, କବି ଯୋଗଦାନ କରିଥିଲେ। ସଙ୍ଗଠନ ସମ୍ପାଦକ କେଦାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ନିର୍ମଳ କିଶୋର କର ଗଣେଶ, ସରସ୍ୱତୀ ବନ୍ଦନା କରିଥିଲେ। ଯୁଗ୍ମ ସମ୍ପାଦକ ଗୋବିନ୍ଦ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଶୋକ କୁମାର ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୁରାବତୀ ସାହୁ, ରାଧାରାଣୀ ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଦାମୋଦର ସାହୁ, ଜୟଶ୍ରୀ ଦାଶ, ଦୟାନିଧି ମହାପାତ୍ର, ପ୍ରୀତମ ସିଂ, ସୁଦୃମା ପଣ୍ଡା, ବାସନ୍ତୀ ଗୁରୁ, ନୀଳାମ୍ବର ପତି, କବିତା ଦେବତା, ନିରୁପମା ଶତପଥି ପ୍ରମୁଖ କବିତା ପାଠ କରିଥିଲେ। ସତ୍ୟ ନାରାୟଣ ପଣ୍ଡା, ଦେବୀପ୍ରସାଦ ପଟ୍ଟନାୟକ, ସାଧୁଚରଣ ଦାଶ, ପ୍ରଦୀପ ସାହୁ, ସ୍ୱାଧୀନ ମହାରଣା, ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ ସହ ସହଯୋଗ କରିଥିଲେ।

## 'ଅତାବିରାରେ ଚାଷୀ ଶୋଷିତ'

**ସରଣ୍ଡା, ୧୭।୭(ଯୁଧିଷ୍ଠିର ମହାପାତ୍ର)**

ଅତାବିରାରେ ଚାଷୀ ଶୋଷିତ। ଏଠାରେ ବସ୍ତା ପ୍ରତି ୭/୮କେଜି ଧାନ କଟନିଛଟନି ହେଉଛି। ଚାଷୀ ନିଜ କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିପାରୁନାହିଁ। ମୁଖ୍ୟମନ୍ତ୍ରୀ ସମ୍ମୁଖକୁ ଆସୁନାହାନ୍ତି। ମନ୍ତ୍ରୀ ବିଧାୟକଙ୍କ ଦେଖା ମିଳୁନାହିଁ। ଓଡ଼ିଶାରେ ଲୋକ ପ୍ରତିନିଧି ନାହାନ୍ତି। ଜଣେ କିରାଣୀ ବିଭିନ୍ନ ସ୍ଥାନକୁ ବୁଲୁଛି ଉନ୍ନୟନ କଥା କହୁଛି। ଦେଢ଼ କୋଟି ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏତେ ବର୍ଷ ଶାସନ କଲା ପରେ ବିଜେଡି ସରକାର ମହାନଦୀରେ ବ୍ୟାରେଜ ତିଆରି କରିପାରିନାହିଁ। ଆସନ୍ତା ନିର୍ବାଚନରେ ଭାଜପା ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ସୋମବାର ରାତି ୮ଟାରେ ଅତାବିରା ଅଗ୍ରସେନ ଭବନଠାରେ ଭାଜପାର ଏକ ସାଙ୍ଗଠନିକ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି। ସେ କର୍ମୀମାନଙ୍କୁ ସଙ୍ଗଠନ ବାବଦରେ ବୁଝାଇବା ସହ ଅତାବିରା ଆସନରେ ଦଳ କିଭଳି ଜିତିବ ସେ ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥି ଓ ସୌରିଚରଣ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି. ମୁରଲୀ କ୍ରିଷ୍ଣା, ଡା. ଆରୁପାନନ୍ଦ ସାହୁ, ମିଳନ ସେଠ, ଜିଲା ସାଧାରଣ ସମ୍ପାଦକ ରବିନାରାୟଣ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଶୁଶାନ୍ତ ମିଶ୍ର, ସୁନନ୍ଦା ମେହେର, କୁଶ କୁମ୍ଭାର, ଯଶୋବନ୍ତ ସେଠ, ଉର୍କୁଲୁ ତାଣ୍ଡି, ବିପିନ ଭୁସାଗର, ଭରତ ବେହେରା, ଯୁବରାଜ ପ୍ରଧାନଙ୍କ ସମେତ ଅତାବିରା ଏବଂ ଭେଡେନ ମଣ୍ଡଳର ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

**ତରଭା, ୧୭।୭(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ପର୍କିତ ୯ଟି ଅଭିଯୋଗର ଶୁଣାଣି କରିଥିଲେ। ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦିନତମାମ ବର୍ଷ ଲାଗି ରହିବାରୁ ଖୁବ୍ କମ୍ ସଂଖ୍ୟକ ଲୋକେ ଶୁଣାଣି ଶିବିରକୁ ଆସିଥିବା କୁହାଯାଉଛି। ବିଡିଓ ଅନିଲ କୁମାର କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଉପଜିଲାପାଳ ସୋନପୁର ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଦୈତ୍ୟ ନାରାୟଣ ପାଢ଼ି, ଅଧିକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ଶ୍ରୀକାନ୍ତ ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲା ପ୍ରାଣୀଧନ ଅଧିକାରୀ ଡଃ ରତ୍ନାକର ରାଉତ, ଜିଲା କୃଷି ଅଧିକାରୀ ସେଠୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଶିଶୁ ସୁରକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର, ତହସିଲଦାର ତରଭା କୀର୍ତ୍ତିଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଦିବ୍ୟାଙ୍ଗ ବିବାହ ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ଲୁକାପାଲି ଗ୍ରାମର ଦିବ୍ୟାଙ୍ଗ ଦମ୍ପତି ତରୁଣ ବଗର୍ତ୍ତୀ ଓ ସମାରି ବଗର୍ତ୍ତୀ ଏବଂ ତରଭା ବିଜ୍ଞାପିତ ଅଞ୍ଚଳର ଚିନ୍ତାମଣି ନାଗ ଓ କୌଶଲ୍ୟା ନାଗଙ୍କୁ ଯୋଡି ପ୍ରତି ଅଢେଇ ଲକ୍ଷ ଟଙ୍କାର ସହାୟତା ଚେକ ଜିଲାପାଳ ପ୍ରଦାନ କରିଥିଲେ।

## ଲଗାଣ ବର୍ଷା, ଧୋଇଗଲା ବାଇପାସ୍ ରାସ୍ତା

**ଡୁଙ୍ଗୁରିପାଲି-ରାମପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ**

**ଡୁଙ୍ଗୁରିପାଲି ୧୭।୭(ଦୀନବନ୍ଧୁ ସୁନା)**



ବାଇପାସ ରାସ୍ତାରେ ବର୍ଷାଜଳ ପ୍ରବାହିତ ହେଉଛି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ରବିବାରଠାରୁ ବର୍ଷା ଲାଗି ରହିବାରୁ ଧନଜୀବନ ପ୍ରଭାବିତ ହୋଇଛି। ଡୁଙ୍ଗୁରିପାଲି, ରାମପୁର ପୂର୍ତ୍ତ ବିଭାଗ ରାସ୍ତାରେ ଥିବା ବିଭିନ୍ନ ପୋଲ, ନାଳ ଦେଇ ବର୍ଷାଜଳ ଆସିବାରୁ ସୋମବାର ଡୁଙ୍ଗୁରିପାଲି-ରାମପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାମପୁର-ଡୁଙ୍ଗୁରିପାଲି ରାସ୍ତାର ବିଭିନ୍ନ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଓ ପୋଲ ନିର୍ମାଣ କାମ ଚାଲିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଯାତାୟତ ପାଇଁ ବାଇପାସ ରାସ୍ତା କରାଯାଇଛି । ଡୁଙ୍ଗୁରିପାଲି ଶ୍ମଶାନ ଘାଟ ନିକଟରେ ଥିବା ପୋଲର ବାଇପାସ ରାସ୍ତା ଉପରେ ସୋମବାର ପୂର୍ବାହ୍ନ ୧୦ଟାରେ ୫ ଫୁଟର ବର୍ଷାପାଣି ପ୍ରଭାବିତ ହୋଇଥିଲା। ଏଥିଯୋଗୁ ବାଇପାସ୍ ରାସ୍ତା ଧୋଇ ହୋଇଯାଇଥିଲା । ସୋମବାର ଯାତ୍ରୀ ବାହୀ ବସ, ମାଲବାହୀ ଟ୍ରକ ଯିବା ଆସିବା ବନ୍ଦ ରହିଥିଲା। ଶ୍ରୀରାମ ମହାବିଦ୍ୟାଳୟକୁ ଛାତ୍ରୀଛାତ୍ର ପଢ଼ିବାକୁ ଯାଇ ପାରି ନ ଥିଲେ । ଏପରିକି ରାମପୁର ତହସିଲ କାର୍ଯ୍ୟାଳୟ ଓ କୋର୍ଟକୁ ଡୁଙ୍ଗୁରିପାଲି ଅଞ୍ଚଳର ଲୋକେ ଯାଇପାରି ନ ଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୪ ଟାରେ ବାଇପାସ ରାସ୍ତାରୁ ଜଳସ୍ତର ସାମାନ୍ୟ କମିବାରୁ ଲୋକେ ପାଣିରେ ପଶି ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା ।

## ବାଦ୍ ପଡ଼ିଥିବା ଶିକ୍ଷକଙ୍କ ଜିଲାପାଳଙ୍କୁ ଅଭିଯୋଗ

**ପ୍ରଧାନଶିକ୍ଷକ ପଦୋନ୍ନତିକୁ ନେଇ ପୁଣି ମସୁଧା**

**ବୌଦ୍ଧ,୧୭।୭(ଅଜିତ କୁମାର ବାରିକ)**

ଶିକ୍ଷକ ପଦୋନ୍ନତି ନେଇ ଉଚ୍ଚ ନ୍ୟାୟଳୟରେ ମାମଲା ଚାଲିଥିବା ବେଳେ ପୁଣି ପଦୋନ୍ନତି ନେଇ ଜିଲା ଶିକ୍ଷା ଅଧିକାରୀ ମସୁଧା କରଥିବା ନେଇ ସୋମବାର ପଦୋନ୍ନତି ତାଲିକାରୁ ବାଦ ପଡିଥିବା ୨୪ ଜଣ ଶିକ୍ଷକ ବୌଦ୍ଧ ବ୍ଲକ ଲକ୍ଷ୍ମୀପଦରଠାରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସୂଚନା ମୁତବାକ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପତ୍ରସଂଖ୍ୟା ୧୦୬୮୬/୬।୫।୨୩ ଅନୁଯାୟୀ ଜିଲାରେ ଶିକ୍ଷକ ପଦୋନ୍ନତି ପାଇଁ ୩୧।୩।୨୩ରେ ଅନୁମୋଦନ ହୋଇଥିଲା। ଶେଷରେ ଗତ ଜୁନ ୧୪ରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୧୪୬ ଜଣ ଯୋଗ୍ୟ ଶିକ୍ଷକଙ୍କୁ କାଉନସେଲିଂ ପାଇଁ ଡକାଯାଇଥିଲା। କିନ୍ତୁ ପଦୋନ୍ନତି ତାଲିକାରୁ ବାଦ ପଡିଥବା ୨୪ ଜଣ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରେ କୋର୍ଟ ରହିତାଦେଶ ଦେଇଥିଲେ। ଫଳରେ ଶିକ୍ଷକ ପଦୋନ୍ନତି ମାମଲା ଅଧାରେ ଅଟକି ରହିଥିଲା। କିନ୍ତୁ ଜୁନ ୧୪ରେ ପଦୋନ୍ନତି ପାଇଁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲା ଶିକ୍ଷା ଅଧିକାରୀଙ୍କ ବାସଭବନ ଘେରାଓ କରିଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷକ ପଦୋନ୍ନତି ନେଇ ନୂତନ ନିର୍ଦ୍ଦେଶନାମା ଆସି ନ ଥିବାବେଳେ ପୁଣିଥରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପୂର୍ବ ତାଲିକା ଅନୁଯାୟୀ ଶିକ୍ଷକମାନଙ୍କୁ ପଦୋନ୍ନତି ଦେବା ପାଇଁ ମସୁଧା ଚାଲିଥିବା ନେଇ ଜିଲାପାଳଙ୍କ ନିକଟରେ ଶିକ୍ଷକ ନିର୍ମଳ ରଣା ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ଚଳିତ ମାସରେ ଜିଲା ଶିକ୍ଷା ଅଧିକାରୀ ଅବସର ନେବାକୁ ଥିବାବେଳେ ଏହା ପୂର୍ବରୁ ଅଟକି ରହିଥିବା ପଦୋନ୍ନତି ଫାଇଲ କାର୍ଯ୍ୟକାରୀ କରାଇବାକୁ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଜିଲାପାଳ ଏହି ଅଭିଯୋଗ ଶୁଣିବା ପରେ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶିକ୍ଷକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ହାଇକୋର୍ଟ ମାମଲା ପରେ ପୂର୍ବ ଚିଠିକୁ ପ୍ରତ୍ୟାହାର କରିନିଆଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ଓ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପଦୋନ୍ନତି ତାଲିକାରେ ଥିବା ଯୋଗ୍ୟ ଶିକ୍ଷକମାନଙ୍କୁ କାଉନସେଲିଂ ପାଇଁ ଡକାଯାଇଛି। ପଦୋନ୍ନତିରୁ ବାଦ୍ ପଡିଥିବା ଶିକ୍ଷକମାନଙ୍କ ପାଇଁ ମଧ୍ୟ ପଦବୀ ସଂରକ୍ଷିତ ରହିଛି ଓ ମାମଲାର ସମାଧାନ ପରେ ସେମାନଙ୍କୁ ମଧ୍ୟ ପଦୋନ୍ନତି ଦିଆଯିବ ବୋଲି ସେ କହିଛନ୍ତି।

### ହଷ୍ଟେଲ ସୋଲାର ପ୍ୟାନେଲରେ ବଜ୍ରପାତ, ଛାତରୁ ଖସିଲା କଂକ୍ରିଟ

**କୁତ୍ରା (ଦେବାଶିଷ ସାହୁ):** କୁତ୍ରା ବ୍ଲକ ଆମ୍ବଗୋଭା ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲର ଛାତରେ ଲଗାଯାଇଥିବା ସୋଲାର ପ୍ୟାନେଲ ଉପରେ ରବିବାର ଅପରାହ୍ନରେ ବଜ୍ରପାତ ହୋଇଥିଲା । ଏଥିରେ ସୋଲାର ପ୍ୟାନେଲର ଷ୍ଟାଣ୍ଡ ଲାଗିଥିବା କଂକ୍ରିଟ ଭାଙ୍ଗି ଚୁରମାର ହୋଇଯାଇଛି । ଏହାସହ ଏହାର ତଳ ଭାଗ ହଷ୍ଟେଲ ଭିତର କୋଠରୀର ଛାତରୁ ମଧ୍ୟ କଂକ୍ରିଟ ଖସିପଡିଛି । ସେହି ସମୟରେ ହଷ୍ଟେଲ ଭିତରେ କୌଣସି ଛାତ୍ରୀଛାତ୍ର ନ ଥିବାରୁ ସେମାନେ ଅଘଟଣରୁ ବର୍ତ୍ତିଯାଇଛନ୍ତି ।

## ସଂକ୍ଷେପରେ

### ୨ ଫେରାର ଅଭିଯୁକ୍ତ ଗିରଫ

**ବଡ଼ଗାଁ, ୧୭।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳର ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁଶିଲ ସା (୩୮) ଓ ବିକାଶ ବେହେରା (୩୨)। ୨୦୧୫ରେ ଏକ ଅପହରଣ ମାମଲାରେ ଅଭିଯୁକ୍ତ ସୁଶିଲ ଫେରାର ଥିଲା। ସେହିପରି ୨୦୨୦ରେ ଏକ ଦୁଷ୍କର୍ମ ମାମଲାରେ ବିକାଶ ଫେରାର ଥିଲା।

### ମହିଳାଙ୍କ ମୃତଦେହ ଜବତ

**ଲହୁଣୀପଡ଼ା,୧୮।୭ (ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବଡ ପୁରୁଣାପଣି ପଞ୍ଚାୟତ ସିଆଳିକୁଦର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ପଠାରୁ ସୋମବାର ଜଣେ ଅଚିହ୍ନା ମହିଳଙ୍କ ମୃତଦେହ ପୋଲିସ ଜବତ କରିଛି। ମହିଳାଙ୍କ ବୟସ ୫୦ ବର୍ଷ ହୋଇଥିବା ପୋଲିସ ଅନୁମାନ କରୁଛି। ମୃତଦେହକୁ ବଣାଇଁ ଉପଖଣ୍ଡ ଡାକ୍ତରଖାନାର ମର୍ଗ ହାଉସରେ ରଖାଯାଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ନଦୀରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ନଦୀର ବର୍ଷା ଜଳରେ ମହିଳା ଜଣଙ୍କ ଭାସି ଆସିଥିବା ସନ୍ଦେହ କରାଯାଉଛି।

### ନାଳକୁ ଖସି ଯୁବକ ଗୁରୁତର

**ବଡ଼ଗାଁ,୧୭।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମ ନିକଟ ଏକ ପୋଲ ଉପରୁ ନାଳକୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବିଦ୍ୟାଧର ବାଡ଼ା (୨୨)। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଡଗାଁ ମେଡିକାଲକୁ ଆଣିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସୁନ୍ଦରଗଡ଼ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ବିଦ୍ୟାଧରଙ୍କ ସହିତ ୪ ଯୁବକ ସନ୍ଧ୍ୟାରେ ପୋଲ ଉପରେ ବସିଥିଲେ। ହଠାତ୍ ଏହି ସମୟରେ ବିଦ୍ୟାଧର ଭାରସାମ୍ୟ ହରାଇ ନାଳକୁ ଖସି ପଡ଼ିଥିଲେ। ନାଳରେ ଥିବା ପଥରରେ ତାଙ୍କ ମୁଣ୍ଡ ମାଡ଼ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ଏହାଦେଖି ଅନ୍ୟ ଯୁବକମାନେ ସେଠାରୁ ପଳାଇଥିଲେ।

### ରାଜଗାଙ୍ଗପୁରରେ ବିଜେଡି ନୂତନ କମିଟି ଗଠନ

**ରାଜଗାଙ୍ଗପୁର,୧୭।୭ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବିଜେଡିର ନୂତନ କମିଟି ଗଠନ ହୋଇ ଘୋଷଣା କରାଯାଇଛି। ପୌରାଞ୍ଚଳ/ଟାଉନ ବିଜେଡି ସଭାପତିଭାବେ ରାଜେନ୍ଦ୍ର କୁମାର ଲେଙ୍କା, ରାଜଗାଙ୍ଗପୁର ବ୍ଲକ ବିଜେଡି ସଭାପତିଭାବେ ରାମନାଥ କିସପୋଟାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହାକୁ ପତ୍ର ଦ୍ୱାରା ଜଣାଇଛନ୍ତି।

### ବାପାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ଜମି ଦେବାକୁ ମନା କଲା ପୁଅ

**ବଡ଼ଗାଁ,୧୭।୭(ଅଶୋକ ଷଡ଼ଙ୍ଗୀ):** ନିଜ ବାପାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ଜାଗା ଦେବାକୁ ମନା କଲା ପୁଅ। ଶେଷରେ ପୋଲିସ ହସ୍ତକ୍ଷେପ ପରେ ଅନ୍ତେଷ୍ଟିକ୍ରିୟା କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ସାହାଜବାହାଲ ପଞ୍ଚାୟତ ଝଣ୍ଟେଲବୁଡ ଗ୍ରାମରେ। ଜଣେ ୬୦ ବର୍ଷୀୟ ବ୍ୟକ୍ତିଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ତାଙ୍କ ପୁଅଙ୍କ ସହିତ ସମ୍ପର୍କ ଠିକ୍ ନ ଥିବାରୁ ସେ ଅନ୍ତେଷ୍ଟିକ୍ରିୟା ପାଇଁ ଜମି ଦେବାକୁ ମନା କରିଦେଇଥିଲେ। ଗ୍ରାମବାସୀ ବୁଝାସୁଝା କରିବା ସତ୍ତ୍ୱେ ପୁଅ ନ ବୁଝିବାକୁ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ବୁଝାଇବା ପରେ ସେ ବାପାଙ୍କ ଶବ ସତ୍କାର ପାଇଁ ଜାଗା ଦେଇଥିଲେ।

### କୁତ୍ରା ବିଜେଡି ସଭାପତି ଅର୍ଜୁନ ଜୟପୁରିଆ

**କୁତ୍ରା,୧୭।୭(ଦେବାଶିଷ ସାହୁ):** କୁତ୍ରା ବ୍ଲକର ବିଜେଡି ସଭାପତିଭାବେ ଅର୍ଜୁନ ଜୟପୁରିଆ ନିଯୁକ୍ତି ହୋଇଛନ୍ତି। ଜୟପୁରିଆ ବିଜୁ ଜନତା ଦଳ ସହ ଦୀର୍ଘ ବର୍ଷରୁ ଜଡିତ ହୋଇଆସିଥିଲେ। ସେ ପୂର୍ବରୁ ମଧ ୩ ବର୍ଷ ପାଇଁ ବ୍ଲକ ବିଜେଡି ସଭାପତି ପଦବୀରେ ରହିବା ସହ କୁତ୍ରା ପଞ୍ଚାୟତର ସରପଞ୍ଚ ପଦବୀରେ ମଧ ଥିଲେ। ବ୍ଲକ ସଭାପତିଭାବେ ନିଯୁକ୍ତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଦଳକୁ ସୁଦୃଢ କରିବା ସହିତ ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ ବୋଲି ଜୟପୁରିଆ କହିଛନ୍ତି।

# ମରାମତି ନାହିଁ, ଜାତୀୟ ରାଜପଥ ଶୋଚନୀୟ

**କୁଆଁରମୁଣ୍ଡା,୧୭।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବଜାର ମଧ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୩ କି.ମି ରାସ୍ତା ଶୋଚନୀୟ ହୋଇପଡିଛି । ରାଜପଥର ଡାଏରୀ ଫାର୍ମ ନିକଟରୁ କୁଆଁରମୁଣ୍ଡା ଫାଣ୍ଡି ପର୍ଯ୍ୟନ୍ତ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିଲେ ମଧ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ଫଳରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ଘଟୁଛି। ଏ ନେଇ ସ୍ଥାନୀୟ ଲୋକେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଧାୟକ, ଏମ୍‌ପିଙ୍କ



୧୪୩ ନଂ. ଜାତୀୟ ରାପଥରେ ଖାଲଖମା ହୋଇଛି।

### ଅସୁବିଧା ଭୋଗୁଛନ୍ତି ଲୋକେ

ନିକଟରେ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଏବେ ବର୍ଷା ଦିନ ହୋଇଥିବାରୁ ରାଜପଥରେ ସୃଷ୍ଟି ହୋଇଥିବା ଖାଲଖମାଗୁଡିକ ବର୍ଷାଜଳରେ ପୂର୍ଣ୍ଣ ହୋଇ କୃତ୍ରିମ ଗାଡ଼ିଆ ସୃଷ୍ଟି କରିଛି । ଫଳରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତ୍ୱରିତ ଦୃଷ୍ଟି ଦେଇ ମରାମତି କରିବାକୁ କୁଆଁରମୁଣ୍ଡା ସିଟି ଫୋରମ୍ ପକ୍ଷରୁ ଦୃଢ଼ ଦାବି ହୋଇଛି ।

# ରାସ୍ତା କଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ

**ସୁନ୍ଦରଗଡ,୧୭।୭ (ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ ଜିଲା ରାଜ୍ୟ ରାଜପଥ ୧୦ ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା କୁମବାହାଲ ରାସ୍ତା କଡ଼ରେ ଏକ ଶୁଖିଲା ଗଛ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଗଛ ଶୁଖି ତାର ଶାଖା ପ୍ରଶାଖା ରାସ୍ତା ଉପରେ ମେଲେଇ ହୋଇ ରହିଛି। କୌଣସି ମୁହୂର୍ତ୍ତରେ ଗଛ ପଡି ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହି ରାସ୍ତାରେ ଦୈନିକ ଶହଶହ ଲୋକେ ଯା' ଆସ କରନ୍ତି। ସାମାନ୍ୟ ବର୍ଷା ପବନରେ ଶାଖା ପ୍ରଶାଖାର ଶୁଖିଲା ବକଳ ଏବଂ କାଠ ଖଣ୍ଡ ରାସ୍ତା ଉପରେ ପଡୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ମୌସୁମୀ ସହ ଝଡ଼ି ଲାଗି ରହିଛି। ତେବେ ବେଳ ଥାଉ ଥାଉ ଏହାର ପ୍ରତିକାର କରା ନ ଗଲେ ଅଘଟଣ ଘଟିବାର ସମ୍ଭାବନାକୁ



ଏଡ଼ାଇ ଦିଆଯାଇ ପାରିବ ନାହିଁ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୁଖିଲା ଗଛକୁ କାଟିବା ପାଇଁ ସାଧାରଣରେ ଦାବି ହେଉଛି।

# ନିର୍ମାଣ ଶ୍ରମିକଙ୍କୁ ସହାୟତା

**ବିଶ୍ରା,୧୭।୭(ବଟକୃଷ୍ଣ ସ୍ୱାଇଁ)**

ବିଶ୍ରା ବ୍ଲକ କାର୍ଯ୍ୟାଳୟରେ ବୀରମିତ୍ରପୁର, କୁଆଁରମୁଣ୍ଡା ଓ ବିଶ୍ରା ବ୍ଲକର ନିର୍ମାଣ ଶ୍ରମିକଙ୍କ ପାଇଁ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରମ ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଯୁଗ୍ମ ଶ୍ରମ କମିଶନର ପ୍ରବଣ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନିର୍ମାଣ ଶ୍ରମିକମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହିତ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ। କୌଣସି ସମସ୍ୟା ଥିଲେ ସିଧାସଳଖ ଶ୍ରମ ବିଭାଗ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ଶ୍ରମିକମାନେ ପ୍ରତ୍ୟକ୍ଷଭାବେ ନିଜ ସମସ୍ୟା ଜଣାଇବାକୁ ନାୟକ ପରାମର୍ଶ ଦେଇଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ବ୍ୟାପକ ଯୋଜନା କରିଥିବା ବେଳେ ଏହାର ସୁଫଳ ଶ୍ରମିକଙ୍କ ପାଖରେ ପହଞ୍ଚିବା ଉପରେ ଗୁରୁତ୍ୱ ଦେଇଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରେକେଟା, ବିଶ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ଦାସ, ହିନ୍ଦୁ ମଜଦୁର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ଭାଷଣ ପ୍ରଦାନ କରି ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରିଥିଲେ। ଶିକ୍ଷାଗତ ସହାୟତା ବାବଦରେ ୨୫ ଜଣଙ୍କୁ ୧ ଲକ୍ଷ ୫୬ ହଜାର ୮୦୦ଟଙ୍କା, ବିବାହ ସହାୟତା ବାବଦରେ ୧୯ ଜଣଙ୍କୁ ୯ ଲକ୍ଷ୍ୟ ୨୫ ହଜାର ଟଙ୍କା, ପ୍ରସୂତୀ କାଳୀନ ସହାୟତା ବାବଦରେ ୮ ଜଣଙ୍କୁ ୮୦ ହଜାରେ ଟଙ୍କା, ମୃତ୍ୟୁ କାଳୀନ ସହାୟତା ପାଇଁ ୨୫ ଜଣ ଉତ୍ତରାଧିକାରୀଙ୍କୁ ୪୮ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ବାବଦରେ ୨୫ ଜଣ ମୃତକଙ୍କ ପରିବାରକୁ ୧ ଲକ୍ଷ ୨୫ ହଜାରେ ଟଙ୍କା ଏପରି ସମୁଦାୟ ୬୦ ଲକ୍ଷ ୮୬ ହଜାର ୮୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୪୦୦ ନିର୍ମାଣ ଶ୍ରମିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲା ପରିଷଦ ସଦସ୍ୟ ହାଲୁ ମୁଣ୍ଡାରୀ, ଦଶମୀ ମିଞ୍ଜ, ଉପଧ୍ୟକ୍ଷା ସବାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ଲୋକ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟ ଆଗରେ ଧାରଣା

**ସବ୍‌ଡେଗା,୧୭।୭(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ବାଲିସଙ୍କରା ବ୍ଲକ ଭଣ୍ଡାରୀଶଙ୍କରା କେନ୍ଦୁପଡାରେ ଥିବା ଟ୍ରାନ୍ସଫର୍ମର ଦୀର୍ଘଦିନ ହେଲା ପୋଡ଼ିଯାଇଛି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଏ ନେଇ ଗ୍ରାମବାସୀ ଜେଇଙ୍କୁ ଅଭିଯୋଗ କରିଥିଲେ। ପଡ଼ାରେ କିଛି ଲୋକଙ୍କ ବିଜୁଳି ବିଲ ବାକିଥିବା ଟଙ୍କା ଜମା କରିବାକୁ ଜେଇ କହିଥିଲେ। ଗ୍ରାମବାସୀ ଟଙ୍କା ଆଦାୟକରି ଅଫିସ୍‌ରେ ଜମା କରିଥିଲେ। ହେଲେ ଉକ୍ତ ଗ୍ରାମବାସୀଙ୍କୁ ବିଜୁଳି ବିଭାଗ ଟ୍ରାନ୍ସଫର୍ମର ଯୋଗାଇବା ବଦଳରେ ଆଜି କାଲି କହି ଗୋଟେ ମାସ ଦିନଗଡ଼ାଇ ଚାଲିଥିଲା। ଫଳରେ ଉତ୍କ୍ଷିପ୍ତ ହୋଇ ଗ୍ରାମର ଶତାଧିକ ମହିଳା ପୁରୁଷ ସୋମବାର ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୩ ଦିନ ମଧ୍ୟରେ ଟ୍ରାନ୍ସଫର୍ମର ଯୋଗାଇ ଦିଆଯିବ ବୋଲି ଜେଇ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ୨ ଘଣ୍ଟା ପରେ ଧାରଣାରୁ ଓହ୍ଲାଇଥିଲେ। ଯଦି ଏହି ସମୟ ମଧ୍ୟରେ ଟ୍ରାନ୍ସଫର୍ମର ନ ଲାଗେ ତେବେ ଅଫିସରେ ତାଲାପକାଇ ପୁଣି ଧାରଣାରେ ବସିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଜେଡି ପକ୍ଷରୁ ବୃକ୍ଷରୋପଣ



ଅବକାରୀ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି।

**ବଡ଼ଗାଁ,୧୭।୭(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ତୁଳାରାମ ହୋତା, ଆଲୋକ ପଟ୍ଟନାୟକ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଅବକାରୀ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ପୂର୍ବାହ୍ନରେ ଅବକାରୀ କାର୍ଯ୍ୟାଳୟରେ ଦଳୀୟ କର୍ମୀ ଓ ସ୍ଥାନୀୟ ଯୁବକମାନେ ପହଞ୍ଚିଲା ପରେ ଅବକାରୀ ଏଏସ୍‌ଆଇ ରାଜେଶ ପଟେଲ, କନଷ୍ଟେବଳ ମିତ୍ରଭାନୁ ବଡେଇ, ସନ୍ଦୀପ ନାଏକ ଓ ବ୍ୟାସଦୀପ ରାଏଙ୍କ ସହିତ ବୃକ୍ଷ ରୋପଣ କରିଥିଲେ। ୪୦ଟି ନିମ୍ବ, କରଞ୍ଜ, ଜାମୁ, କଦମ୍ବ, ବୃକ୍ଷ ରୋପଣ କରାଯାଇଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର।

**କୁତ୍ରା,୧୭।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରାସ୍ଥିତ ଶ୍ରୀ ଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫୁଲ ଓ ଫଳ ଚାରା ରୋପଣ କରାଯାଇଥିଲା। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଅଲେଖ କୁଜୁରଙ୍କ ନେତୃତ୍ୱରେ କ୍ଲବର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା କଳ୍ପନା ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା ପରିଷଦ ସଭାପତି ଶିବ ଶଙ୍କର ବେହେରା, ସମ୍ପାଦକ ଦେବେନ୍ଦ୍ର ପୁରୋହିତ, ମୁଖ୍ୟ ଉପଦେଷ୍ଟା ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିସିକେଶନ ସାହୁ, ପରିଚାଳନା ପରିଷଦ ସଭ୍ୟ ଡିଲେଶ୍ୱର ସା, ସଭ୍ୟା ଅର୍ଚ୍ଚନା ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ପୁରୋହିତ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ରାଜଗାଙ୍ଗପୁର,୧୭।୭ (ଅଶୋକ ପାଣି)**

ରାଜଗାଙ୍ଗପୁର ବ୍ଲକ ବିଲେଇଗଡଠାରେ ଏକ ଘର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ହାଇ ଭୋଲ୍ଟେଜ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାନପୋସ ପଞ୍ଚାୟତ ଗୌଡିଆପଡା ନିବାସୀ ସୁରେନ୍ଦ୍ର ସଣ୍ଢ। କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୧୧ରେ ସଣ୍ଢ ନିର୍ମାଣ କାର୍ଯ୍ୟ କରିବା ସମୟରେ ଉକ୍ତ ତାର ସ୍ପର୍ଶରେ ଆସିଥିଲେ। ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ୫୪ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ୧୭।୭( ଅନନ୍ତ ପଟେଲ)**

ସବ୍‌ଡେଗା ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଲୋକଙ୍କ ପକ୍ଷରୁ ଆସିଥିବା ବିଭିନ୍ନ ଆପତ୍ତି ଅଭିଯୋଗ ଆଦିର ଶୁଣାଣି କରିଥିଲେ। ଏହି ଜନ ଶୁଣାଣିରେ ମୋଟ ୫୪ ଟି ଅଭିଯୋଗ ଆସିଥିଲା । ୩୪ ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୨୦ ସାମୂହିକ ଅଭିଯୋଗ ରହିଥିଲା। ଏହି ସାମୂହିକ ଅଭିଯୋଗ ଗୁଡିକ ମଧ୍ୟରେ ରାସ୍ତା ଘାଟ ମରାମତି, ଡ୍ରେନେଜ ସମସ୍ୟା, ବିଦ୍ୟାଳୟ ସମସ୍ୟା, କର୍ମଚାରୀ ନିଯୁକ୍ତି ଆଦି ରହିଥିଲା । ସେହିପରି ବ୍ୟକ୍ତିଗତ ଅଭିଯୋଗ ଗୁଡିକ ମଧ୍ୟରେ ଇନ୍ଦିରା ଆବାସ, ରାସନ କାର୍ଡ, ବିଦ୍ୟୁତ୍ ଯୋଗାଣ, ବାର୍ଦ୍ଧକ୍ୟ ଭତ୍ତା, କୋର୍ଟ କେଶ ଆଦି ରହିଥିଲା । ସେହିପରି ୭ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ବିଚାର କରାଯାଇ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣ ଅବସରରେ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ମନୋଜ ମହାଜନ, ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଜିଲା ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଡେପୁଟିକଲେକ୍ଟର (ଆପାତକାଳିନ) କୁନ୍ତି ରାଣୀ ନାୟକ, ସବ୍‌ଡେଗା ବିଡିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେଡି ସାଙ୍ଗଠନିକ ଜିଲାର ନୂତନ କର୍ମକର୍ତ୍ତା ଘୋଷିତ

**ସୁନ୍ଦରଗଡ,୧୭।୭ (ଜୟ ନାରାୟଣ ମେଣ୍ଟୁଳି)**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସୁନ୍ଦରଗଡ ବିଜୁଜନତା ଦଳ ସାଙ୍ଗଠାନିକ ଜିଲାର ନୂତନ କର୍ମକର୍ତ୍ତାଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଏହି ତାଲିକାରେ ସୁନ୍ଦରଗଡ, ରାଜଗାଙ୍ଗପୁର ଓ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ଓ ସକ୍ରିୟ ନେତା,କର୍ମୀଙ୍କୁ ବିଭିନ୍ନ ପଦବୀ ଦିଆଯାଇ ଆଗାମୀ୨୦୨୪ପୂର୍ବରୁ ବିଜେଡି ସଙ୍ଗଠନ କିଭଳି ଅଧିକ ମଜଭୁତ ହେବ ସେ ନେଇ ରଣନୀତି ଆରମ୍ଭ ହୋଇଛି। ଏହି ଜିଲା ଟିମ୍‌ରେ ୮ଜଣ ଉପସଭାପତି,୧୬ ସାଧାରଣ ସମ୍ପାଦକ, ୩୫ ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀରେ୧୯, ଜଣେ କୋଷାଧ୍ୟକ୍ଷ ଏବଂ ୮ଟି ବିଭିନ୍ନ ସେଲର ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ୮ ଉପସଭାପତିଙ୍କ ମଧ୍ୟରେ ରାଜଗାଙ୍ଗପୁରର ବସନ୍ତ ଟପ୍ପୋ, ବିକ୍ରମ ଟପ୍ପୋ, ସୁନ୍ଦରଗଡର ଜନ୍ମେଜୟ ମହାପାତ୍ର, ଗୋପବନ୍ଧୁ ମହାନ୍ତି, ଜିତେନ୍ଦ୍ର କର, ବେଣୁଧର ତାଣ୍ଡିଆ, ଜୟ ନାରାୟଣ ତ୍ରିପାଠୀ, ତଳସରାର ହାରୁନ ରସିଦ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକଭାବେ ରାଜୁ ମହାନ୍ତି, ରୋଶନ ବାର୍ଲା, ଅସରଫ ଅହମ୍ମଦ, ପ୍ରସନ୍ନ ବାଗ, ଦାମୋଦର ମଲ୍ଲିକ, ରଜନୀ କୁଲୁ, ରାମ କୁଜୁର, ସୀତାକାନ୍ତ ପଟେଲ, ଉପେନ୍ଦ୍ର ଭୋଇ, ସମରେନ୍ଦ୍ର ସିଂହ ଦେଓ, ବସନ୍ତ ଶେଖରଦେଓ, ଜଟିଆ ମୁଣ୍ଡା, ସ୍ୱରାଜ ପଟେଲ, ସୁରେନ୍ଦ୍ର ଭିତ୍ରିଆ, ଅରୁଣ ଦୀକ୍ଷିତ, ଜୟନ୍ତୀ ଟପ୍ପୋ(ଏକ୍କା) ରହିଛନ୍ତି। ଉପଦେଷ୍ଟା କମିଟିରେ ସୁନ୍ଦରଗଡର ରଜମାତା ପଦ୍ମିନୀ ଶେଖରଦେଓ, ରାମ ନାୟକ, ପିତ୍ରୁଷ ଟପ୍ପୋ, ଜଗଦୀପ ପ୍ରତାପ ଦେଓ, ସୌମେନ ବାରିକ, ସନ୍ତୋଷ ଅମାତ, ଧର୍ମେଶ ପଟେଲ, କୁନ୍ଦୁ ପ୍ରଧାନ ରହିଛନ୍ତି। ଏଥିସହିତ ଜିଲା ଲିଗାଲ ସେଲ ଆବାହକ ଅଶୋକ କୁମାର ସ୍ୱାଇଁ, ଜିଲା କୃଷକ ସେଲ ସଭାପତି ଗୋପାଳ ପ୍ରଧାନ, ଜିଲା କୃଷକ ସେଲ ସମ୍ପାଦକ ସୁନୀଲ ମହାପାତ୍ର, ଜିଲା ଅନୁସୂଚିତ ଜାତି ସେଲ ସଭାପତ ଦୀପକ ଉର୍ମି, ଜିଲା ଅନୁସୂଚିତ ଜନଜାତି ସେଲ କାର୍ଯ୍ୟକାରୀ ସଭାପତି ଉଦୀତ ସେଠ, ଜନଜାତି ସେଲ ସଭାପତି ଚମେଲି ଓରାମ ଜିଲା ସଂଖ୍ୟାଲଘୁ ସେଲ ସଭାପତି ହାଜିରା ଅବଦୁଲ ସୟିଦ, ଆଲମ-ଜିଲାସଂଖ୍ୟା ଲଘୁ ସେଲ କାର୍ଯ୍ୟକାରୀ ସଭାପତି ଭାବେ ଶେଖ ସେହେବାଜଙ୍କୁ ନିଯୁକ୍ତି ଦିଆଯାଇଛି।

# ଛତୁ ଚାଷ କରି ସ୍ୱାବଲମ୍ବୀ ହେବେ ମହିଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

### ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୫ତମ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ,୧୭।୭ (ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୫ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଟାଉନ ରୋଟାରୀ କ୍ଲବର ସଭାପତି ବାଲଗୋପାଳ ମିଶ୍ର, ସଚିବ ବିଶ୍ୱରଞ୍ଜନ ପୁରୋହିତ, ପୂର୍ବତନ ସଭାପତି ଏଫଏଚ୍ ଅଲ୍ଲୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟାସଭ୍ୟଙ୍କୁ ନେଇ ଏକ ଦିବସୀୟ ଛତୁଚାଷ ତାଲିମ ପ୍ରଦାନ କରାଯାଇଥିଲା। ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ରୋଟାରୀ କ୍ଲବ ମହିଳାଙ୍କୁ ଛତୁ ଚାଷରେ ସ୍ୱାବଲମ୍ବୀ ହେବା ନିମନ୍ତେ ଉତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ବିଭିନ୍ନ ବୈଷୟିକ କୌଶଳ ସମେତ ଛତୁ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ନୂଆଦିଲ୍ଲୀରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ କରାଯାଇଥିଲା। ଏହା ସହିତ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଓ ଉତ୍ପାଦ ଉପରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନର ଦ୍ୱିତୀୟ ଦିବସକୁ ବୈଷୟିକ ଦିବସ ପାଳନ ଅବସରରେ କୁତ୍ରା ବ୍ଲକର ବିରିଙ୍ଗାଟୋଲି ଗ୍ରାମରେ ୬୦ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, କୋ-ଅପରେଟିଭ ସୋସାଇଟି ଏବଂ ଲ୍ୟାମ୍ପସର ସଭ୍ୟଙ୍କୁ ନେଇ ପାଳ ଛତୁ ଚାଷର ତାଲିମ ସହିତ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିସହ ସମସ୍ତଙ୍କୁ ଛତୁ ମଞ୍ଜି ବଣ୍ଟନ କରାଯାଇଥିଲା। ସୁନ୍ଦରଗଡ଼ର ଡେପୁଟି ରେଜିଷ୍ଟ୍ରାର, କୋ-ଅପରେଟିଭ୍ ସୋସାଇଟିଜ୍ ଉମାଶଙ୍କର ଦାଶ, ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଶୁଭ କୁମାର ବେହେରା, ସହ-ରେଜିଷ୍ଟ୍ରାର, କୋ-ଅପରେଟିଭ୍ ସୋସାଇଟିଜ୍ ପ୍ରସନ୍ନ କୁମାର ପଟେଲ ଏବଂ ସୀତାରାମ ବାଗେ, ଲ୍ୟାମ୍ପ ବୋର୍ଡ ନିର୍ଦ୍ଦେଶକ ପିତାମ୍ବର ନାଏକ, ଗ୍ରାମ ପଞ୍ଚାୟତ ଅଧିକାରୀ ଆଲୋକ କୁମାର ନାଏକ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ଛତୁ ଚାଷକରିବା ନିମନ୍ତେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଦିବ୍ୟେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ସହକାରୀ ଜିବୀକା ପ୍ରବନ୍ଧକ ରିଶିକେଶ ସାହୁ, ଷ୍ଟେନୋ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର କୁମାର ସେଠୀ, ଗଜାନନ ଛନ୍ଦ ସହାୟତା କରିଥିଲେ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖ୍ୟାତନାମା ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଶାମିନା ସିଂଙ୍କୁ ରାଷ୍ଟ୍ରପତିଙ୍କ ରପ୍ତାନି ପରିଷଦରେ ନିଯୁକ୍ତି ଦେବାକୁ ମନୋନୀତ କରିଛନ୍ତି। ଉକ୍ତ କାଉନ୍‌ସିଲ ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରମୁଖ ଜାତୀୟ ଉପଦେଷ୍ଟା କମିଟି ଭାବେ କାର୍ଯ୍ୟ କରିଥାଏ। ଶାମିନା ହେଉଛନ୍ତି ମାଷ୍ଟରକାର୍ଡ ସେଣ୍ଟର ଫର ଇନ୍‌କ୍ଲୁସିଭ୍ ଗ୍ରୋଥ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା। ରାଷ୍ଟ୍ରପତିଙ୍କ ରପ୍ତାନି ପରିଷଦର ସମ୍ମାନିତ ନେତାମାନଙ୍କ ଗ୍ରୁପ୍‌ରେ ସ୍ଥାନ ପାଇବାକୁ ଯାଉଥିବା ଶାମିନା କୃତଜ୍ଞତା ଜଣାଇଛନ୍ତି।



## ସଂକ୍ଷେପରେ

### ଦେଶବିରୋଧୀ କାର୍ଯ୍ୟ ପାଇଁ କଶ୍ମୀରର ୩ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର, ୧୭।୭(ପି.ଟି.):** ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ କାର୍ଯ୍ୟ କରିବା, ସେମାନଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବା ଏବଂ ସେମାନଙ୍କ ବିଚାରଧାରାର ପ୍ରଚାର କରିବା ଅଭିଯୋଗରେ ୩ ସରକାରୀ କର୍ମଚାରୀଙ୍କୁ ଜମ୍ମୁ-କଶ୍ମୀର ସରକାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀମାନେ ହେଲେ କଶ୍ମୀର ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଫହିମ ଅସ୍‌ଲାମ, ପୋଲିସ କନ୍‌ଷ୍ଟେବଲ ଅର୍ସିଦ ଅହମଦ ଥୋକେର ଏବଂ ରାଜସ୍ୱ ଅଧିକାରୀ ମୁରାୱାଥ୍ ହୁସେନ ମୀର୍। ସେମାନେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ କାର୍ଯ୍ୟ କରୁଥିବା ତଦନ୍ତରୁ ଜଣାପଡ଼ିବା ପରେ ସମ୍ବିଧାନର ଧାରା ୩୧୧(୨)(ସି) ଧାରା ଅନୁଯାୟୀ ସେମାନଙ୍କୁ ବହିଷ୍କାର କରାଯାଇଛି।

### ୨୪ ଘଣ୍ଟାରେ ଦ୍ୱିତୀୟ ଥର ପାୱାରଙ୍କୁ ଭେଟିଲେ ଅଜିତ ଗୋଷ୍ଠୀ

**ନୂଆଦିଲ୍ଲୀ, ୧୭।୭:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ତାଙ୍କ ଗୋଷ୍ଠୀର ଅନ୍ୟ ଏନ୍‌ସିପି ମନ୍ତ୍ରୀମାନେ ସୋମବାର ପୁଣିଥରେ ଦଳ ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟିଛନ୍ତି। ଏନ୍‌ସିପିରେ ବିଦ୍ରୋହ ପରେ ମୁମ୍ବାଇର ୱାଇ.ବି. ଚଭନ ସେଣ୍ଟରରେ ୨୪ ଘଣ୍ଟା ମଧ୍ୟରେ ପାୱାରଙ୍କ ସହ ଅଜିତ ଗୋଷ୍ଠୀର ଏହା ଦ୍ୱିତୀୟ ସାକ୍ଷାତ୍। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ଏକାଠି ରଖିବା ପାଇଁ ସେମାନେ ପାୱାରଙ୍କୁ ପୁଣିଥରେ ନିବେଦନ କରିଥିଲେ। ପାୱାର ସେମାନଙ୍କ କଥା ଶୁଣିଥିଲେ ମଧ୍ୟ କିଛି କହି ନ ଥିଲେ ବୋଲି ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଗଣମାଧ୍ୟମକୁ କହିଛନ୍ତି। ୧୮ ତାରିଖରେ ଅଜିତ ଏନ୍‌ଡିଏ ବୈଠକରେ ଯୋଗଦେବାକୁ ଥିବାବେଳେ ଶରଦ ପାୱାର ବିରୋଧୀ ମେଣ୍ଟରେ ଯୋଗଦେଇଛନ୍ତି। ଏନ୍‌ସିପି ସୁପ୍ରିମୋଙ୍କୁ ଏନ୍‌ଡିଏରେ ଯୋଗଦେବା ଲାଗି ବୁଝାଇବାକୁ ଅଜିତ ଓ ଅନ୍ୟ ମନ୍ତ୍ରୀମାନେ ଉଦ୍ୟମ ଚଳାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏନ୍‌ସିପିର ୫୩ ବିଧାୟକଙ୍କ ମଧ୍ୟରୁ ତାଙ୍କ ପ୍ରତି ୪୦ ଜଣଙ୍କର ସମର୍ଥନ ଥିବା ଅଜିତ ଦାବି କରୁଛନ୍ତି। ସୋମବାର ବୈଠକରେ ଏନ୍‌ସିପି ମନ୍ତ୍ରୀମାନଙ୍କ ସହ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ।

### ୫ ବର୍ଷରେ ୧୩.୫ କୋଟି ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି

#### ନୀତି ଆୟୋଗ ରିପୋର୍ଟ

**ନୂଆଦିଲ୍ଲୀ,୧୭।୭(ପି.ଟି.):** ୨୦୨୧ ମାର୍ଚ୍ଚରେ ଶେଷ ହେଉଥିବା ୫ ବର୍ଷ ମଧ୍ୟରେ ଭାରତର ୧୩.୫ କୋଟି ଲୋକ ବହୁବିଧ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଧାରଣ ମାନରେ ଉନ୍ନତି ହୋଇଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ଦାରିଦ୍ର୍ୟରେ ଦ୍ରୁତ ହ୍ରାସ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୫-୧୬ରେ ଭାରତରେ ବହୁବିଧ ଦାରିଦ୍ର୍ୟ ହାର ୨୪.୮୫ ପ୍ରତିଶତ ଥିବାବେଳେ ୨୦୧୯-୨୧ରେ ତାହା ୧୪.୯୬ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ୫ ବର୍ଷ ମଧ୍ୟରେ ଦାରିଦ୍ର୍ୟ ହାର ୯.୮୯ ପ୍ରତିଶତ କମିଥିବା ଜାତୀୟ ବହୁବିଧ ଦାରିଦ୍ର୍ୟ ସୂଚକାଙ୍କର ଦ୍ୱିତୀୟ ସଂସ୍କରଣରୁ ଜଣାପଡ଼ିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଦ୍ରୁତ ହ୍ରାସ ଘଟୁଛି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୩୨.୫୯ ପ୍ରତିଶତରୁ ୧୯.୨୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳ ଦାରିଦ୍ର୍ୟ ୮.୬୫ ପ୍ରତିଶତରୁ ୫.୨୭ ପ୍ରତିଶତକୁ କମିଛି।



ଆକ୍ରମଣ ପରେ କ୍ରିମିଆ ବ୍ରିଜ୍‌ର କିଛି ଅଂଶ ନଷ୍ଟ ହୋଇଯାଇଛି।

## କ୍ରିମିଆ ବ୍ରିଜ୍‌ରେ ଡ୍ରୋନ୍ ଆକ୍ରମଣ

### ମା'ବାପା ନିହତ, ଝିଅ ଆହତ

**ମସ୍କୋ,୧୭।୭:** ରୁଷିଆ ଦଖଲରେ ଥିବା କ୍ରିମିଆ ବ୍ରିଜ୍ ଉପରେ ସୋମବାର ଭୋର୍ ସମୟରେ ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ଉକ୍ତ ବ୍ରିଜ୍ ଦେଇ କାର୍‌ରେ ଯାଉଥିବା ରୁଷିଆର କ୍ରାସ୍‌ନୋଦର ଅଞ୍ଚଳର ଜଣେ ଝିଅ ଆହତ ହୋଇଥିବାବେଳେ ତାଙ୍କ ମା' ଓ ବାପାଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନୀୟ ନୌସେନା ଏବଂ ଏସ୍‌ବିୟୁ ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା ରୁଷିଆ କହିଛି। ଆକ୍ରମଣ ପରେ ଜରୁରୀ ସ୍ଥିତି ସୃଷ୍ଟି ହୋଇଥିବାରୁ ସଡ଼କ ଓ ରେଳ ବ୍ରିଜ୍‌ରେ ଯାତାୟାତ ବନ୍ଦ କରାଯାଇଛି। ୨୦୧୪ରେ ମସ୍କୋ କ୍ରିମିଆକୁ ଦଖଲ କରିବା ପରେ ପରିବହନ ଓ ସୈନ୍ୟଙ୍କ ଯାତାୟାତ ସୁବିଧା ପାଇଁ ରୁଷିଆ ଏହି କେର୍ଚ ବ୍ରିଜ୍‌କୁ ନିର୍ମାଣ କରିଥିଲା। ୨୦୨୨ ଅକ୍ଟୋବରରେ ହୋଇଥିବା ଏକ ଶକ୍ତିଶାଳୀ ଟ୍ରକ୍ ବିସ୍ଫୋରଣରେ ବ୍ରିଜ୍ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ମଧ୍ୟ ମସ୍କୋ ଆକ୍ରମଣ ପାଇଁ ୟୁକ୍ରେନ୍‌କୁ ଦୋଷ ଦେଇଥିଲା, କିନ୍ତୁ କିଭ୍ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା।

# ଜବତ ଏତେ, ଲୁଚିଛି କେତେ



**ନୂଆଦିଲ୍ଲୀ,୧୭।୭**
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

## ୨,୩୮୧ କୋଟି ଟଙ୍କାର ଡ୍ରଗ୍ସ ନଷ୍ଟ କରାଇଲେ ଅମିତ ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ତତ୍ତ୍ୱାବଧାନରେ ସୋମବାର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ସାରା ଦେଶରେ ୧,୪୪,୦୦୦ କେ.ଜି. ଡ୍ରଗ୍ସ ନଷ୍ଟ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨,୩୮୧ କୋଟି ଟଙ୍କା ହେବ। ସଦ୍ୟ କାର୍ଯ୍ୟାନୁଷ୍ଠାନ ସହ ଭାରତରେ ବର୍ଷକ ମଧ୍ୟରେ ନଷ୍ଟ କରାଯାଇଥିବା ମୋଟ ଡ୍ରଗ୍ସର ଓଜନ ପ୍ରାୟ ୧୦ ଲକ୍ଷ କେ.ଜି. ଏବଂ ମୂଲ୍ୟ ୧୨,୦୦୦ କୋଟି ଟଙ୍କା ହେବ। ନୂଆଦିଲ୍ଲୀରେ ଆୟୋଜିତ ଡ୍ରଗ୍ସ ଟ୍ରାଫିକିଂ ଆଣ୍ଡ୍ ନ୍ୟାଶନାଲ ସିକ୍ୟୁରିଟି ଆଞ୍ଚଳିକ ସମ୍ମିଳନୀରେ ସମସ୍ତ ରାଜ୍ୟର ଆଣ୍ଟି-ନାର୍କୋଟିକ୍ସ ଟାସ୍କ ଫୋର୍ସ (ଏଏନ୍‌ଟିଏଫ୍) ସହ ସମନ୍ୱୟ ରଖି ଏହାକୁ ନଷ୍ଟ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଜାତୀୟ ରାଜଧାନୀରେ ଏହାକୁ ଭର୍ଚୁଆଲି ନିରୀକ୍ଷଣ କରିଥିଲେ। ଏହି ଅବସରରେ ଶାହା ଡ୍ରଗ୍ସ ସିଣ୍ଡିକେଟ୍‌ଗୁଡ଼ିକ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ଏଥିସହ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ/ଉପରାଜ୍ୟପାଳମାନେ ଅନୁରୂପ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ସର୍ବାଧିକ ସଚେତନତା ସୃଷ୍ଟି ହେଉଛି ଏହି ଲଢ଼େଇ ଦିଗରେ ସବୁଠୁ ବଡ଼ ପଦକ୍ଷେପ। ଯୁବପିଢ଼ିଙ୍କଠାରେ ସର୍ବାଧିକ ସଚେତନତା ସୃଷ୍ଟି ନ କରିବା ପର୍ଯ୍ୟନ୍ତ ଆମେ ଲଢ଼େଇରେ ଜିତିବା ନାହିଁ ବୋଲି ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଡ୍ରଗ୍ସ ଆତଙ୍କ ବିରୋଧରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସାକରି ଶାହା କହିଛନ୍ତି, ୨୦୦୬ରୁ ୨୦୧୩ ମଧ୍ୟରେ ମୋଟ ୧.୫୨ ଲକ୍ଷ କେ.ଜି. ଡ୍ରଗ୍ସ ଜବତ ହୋଇଥିବାବେଳେ ୧,୨୫୦ ମାମଲା ରୁଜୁ କରାଯାଇଥିଲା। ୨୦୧୪ରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର କ୍ଷମତାକୁ ଆସିବା ପରଠୁ ୨୦୨୩ ପର୍ଯ୍ୟନ୍ତ ୩.୯୪ ଲକ୍ଷ କେ.ଜି. ଡ୍ରଗ୍ସ ଜବତ ସହ ୩,୭୦୦ ମାମଲା ରୁଜୁ କରାଯାଇଛି। ଅର୍ଥାତ୍ ମାମଲା ରୁଜୁ ଓ ଡ୍ରଗ୍ସ ଜବତ କ୍ଷେତ୍ରରେ ୧୬୦% ଅଭିବୃଦ୍ଧି ଘଟିଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଏତେ ପରିମାଣର ଡ୍ରଗ୍ସ ଜବତ ହୋଇଛି ତେବେ ଆଉ କେତେ ନିଶାସାମଗ୍ରୀ ଦେଶର ବିଭିନ୍ନ ଭାଗରେ ମହଜୁଦ ହୋଇରହିଛି, ଯାହାର ଚାଲାଣକାରୀମାନଙ୍କୁ ମୋଦି ସରକାରଙ୍କ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଧରିପାରୁ ନାହିଁ। ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ଅମଳରେ କମ୍ ଜବତ ହେବାର ତାତ୍ପର୍ଯ୍ୟ ନୁହେଁ ଯେ, ସେତେବେଳର ଧରପଗଡ଼କାରୀ ସଂସ୍ଥାଗୁଡ଼ିକ ଦୁର୍ବଳ ଥିଲେ ଏବଂ ମୋଦି ସରକାର ଆସିବା ପରେ ହଠାତ୍ ସମସ୍ତେ ତତ୍ପର ହୋଇ ଉଠିଲେ। ଶାହାଙ୍କ ବକ୍ତବ୍ୟର ଆଉ ଗୋଟିଏ ଦିଗକୁ ଅନୁଧ୍ୟାନକଲେ ମୋଦିଙ୍କ ଏନ୍‌ଡିଏ ଶାସନରେ ଡ୍ରଗ୍ସ କାରବାର ୧୬୦% ବୃଦ୍ଧି ପାଇଥିବା ବୁଝିବା କଷ୍ଟକର ନୁହେଁ। ଇତିମଧ୍ୟରେ ନୂଆଦିଲ୍ଲୀକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ୨୦୨୩ ଏପ୍ରିଲ ୫ରେ ଭାରତ ୟୁନାଇଟେଡ୍ ନେଶନ୍ସ ଷ୍ଟାଟିଷ୍ଟିକାଲ କମିଶନ୍ ନାର୍କୋଟିକ୍ ଡ୍ରଗ୍ସର ସଦସ୍ୟ ନିର୍ବାଚିତ ହୋଇଛି। ଜାତିସଂଘର ଡ୍ରଗ୍ସ ନିରୋଧୀ ସଂସ୍ଥାରେ ପ୍ରତିନିଧିତ୍ୱ ସୁଯୋଗ ପାଇଥିବା ଭାରତକୁ ନିଷିଦ୍ଧ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ଚାଲିଥିବା ବୈଶ୍ୱିକ ଲଢ଼େଇରେ ସାମିଲ ହେବା ପାଇଁ ଏକ ସୁଯୋଗ ମିଳିଯାଇଛି। ତେଣୁ ଆଗାମୀ ଦିନରେ ଉପା ଅମଳଠାରୁ ୧୬୦% କମ୍ ଡ୍ରଗ୍ସ ଜବତ ହେଲେ ମୋଦି ସରକାରଙ୍କ ଶାସନ କାଳରେ ପ୍ରକୃତରେ ଡ୍ରଗ୍ସ ବ୍ୟବହାର ଓ ଚାଲାଣ ହ୍ରାସ ପାଇଛି ବୋଲି ବିବେଚନା କରାଯିବ।

ସୋମବାର ନଷ୍ଟ କରାଯାଇଥିବା ଡ୍ରଗ୍ସ ମଧ୍ୟରେ ଏନ୍‌ସିବି ହାଇଦ୍ରାବାଦ ୟୁନିଟ୍ ପକ୍ଷରୁ ଜବତ କରାଯାଇଥିବା ୬,୫୯୦ କେ.ଜି., ଇନ୍ଦୋର ୟୁନିଟ୍‌ର ୮୨୨ କେ.ଜି. ଓ ଜମ୍ମୁ ୟୁନିଟ୍‌ର ୩୫୬ କେ.ଜି. ରହିଛି। ଏହାବାଦ୍ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିଲେ। ମଧ୍ୟପ୍ରଦେଶରେ ୧,୦୩,୮୮୪ (୧.୦୩ ଲକ୍ଷ) କେ.ଜି., ଆସାମରେ ୧,୪୮୬ କେ.ଜି., ଚଣ୍ଡିଗଡ଼ରେ ୨୨୯ କେ.ଜି.ଗୋଆରେ ୨୫ କେ.ଜି., ଗୁଜରାଟରେ ୪,୨୭୭ କେ.ଜି., ହରିୟାଣାରେ ୨,୪୫୮ କେ.ଜି., ଜମ୍ମୁ-କଶ୍ମୀରରେ ୪,୦୬୯ କେ.ଜି., ମହାରାଷ୍ଟ୍ରରେ ୧୫୯ କେ.ଜି., ତ୍ରିପୁରାରେ ୧,୮୦୩ କେ.ଜି. ଓ ମଧ୍ୟପ୍ରଦେଶରେ ୪,୦୪୯ କେ.ଜି. ଡ୍ରଗ୍ସ ଜବତ ହୋଇଥିଲା। ଏନ୍‌ସିବି ଆଞ୍ଚଳିକ ୟୁନିଟ୍ ଓ ରାଜ୍ୟଗୁଡ଼ିକର ଏଏନ୍‌ଟିଏଫ୍ ମିଳିତ ଭାବେ ୮,୭୬,୫୫୪ (୮.୭୬ ଲକ୍ଷ) କିଲୋଗ୍ରାମ୍ ଡ୍ରଗ୍ସ ଜବତ କରିଛନ୍ତି। ଏହି ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୯,୫୮୦ କୋଟି ଟଙ୍କା ହେବ, ଯାହାକି ଧାର୍ଯ୍ୟ ଟାର୍ଗେଟଠାରୁ ୧୧ ଗୁଣ ଅଧିକ। ୨୦୨୨ ମେ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୨୧ ଏପ୍ରିଲ ପରଠୁ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ୩,୮୦୦ କେ.ଜି.ର ହେରୋଇନ୍ ଜବତ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୨୬,୦୦୦ କୋଟି ଟଙ୍କା।

## ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

### ଇଭିଏମ୍ ସହ ଭିଭିପିଏଟିର ପୁନଃ ଯାଞ୍ଚ ଆବେଦନ

**ନୂଆଦିଲ୍ଲୀ, ୧୭।୭(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ରେକର୍ଡ ହୋଇଥିବା ଭୋଟ୍‌କୁ ଭୋଟର ଭେରିଫାଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସହ ଭୋଟରମାନଙ୍କ ଦ୍ୱାରା ପୁନଃ ଯାଞ୍ଚ ପାଇଁ ଏକ ଏନ୍‌ଜିଓ ପକ୍ଷରୁ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ନ କରି ଏନ୍‌ଜିଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଦାଏର ପିଟିଶନର ଏକ ନକଲ ନିର୍ବାଚନ କମିଶନ୍‌ର ସ୍ଥାୟୀ ପରିଷଦକୁ ପଠାଇବାକୁ କହିଥିଲେ। ଇସିଙ୍କୁ ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଏହା ସନ୍ଦେହ ଆଧାରିତ ମାମଲା ବୋଲି ଆମେ ଭାବୁଛୁ। ଏଭଳି କୌଣସି ସମସ୍ୟା ଯଦି ଥାଏ, ତେବେ ସେଗୁଡ଼ିକର ସମାଧାନ ପାଇଁ ଇସିଙ୍କୁ ପଦକ୍ଷେପ ନେବାକୁ ପଡ଼ିବ। ଇସି ପଦକ୍ଷେପ ନେବା ନେଇ ଆମେ ନିଶ୍ଚିତ ବୋଲି ଖଣ୍ଡପୀଠ କହିଛନ୍ତି। ସେଥିପାଇଁ ଇସିଙ୍କୁ ନୋଟିସ ଜାରି ନ କରି ଏନ୍‌ଜିଓ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ କେବଳ ଏନ୍‌ଜିଓ ପିଟିଶନର ନକଲ ଦେବା ପାଇଁ କହିଥିଲେ।



ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ଗଙ୍ଗାନଦୀର ହର୍ କୀ ପଉରି ଘାଟରେ ଶ୍ରାବଣର ଦ୍ୱିତୀୟ ସୋମବାର ଭକ୍ତମାନେ ବୁଡ଼ ପକାଉଛନ୍ତି।

## ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଇଡି ଚଢ଼ାଉ: ନଗଦ ୬୦ ଲକ୍ଷ ଜବତ

**ଚେନ୍ନାଇ, ୧୭।୭**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ମନିଲଣ୍ଡରିଂ ମାମଲାରେ ଡିଏମ୍‌କେ ନେତା ତଥା ତାମିଲନାଡୁର ଉଚ୍ଚଶିକ୍ଷା ମନ୍ତ୍ରୀ କେ. ପୋନ୍‌ମୁଡ଼ି ଓ ତାଙ୍କ ଏମ୍‌ପି ପୁଅ ଗୌତମ ସିଗାମନିଙ୍କ ଘରେ ଚଢ଼ାଉକରି ୧୦ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା ସମେତ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିଛି। ଶାସକ ଡିଏମ୍‌କେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ପୋନ୍‌ମୁଡ଼ି ୨୦୦୭ରୁ ୨୦୧୧ ଖଣିମନ୍ତ୍ରୀ ଥିବାବେଳେ ହୋଇଥିବା ଅନିୟମିତତାକୁ ନେଇ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା। ଖଣି ଲାଇସେନ୍ସ ସର୍ତ୍ତାବଳୀର ଉଲ୍ଲଂଘନ କରି ମନ୍ତ୍ରୀ ତାଙ୍କ ପୁଅ ଓ ପରିବାରର ଅନ୍ୟ ସଦସ୍ୟଙ୍କ ନାଁରେ ଖଣି ଲାଇସେନ୍ସ କରାଇଥିଲେ। ଏହି ଅନିୟମିତତା ପାଇଁ ରାଜ୍ୟ ରାଜକୋଷରୁ ୨୮ କୋଟି ଟଙ୍କା କ୍ଷତି ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ସୋମବାର ବେଙ୍ଗାଲୁରୁରେ ମିଳିତ ବିରୋଧୀ ଦଳ ବୈଠକରେ ଯୋଗଦେଇଥିବାବେଳେ ତାଙ୍କ ମନ୍ତ୍ରୀଙ୍କ ଘରେ ଇଡି ଚଢ଼ାଉ କରିଛି।

## ଭୋପାଳ-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ନିଆଁ

**ନୂଆଦିଲ୍ଲୀ, ୧୭।୭**

ଭୋପାଳରୁ ଦିଲ୍ଲୀ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଏକ ବଗିରେ ସୋମବାର ସକାଳେ ନିଆଁ ଲାଗିଯାଇଥିଲା। ବଗିରେ ଥିବା ବ୍ୟାଟେରି ବକ୍ସରେ ନିଆଁ ଲାଗିବାରୁ ଚକ ନିକଟରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଥିଲା। ତେବେ ସମସ୍ତ ଯାତ୍ରୀଙ୍କୁ ନିରାପଦରେ ଓହ୍ଲାଇ ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିବା ପରେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଅନୁଧ୍ୟାନ ଆରମ୍ଭ ହୋଇଥିଲା। ଯାନ୍ତ୍ରିକ ପରୀକ୍ଷା ନିରୀକ୍ଷା ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଛାଡ଼ିଥିଲା। ମଧ୍ୟପ୍ରଦେଶର କୁର୍‌ୱାଇ କେଥୋରା ଷ୍ଟେଶନରେ ସକାଳ ପ୍ରାୟ ୮ଟାରେ ଏଭଳି ଅଗ୍ନି ଦୁର୍ଘଟଣା ଘଟିଛି। ଟ୍ରେନ୍‌ଟି ସକାଳ ୫ଟା ୪୦ରେ ଭୋପାଳ ଷ୍ଟେଶନ ଛାଡ଼ି ଅପରାହ୍ନ ୧ଟା ୧୦ରେ ଦିଲ୍ଲୀର ହଜରତ ନିଜାମୁଦ୍ଦିନ ଷ୍ଟେଶନରେ ପହଞ୍ଚିଥିଲା।




## ଦିଲ୍ଲୀ ଉପରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ରହିବାକୁ ହେବ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୭।୭**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ରହିବାକୁ ହେବ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଦିଲ୍ଲୀ ସରକାରଙ୍କର ଏହାର ପ୍ରଶାସନିକ ଅଧିକାରୀଙ୍କ ଉପରେ ଅଧିକ ନିୟନ୍ତ୍ରଣ ରହିବା ନେଇ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ବିବାଦୀୟ ଅଧ୍ୟାଦେଶ ଆଣିଥିଲେ। ଏହାକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂରକରିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଦିଲ୍ଲୀ ବିଦ୍ୟୁତ୍ ନିୟାମକ ଆୟୋଗ (ଡିଇଆର୍‌ସି) ନିଯୁକ୍ତ ନିମନ୍ତେ ଉପରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଏକାଠି ବସି ସହମତିରେ ପ୍ରାର୍ଥୀ ଦେବା ପାଇଁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଥିଲେ। ଉପରାଜ୍ୟପାଳଙ୍କ ଓକିଲ ହରିଶ ସାଲ୍‌ଭେ ଅଦାଲତଙ୍କ ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଡିଇଆର୍‌ସିରେ କେହି ଅଧ୍ୟକ୍ଷ ନ ଥିବା ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ଓକିଲ ଅଭିଷେକ ମନୁ ସିଂଘଭି କହିବା ପରେ ଅଦାଲତ ଉପରୋକ୍ତ ପ୍ରସ୍ତାବ ଦେଇଥିଲେ।

ଅଧ୍ୟାଦେଶ ସ୍ଥାନରେ କେନ୍ଦ୍ର ସରକାର ଆଗାମୀ ପାର୍ଲାମେଣ୍ଟ ଅଧିବେଶନରେ ବିଲ୍ ଆଗତ କରିବେ ବୋଲି ସତ୍ୟପାଠ ଦାଖଲ କରିଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ଅଧ୍ୟାଦେଶକୁ ଚ୍ୟାଲେଞ୍ଜକରି ଦାଏର ଦ୍ୱିତୀୟ ପିଟିଶନର ଶୁଣାଣି ପରେ ଅଦାଲତ ନୋଟିସ ଜାରି କରିବା ସହ ମାମଲାକୁ ସାମ୍ବିଧାନିକ ପୀଠକୁ ପଠାଇବେ। ଗୁରୁବାର ଏହାର ପରବର୍ତ୍ତୀ ଶୁଣାଣି ହେବ।

## 'ନ୍ୟାୟିକ କାର୍ଯ୍ୟ ଅଟକାଇବା ଗ୍ରହଣୀୟ ନୁହେଁ'

**ନୂଆଦିଲ୍ଲୀ, ୧୭।୭(ପି.ଟି.)**

ଅଦାଲତଗୁଡ଼ିକର ନ୍ୟାୟିକ କାର୍ଯ୍ୟକୁ ଅଟକାଇବା ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଗତ ବର୍ଷକ ମଧ୍ୟରେ ବାର୍ ଆସୋସିଏଶନଗୁଡ଼ିକ ଯେତେବେଳେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି, ସେତେବେଳେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସତ୍ୟପାଠ ଜରିଆରେ ଜଣାଇବା ପାଇଁ ସର୍ବୋଚ୍ଚ ଅଦାଲତ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଆନ୍ଦୋଳନ ବିରୋଧରେ ସୁପ୍ରିମକୋର୍ଟ



ଦେଇଥିବା ନିର୍ଦ୍ଦେଶର ଉଲ୍ଲଂଘନ ହେଉଥିବା ନେଇ ଏନ୍‌ଜିଓ 'କମନ କଜ୍' ପକ୍ଷରୁ ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ନ୍ୟାୟିକ ଅଦାଲତର କାର୍ଯ୍ୟକୁ ରୋକାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ସୁଧାଂଶୁ ଧୂଲିଆଙ୍କ ଖଣ୍ଡପୀଠ କହିଛନ୍ତି। ମାତ୍ରାଧିକ ମାମଲା ଯୋଗୁ ଲୋକେ ଜାମିନ ପାଇପାରୁନାହାନ୍ତି ବୋଲି ଖଣ୍ଡପୀଠ କହିଥିଲେ। କାର୍ଯ୍ୟରେ ବାଧା ସୃଷ୍ଟି ହେଲେ ଏହାକୁ ଭରଣା କରିବା ଅଦାଲତ ପାଇଁ କଷ୍ଟକର ହୋଇଥାଏ, ଯାହା ବାସ୍ତବ ସମସ୍ୟା। ବିସିଆଇ ଏଥିପାଇଁ ନିୟମାବଳୀ ପ୍ରଣୟନ କରିଥିବା ଏହାର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମନନ କୁମାର ମିଶ୍ରା ଶୀର୍ଷ ଅଦାଲତଙ୍କୁ କହିଥିଲେ। ଏନ୍‌ଜିଓ ପକ୍ଷର ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ବିସିଆଇ ନିୟମାବଳୀର ନକଲ ସେମାନେ ପାଇନାହାନ୍ତି। ସୋମବାର ମଧ୍ୟ ଦିଲ୍ଲୀ ହାଇକୋର୍ଟରେ ଓକିଲଙ୍କ ଧର୍ମଘଟ ଚାଲିଛି ବୋଲି ଭୂଷଣ କହିଥିଲେ। ଜଷ୍ଟିସ ଗୌରାଙ୍ଗ କାନ୍ତଙ୍କୁ କାଲକାଟା ହାଇକୋର୍ଟକୁ ବଦଳି କରାଯାଇଥିବାରୁ ଏହାର ପ୍ରତିବାଦରେ ଦିଲ୍ଲୀ ହାଇକୋର୍ଟ ବାର୍ ଆସୋସିଏଶନର ଡାକରାରେ ପ୍ରତୀକାତ୍ମକ ଧର୍ମଘଟ କରାଯାଇଥିଲା। ବିସିଆଇ ଠିଠା ନିୟମାବଳୀ ଉପସ୍ଥାପନ ଲାଗି ଚାହିଁବା ସହ ଅଦାଲତ ଏହାକୁ ଆନୁଷ୍ଠାନିକ ଅନୁମୋଦନ କଲେ ନିୟମାବଳୀ ପ୍ରଣୟନ କରାଯିବ ବୋଲି କହିଥିଲେ।

# ଦିନକରେ ୫ ଲକ୍ଷ କୋଟିର ଅଧିକ ନିବେଶ ବୃଦ୍ଧି

**ରେକର୍ଡ ସ୍ତରରେ ସେନସେକ୍ସ, ନିଫ୍ଟି**

ନୂଆଦିଲ୍ଲୀ,୧୭।୭: (ଅଭୟ ଦାଶ)



ଗତ କିଛି ଦିନ ହେବ ଭାରତୀୟ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ କ୍ରମାଗତ ଭାବେ ପୁଞ୍ଜି ବଜାରରେ ନିବେଶ ବୃଦ୍ଧି ଘଟିଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ସୋମବାର ଭାରତୀୟ ପୁଞ୍ଜି ବଜାରରେ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ (ଶେୟାର) ବୃଦ୍ଧି ପାଇଛି। ଫଳରେ ନିବେଶକ କମ୍ପାନୀଗୁଡ଼ିକ ଦିନକରେ ପ୍ରାୟ ୫.୦୭ ଲକ୍ଷ କୋଟି ଟଙ୍କାର ନିବେଶ ଯୋଡ଼ି ପାରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁଲାଇ ୧୭ରେ ବିଏସଇର ପଞ୍ଜୀକୃତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୫.୦୭ ଲକ୍ଷ କୋଟି ଟଙ୍କା ବଢି ୩୦୩.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ଗତ ସପ୍ତାହର ଶେଷ କାର୍ଯ୍ୟଦିବସର କାରବାରରେ ଏହାର ପରିମାଣ ୨୯୮.୫୨ ଲକ୍ଷ କୋଟି ଟଙ୍କା ଥିଲା। ପ୍ରଥମ ଦିନର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୫୨୯.୦୩ ଅଙ୍କ ଅର୍ଥାତ ୦.୮୦% ବଢି ୬୬,୫୮୯.୯୩ ଅଙ୍କରେ ବନ୍ଦ ହୋଇଥିବାବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି ୫୦ ଶେୟାର ବିଶିଷ୍ଟ ସୂଚକାଙ୍କ ୧୪୬.୯୫ ଅଙ୍କ ବା ୦.୭୫% ବୃଦ୍ଧି ପାଇ ୧୯,୭୧୧.୪୫ ଅଙ୍କରେ ବନ୍ଦ ହୋଇଛି। ଅପରପକ୍ଷରେ ସେନସେକ୍ସ ଏବଂ ନିଫ୍ଟିର ରେକର୍ଡ ଅଭିବୃଦ୍ଧି ଯୋଗୁ ବ୍ୟାଙ୍କିଂ କ୍ଷେତ୍ରରେ ନିବେଶକଙ୍କ ଉତ୍ସାହ ଏବଂ ବିଦେଶୀ ନିବେଶକଙ୍କ ଦ୍ୱାରା ନିବେଶ ବଢାଇବା ଫଳରେ ବଜାରର ଦୁଇ ପ୍ରମୁଖ ସୂଚକାଙ୍କର ସର୍ବକାଳୀନ ନୂତନ ରେକର୍ଡ ସହ କାରବାର ଉଚ୍ଚ ସ୍ତରରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ସେନସେକ୍ସ ପ୍ରଥମ ଥର ପାଇଁ ୬୭,୦୦୦ ଅଙ୍କର ନିକଟବର୍ତ୍ତୀ ହୋଇଥିବାବେଳେ ନିଫ୍ଟି ମଧ୍ୟ ପ୍ରଥମ ଥର ପାଇଁ ୨୦,୦୦୦ ଅଙ୍କ ନିକଟରେ ପହଞ୍ଚିଛି। ବିଶେଷ କରି ସୋମବାରର ଏହି ରେକର୍ଡ ସ୍ତରର ବୃଦ୍ଧି ଯୋଗୁ ଶେୟାର ବଜାରର ନିବେଶକଙ୍କ ସମ୍ପତ୍ତି ୫.୦୭ ଲକ୍ଷ କୋଟି ଟଙ୍କା ବଢ଼ିଛି। ଏପରିକି ନିବେଶକଙ୍କ ମଧ୍ୟରେ ଅଧିକ ବୃଦ୍ଧି ବ୍ୟାଙ୍କିଂ, ଫାଇନାନସିଆଲ୍, ଫାର୍ମା ଏବଂ ଆଇଟି କ୍ଷେତ୍ରର ଶେୟାରରେ ଦେଖିବାକୁ ମିଳୁଛି। ଅପରପକ୍ଷରେ ବିଏସଇର ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ୍ ସୂଚକାଙ୍କ ଯଥାକ୍ରମେ ୦.୨୯% ଏବଂ ୦.୮୫ % ବୃଦ୍ଧି ପାଇ ପ୍ରଥମ ଦିନର କାରବାର ବନ୍ଦ ହୋଇଛି।

## ଆଇଡିବିଆଇର ସ୍ୱତନ୍ତ୍ର ବକେଟ ଉନ୍ମୋଚିତ

ଭୁବନେଶ୍ୱର,୧୭।୭

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ବକେଟର ଉନ୍ମୋଚନ ହୋଇଯାଇଛି। ବିଶେଷକରି ବ୍ୟାଙ୍କ ପକ୍ଷରୁ ୩୭୫ ଦିନ ପାଇଁ ଏକ ଅମୃତ ମହୋତ୍ସବ ଏଫଡିର ଶୁଭାରମ୍ଭ କରାଯାଇଛି, ଯାହାକି ବାର୍ଷିକ ୭.୬୦%ର ଏକ ସର୍ବୋଚ୍ଚ ସୁଧ ହାର ପ୍ରଦାନ କରୁଥିବାବେଳେ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଉକ୍ତ ସୁବିଧା ବୈଧ ରହିଛି। ଅପରପକ୍ଷରେ କଲେବଲ ବିକଳ୍ପ ଅଧୀନରେ ଉପଲବ୍ଧ ବିଦ୍ୟମାନ ୪୪୪ ଦିନ ପାଇଁ ଅମୃତ ମହୋତ୍ସବ ଏଫଡି ବାର୍ଷିକ ୭.୬୫%ର ଏକ ସର୍ବୋଚ୍ଚ ସୁଧ ହାର ପ୍ରଦାନ କରୁଛି ଏବଂ ନନ୍-କଲେବଲ ବିକଳ୍ପ ଅଧୀନରେ ବାର୍ଷିକ ୭.୭୫%ର ଏକ ସର୍ବୋଚ୍ଚ ସୁଧ ହାର ପ୍ରଦାନ କରୁଛି।

## ଏସ୍‌ବିଆଇର ନବୀକୃତ ସଚିବାଳୟ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୭।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ନବୀକୃତ ଶାଖାଗୁଡ଼ିକର ସମୂହ ଶୁଭାରମ୍ଭ କାର୍ଯ୍ୟକ୍ରମ ସୋମବାର ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଲୋକସେବା ଭବନ (ସଚିବାଳୟ) ପରିସରରେ ଥିବା ଏସବିଆଇର ନବୀକୃତ ସଚିବାଳୟ (ସେକ୍ରେଟାରିଏଟ) ଶାଖାକୁ ଏସବିଆଇର ଅଧ୍ୟକ୍ଷ ଦୀନେଶ ଖାରା ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ କରିଥିଲେ। ବିଶେଷ କରି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଏସବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମାଙ୍କ ଉପସ୍ଥିତିରେ ଉଦଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସବିଆଇ ଡିଜିଏମ ପ୍ରସାଦ ଗଜାନନ ଦେଓଧର, ଆର୍ଏମ୍ ରାଜେନ୍ଦ୍ର ନାରାୟଣ ସାହୁଙ୍କ ସମେତ ଶାଖା ପରିଚାଳକ ସନ୍ଦୀପ ପୃଷ୍ଟି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସମଗ୍ର ଭାରତରେ ଆଧୁନିକ ସୁବିଧା ଥିବା ୩୩ ନବୀକୃତ ଶାଖାକୁ ଏକକାଳୀନ ଭର୍ଚୁଆଲ୍ ମୋଡରେ ଏସବିଆଇର ଅଧ୍ୟକ୍ଷ ଦୀନେଶ ଖାରାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା।

## ଆଇଜିକେସିରେ ଓଡିଟିଏମ୍ ଅଧିବେଶନ

ଭୁବନେଶ୍ୱର,୧୭।୭

ଓଡ଼ିଶା ଡାଏଲିସିସ୍ ଟେକ୍ନିସିଆନ୍ ମିଟ୍ (ଓଡିଟିଏମ୍)ର ଉଦ୍‌ଘାଟନୀ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଭୁବନେଶ୍ୱର ପରିସରରେ ଓଡିଟିଏମର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ କିଡ୍‌ନୀ ଓଡ଼ିଶା ରିସର୍ଚ୍ଚ ଆଣ୍ଡ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ଅଧିବେଶନ କାର୍ଯ୍ୟକ୍ରମରେ ରାଜ୍ୟର ଶତାଧିକ ଡାଏଲିସିସ୍ ଟେକ୍ନିସିଆନ୍ ଓ ନର୍ସ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ନେଫ୍ରୋଲୋଜି ଏବଂ ୟୁରୋଲୋଜି କ୍ଷେତ୍ରର ବିଶିଷ୍ଟ ବକ୍ତା ଏବଂ ବିଶେଷଜ୍ଞମାନେ ଯୋଗ ଦେଇ ପ୍ରତିରୋପଣ ଏବଂ ଡାଏଲିସିସ୍ କ୍ଷେତ୍ରରେ ସାମ୍ପ୍ରତିକ ଅଗ୍ରଗତି ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

ଏ ସମ୍ପର୍କରେ ଆଇଜିକେସି ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପି.ସି ଦଳେଇ ଶେଷ ପର୍ଯ୍ୟାୟ କିଡନୀ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ନେବାରେ ଡାଏଲିସିସ୍ ଟେକ୍ନିସିଆନଙ୍କ ଅପରିହାର୍ଯ୍ୟ ଅବଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ଓଡ଼ିଶାର ଡାଏଲିସିସ୍ ଓ କିଡନୀ କେୟାର କ୍ଷେତ୍ରରେ ସ୍ୱର୍ଗତ ପ୍ରଫେସର ସପନ କୁମାର ପାଲିତଙ୍କ ଅତୁଳନୀୟ ଅବଦାନକୁ ସ୍ୱୀକାର କରି ଉପସ୍ଥିତ ସଦସ୍ୟମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ଅଧିବେଶନରେ ସିଭି ରାଜୁ, ସୁଶୀଲ,ସନ୍ତୋଷ, ଜ୍ଞାନ, ଜୀବନ, ବିଶ୍ୱଜିତ, ପ୍ରିୟବ୍ରତ, ରବୀନ୍ଦ୍ର, ଅଂଶୁମାନ, ଶାନ୍ତନୁ, ଅଜିତ, ସରୋଜିନୀଙ୍କ ସମେତ ବହୁ ବରିଷ୍ଠ ଡାଏଲିସିସ ଟେକ୍ନିସିଆନ୍ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମ୍ଏସ୍‌ର ଡା.ରୂପସା ଓ ଆଇଜିକେସି ମଲ୍ଟିସ୍ପେଶାଲିଟିର ଏଜିଏମ୍ ସୁବ୍ରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦାନ୍ତ ଇ-ଲର୍ଣ୍ଣିଂ ଅଭିଯାନର ପୂର୍ତ୍ତି ଉତ୍ସବ



ଭୁବନେଶ୍ୱର,୧୭।୭

ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ପକ୍ଷରୁ ୨୦୨୨ରେ ଆରମ୍ଭ କରାଯାଇଥିବା ଇ-ଲର୍ଣ୍ଣିଂ ଅଭିଯାନର ପ୍ରଥମ ପୂର୍ତ୍ତି ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ୍ (ଏଚ୍ଏସ୍‌ସି) ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଝାରସୁଗୁଡା ଜିଲାର ଶ୍ରେଷ୍ଠ ୧୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏପରିକି ବେଦାନ୍ତର ଇ-ଲର୍ଣ୍ଣିଂ ଅଭିଯାନ ବିଦ୍ୟାଗ୍ରହର ପ୍ରଥମ ବର୍ଷକୁ ସଫଳତାର ସହ ଶେଷ କରାଯାଇଛି। ଅପରପକ୍ଷରେ ଝାରସୁଗୁଡା ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁଷ୍ପା ମିଞ୍ଜଙ୍କ ଉପସ୍ଥିତିରେ ଉକ୍ତ ଅଭିଯାନର ଅଂଶଗ୍ରହଣକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଉଦ୍ୟମକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଛାତ୍ରମାନଙ୍କୁ ଗୁଣାତ୍ମକ ଡିଜିଟାଲ ଶିକ୍ଷା ଏବଂ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟକୁ ଖୋଲିବାର ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ବିଦ୍ୟାଗ୍ରହର ଆରମ୍ଭ କରାଯାଇଥିଲା। ବିଶେଷ କରି ଉକ୍ତ ଅଭିଯାନ ୨ୟ ପର୍ଯ୍ୟାୟରେ ପ୍ରବେଶ କରିଥିବାବେଳେ ବେଦାନ୍ତ ଆଲୁମିନିୟମ୍ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ଡିଇଓ ପୁଷ୍ପା ମିଞ୍ଜ କହିଛନ୍ତି, ଏହି ଅଭୂତପୂର୍ବ ପ୍ରଶିକ୍ଷଣ ପ୍ଲାଟଫର୍ମକୁ ଆଗେଇ ନେଇଥିବାରୁ ମୁଁ ବେଦାନ୍ତ ଝାରସୁଗୁଡା କର୍ତ୍ତୃପକ୍ଷଙ୍କୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି।

## ବିଓବି ପକ୍ଷରୁ ଏମ୍ଏସ୍ଏସ୍‌ସିର ଶୁଭାରମ୍ଭ

ଭୁବନେଶ୍ୱର, ୧୭।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଯୋଜନା 'ମହିଳା ସମ୍ମାନ ସେଭିଙ୍ଗ୍‌ସ ସାର୍ଟିଫିକେଟ୍' (ଏମ୍ଏସ୍ଏସ୍‌ସି)ର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହା ସରକାରଙ୍କ ଦ୍ୱାରା ମହିଳାମାନଙ୍କ ପାଇଁ ଏକ ନୂତନ ପଦକ୍ଷେପ ବୋଲି ବିଓବି ପକ୍ଷରୁ ସୂଚନା ଦିଆଯାଇଛି। ଏମ୍ଏସ୍ଏସ୍‌ସି ହେଉଛି ଏକ ୨ ବର୍ଷିଆ ଡିପୋଜିଟ୍ ସ୍କିମ୍, ଯାହାକି ବାର୍ଷିକ ୭.୫% ସୁଧ ପ୍ରଦାନ କରିଥାଏ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀଥାରାମନ ମହିଳା ସମ୍ମାନ ସେଭିଙ୍ଗ୍‌ସ ସାର୍ଟିଫିକେଟ୍, ମହିଳା ଓ ଝିଅଙ୍କ ପାଇଁ ଏକ କ୍ଷୁଦ୍ର ସଞ୍ଚୟ ଯୋଜନା ବିଷୟରେ କେନ୍ଦ୍ର ବଜେଟ୨୦୨୩-୨୪ରେ ଘୋଷଣା କରିଛନ୍ତି। ଏହି ଯୋଜନା ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଦୁଇ ବର୍ଷ ନିମନ୍ତେ ବୈଧ ରହିଛି।

ଏ ସମ୍ପର୍କରେ ବିଓବିର ଇଡି ଅଜୟ କେ.ଖୁରାନା କହିଛନ୍ତି,ଏମ୍ଏସ୍ଏସ୍‌ସି ସ୍କିମକୁ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛ, ଯଦ୍ୱାରା ମହିଳାମାନେ ନିବେଶ କରିବା ପାଇଁ ପ୍ରୋତ୍ସାହିତ ହେବେ ଓ ସେମାନଙ୍କର ଆର୍ଥିକ ସ୍ୱାଧୀନତାକୁ ସୁନିଶ୍ଚିତ କରିପାରିବେ। ଏପରିକି ବିଓବିରେ ଆମେ ଏମ୍ଏସ୍ଏସସି ସ୍କିମ୍‌ର ଶୁଭାରମ୍ଭ କରି ଅତ୍ୟନ୍ତ ଆନନ୍ଦିତ। ଯାହାକି ସାରା ଦେଶରେ ଆମର ସମସ୍ତ ଶାଖାରେ ଏହା ଉପଲବ୍ଧ ହେବ। ଏମ୍ଏସ୍ଏସି ଦ୍ୱାରା ସବୁ ବର୍ଗର ମହିଳା ସଶକ୍ତ ହୋଇପାରିବେ ଓ ସରକାରଙ୍କ ଏହି ପଦକ୍ଷେପକୁ ସହାୟତା ପ୍ରଦାନ କରିବା ପାଇଁ ବ୍ୟାଙ୍କ ଅଫ୍ ବରୋଦାର ସାରା ଭାରତରେ ଉପସ୍ଥିତି ରହିଛି। ଏମ୍ଏସ୍ଏସସି ଆକାଉଣ୍ଟ ଖୋଲିବା ଫର୍ମ ସମସ୍ତ ବ୍ୟାଙ୍କ ଅଫ୍ ବରୋଦାର ଶାଖାରେ ଉପଲବ୍ଧ ରହିଛି।

**ଫୁର୍‌ସତ୍**

# ଶାନ୍ତିଦୂତ ମଣ୍ଡେଲା

**ଅନ୍ତର୍ଜାତୀୟ ନେଲ୍‌ସନ ମଣ୍ଡେଲା ଦିବସ**

ନେଲ୍‌ସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଅର୍ଥାତ୍ ମଣ୍ଡେଲା ଦିବସ ହେଉଛି ନେଲ୍‌ସନ ମଣ୍ଡେଲାଙ୍କ ସମ୍ମାନାର୍ଥେ ବାର୍ଷିକ ଅନ୍ତର୍ଜାତୀୟ ଦିନ, ଯାହା ପ୍ରତିବର୍ଷ ୧୮ ଜୁଲାଇ ଶାନ୍ତିଦୂତ ମଣ୍ଡେଲାଙ୍କ ଜନ୍ମଦିନରେ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ପକ୍ଷରୁ ନଭେମ୍ବର ୨୦୦୯ ମଣ୍ଡେଲାଙ୍କ ୯୧ତମ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା। ଏହି ଦିବସ ପ୍ରଥମେ ୧୮ ଜୁଲାଇ ୨୦୧୦ରେ ଆୟୋଜିତ ହୋଇଥିଲା। ୨୭ ଏପ୍ରିଲ ୨୦୦୯ରେ ନେଲ୍‌ସନ ମଣ୍ଡେଲା ଫାଉଣ୍ଡେଶନ ଗଠନ କରାଯାଇଥିଲା। ମଣ୍ଡେଲା ଦିବସ ଏକ ସାଧାରଣ ଛୁଟି ଭାବରେ ନୁହେଁ, ବରଂ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ସମାଜ ସେବା ମାଧ୍ୟମରେ ତାଙ୍କର ମୂଲ୍ୟବୋଧକୁ ସମ୍ମାନିତ କରିବାର ଦିନ ଭାବରେ ଉଦ୍ଦିଷ୍ଟ। ମଣ୍ଡେଲା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ଆହ୍ୱାନ, ଯାହାକି ଏହି ଧାରଣାକୁ ପ୍ରୋତ୍ସାହିତ କରେ ପ୍ରତ୍ୟେକ ବ୍ୟକ୍ତିଙ୍କର ବିଶ୍ୱକୁ ପରିବର୍ତ୍ତନ କରିବାର ଶକ୍ତି ଅଛି। ତେବେ ଏହାର ପ୍ରଭାବକୁ ବ୍ୟାପକ କରିବା ଜରୁରୀ।

ନେଲ୍‌ସନ ମଣ୍ଡେଲା ୬୭ ବର୍ଷ ଧରି ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ କରିଥିଲେ। ୨୦୧୪ ରେ ମିଳିତ ଜାତିସଂଘର ସାଧାରଣ ସଭା ନେଲ୍‌ସନ ମଣ୍ଡେଲା ପୁରସ୍କାର ପ୍ରତିଷ୍ଠା କରିଥିଲା। ମାନବିକତାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବ୍ୟକ୍ତିବିଶେଷଙ୍କଙ୍କ ସଫଳତାକୁ ସ୍ୱୀକୃତି ଦେବାକୁ ଏହି ପୁରସ୍କାର ଉଦ୍ଦିଷ୍ଟ। ନେଲ୍‌ସନ ୧୮ ଜୁଲାଇ ୧୯୧୮ରେ ଜନ୍ମ ଗ୍ରହଣ କରିଥିଲେ। ୫ ଡିସେମ୍ବର ୨୦୧୩ରେ ତାଙ୍କର ପରଲୋକ ଘଟିଥିଲା। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରମୁଖ୍ୟ ଭାବେ ୧୯୯୪ରୁ ୧୯୯୯ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣ ଶ୍ୱେତାଙ୍ଗ ବା କୃଷ୍ଣକାୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଶାସନକାଳ ମଧ୍ୟରେ ରଙ୍ଗଭେଦ, ଦାରିଦ୍ର୍ୟ, ସାମାଜିକ ଅସମାନତାକୁ ଦୂର କରିବାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା। ରାଜନୈତିକ ଭାବେ ସେ ଗଣତାନ୍ତ୍ରିକ ସମାଜବାଦୀ ଚିନ୍ତାଧାରାରେ ବିଶ୍ୱାସ ରଖିଥିଲେ ଏବଂ ଆଫ୍ରିକୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ୧୯୯୧ରୁ ୧୯୯୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଅନ୍ତର୍ଜାତୀୟ ପଦବୀ ଭାବେ 'ନନ-ଆଲାଇନଡ ମୁଭମେଣ୍ଟ'ର ସାଧାରଣ-ସଚିବ ଭାବେ ୧୯୯୮ରୁ ୧୯୯୯ ପାଇଁ ସେ କାର୍ଯ୍ୟରତ ଥିଲେ।

ଯୋସା ସମ୍ପ୍ରଦାୟର ଥେମ୍ବୁ ରାଜପରିବାରରେ ଜନ୍ମ ଗ୍ରହଣ କରି ମଣ୍ଡେଲା ଫୋର୍ଟ ହାରେ ବିଶ୍ୱବିଦ୍ୟାଳୟ ଓ ୱିଟୱାଟର୍ସରାଣ୍ଡ ବିଶ୍ୱବିଦ୍ୟାଳୟରେ



ଆଇନ ଶିକ୍ଷା ଗ୍ରହଣ କରିଥିଲେ। ଜୋହାନ୍ସବର୍ଗରେ ରହିବା ସମୟରେ ଔପନିବେଶ ବିରୋଧୀ ରାଜନୀତିରେ ଅଂଶଗ୍ରହଣ କରି ଆଫ୍ରିକୀୟ ଜାତୀୟ କଂଗ୍ରେସରେ ଯୋଗଦେଇଥିଲେ ଓ ଏହାର ଯୁବ ସଂଘର ପ୍ରତିଷ୍ଠାତା ସଭ୍ୟ ଥିଲେ। ଜଣେ ଓକିଲ ଭାବେ କାର୍ଯ୍ୟ କରୁଥିବା ସମୟରେ ସନ୍ଦେହଜନକ କାର୍ଯ୍ୟକଳାପ ପାଇଁ ଓ ଜାତୀୟ କଂଗ୍ରେସ ନେତା ଭାବେ ୧୯୫୫ରୁ ୧୯୬୧ ଯାଏ ଦେଶଦ୍ରୋହ ମାମଲାରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ଶେଷରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ଯଦିଓ ଆନ୍ଦୋଳନ ଆରମ୍ଭରେ ସେ ଅହିଂସା ନୀତିରେ ବିଶ୍ୱାସ ରଖିଥିଲେ; କିନ୍ତୁ ସାଉଥ ଆଫ୍ରିକାନ କମ୍ୟୁନିଷ୍ଟ ପାର୍ଟି ସହ ମିଶି ୧୯୬୧ରେ 'ଉମଖୋନ୍ତ ୱେ ସିଜୱେ' ନାମରେ ଏକ ସଶସ୍ତ୍ର ବାହିନୀ ଗଠନ କରି, ସରକାର ବିରୋଧରେ ବହୁ ବୋମାମାଡ଼ର ନେତୃତ୍ୱ ନେଇଥିଲେ। ୧୯୬୨ ମସିହାରେ ଗଣସଂହାର ଓ ଅନ୍ତର୍ଘାତୀ କାର୍ଯ୍ୟପାଇଁ ଦୋଷୀ ସାବ୍ୟସ୍ତ ହୋଇ ରିଭିନିଆ ଶୁଣାଣିରେ ଆଜୀବନ କାରାବାସ ଦଣ୍ଡ ପାଇଥିଲେ। ରଙ୍ଗଭେଦ ନୀତି ବିରୋଧରେ ଲଢ଼ି ସେ ନିଜ ଜୀବନକାଳର ୨୭ ବର୍ଷ କାଳ ରୋବେନ ଦ୍ୱୀପର କାରାଗାର, ପୋଲ୍ସମୁର କାରାଗାର ଓ ଭିକ୍ଟର ଭର୍ଷ୍ଟର କାରାଗାରରେ ବିତାଇଥିଲେ। ତାଙ୍କୁ ମୁକ୍ତ କରିବା ପାଇଁ ଅନ୍ତର୍ଜାତିକ ଚାପ ବଢ଼ିବାରୁ ୧୯୯୦ରେ ମୁକ୍ତି ପାଇଥିଲେ। ସେ ରାଷ୍ଟ୍ରପତି ଥିବା ସମୟରେ ନୂତନ ସମ୍ବିଧାନ ପ୍ରଣୟନ କରିଥିଲେ ଓ ବିତି ଯାଇଥିବା ମାନବଧିକାର ଉଲ୍ଲଙ୍ଘନର ତଦନ୍ତ ପାଇଁ 'ଟ୍ରୁଥ ଏଣ୍ଡ ରିକୋନସିଲିଏଶନ କମିଶନ' ଗଠନ କରିଥିଲେ। ପୂର୍ବ ସରକାରଙ୍କ ଉଦାରବାଦୀ ଅର୍ଥନୈତିକ ନୀତିକୁ ଅନୁସରଣ କରି ଜମି ସୁଧାର ନିୟମକୁ ପ୍ରୋତ୍ସାହନ, ଦାରିଦ୍ର୍ୟ ଦୂରୀକରଣ ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତୀକରଣ ପାଇଁ ଧ୍ୟାନ ଦେଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଲିବ୍ୟା ଓ ସଂଯୁକ୍ତ ରାଜ୍ୟଗୋଷ୍ଠୀର 'ପ୍ୟାନ ଆମ ଫ୍ଲାଇଟ ୧୦୩ ବମ୍ବିଙ୍ଗ ଟ୍ରାଏଲ' ବୁଝାମଣାରେ ମଧ୍ୟସ୍ଥ ଭାବେ ଓ ଲେସୋଥୋରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନର ସମାଧାନ କରିଥିଲେ। ରାଷ୍ଟ୍ରପତି ପଦ ପାଇଁ ଦ୍ୱିତୀୟ ବାର ନିର୍ବାଚନ ନ ଲଢ଼ି ନେଲସନ ମଣ୍ଡେଲା ଫାଉଣ୍ଡେଶନ ଦ୍ୱାରା ଦାରିଦ୍ର୍ୟ ତଥା ଏଚଆଇଭି/ଏଡ୍‌ସ ଦୂରୀକରଣ ପାଇଁ ଅନେକ ସମାଜସେବା କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାରା ଜୀବନ ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ଭାବେ ପରିଚିତ, ଏପରିକି ଉଗ୍ରବାଦୀମାନେ ତାଙ୍କୁ ଆତଙ୍କବାଦୀ ଓ ସାମ୍ୟବାଦର ଚାକର ବୋଲି ଆଖ୍ୟା ଦେଇଥିଲେ। ଏସବୁ ସତ୍ତ୍ୱେ ମଧ୍ୟ ଔପନିବେଶ ବିରୋଧୀ ଆନ୍ଦୋଳନ ରଙ୍ଗଭେଦ ନୀତିର ବିରୋଧ ପାଇଁ ତାଙ୍କୁ ଅନେକ ଅନ୍ତର୍ଜାତୀୟ ପ୍ରତିଷ୍ଠା ମିଳିଛି। ୧୯୯୩ରେ ନୋବେଲ ଶାନ୍ତି ପୁରସ୍କାର, ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ବେସାମରିକ 'ପ୍ରେସିଡେନସିଆଲ ମେଡାଲ ଅଫ୍ ଫ୍ରିଡମ", ରୁଷିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଲେନିନ', ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ସହିତ ୨୫୦ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାରରେ ମଣ୍ଡେଲା ସମ୍ମାନିତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରେ ମଣ୍ଡେଲା ବହୁ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ ଏବଂ ନିଜର ଯୋସା ନାମ 'ମାଦିବା' ବା 'ତାତା', ଯାହାର ଆକ୍ଷରିକ ଅର୍ଥ ପିତା, ସେ 'ଜାତିର ପିତା' ଓ 'ଦକ୍ଷିଣ ଆଫ୍ରିକାର ଗାନ୍ଧୀ' ଭାବେ ପରିଚିତ।

## ପ୍ରେମିକଙ୍କ ସହ ଫଟୋ ଶେୟାରକଲେ ଇଲିଆନା



**ମୁମ୍ବାଇ:** ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି। କିଛିଦିନ ପୂର୍ବରୁ ସେ ତାଙ୍କର ଏହି ଗର୍ଭଧାରଣ ବାବଦରେ ଜଣାଇଥିଲେ। ହେଲେ ସେ ତାଙ୍କ ପିଲାର ବାପାଙ୍କୁ ଲୁଚାଇଥିଲେ। ଏହା ଜାଣିବାକୁ ସମସ୍ତେ ଉତ୍ସାହିତ ଥିଲେ। ଶେଷରେ ସମସ୍ତଙ୍କ ଅପେକ୍ଷାର ଅନ୍ତ ଘଟିଛି। ଇଲିଆନା ତାଙ୍କର ସେହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ସମସ୍ତଙ୍କ ସମ୍ମୁଖକୁ ଆଣିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପ୍ରେମିକଙ୍କ ସହ ଡେଟ୍ ନାଇଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଇଲିମାନା ତାଙ୍କ ସହ ବହୁ ଖୁସିଥିବା ଦେଖିବାକୁ ମିଳିଥିଲା। ହେଲେ ଇଲିଆନା ତାଙ୍କ ପ୍ରେମିକଙ୍କ ନାମ ପ୍ରକାଶ କରିନାହାନ୍ତି। ପୂର୍ବରୁ କ୍ୟାଟ୍ରିନାଙ୍କ ଭାଇ ସେବାଷ୍ଟିଆନ ଲୌରେଣ୍ଟଙ୍କୁ ଇଲିଆନା ଡେଟ୍ କରୁଥିବା ଗୁଜବ ଶୁଣିବାକୁ ମିଳିଥିଲା। କିନ୍ତୁ ଏବେ ଅନ୍ୟ ଜଣଙ୍କୁ ଦେଖିବାକୁ ମିଳିଛି। ତେବେ ଇଲିଆନା ୨୦୦୬ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦର୍ଶକଙ୍କୁ ଅନେକ ଫିଲ୍ମ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ୨୦୨୧ରେ ସିନେମା 'ଦି ବିଗ୍ ବୁଲ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ୨ଟି ମୁଭି ରହିଛି। ଏଥିସହ ସେ ମ୍ୟୁଜିକ୍ ଭିଡିଓରେ ମଧ୍ୟ ତାଙ୍କ ଯାଦୁ ଦେଖାଇଛନ୍ତି।

## ୯୦ ବର୍ଷରେ ୫ମ ବିବାହ

ରିୟାଧ



ଦୁନିଆରେ ଅନେକ ପ୍ରକାର ଲୋକ ଅଛନ୍ତି। ବୃଦ୍ଧ ସମୟରେ ପ୍ରଭୁଙ୍କ ପାଖରେ ସମୟ କାଟିବାକୁ ପସନ୍ଦ କରନ୍ତି। ହେଲେ ଜଣେ ୯୦ ବର୍ଷୀୟ ବ୍ୟକ୍ତି ଏବେ ବି ବିବାହ କରିବା କଥା ଚିନ୍ତା କରୁଛନ୍ତି। ରିପୋର୍ଟ ମୁତାବକ, ସାଉଦି ଆରବର ନାଦିର ବିନ୍ ଦହେିମ ବାହକ ଅଲ ମୁର୍ଶିଦ ଅଲ୍ ଓତାବି ନାମକ ବୃଦ୍ଧ ନିକଟରେ ୫ମ ବିବାହ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ଲୋକଙ୍କ ପାଖରୁ ଶୁଭେଚ୍ଛା ନେଉଥିବା ଦେଖିବାକୁ ମିଳିଛି। ତାଙ୍କ ପାଖରେ ମଧ୍ୟ ତାଙ୍କ ବାପା ଉପସ୍ଥିତ ଥିବା ଜଣାପଡ଼ିଛି। ନାଦିର ନିଜ ୫ମ ବିବାହକୁ ନେଇ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ଏହା ପରେ ଆଉ ବିବାହ କରିବାକୁ ଚାହୁଁଛନ୍ତି। ବିବାହ ହିଁ ତାଙ୍କ ସୁସ୍ଥ ରହିବାର ଉପାୟ। ସେ ତାଙ୍କ ହନିମୁନ୍‌କୁ ନେଇ ବହୁତ ଖୁସି ଅଛନ୍ତି ଏବଂ ଆଗକୁ ପିଲା ମଧ୍ୟ ଜନ୍ମ କରିବାକୁ ଚାହାନ୍ତି। ତାଙ୍କର ପୂର୍ବରୁ ୫ ପିଲା ଅଛନ୍ତି। ସେଥିମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତେବେ ସେ ଅନ୍ୟମାନଙ୍କୁ ବିବାହ କରିବାକୁ ଉପଦେଶ ଦେଉଛନ୍ତି।

## କେଦାରନାଥରେ ଫଟୋ, ଭିଡିଓ ନିଷେଧ

ଡେରାଡୁନ୍




କିଛିଦିନ ଆଗରୁ କେଦାରନାଥ ମନ୍ଦରର ଭିତର ପାର୍ଶ୍ୱର ଫଟୋ ଭାଇରାଲ ହୋଇଥିଲା, ଯାହାକୁ ନେଇ ବିବାଦ ଲାଗିଥିଲା। ଶ୍ରୀ ବଦ୍ରିନାଥ କେଦାରନାଥ ମନ୍ଦିର କମିଟିର ନିଷ୍ପତ୍ତି ଅନୁଯାୟୀ, ମନ୍ଦିର ପରିସରରେ ଫଟୋ ଏବଂ ଭିଡିଓ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ସୋମବାର ଘୋଷଣା ହୋଇଛି। କେହି ଯଦି ଏହି ନିୟମ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ମନ୍ଦିରର ଅନେକ ସ୍ଥାନରେ ଏହାର ବୋର୍ଡ ଲାଗିଛି। ଯେଉଁଥିରେ ଲେଖାଯାଇଛି, ମୋବାଇଲ ଫୋନ୍ ମନ୍ଦିରକୁ ନିଷେଧ। ଏଠାରେ କୌଣସି ପ୍ରକାର ଭିଡିଓ ଏବଂ ଫଟୋ ଉଠାଇବା ମନା। ଶ୍ରୀବଦ୍ରିନାଥ କେଦାରନାଥ ମନ୍ଦିର କମିଟିର ଅଧ୍ୟକ୍ଷ ଅଜୟ ଅଜେନ୍ଦ୍ର କହିଛନ୍ତି, ଲୋକେ ଏଠାର ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଛାଡୁଛନ୍ତି, ଯାହାକି ମନ୍ଦିରର ଧାର୍ମିକ ବାତାବରଣ ଉପରେ ଖରାପ ପ୍ରଭାବ ପକାଉଛି। ଏଥିସହ ଅତୀତର ଘଟଣା ପାଇଁ ସେମାନେ ଏଠାରେ ମନ୍ଦିର ପରିସରରେ ମୋବାଇଲ ଫୋନ୍‌କୁ ନିଷେଧ କରିଥିବା କମିଟି ଅଧ୍ୟକ୍ଷ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜୁଲାଇ, ୨୦୨୩



# ଗୃହିଣୀଙ୍କ ପାଇଁ ଟିପ୍ସ

**ବର୍ଷାଦିନ ଆସିଲା ମାନେ କିପରି ଲୁଗାପଟା ଶୁଖିବ ଏଥିପାଇଁ ସମସ୍ତଙ୍କର ଚିନ୍ତା ପଡ଼ିଯାଏ। କାରଣ ଏହିଦିନରେ ବେଶି ଖରା ପଡ଼େନି । ଫଳରେ କପଡ଼ା ଯେତେ ପବନରେ ପଡ଼ିଲେ ସୁଦ୍ଧା ଏହା ଓଦାଳିଆ ଅନୁଭବ ହୁଏ। ଏହା ସହ ବେଳେବେଳେ କପଡ଼ାରୁ ଦୁର୍ଗନ୍ଧ ମଧ୍ୟ ବାହାରିଥାଏ। ଏବେ ଜାଣିବା ଏହି ଦିନରେ ନିଜର ଲୁଗାପଟା କିପରି ଶୁଖାଇବେ...**



**ଫ୍ୟାନ୍ ତଳେ ଶୁଖାନ୍ତୁ :** ଫ୍ୟାନ୍ ତଳେ ଲୁଗାପଟା ଶୁଖାଇବା ନିୟମକୁ ପ୍ରାୟ ସମସ୍ତେ ପାଳନକରନ୍ତି। ଏହି ଉପାୟଟି ପ୍ରାୟ ଅତି ସାଧାରଣ ଏବଂ ସହଜ। ପ୍ରଥମେ ଓଦା କପଡ଼ାକୁ ଭଲଭାବେ ଚିପୁଡ଼ି ବାଥରୁମ୍ ହ୍ୟାଙ୍ଗରରେ ଟାଙ୍ଗିରଖନ୍ତୁ। ଏଥିରୁ ପାଣି ନିଗିଡ଼ିସାରିଲା ପରେ ଏହାକୁ ସିଲିଂ ଫ୍ୟାନ୍ ତଳେ କିମ୍ବା ଟେବୁଲ ଫ୍ୟାନ୍ ପାଖରେ ଶୁଖାନ୍ତୁ। ଲୁଗାପଟା ଶୁଖାଇଲା ପରେ ଫ୍ୟାନ୍‌କୁ ସ୍ପିଡରେ ଚଲାନ୍ତୁ। କପଡ଼ାରେ ପବନ ବାଜିବା କାରଣରୁ ଏହା ଜଲ୍‌ଦି ଶୁଖିଥାଏ।

**ଟାଓ୍ୱେଲ ବ୍ୟବହାର କରିପାରିବେ:** ଓଦା ଲୁଗାପଟା ଶୁଖାଇବା ଲାଗି ଆପଣ ଟାଓ୍ୱେଲ ବ୍ୟବହାର କରିପାରିବେ। ଏଥିପାଇଁ ପ୍ରଥମେ ଆପଣଙ୍କୁ ଓଦା ଲୁଗାପଟାକୁ ଭଲଭାବେ ଚିପୁଡ଼ି ଦିଅନ୍ତୁ। ଏହାପରେ ଓଦା ହୋଇଥିବା କପଡ଼ାକୁ ଶୁଖିଲା ଟାଓ୍ୱେଲ ଉପରେ ଶୁଖାଇ ଦିଅନ୍ତୁ। ଫଳରେ ଶୁଖିଲା ଟାଓ୍ୱେଲରେ ପାଣି ବାହାରି ଲୁଗାପଟା ଶୁଖିବାକୁ ଲାଗିବ। ଏହି ଉପାୟକୁ ୨ଥର କରି ଲୁଗାପଟାକୁ ଫ୍ୟାନ୍ ତଳେ ଶୁଖାଇବା ଦ୍ୱାରା ଜଲ୍‌ଦି ଶୁଖିଯିବ।

**ନ୍ୟୁଜ୍‌ପେପରର ସହାୟତା ନେଇପାରିବେ:** ଯଦି ଆପଣ ଡାର୍କ ଲୁଗାପଟା ଶୁଖାଇବାକୁ ଚାହୁଁଥାନ୍ତି ତେବେ ଓଦା ଲୁଗାପଟାକୁ ଓଲଟାକରି ନ୍ୟୁଜ୍‌ପେପର ରଖି ଭଲଭାବେ ପ୍ରେସ୍ କରନ୍ତୁ। ଯଦି ଲୁଗାପଟା ନ ଶୁଖୁଛି ଏହି ଉପାୟ ଆଉ ଥରେ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଲୁଗାପଟା ନିଶ୍ଚୟ ଶୁଖିଯିବ। ଏହି ଉପାୟଟିକୁ ଲାଇଟ୍ କଲର ଡ୍ରେସ୍‌ରେ ଆପ୍ଲାଏ କରନ୍ତୁ ନାହିଁ। କାରଣ ଖବରକାଗଜର କାଳି ଆପଣଙ୍କ ଡ୍ରେସ୍ ଉପରେ ଲାଗିଯିବାର ସମ୍ଭାବନା ରହିଛି।

**ପ୍ରେସ୍ ବ୍ୟବହାର କରନ୍ତୁ:** ସବୁ ଚେଷ୍ଟା ଯଦି ଅସଫଳ ହୁଏ, ଏହା ପରେ ଆପଣ ଇଲେକ୍ଟ୍ରିକ୍ ଆଇରନ୍‌ର ସହାୟତା ନେଇପାରିବେ। ପ୍ରଥମେ ଡ୍ରେସ୍‌କୁ ଆଇରନ୍ ବୋର୍ଡ ଉପରେ ପକାଇ ଧୀରେ ଧୀରେ ଆଇରନ୍ ଚଲାନ୍ତୁ। ଏହାଦ୍ୱାରା କପଡ଼ା ଜଲ୍‌ଦି ଶୁଖିଥାଏ ଏବଂ ଏହାକୁ ଆପଣ ପିନ୍ଧି ବାହାରକୁ ଯାଇପାରିବେ।

**ହେୟାର ଡ୍ରାୟର :** ଅସାବଧାନତା କାରଣରୁ ବେଳେବେଳେ ଆମର ଡ୍ରେସ୍ ଆଇରନ୍ କରିବା ସମୟରେ ଖରାପ ହୋଇଯାଏ। ଯଦି ଆପଣଙ୍କ ମନରେ ବି ଏମିତି ଭୟ ରହିଥାଏ ତେବେ ଏହା ବଦଳରେ ଆପଣ ହେୟାର ଡ୍ରାୟରର ସାହାଯ୍ୟ ନେଇପାରିବେ। ଏହାର ଗରମ ପବନ ଯୋଗୁ ଲୁଗାପଟା ଜଲ୍‌ଦି ଶୁଖିଯାଇଥାଏ।

ଫ୍ୟାଶନ

# ମନ୍‌ସୁନ୍ ଫ୍ୟାଶନ

**କେଶକୁ ହାଇପୋନି କିମ୍ବା ବନ୍ ବନାନ୍ତୁ**
ବର୍ଷାଦିନରେ କେଶ ଓଦାହେବା କାରଣରୁ କେଶ ଖରାପ ହେବାର ଆଶଙ୍କା ରହିଥାଏ। ଏମିତିରେ ଯଦି ଆପଣ ଶର୍ଟ ଡ୍ରେସ୍ ପିନ୍ଧୁଛନ୍ତି ତେବେ କେଶକୁ ହାଇ ପୋନିଟେଲ୍ କରି କିମ୍ବା ହାଇପୋନି କରି ନିଜ ଲୁକ୍‌କୁ କମ୍ପ୍ଲିଟ୍ କରିପାରିବେ।

**ୱାଟରପ୍ରୁଫ୍ ମେକ୍‌ଅପ୍ ବ୍ୟବହାର କରନ୍ତୁ:** ବର୍ଷାଦିନରେ ନିଜର ଲୁକ୍‌କୁ ବଜାୟ ରଖିବାକୁ ହେଲେ ୱାଟରପ୍ରୁଫ୍ ମେକ୍‌ଅପ୍‌କୁ ଚୟନ କରିପାରିବେ। ଯଦି ଏହି ଦିନରେ ୱାଟରପ୍ରୁଫ୍ ମେକ୍‌ଅପ୍ ନେଉନାହାନ୍ତି ତେବେ ବର୍ଷା ସହ ଆପଣଙ୍କ ମେକ୍‌ଅପ୍ ମଧ୍ୟ ପାଣିରେ ଧୋଇହୋଇଯିବ।

**ଆରାମଦାୟକ ହେବ ଶର୍ଟ ଡ୍ରେସ୍:** ଏହିଦିନରେ ଶର୍ଟ ଡ୍ରେସ୍,ଶର୍ଟ ସ୍କର୍ଟ ଆଦି ପିନ୍ଧିପାରିବେ। ଏମିତିରେ ଗ୍ରେ ରଙ୍ଗର ପେନ୍‌ସିଲ୍ ସ୍କର୍ଟ ଧଳା ରଙ୍ଗର ଶାର୍ଟକୁ ପେୟାରକରି ପିନ୍ଧିଲେ ଏହା ଆପଣଙ୍କୁ ଭଲ ମାନିବ। ଏହିଦିନେ ମିନି ସ୍କର୍ଟ ଓ ପେନ୍‌ସିଲ୍ ସ୍କର୍ଟ ସବୁବେଳେ ପସନ୍ଦ ଆସୁଥିବା ବେଳେ ଏବେ ଟ୍ରେଞ୍ଚକୋର୍ଟ ଟ୍ରେଣ୍ଡ ଚାଲିଛି।

**ଛତା ଏବଂ ରେନ୍‌କୋର୍ଟ ପିନ୍ଧି ମଧ୍ୟ ଲାଗିବେ ଫ୍ୟାଶନବେଲ:** ଏହିଦିନରେ ବାହାରକୁ ଯିବା ମାତ୍ରେ ରେନ୍‌କୋର୍ଟ ଏବଂ ଛତାର ଆବଶ୍ୟକତା ପଡ଼ିଥାଏ। ଏବେ ଫ୍ଲୋରାଲ ପ୍ରିଣ୍ଟର ଛତା ବଜାରରେ ମିଳୁଛି। ଆପଣ ଏହାକୁ ବ୍ୟବହାର କରିବା ଦ୍ୱାରା ଅଧିକ ଷ୍ଟାଇଲିଶ୍ ଲାଗିବେ। ରେନ୍‌କୋର୍ଟ ମଧ୍ୟ ବଜାରରେ ବିଭିନ୍ନ ଡିଜାଇନ୍‌ର ମିଳୁଛି ଯାହାକୁ ଆପଣ ପିନ୍ଧି ଲାଗିବେ ଆହୁରି ଷ୍ଟାଇଲିଶ୍।

# ସରୋଗେସି ନିଷ୍ପତ୍ତି ନେବା ପୂର୍ବରୁ...



ଡା. ସୁଜାତା କର



"ସରୋଗେସି ହେଉଛି ଏକ ପ୍ରଜନନ ପ୍ରଣାଳୀ, ଯେଉଁଥିରେ ଜଣେ ମହିଳା ଅନ୍ୟ ଦମ୍ପତିଙ୍କ ସନ୍ତାନକୁ ନିଜ ଗର୍ଭାଶୟରେ ରଖିଥାନ୍ତି । ଗର୍ଭବତୀ ଥିବା ମହିଳାଙ୍କୁ ସରୋଗେଟ୍ କୁହାଯାଏ। ସେ ଆଇଭିଏଫ୍ ପ୍ରକ୍ରିୟା ଦ୍ୱାରା ଗର୍ଭବତୀ ହୋଇଥାନ୍ତି। ଯେଉଁ ଦମ୍ପତିଙ୍କ ସନ୍ତାନ ସରୋଗେଟ୍ ବହନ କରନ୍ତି ସେମାନଙ୍କୁ କମିଶନିଂ ଦମ୍ପତି କୁହାଯାଏ ଏବଂ ସେମାନଙ୍କ ଡିମ୍ବାଣୁ ଓ ଶୁକ୍ରାଣୁ ଆଇଭିଏଫ୍ ପ୍ରକ୍ରିୟା ସମୟରେ ବ୍ୟବହୃତ ହୁଏ ଓ ଶେଷରେ ସରୋଗେଟ୍ ଶିଶୁକୁ ଦମ୍ପତିଙ୍କୁ ଫେରାଇଦିଅନ୍ତି ।"

ପିତାମାତା ହେବା ପାଇଁ ସବୁ ଦମ୍ପତି ଇଚ୍ଛା କରିଥାଆନ୍ତି। କିନ୍ତୁ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟ ହେତୁ ଅନେକଙ୍କ ପାଇଁ ପିତାମାତା ହେବା ଏକ ସ୍ୱପ୍ନ ହୋଇ ରହିଯାଏ। ଟେକ୍ନୋଲୋଜି ଏବଂ ଡାକ୍ତରୀ ବିଜ୍ଞାନର ଅଗ୍ରଗତି ସହ ସନ୍ତାନ ସୁଖରୁ ବଞ୍ଚିତ ଦମ୍ପତିମାନଙ୍କୁ ଏହି ସୁଖ ଦେବା ପାଇଁ ଅନେକ ବିକଳ୍ପ ଆସିଯାଇଛି। ସରୋଗେସି ହେଉଛି ଏହିପରି ପଦ୍ଧତିଗୁଡ଼ିକ ମଧ୍ୟରୁ ଅନ୍ୟତମ।

ସରୋଗେସି ହେଉଛି ଏକ ପ୍ରଜନନ ପ୍ରଣାଳୀ, ଯେଉଁଥିରେ ଜଣେ ମହିଳା ଅନ୍ୟ ଦମ୍ପତିଙ୍କ ସନ୍ତାନଙ୍କୁ ନିଜ ଗର୍ଭାଶୟରେ ରଖିଥାନ୍ତି। ଗର୍ଭବତୀ ଥିବା ମହିଳାଙ୍କୁ ସରୋଗେଟ୍ କୁହାଯାଏ। ସେ ଆଇଭିଏଫ୍ ପ୍ରକ୍ରିୟା ଦ୍ୱାରା ଗର୍ଭବତୀ ହୋଇଥାନ୍ତି। ଯେଉଁ ଦମ୍ପତିଙ୍କ ସନ୍ତାନ ସରୋଗେଟ୍ ବହନ କରନ୍ତି ସେମାନଙ୍କୁ କମିଶନିଂ ଦମ୍ପତି କୁହାଯାଏ ଏବଂ ସେମାନଙ୍କର ଡିମ୍ବାଣୁ ଓ ଶୁକ୍ରାଣୁ ଆଇଭିଏଫ୍ ପ୍ରକ୍ରିୟା ସମୟରେ ବ୍ୟବହର ହୁଏ ଏବଂ ଶେଷରେ ସରୋଗେଟ୍ ଶିଶୁକୁ ଦମ୍ପତିଙ୍କୁ ଫେରାଇଦିଅନ୍ତି। ଯଦି ଆମେ ସରୋଗେସି ସମ୍ବନ୍ଧୀୟ ଚିନ୍ତା ବିଷୟରେ କହିବା, ତେବେ ଲୋକମାନେ



ସରୋଗେସି ଆଇନଗତ କି ନୁହେଁ, ଏହାର ମୂଲ୍ୟ କେତେ ଏବଂ ପ୍ରାୟତଃ ସରୋଗେଟ୍ ମା ଶିଶୁକୁ ଫେରାଇବାରେ ସରୋଗେଟ୍‌ଠାରୁ କୌଣସି ସମସ୍ୟା ଆସିବ କି ନାହିଁ ଏହି ବିଷୟରେ ଅଧିକ ଚିନ୍ତା କରିଥାଆନ୍ତି। ପ୍ରକୃତରେ ବହୁ କମ୍ ଲୋକ ସରୋଗେସି ଆବଶ୍ୟକ କରନ୍ତି ଏବଂ କାହାକୁ ସରୋଗେସି ଦରକାର ତାହା କେବଳ ଡାକ୍ତର ହିଁ ସ୍ଥିର କରିପାରିବେ।

ସରୋଗେସି ଗ୍ରହଣ କରିବା ପାଇଁ ବିଭିନ୍ନ ଡାକ୍ତରୀ କାରଣ ରହିଛି ଯଥା- (୧) ଜନ୍ମରୁ କିମ୍ବା କର୍କଟ ରୋଗ କିମ୍ବା ଗର୍ଭଧାରଣ ଜଟିଳତା ହେତୁ ସର୍ଜିକାଲ ଅପସାରଣ କରି ଗର୍ଭାଶୟ ବାହାର କରାଯାଇଥିଲେ, (୨) ଗର୍ଭାଶୟରେ ଅସ୍ୱାଭାବିକ ଆକୃତି, (୩) ବାରମ୍ବାର ଗର୍ଭପାତ, (୪) ବାରମ୍ବାର ଆଇଭିଏଫ୍ ବିଫଳତା, (୫) ମହିଳାମାନଙ୍କଠାରେ ହୃଦ୍‌ଘାତ, କିଡ୍‌ନୀ ବିଫଳତା ଇତ୍ୟାଦି ଭଳି ଗୁରୁତର ରୋଗ ଗର୍ଭାବସ୍ଥାରେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ଯଦିଓ ଗର୍ଭାବସ୍ଥାର ପ୍ରକ୍ରିୟା ସମାନ, ତଥାପି ସେମାନେ ଭିନ୍ନ ହେବାର ମୁଖ୍ୟ କାରଣ ହେଉଛି ସରୋଗେଟ୍ ମା'। ଜଣେ ସାଧାରଣ ମା' ହେଉଛି ଶିଶୁର ଜେନେଟିକ୍ ମା' ଯେଉଁଠି ସରୋଗେଟ୍ ମା' ଶିଶୁ ସହ କୌଣସି ଜେନେଟିକ୍ ସମ୍ପର୍କ ନ ଥାଏ। ବିବାହର ଅବଧି, ସରୋଗେସି ଆବଶ୍ୟକ କରିବା ପାଇଁ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ଦମ୍ପତିଙ୍କ ବୟସ ଉପରେ ଆଧାର କଲା ଭଳି ଅନେକ ମାନଦଣ୍ଡ ପୂରଣ କରୁଥିବା ବିବାହିତ ଦମ୍ପତିଙ୍କ ପାଇଁ ଭାରତରେ ସରୋଗେସି ଆଇନଗତ। ଅବଶ୍ୟ ଭାରତରେ ସରୋଗେସି ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର। ଏହାର ଅର୍ଥ ହେଉଛି ସେରୋଗେଟ୍‌କୁ ଦମ୍ପତି ଟଙ୍କା ଦେଇପାରିବେ ନାହିଁ। ଏହା ସହ ଏକାକୀ ପିତାମାତା, ସମଲିଙ୍ଗୀ ଦମ୍ପତି, ଛାଡ଼ପତ୍ର କିମ୍ବା ବିଧବା ବ୍ୟକ୍ତି, ଟ୍ରାନ୍ସଜେଣ୍ଡର ବ୍ୟକ୍ତି, ଲିଭ୍-ଇନ୍ ପାର୍ଟନରମାନେ ଭାରତରେ ସରୋଗେସି ଚୟନ କରିପାରିବେ ନାହିଁ।





ସରୋଗେଟ୍ ମା' ହେବା ପାଇଁ ମହିଳାମାନେ ୨୧ ରୁ ୪୦ ବର୍ଷ ବୟସ ହେବା ଉଚିତ। ତାଙ୍କର ନିଜର ଏକ ସନ୍ତାନ ହେବା ଉଚିତ ଏବଂ ପିଲାଟିକୁ ଜନ୍ମଦେବା ପାଇଁ ଶାରୀରିକ ଭାବରେ ଫିଟ୍ ହେବା ଉଚିତ। ସରୋଗେସି ଚୟନ କରିବା ପାଇଁ ଦମ୍ପତିଙ୍କ ଅତି କମ୍‌ରେ ୫ ବର୍ଷର ବୈବାହିକ ଜୀବନ ରହିଥିବ ଏବଂ ମହିଳାଙ୍କ ବୟସ ୨୩-୫୦ ବର୍ଷ ବୟସ ମଧ୍ୟରେ ହୋଇଥିବ। କେବଳ ଦମ୍ପତି ଯେଉଁମାନେ ଡାକ୍ତରୀ କାରଣରୁ ସ୍ୱାଭାବିକ ଭାବରେ ଗର୍ଭଧାରଣ କରିବାରେ ଅସମର୍ଥ, ସେମାନେ ହିଁ ସରୋଗେସି କରିପାରିବେ। ଭାରତୀୟ ଆଇନ ଅନୁଯାୟୀ ଭାରତରେ ସରୋଗେସି ପାଇବା ପାଇଁ ବହୁ କଠୋର ନିୟମ ଅଛି। ସରୋଗେସି ଆବଶ୍ୟକ କରୁଥିବା ଦମ୍ପତିଙ୍କୁ ପ୍ରଥମେ ସ୍କ୍ରିନିଂ କରାଯିବା ଆବଶ୍ୟକ ଏବଂ ତା' ପରେ ସରୋଗେସି ଦରକାର କି ନାହିଁ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଦିଆଯିବା ଆବଶ୍ୟକ। ତା' ପରେ ସରୋଗେଟ୍ ଆର୍ଟ୍ କିମ୍ବା ଆସିଷ୍ଟାନ୍ ରିପ୍ରଡକ୍ଟିଭ୍ ଟେକ୍‌ନୋଲୋଜି ବ୍ୟାଙ୍କ ଗ୍ରହଣ କରିପାରିବେ। ସରୋଗେସି ପାଇଁ ଆବେଦନ ରାଜ୍ୟ ବୋର୍ଡ ଦ୍ୱାରା ପାସ୍ ହେବା ଆବଶ୍ୟକ। ତା' ପରେ ସରୋଗେଟ୍‌ର ମଧ୍ୟ ସ୍କ୍ରିନିଂ କରାଯିବା ଆବଶ୍ୟକ ଏବଂ ଏଟିଆର୍ ଦ୍ୱାରା ଆଇନଗତ ଡକ୍ୟୁମେଣ୍ଟେଶନ ମଧ୍ୟ କରାଯିବା ଆବଶ୍ୟକ। ସରୋଗେସି ଚୟନ କରୁଥିବା କୌଣସି ଦମ୍ପତି ଚୁକ୍ତିନାମାକୁ ମନେ ରଖିବା ଉଚିତ।

*ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ,*
*କର କ୍ଲିନିକ୍ ଓ ଆଇଭିଏଫ୍ ସେଣ୍ଟର,*
*ୟୁନିଟ୍-୪, ଏ-୩୨, ଭୁବନେଶ୍ୱର*
*ମୋ: ୯୪୩୮୪୮୮୧୧୧*

ସୌନ୍ଦର୍ଯ୍ୟ

# ବର୍ଷାଦିନେ ନଖର ଯତ୍ନ



**ଏବେ ବର୍ଷାଦିନ ଚାଲିଛି। ଖାସ୍‌କରି ବର୍ଷାଦିନରେ ପାଦ ଓଦାହେବା କାରଣରୁ ନଖଗୁଡ଼ିକରେ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବା ଆଶଙ୍କା ରହିଛି। ଯଦି ଏହି ସମସ୍ୟାରୁ ନିଜକୁ ରକ୍ଷା କରିବାକୁ ଚାହାନ୍ତି ତେବେ କିଛି କଥା ଉପରେ ଧ୍ୟାନଦେବାକୁ ପଡ଼ିବ...**

**ପାଦକୁ ରଖନ୍ତୁ ଶୁଖିଲା:** ବର୍ଷାଦିନରେ ଯେତେ ଚେଷ୍ଟାକଲେ ବି ପାଦ ଓଦା ନ କରିବାକୁ ହେଲେ ଏହା ହୋଇଥାଏ। ଏମିତିରେ ଯେତେବେଳେ ବି ପାଦ ଓଦା ହେଉଛି ତାକୁ ଭଲଭାବେ ଶୁଖାନ୍ତୁ। ଯଦି ନଖ ପାଖାପାଖି ପାଣି ଜମାହୋଇ ରହିବ ଏହା ଇନ୍‌ଫେକ୍‌ଶନର କାରଣ ସାଜିଥାଏ। ସେଥିପାଇଁ ବାହାରୁ ଆସି ପାଦକୁ ଭଲଭାବେ ଧୋଇ ତାକୁ ଟାଓ୍ୱେଲ୍‌ରେ ପୋଛି ଶୁଖାଇ ଦିଅନ୍ତୁ।

**ଆଣ୍ଟିସେପ୍‌ଟିକ୍**
ବର୍ଷାଦିନରେ ଆଣ୍ଟିସେପ୍‌ଟିକ୍ ଲିକ୍ୟୁଇଡ୍ ବ୍ୟବହାର କରିବା ନିହାତି ଜରୁରୀ। ଯଦି ଆପଣ ଏପରି ନ କରିବେ ତେବେ ପାଦରେ ଥିବା ବ୍ୟାକ୍ଟେରିଆ ଧୀରେ ଧୀରେ ବଢ଼ିବାକୁ ଲାଗନ୍ତି। ଫଳରେ ଏହି କାରଣରୁ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବା ଆଶଙ୍କା ରହିଛି।

**ଟି ବ୍ୟାଗ୍**
ଘରକୁ ଆସିବା ପରେ ପ୍ରତିଦିନ ନଖ ଉଷୁମ ପାଣିରେ ଟି ବ୍ୟାଗ୍ ପକାଇ ସେଥିରେ ପାଦକୁ ୫ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇରଖନ୍ତୁ। ଏପରି କରିବା ଦ୍ୱାରା ପାଦରେ ବ୍ୟାକ୍ଟେରିଆ ଜନ୍ମ ହୁଅନ୍ତି ନାହିଁ।

**ବେକିଂ ସୋଡ଼ା**
ନଖ ଉଷୁମ ପାଣିରେ ୧ ଚାମଚ ବେକିଂ ସୋଡ଼ାରେ ଭିନେଗାର ମିଶାଇ ପାଦକୁ ଏଥିରେ ବୁଡ଼ାନ୍ତୁ। ଏହାଦ୍ୱାରା ଆପଣଙ୍କ ପାଦକୁଆରାମ ମିଳିବ ଏବଂ ଇନ୍‌ଫେକ୍‌ଶନର ଭୟ ବି ଏତେଟା ରହିବ ନାହିଁ।

**ଆଣ୍ଟିଫଙ୍ଗାଲ ପାଉଡର**
ପାଦ ଶୁଖିଗଲା ପରେ ସେଥିରେ ଆଣ୍ଟିଫଙ୍ଗାଲ ପାଉଡର ପକାନ୍ତୁ। ଏପରି କରିବା ଦ୍ୱାରା ନଖରେ ଇନ୍‌ଫେକ୍‌ଶନ ଏତେଟା ହୋଇ ନ ଥାଏ।

**ନଖକୁ ରଖନ୍ତୁ ସଫା**
ବର୍ଷାଦିନରେ ନଖକୁ ସବୁବେଳେ ସଫା ରଖନ୍ତୁ। ଯଦି ଆପଣଙ୍କ ନଖ ସଫା ରହିବ ତେବେ ଫଙ୍ଗାଲ ଇନ୍‌ଫେକ୍‌ଶନ ହେବ ନାହିଁ।



ଖାଦ୍ୟରୁଚି

# ମଶ୍‌ରୁମ୍ ଫ୍ରାଏ



**ଆବଶ୍ୟକ ସାମଗ୍ରୀ:** ବଟନ୍ ମଶ୍‌ରୁମ୍-୩୦୦ଗ୍ରାମ୍, କଟା ପିଆଜ ୨-୩ଟି, କଟା ଟମାଟୋ ୨ଟି, ଅଦା ରସୁଣ ପେଷ୍ଟ ୨ ଚାମଚ, ଜୀରା ୧ ଚାମଚ, ଗୋଟା ସୋରିଷ ୧ ଚାମଚ, ମେଥିଦାନା ଅଳ୍ପ ପରିମାଣରେ, ଆବଶ୍ୟକ ଅନୁଯାୟୀ ହଳଦୀଗୁଣ୍ଡ, କଶ୍ମୀରୀ ମିର୍ଚ୍ଚ ପାଉଡ଼ର ୧ ଚାମଚ, ଧନିଆ ପାଉଡର ୧ ଚାମଚ, ଗରମ ମସଲା ୧ ଚତୁର୍ଥାଂଶ, କଟା ହୋଇଥିବା ଧନିଆପତ୍ର ୨ ଚାମଚ, ସ୍ୱାଦ ଅନୁସାରେ ଲୁଣ ଏବଂ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଟେଷ୍ଟି ମଶ୍‌ରୁମ୍ ଫ୍ରାଏ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ବଟନ୍ ମଶ୍‌ରୁମ୍‌ରେ ଲୁଣ ପକାଇ ଏହାକୁ ଭଲଭାବେ ପାଣିରେ ଧୋଇଦିଅନ୍ତୁ। ଏହାପରେ ଏହି ମଶ୍‌ରୁମ୍‌କୁ କାଟି ଏକ ବାଓ୍ୱେଲ୍‌ରେ ରଖନ୍ତୁ। ଏବେ ପିଆଜ, ଟମାଟୋକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ କଡ଼େଇ ଗ୍ୟାସ୍ ଚୁଲା ଉପରେ ବସାନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ସୋରିଷ, ମେଥି, ଜିରାକୁ ପକାନ୍ତୁ। ଏସବୁ ଫୁଟିଗଲା ପରେ ଏଥିରେ କଟା ପିଆଜ ପକାନ୍ତୁ। ପିଆଜ ରଙ୍ଗ ହାଲ୍‌କା ଲାଲ୍ ହେବା ପରେ କଟା ହୋଇଥିବା ଟମାଟୋ, ଅଦା-ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ୧-୨ ମିନିଟ୍ କଷି ହେଲାପରେ ଏଥିରେ କଶ୍ମୀରୀ ମିର୍ଚ୍ଚ ପାଉଡର, ଧନିଆ ପାଉଡର, ଅନ୍ୟ ଶୁଖିଲା ମସଲା ମଧ୍ୟ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଟମାଟୋ ଯେପରି ନରମ ହେବ ଏକଥାକୁ ମଧ୍ୟ ଧ୍ୟାନରଖନ୍ତୁ। ଏବେ ଏଥିରେ କଟାହୋଇଥିବା ମଶ୍‌ରୁମ୍ ପକାଇ ତାକୁ ମସଲା ସହ ଭଲଭାବେ ମିଶାନ୍ତୁ। ଏଥିରେ ଅଳ୍ପ ପାଣି ଦେଇ ଏହାକୁ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ଦିଅନ୍ତୁ। ମଶ୍‌ରୁମ୍ ହୋଇ ଆସିଲା ବେଳକୁ ଏଥିରେ ଗରମ ମସଲା ଏବଂ ଧନିଆଁପତ୍ର ପକାଇ ପରଷନ୍ତୁ। ଏବେ ଏହାକୁ ଆପଣ ରୁଟି, ପରଟା ଏବଂ ଭାତ ସହ ଖାଇପାରିବେ।

## ଆଜି ଏନ୍‌ଡିଏ ବୈଠକ: ୩୮ ଦଳ ଆସିବେ: ନଡ୍ଡା

ନୂଆଦିଲ୍ଲୀ: ବେଙ୍ଗାଲୁରୁରେ ବିରୋଧୀ ମହାମେଳି ଚାଲିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନୂଆଦିଲ୍ଲୀର ଅଶୋକା ହୋଟେଲରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ୩୮ ଦଳ ସାମିଲ ହେବେ ବୋଲି ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିରୁ ନିଜକୁ ବଞ୍ଚାଇବା ପାଇଁ ବେଙ୍ଗାଲୁରୁରେ ବିରୋଧୀଙ୍କ ସ୍ୱାର୍ଥପର ପ୍ରୟାସ ଚାଲିଛି। ମୋଦି ସରକାରଙ୍କ ୯ ବର୍ଷର ଶାସନ କାଳରେ ଏନ୍‌ଡିଏର ପରିସର ବୃଦ୍ଧି ଘଟିଛି। ସରକାରୀ ଯୋଜନା ଓ ନୀତିଗୁଡ଼ିକର ସକାରାତ୍ମକ ପ୍ରଭାବ ସବୁଠି ଦେଖିବାକୁ ମିଳୁଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ସ୍ମୃତି ସ୍ୱରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ବିରୋଧୀଙ୍କ ବେଙ୍ଗାଲୁରୁ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ଆରଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ , ଶିବସେନା ୟୁବିଟି ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ।

# ଏନ୍‌ଡିଏକୁ ଫେରିଲେ ଚିରାଗ


ଚିରାଗ ପାଶ୍ୱାନ

**ନୂଆଦିଲ୍ଲୀ, ୧୭।୭ :** ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକର ଦିନକ ପୂର୍ବରୁ ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ନେତା ଚିରାଗ ପାଶ୍ୱାନ ଏନ୍‌ଡିଏକୁ ଫେରିଛନ୍ତି। ପାଶ୍ୱାନ ସୋମବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଏନ୍‌ଡିଏକୁ ଫେରିବା ନେଇ ନିଷ୍ପତ୍ତି ନେଇଥିବା ନଡ୍ଡା ଘୋଷଣା କରିଛନ୍ତି। ତାଙ୍କୁ ଏନ୍‌ଡିଏ ପରିବାରକୁ ସ୍ୱାଗତ କରାଗଲା ବୋଲି ନଡ୍ଡା ଟୁଇଟ୍ କରିଛନ୍ତି। ଏନ୍‌ଡିଏକୁ ଫେରିବା ପୂର୍ବରୁ ଚିରାଗ ତାଙ୍କ ଦଳ ପାଇଁ ୬ ଲୋକ ସଭା ଆସନ ନିମନ୍ତେ ଭାଜପା ସହ କଥାବାର୍ତ୍ତା ଚଳାଇଥିଲେ। ନୂଆଦିଲ୍ଲୀରେ ଶାହାଙ୍କ ସହ ମେଣ୍ଟ ପ୍ରସଙ୍ଗରେ ସକାରାତ୍ମକ ଆଲୋଚନା ହୋଇଥିବା ଚିରାଗ ବୈଠକ ପରେ ଟୁଇଟ୍ କରିଥିଲେ। ମେଣ୍ଟ ବ୍ୟତୀତ ବିହାର ରାଜନୀତିକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ଦୁଇ ଗୋଷ୍ଠୀକୁ ଏକାଠି କରିବା ପାଇଁ ଉଦ୍ୟମ କରୁଛି। ଏଲ୍‌ଜେପିର ଗୋଟିଏ ଗୋଷ୍ଠୀର ନେତୃତ୍ୱ ପଶୁପତି ପାରସ୍ ନେଉଥିବାବେଳେ ଅନ୍ୟଟିର ନେତୃତ୍ୱ ପୁତୁରା ଚିରାଗ ନେଉଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805


TODAY & TOMORROW IN BHUBANESWAR
32 Year's of experience
FULL REFUND ON FAILURE
PERMANENT SOLUTION WITHOUT STONE
BUSINESS? SERVICE? EDUCATION? MARRIAGE?Any Problem In Life / VASTU?
ONLY ONE RELIABLE NAME IN ASTROLOGICAL WORLD
SRABANI DEBNATH
Call On - 9830040240
Bring this paper cutting and get special offer!

**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମୁହଁ ଖୋଲିଲେ ଚିରଞ୍ଜୀବ

# କଂଗ୍ରେସକୁ ଦୁର୍ବଳ କରିବା ଉଦ୍ୟମ ଚାଲିଛି

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର): କଂଗ୍ରେସରୁ ବିଧାୟକ ମହମ୍ମଦ ମୋକିମ୍ ଏବଂ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ନିଲମ୍ବିତ କରାଯିବା ପରେ ଦଳ ଭିତରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ମୋକିମ୍ ନିଲମ୍ବନ ଆଦେଶ ପାଇବା ପରେ ନିଜର ପ୍ରତିକ୍ରିୟା ପୂର୍ବରୁ ରଖିସାରିଥିବା ବେଳେ ରାଜ୍ୟ ବାହାରେ ଥିବା ଚିରଞ୍ଜୀବ ସୋମବାର ନିଜ ମତାମତ ରଖିଛନ୍ତି। ପରୋକ୍ଷରେ ତାଙ୍କ ବିରୋଧରେ ଏକ କୁଚକ୍ରୀ ଗୋଷ୍ଠୀ ଷଡ଼ଯନ୍ତ୍ର କରିଥିବା ସେ କହିଛନ୍ତି। ଏହାସହ ଯେଉଁ ଜିଲାରେ କଂଗ୍ରେସ ସୁଦୃଢ଼ ଅଛି ସେଠାରେ ଦଳକୁ ଦୁର୍ବଳ କରିବା ଲାଗି ସେହି କୁଚକ୍ରୀ ଗୋଷ୍ଠୀ ଉଦ୍ୟମ ଚଳାଇଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି। ସିଧାସଳଖ ନ ହେଲେ ବି ସେ ପରୋକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ଟାର୍ଗେଟ ମଧ୍ୟ କରିଛନ୍ତି। ତାଙ୍କର ଏବଂ ତାଙ୍କ ପରିବାରକୁ କଂଗ୍ରେସରୁ ଦୂରେଇ ଦଳ ଓଡ଼ିଶାରେ ୯ରୁ ୯୦ ଆସନ ଯଦି ଜିତିଯିବ ଭାବୁଛି ତେବେ ସାଧୁବାଦ ବୋଲି ଚିରଞ୍ଜୀବ କହିଛନ୍ତି।

ଚିରଞ୍ଜୀବ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୀର୍ଘ ୨୩ ବର୍ଷ ହେଲା କଂଗ୍ରେସ ରାଜ୍ୟରେ କ୍ଷମତାରେ ନାହିଁ। ଯେଉଁ ଜିଲାରେ କଂଗ୍ରେସ ସବଳ ରହିଛି ସେଠାରେ ସଂଗଠନକୁ ଦୁର୍ବଳ କରିବା ପାଇଁ କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ଚକ୍ରାନ୍ତ କରାଯାଉଛି। ସେମାନଙ୍କ ଚକ୍ରାନ୍ତରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତେଣୁ କଂଗ୍ରେସକୁ ବଞ୍ଚାଇବା ପାଇଁ ଦଳର ନେତା, କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଏକଜୁଟ ହୁଅନ୍ତୁ। ଏହାସହ ସେ ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ଦଳରୁ ଲଢ଼ିବେ ତାହା ସ୍ପଷ୍ଟ କରିନାହାନ୍ତି। ଏବେ ବି ସେ କଂଗ୍ରେସରେ ଅଛନ୍ତି ବୋଲି ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଦଳ ବିରୋଧୀ କାର୍ଯ୍ୟ କରିଛି ବୋଲି ପିସିସି ସଭାପତି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ନିକଟରେ ଅଭିଯୋଗ କରିବା ସହିତ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିଶ କରିଥିଲେ। ତାଙ୍କ ସୁପାରିସରେ ଗତ ୧୫ ତାରିଖରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। କଂଗ୍ରେସର ସେ ଜଣେ ଶୃଙ୍ଖଳିତ କର୍ମୀ। ନିଲମ୍ବନ ଆଦେଶ ତାଙ୍କୁ ଦାରୁଣ ଆଘାତ ଦେଇଛି। ୨୦୧୯ ସାଧାରଣ ନିର୍ବାଚନ ପରଠୁ ପ୍ରତ୍ୟେକ ନିର୍ବାଚନରେ ରାଜ୍ୟରେ କଂଗ୍ରେସର ଭୋଟ ହାର ହ୍ରାସ ପାଇବାରେ ଲାଗିଛି। କଂଗ୍ରେସର ଜଗତସିଂହପୁର ଜିଲାରେ ପ୍ରାୟ ୨ଲକ୍ଷ ଭୋଟ୍ ରହିଛି। କଟକ, କୋରାପୁଟ ଓ ଜଗତସିଂହପୁର ଭଳି ଜିଲାରେ କଂଗ୍ରେସ ସଙ୍ଗଠନର ସ୍ଥିତି ଭଲ ଥିବାବେଳେ ସେଠାରେ ଦଳକୁ ଦୁର୍ବଳ ଓ ଭାଗଭାଗ କରିବାକୁ କୁଚକ୍ରୀ ଗୋଷ୍ଠୀ ପ୍ରୟାସ କରୁଛନ୍ତି। ନିଜ ଛାଇ ଦେଖି ଓ ଗୋଡ଼ତଳେ ମାଟି ନ ଥିବା ଲୋକ ହିଁ ତାଙ୍କ ବିରୋଧରେ ଏଭଳି ଚକ୍ରାନ୍ତ କରିଛନ୍ତି ବୋଲି ସେ କହିଛନ୍ତି। ସୁଯୋଗ ମିଳିଲେ ଏଆଇସିସି କର୍ତ୍ତୃପକ୍ଷଙ୍କ ଆଗରେ ନିଜର ପକ୍ଷ ରଖିବି ବୋଲି ସେ କହିଛନ୍ତି।


ଚିରଞ୍ଜୀବ ବିଶ୍ୱାଳ


୨୧ତମ ଜନ୍ମ ଦିବସ



ସ୍ମୃତି ସ୍ୱରୂପ ବାରିକ
ସମାଜ ସେବୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ମାତା: ଜଶୋଦା ଦେହୁରି, ପିତା: ସଞ୍ଜୀବ ବାରିକ, ବନ୍ଧୁ ଓ ପରିଜନ
ଧ-୦୮୪୨


# ପ୍ରଦ୍ୟୁମ୍ନ କାର୍ଯ୍ୟକାରୀ ସଭାପତି

## ରାଉରକେଲା ବିଜେଡି ସାଙ୍ଗଠନିକ ଜିଲା ପୁନର୍ଗଠିତ

୮ ଉପସଭାପତି, ୮ ସାଧାରଣ ସମ୍ପାଦକ,୧୪ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୧୭।୭(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ରାଜ୍ୟ କାର୍ଯ୍ୟାଳୟ ଏବଂ ରାଉରକେଲା ବିଜେଡି ଜିଲାର କର୍ମକର୍ତ୍ତା ନିଯୁକ୍ତି କରାଯାଇଛି। ବିଜେଡି ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଏହି ସାଙ୍ଗଠନିକ ଜିଲାରେ ୮ ଜଣ ଉପସଭାପତି , ୮ ଜଣ ସାଧାରଣ ସମ୍ପାଦକ ଏବଂ ୧୪ ସମ୍ପାଦକ, ୮ ଜଣ ଯୁଗ୍ମ ସମ୍ପାଦକ, ୧୪ ଜଣ ଉପଦେଷ୍ଟାଙ୍କୁ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ନୀହାର ସୁରିନ, ଭିମେଶ ଚୌଧୁରୀ, ରଞ୍ଜିତ କିଷାନ, ସୁଦାମ ଦାସ, ଜୟନ୍ତ ମିଶ୍ର, ଜ୍ୟୋତିରଞ୍ଜନ ମହାନ୍ତି, ଶ୍ରୀଚରଣ ସାମଲ, ପ୍ରଦୀପ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ମୁକୁଲ ଏକ୍କା, ସନ୍ଦୀପ ମିଶ୍ର, ରାଜେନ୍ଦ୍ର କୁଜୁର, ସିବେୟାନ ଆଇଣ୍ଡ, ବିଜୟ ପଟ୍ଟନାୟକ, ଗଣେଶ୍ୱର ରାୟ, ଗୋବିନ୍ଦ ତନ୍ତୀ ଏବଂ ଜ୍ଞାନରଞ୍ଜନ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି SC Plot 976000 ରେ ବିକ୍ରିହେବ, 9439832956, 9337513276. D-0833

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି। 7978676652. D-74889




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Newly open SPA positively health benefit with expert. Contact : 7749976301. D-74554

Newly opened (one 8 SPA)/ (Salon service) with export therapist. 9938843929. D-75129

Newly open SPA positively health benefits with expert therapist. 9040286886. D-75130

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relax, Refresh your Body, Mind at Saikrupa Spa with best therapies. 8984068077. D-0725

AFFIDAVIT

By virtue of an affidavit sworn before Notary Public, Bhubaneswar, dated 02.06.2023 I, Shubhranshu Sabat, At/ P.O.- Mahupadar, Via- Sheragada, Dist.- Ganjam, Odisha have changed my surname from Mahapatra to Sabat. Henceforth, I shall be known as Shubhranshu Sabat for all purposes. D-0837

I, Sri Prasanta Kumar Panda, S/o. Ramesh Chandra Panda, At- Plot No. 567/ 2325/ 2547, Kanan Vihar, Ph.-II, P.O.- Patia, P.S.- Chandrasekharpur, Bhubaneswar, Dist.- Khordha, Odisha, Pin- 751031 declare by this affidavit No.- 436480 dated 12.03.2020 that now onwards I shall be known as Prashant Panda for all future purpose. D-0845

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Notary Public, Bhubaneswar, dated 17.07.2023, I, Srijit Mishra, aged about 51 years, S/o- Late Gopinatha Mishra, resident of Flat No.A-041, Cosmopolis, Dumduma, PS: Khandagiri, Bhubaneswar, Dist.- Khurda, Odisha, declare that I have changed my name from Srijeet Misra to Srijit Mishra. Henceforth, I shall be known as Srijit Mishra for all purposes. D-0846

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ପୁଣ୍ୟସ୍ମରଣ



୰ଇଂ. ପ୍ରସନ୍ନ କୁମାର ପଟ୍ଟନାୟକ
N-1, 286, IRC Village, Nayapalli, Bhubaneswar-751015
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆବିର୍ଭାବ- ୨୧।୦୧।୧୯୪୩
ତିରୋଧାନ- ୨୯।୦୭।୨୦୨୨
(ଶ୍ରାବଣମାସ ଶୁକ୍ଳପକ୍ଷ ପ୍ରତିପଦାତିଥି)
ଆଜି ବି ଲାଗୁନି ଆପଣ ଆରପାରିକୁ ଚାଲିଯାଇଛନ୍ତି ବୋଲି। ଆପଣଙ୍କର ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ବେଦନାଦାୟକ ଓ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦେବାଶିଷ, ଦେବସ୍ମିତା, ଆନନ୍ଦ, ଜିତ୍, ରିତ୍ ଓ ସାନିଆ।
ଧ-୦୮୩୮

୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବସନ୍ତ କୁମାରୀ ଦେଇ
ତିରୋଧାନ- ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦ
ସ୍ୱାମୀ- ୰ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରିୟାପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଜିର ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଅଣନାତି ଓ ନାତୁଣୀ ମାନେ।
ଭୁବନେଶ୍ୱର-୯୪୩୭୦୧୦୦୮୮
ଧ-୭୪୫୪୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶରତ କୁମାର ମିଶ୍ର
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୧୮।୦୪।୧୯୩୨
ତିରୋଧାନ: ୧୯।୦୭।୨୦୨୨
ଚାହୁଁ ଚାହୁଁ ବର୍ଷେ ପୂରିଗଲା। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାତୁର: ସ୍ତ୍ରୀ ଏବଂ ପରିବାରବର୍ଗ।
ଧ-୭୩୫୪୭

ଦଶାହ ଉପଲକ୍ଷେ



୰ପ୍ରଭାକର ମିଶ୍ର
ହାକିମପଡ଼ା, ଅନୁଗୋଳ
ଆବିର୍ଭାବ: ଭା. କୃ. ରେଖାପଞ୍ଚମୀ ୧୯୨୭
ତିରୋଧାନ: ଶ୍ରା. କୃ. ସପ୍ତମୀ ୨୦୨୩
ତୁମର ଆଦର୍ଶ, ତ୍ୟାଗ, ପରୋପକାରିତା, ମହନୀୟତା ଓ କର୍ତ୍ତବ୍ୟନିଷ୍ଠା ଆଦି ଆମମାନଙ୍କ ଜୀବନରେ ପାଥେୟ ହୋଇରହୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୦୮୭୪


# ବିଜେଡି ସୁନ୍ଦରଗଡ଼ ଜିଲା ପୁନର୍ଗଠିତ

୮ ଉପସଭାପତି ,୧୬ ସାଧାରଣ ସମ୍ପାଦକ, ୩୫ ସମ୍ପାଦକ, ୧୯ ଜଣ ଉପଦେଷ୍ଟା କମିଟି ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର,୧୭।୭(ଅନିଲଦାସ):** ବିଜୁ ଜନତା ଦଳ ସୋମବାର ଏହାର ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ପୁନର୍ଗଠନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ସାଙ୍ଗଠନିକ ଜିଲାରେ ୮ ଉପସଭାପତି ,୧୬ ସାଧାରଣ ସମ୍ପାଦକ, ୩୫ ସମ୍ପାଦକ, ୧୯ ଉପଦେଷ୍ଟା କମିଟି ସଦସ୍ୟ ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି କରାଯାଇଛି। ଏଥିସହିତ ଜିଲାର ବ୍ଲକ, ସହର, କୃଷକ ସେଲ, ଜିଲା ଏସ୍‌ସି /ଏସ୍‌ଟି ସେଲ ପୁନର୍ଗଠନ କରାଯାଇଛି। ବିଜେଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଉପସଭାପତି ଭାବେ ବସନ୍ତ ଟପୋ, ବିକ୍ରମ ଟପୋ, ଜନ୍ମେଜୟ ମହାପାତ୍ର, ଗୋପବନ୍ଧୁ ମହାନ୍ତି, ଜିତେନ୍ଦ୍ର କର, ବେଣୁଧର ତଣ୍ଡିଆ, ଜୟ ନାରାୟଣ ତ୍ରିପାଠୀ, ହାରୁନ ରସିଦଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧରଣ ସମ୍ପାଦକ ଭାବେ ରାଜୁ ମହାନ୍ତି, ରୋସନ ବରାଳ, ଅସରଫ ଅହମ୍ମଦ, ପ୍ରସନ୍ନ ବାଗ, ଦାମୋଦର ମଲ୍ଲିକ, ରଜନୀ କୁଲୁ, ରାମ କୁଜୁର, ସୀତାକାନ୍ତ ପଟେଲ, ଉପେନ୍ଦ୍ର ଭୋଇ, ସମରେନ୍ଦ୍ର ସିଂଦେଓ, ବସନ୍ତ ଶେଖର ଦେଓ, ଜଟିଆ ମୁଣ୍ଡା, ସ୍ୱରାଜ ପଟେଲ, ସୁରେନ୍ଦ୍ର ଭିତିରିଆ, ଅରୁଣ ଦୀକ୍ଷିତ ଏବଂ ଜୟନ୍ତୀ ଟପୋ(ଏକ୍କା)ଙ୍କୁ ନିଯୁକ୍ତି ଦିଆଯାଇଛି।

# ବିଧାୟକଙ୍କୁ କନକବର୍ଦ୍ଧନଙ୍କ ଖୋଲା ଚ୍ୟାଲେଞ୍ଜ

## -କ'ଣ କରିଛନ୍ତି କହିଦେଲେ ନିଶ କାଟି ଦେବି
## -ଖୋଲା ମଞ୍ଚରେ କହିବାକୁ ଆହ୍ୱାନ

ବଲାଙ୍ଗୀର, ୧୭।୭ (ବୀରେନ୍ଦ୍ର କୁମାର ଝାଙ୍କର): ପାଟଣାଗଡ଼ର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓଙ୍କ ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ତଥ୍ୟ ମୁତାବକ ଏକ ସଭାରେ କନକ ବର୍ଦ୍ଧନ ପାଟଣାଗଡ଼ ବିଧାୟକଙ୍କ ବିରୋଧରେ ଗର୍ଜୁଛନ୍ତି। ଯଦି ବିଧାୟକଙ୍କ ସତ୍‌ସାହସ ଅଛି ତେବେ ଜନସାଧାରଣଙ୍କ ସମ୍ମୁଖରେ ତାଙ୍କର ରିପୋର୍ଟ କାର୍ଡ ଦିଅନ୍ତୁ। ଭାଜପା କ'ଣ କରିଛି ତାର ରିପୋର୍ଟ କାର୍ଡ ଦିଆଯିବ। ଏଭଳିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ସେ କହିଥିଲେ, ଏକ ଖୋଲାମଞ୍ଚର ଆୟୋଜନ କରନ୍ତୁ ସେଠାରେ ବିଧାୟକ ଆସି ଠିଆ ହୋଇଯିବା ପାଇଁ ଯଦି ରାଜି ହୋଇଯିବେ ତେବେ ସେ ତାଙ୍କର ଅଧାନିଶ କାଟି ବୁଲିବେ। ନଚେତ୍ ବିଧାୟକ ନାଣ୍ଡୁ ହୋଇ ବୁଲିବେ କି ବୋଲି ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। କୌଣସି କାମ ନ କରି ଅନ୍ୟଲୋକଙ୍କ କାମକୁ ନିଜର କରି ଦେଖାଇବା ହେଉଛି ଏବର ପାଟଣାଗଡ଼ ବିଧାୟକଙ୍କ କାମ ବୋଲି ସେ କହୁଥିବା ଦେଖାଯାଇଛି। କନକବର୍ଦ୍ଧନଙ୍କ ଉକ୍ତ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଆଲୋଚନାର ବିଷୟ ପାଲଟିଛି। ମାତ୍ର ଏସମ୍ପର୍କରେ ପାଟଣାଗଡ଼ ବିଧାୟକ କିମ୍ବା ତାଙ୍କ ଦଳର କୌଣସି ବ୍ୟକ୍ତି କୌଣସି ପ୍ରତିକ୍ରିୟା ଦେଇ ନ ଥିବା ଜଣାପଡ଼ିଛି।

# ମନୁଷ୍ୟକୃତ ବନ୍ୟାର ସମାଧାନ ନ ହେଲେ ବିକ୍ଷୋଭ: ଭାଜପା

ଭୁବନେଶ୍ୱର, ୧୭।୭(ସୁନିତ୍ ମିଶ୍ର): ଗୋଟିଏ ପଟେ ରାଜ୍ୟର ଚାଷୀକୁଳ ବର୍ଷାକୁ ଅନାଇ ବସିଥିବାବେଳେ ଅନ୍ୟପଟେ ସାମାନ୍ୟ ବର୍ଷା ପାଣିରେ ରାଜ୍ୟବାସୀଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ମାତ୍ର କେଇ ଘଣ୍ଟା ବର୍ଷାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମନୁଷ୍ୟକୃତ ବନ୍ୟା ବିପଦ ମାଡିଆସିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରାଞ୍ଚଳ ବାସିନ୍ଦା ବର୍ତ୍ତମାନ ପାଣି ଘେରରେ ଅଛନ୍ତି। ନଦୀ ଶୁଖିଲା ପଡ଼ିଛି, କିନ୍ତୁ ମନୁଷ୍ୟକୃତ ବନ୍ୟାରେ ସମଗ୍ର ଓଡ଼ିଶା ବର୍ତ୍ତମାନ ଜଳମଗ୍ନ ହୋଇପଡ଼ିଛି। ବର୍ଷା ଦିନ ପୂର୍ବରୁ ପ୍ରଶାସନ ନଦୀବନ୍ଧର ସୁରକ୍ଷା ତଥା ସହରାଞ୍ଚଳର ପାଣି ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଆଉ ଏଥିପାଇଁ ରାଜ୍ୟ ସରକାର ଦାୟୀ ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର ଦଳୀୟ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

# ଅସହ୍ୟ ହେଲାଣି ମହଙ୍ଗା ମାଡ଼

## ଦର ନିୟନ୍ତ୍ରଣ କରୁଛନ୍ତି କର୍ପୋରେଟ୍ ସଂସ୍ଥା: ବ୍ୟବସାୟୀ ସଂଘ

- ଡାଲି, ଚାଉଳ, ଜିରା, ଲଙ୍କା ଅମୂଲ ମୂଲ
- ବଜାର ଉପରେ ସରକାରୀ ନିୟନ୍ତ୍ରଣ ନାହିଁ

**ଭୁବନେଶ୍ୱର,୧୭।୭(ଅନିଲ ଦାସ)**

ଗତ କିଛି ମାସ ହେବ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିଚାଲିଛି। ପ୍ରାୟ ଅଧିକାଂଶ ସାମଗ୍ରୀ ଦର କିଲୋ ପ୍ରତି ୫୦ରୁ ୧୦୦ ଟଙ୍କା ବୃଦ୍ଧି ହୋଇଛି। ବର୍ଷା ଯୋଗୁ ପନିପରିବା ଫସଲ ଦର ବୃଦ୍ଧି କୁହାଯାଉଥିବା ବେଳେ ଡାଲି, ଚାଉଳ, ଜିରା, ଲଙ୍କା, ସୋରିଷ, ଅଦା, ରସୁଣ ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ଏସବୁର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବବର୍ଗଙ୍କୁ ବହୁ କଷ୍ଟ ଦେଉଛି। କର୍ପୋରେଟ ହାତକୁ ରିଟେଲ ମାର୍କେଟ ଟେକିଦେବା ଏବଂ ସରକାରଙ୍କ ଦୂରଦୃଷ୍ଟି ଅଭାବ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି ବୋଲି ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି।

ଗତ ୨/୩ମାସ ମଧ୍ୟରେ ଚାଉଳ କୁଇଣ୍ଟାଲ ପିଛା ଦର ୭୦୦ରୁ ୮୦୦ ଟଙ୍କା ବଢ଼ିଗଲାଣି। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ଏବେ ତାହା ୩୨ରୁ ୩୫ ଟଙ୍କାରେ ପହଞ୍ଚିଲାଣି। ଚାଉଳ ଦର ଗତ ୧୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେହିପରି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ଼ ଡାଲି ଏବେ ୧୮୦ ଛୁଇଁଲାଣି। ମୁଗ, ବୁଟ ଓ ବିରିଡାଲି ମଧ୍ୟ ସମତାଳରେ ବଢ଼ିଚାଲିଛି। କେବଳ ସେତିକି ନୁହେଁ, ତରକାରି ସୁଆଦ ପାଇଁ ବ୍ୟବହୃତ ଜିରା, ଗୋଲମରିଚ, ପାନମଧୁରି, ଗୁଜୁରାତି ଦର ମଧ୍ୟ ଏବେ ଅମୂଲ ମୂଲ ହୋଇଛି। ୨ ମାସ ପୂର୍ବରୁ ଜିରା କିଲୋ ଅଢ଼େଇ ଶହରୁ ୩ଶହ ଟଙ୍କାରେ ମିଳୁଥିବା ବେଳେ ଏବେ ୭୦୦ ଛୁଇଁଲାଣି। ସେହିପରି ଅଦା ୨୦୦ ଟଙ୍କାରୁ ତଳକୁ ଖସୁ ନ ଥିବାବେଳେ ରସୁଣ କିଲୋ ମଧ୍ୟ ୧୫୦ ଉପରେ ରହିଛି। ସେହିପରି ଗହମଜାତ ସାମଗ୍ରୀ ଅଟା, ସୁଜି, ମଇଦା ମୂଲ୍ୟ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ଅନ୍ୟପକ୍ଷରେ ପନିପରିବା ବଜାରରେ ଦର ସାମାନ୍ୟ ତଳମୁହାଁ ହୋଇଛି। କିନ୍ତୁ ଟମାଟୋ ୧୦୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ବାଇଗଣ, କଲରା, ପୋଟଳ, ଜହ୍ନି ଓ ଝୁଡ଼ଙ୍ଗ, କାକୁଡି କିଲୋ ୫୦ ତଳକୁ ନାହିଁ। ସେହିପରି କଞ୍ଚାଲଙ୍କା ୨୦୦ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ବିନ୍ସ ଦେଢ଼ଶହ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ୧ ନମ୍ବର ହାଟ ହେଉ କି କଟକ ଛତ୍ରବଜାର ସବୁଠି ଅଧିକ ଦରରେ ପନିପରିବା ବିକ୍ରି ହେଉଛି।

ବଳକା ଚାଉଳ ରାଜ୍ୟ ଓଡ଼ିଶା ଏବେ ଚଢ଼ା ଦରବୃଦ୍ଧି କଷଟିରେ କଷି ହେଉଛି। ସରକାର ରାଜ୍ୟର ପ୍ରାୟ ୨୬ ଲକ୍ଷ କୁଇଣ୍ଟାଲ ବଳକା ଚାଉଳକୁ ବିକିବାକୁ କେନ୍ଦ୍ର ସରକାରଙ୍କ ପଛରେ ଗୋଡ଼ାଇଥିବା ବେଳେ ରାଜ୍ୟରେ ଦରବୃଦ୍ଧି ସାଧାରଣ ଖାଉଟିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି।

ମିଳିଥିବା ସୂଚନା ଅନୁସାରେ ଗତ ଦୁଇଦଶନ୍ଧି ତଳେ ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଥିଲା ବେଳେ ୨୦୨୨ ସୁଦ୍ଧା ଏହା ୧୧୫ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ଏହା ସତ୍ତ୍ୱେ ଦର ବୃଦ୍ଧିକୁ ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ରାଶନକାର୍ଡଧାରୀଙ୍କୁ ସରକାର ୧ ଟଙ୍କାରେ ଚାଉଳ ଯୋଗାଇ ଦେଉଥିବା ବେଳେ ମଧ୍ୟବିତ୍ତ ପରିବାରବର୍ଗ ଉଚ୍ଚାଦରରେ ଚାଉଳ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ବ୍ୟବସାୟୀ ସଂଘ କହିଛି, ବିଭିନ୍ନ ଖୁଚୁରା ବଜାର ଉପରେ କର୍ପୋରେଟ ହାଉସ୍‌ର ନିୟନ୍ତ୍ରଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଉତ୍ପାଦନ ଆରମ୍ଭରୁ ବଡ଼ବଡ଼ ମଲ ଓ ଷ୍ଟୋରଗୁଡ଼ିକ ଅତ୍ୟାବଶ୍ୟକ ସାମଗ୍ରୀ କିଣି ମହଜୁଦ୍ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି। ଟିରୋଟ ସମୟରେ ସେମାନେ ଲାଭବାନ ହେଉଥିବା ବେଳେ ଗରିବ ଓ ମଧ୍ୟବିତ୍ତ ଲୋକେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି। ରାଜ୍ୟ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକରଣ ପଣ୍ଡା କହିଛନ୍ତି, ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ଅନୁମତି ଦେବା ପରେ ଏଭଳି ପରିସ୍ଥିତି ହୋଇଛି। ବଡ଼ ବଡ଼ ମଲ୍ କରିଥିବା କର୍ପୋରେଟ ସଂସ୍ଥା ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ସରକାର ଅସହାୟ ହୋଇଛନ୍ତି। ଯେତେବେଳେ ଦର ଯାହା ହେବ ଖାଉଟି ନେବାକୁ ବାଧ୍ୟ ହେବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମୁକ୍ତ ବଜାର ଉପରେ ସରକାରଙ୍କର ନିୟନ୍ତ୍ରଣ ନାହିଁ। ସରକାର କେବଳ ବ୍ୟବସାୟୀଙ୍କୁ ତାଗିଦ୍ କରିପାରିବେ। ଉତ୍ପାଦନ ହ୍ରାସ ପାଇଥିବାରୁ ଦର ବଢୁଛି। ନୂଆ ଫସଲ ଆସିଲେ ଦର କମିଯିବ। ଭୁବନେଶ୍ୱରର ତେଜରାତି ବ୍ୟବସାୟୀ ବାବୁଲି ସାହୁ କହିଛନ୍ତି, କେବଳ ତେଲକୁ ଛାଡ଼ି ଦେଲେ ସବୁ ଦର ଉପରମୁହାଁ ରହିଛି। ଅଧିକ ଦରରେ କିଣିବାକୁ ପଡୁଥିବାରୁ ଗ୍ରାହକଙ୍କ ଚାହିଦା ମୁତାବକ ମାଲ ବିକ୍ରି ହେଉ ନାହିଁ। ସରକାର ଏହା ଉପରେ ଧ୍ୟାନ ଦେବା ଦରକାର। ପରିବା ବ୍ୟବସାୟୀ ସୁନାକର ଖୁଣ୍ଟିଆ କହିଛନ୍ତି, ଦର ଉଚ୍ଚାରେ କିଣିଥିବାରୁ ବାଧ୍ୟ ହୋଇ ଅଧିକ ଦରରେ ବିକିବାକୁ ପଡୁଛି। ନୂଆ ଫସଲ ବଜାରକୁ ଆସିଗଲେ ପରିବା ଦର କମିବ।

## କୂଅ ସଫା ବେଳେ ଶ୍ରମିକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ(ଦ୍ୱିତୀକୃଷ୍ଣ ପଣ୍ଡା)/ପୁରୁଷୋତ୍ତମପୁର(ସୀମାଞ୍ଚଳ ମିଶ୍ର),୧୭।୭**

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଶିଖରପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ କୂଅସଫା କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଷୋତ୍ତମପୁର ଥାନା ଭାଟକୁମରଡା ଗ୍ରାମର ମଗୁଲୁ ସ୍ୱାଇଁ (୫୫)। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

ପ୍ରକାଶ ଯେ, ମଗୁଲୁ ରବିବାର ଶିଖରପୁର ଗ୍ରାମକୁ କୂଅ ସଫା କରିବାକୁ ଯାଇଥିଲେ। ସେ କୂଅରେ ପଶି ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ପୁରୁଷୋତ୍ତମପୁର ଓ ଛତ୍ରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୪ ଘଣ୍ଟା ଧରି କୂଅରେ ପଶି ରାତିରେ ମଗୁଲୁଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ମୋଟର ଲଗାଇ କୂଅ ସଫା କରୁଥିବାରୁ କିରୋସିନ ଗନ୍ଧ ଓ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ମଗୁଲୁଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।




## ରାଜ୍ୟ କୃଷି ବିପଣନ ବୋର୍ଡକୁ ସ୍କଚ୍-୨୦୨୩ ପୁରସ୍କାର

**ଭୁବନେଶ୍ୱର,୧୭।୭(ଅନିଲଦାସ):** ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡକୁ ସ୍କଚ୍-୨୦୨୩ ପୁରସ୍କାର ମିଳିଛି। କୃଷିରେ ରୌପ୍ୟ ବର୍ଗରେ ଇ-ନାମ୍ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ଓଡ଼ିଶା ରାଜ୍ୟ କୃଷି ବିପଣନ (ଓଏସ୍ଏମ୍)ବୋର୍ଡ ରାଜ୍ୟର ସମସ୍ତ ୬୬ ନିୟନ୍ତ୍ରିତ ବଜାର କମିଟି ସହ ଇ-ନାମ୍ ପ୍ଲାଟଫର୍ମରେ ସ୍ଥାନିତ ହୋଇଛି। ଇ-ନାମ୍ ହେଉଛି ଏକ ପାନ୍ ଇଣ୍ଡିଆ ଅନ୍‌ଲାଇନ୍ ପ୍ଲାଟଫର୍ମ। ଏହା କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ହୋଇଛି। ଏହା କୃଷିଜାତ ଦ୍ରବ୍ୟର ସମସ୍ତ କ୍ରେତା ଏବଂ ବିକ୍ରେତାଙ୍କୁ ଏପିଏମ୍‌ସି (କୃଷି ଉତ୍ପାଦନ ବିପଣନ କମିଟି)/ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ସହ ଯୋଡ଼ିଛି। ରାଜ୍ୟର ସମସ୍ତ ୬୬ଟି ଆର୍‌ଏମ୍‌ସିକୁ ଇ-ନାମ୍ ପୋର୍ଟାଲରେ ସଫଳତାର ସହ ଅପ୍‌ଲୋଡିଂ କରାଯାଇଛି। ଓଡ଼ିଶା ଦେଶର ଅନେକ କୃଷିଭିତ୍ତିକ ଉନ୍ନତ ରାଜ୍ୟକୁ ବହୁ ପଛରେ ପକାଇ ସମସ୍ତ ଆର୍‌ଏମ୍‌ସି ଅଧୀନରେ ଏହାର କୃଷି ବଜାର ୧୦୦% ସଫଳତା ହାସଲ କରିଛି।

ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ କ୍ଷୁଦ୍ର ଏବଂ ମଧ୍ୟମ ବଜାରକୁ ଏହି ଇଲେକ୍‌ଟ୍ରୋନିକ ପ୍ଲାଟଫର୍ମ ସହିତ ଯୋଡ଼ିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା କ୍ଷୁଦ୍ର/ନାମମାତ୍ର ଚାଷୀମାନେ କିଭଳି ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଅନ୍‌ଲାଇନ୍ ବଜାର ବ୍ୟବସ୍ଥାରେ କାରବାର କରି ଲାଭ ଉଠାଇପାରିବେ ସେଥିପାଇଁ ଉଦ୍ୟମ ଜାରି ରହିଛି। ଏହି ପୁରସ୍କାର ପାଇଁ ମନ୍ତ୍ରୀ ଓଏସ୍ଏମ୍ ବୋର୍ଡକୁ ଅଭିନନ୍ଦନ ଜଣାଇଛନ୍ତି।

## ଭୁବନେଶ୍ୱରରେ ଏନ୍‌ସିବି ନୂଆ କାର୍ଯ୍ୟାଳୟ

**ନବନିର୍ମିତ ବିଲ୍ଡିଂକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

**ଭୁବନେଶ୍ୱର,୧୭।୭(ସତ୍ୟଜିତ୍ ରାଉତ):** ଭୁବନେଶ୍ୱରରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ନୂଆ କାର୍ଯ୍ୟାଳୟ ଖୋଲିଛି। ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାରସ୍ଥିତ ଏହି ନବନିର୍ମିତ କୋଠାକୁ ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ୍‌ରେ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏନ୍‌ସିବିର ଓଡ଼ିଶା ମୁଖ୍ୟାଳୟ ବା ଭୁବନେଶ୍ୱର ଜୋନ୍‌ାଲ ୟୁନିଟ୍ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ହୋଇଛି। ୨୦୧୨ରୁ ଭୁବନେଶ୍ୱରରେ ଏନ୍‌ସିବିର ସବ୍-ଜୋନ୍ କାର୍ଯ୍ୟାଳୟ ଭାବେ ଏହା କୋଲକାତା ଜୋନ୍ ଅଧୀନରେ କାର୍ଯ୍ୟ କରୁଥିଲା। ଏବେ ଏହା ନବୀକରଣ ହୋଇ ଏକ ସ୍ୱତନ୍ତ୍ର ଜୋନ୍ ହୋଇଛି। ଏହି ଜୋନ୍‌ର କାର୍ଯ୍ୟ ପରିଧି ରାଜ୍ୟବ୍ୟାପୀ ରହିବ ବୋଲି ଏନ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏହି ଜୋନାଲ୍ ୟୁନିଟ୍‌ରେ ଜଣେ ଆସିଷ୍ଟାଣ୍ଟ ଡାଇରେକ୍ଟର, ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଇଣ୍ଟେଲିଜେନ୍ସ ଅଫିସର, ସିପାଇ, ହାବିଲଦାର ଓ ଡ୍ରାଇଭରଙ୍କ ସମେତ ୧୪ଜଣ ଅଧିକାରୀ ରହିଛନ୍ତି। ଆଗାମୀ ଦିନରେ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୧୦୦ ଜଣଙ୍କୁ ବୃଦ୍ଧି କରାଯିବ ବୋଲି ସୂଚନା ମିଳିଛି। କୋଲକାତା ଜୋନ୍‌ର ଜୋନାଲ୍ ଡାଇରେକ୍ଟର ରାକେଶ ଚନ୍ଦ୍ର ଶୁକ୍ଳା ଓଡ଼ିଶା ଜୋନ୍ ଦାୟିତ୍ୱରେ ଅଛନ୍ତି। ଖୁବ୍‌ଶୀଘ୍ର ଜଣେ ନୂଆ ଅଧିକାରୀଙ୍କୁ ଜୋନାଲ ଡାଇରେକ୍ଟର ଭାବେ ଦାୟିତ୍ୱ ଦିଆଯିବ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାକେଶ ଚନ୍ଦ୍ର ଶୁକ୍ଳା କହିଲେ, ଭୁବନେଶ୍ୱରରେ ସ୍ଥାୟୀ କାର୍ଯ୍ୟାଳୟ ହେବାପରେ ଏଠାରେ ଏନ୍‌ସିବି ଅଧିକ ମଜଭୁତ ହେଇଛି। ଏନ୍‌ସିବି ବିଭିନ୍ନ ନିଶା ନିବାରଣ ଉପରେ କାର୍ଯ୍ୟ କରୁଛି। ନିଶା ବେପାରୀଙ୍କୁ ଧରିବା ପାଇଁ ରାଜ୍ୟ ପୋଲିସର ବିଭିନ୍ନ ଉଇଙ୍ଗ୍ ସହ ଏନ୍‌ସିବି ଟିମ୍ କାର୍ଯ୍ୟ କରୁଛି। ଏପରିକି ନିଶା କାରବାର ରୋକିବାକୁ ଏନ୍‌ସିବି ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ନିଶା ବେପାରୀଙ୍କ ବିଷୟରେ ସୂଚନା ଦେବାକୁ ସେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ସୂଚନାଦାତାଙ୍କୁ ଉପଯୁକ୍ତ ପୁରସ୍କାର ଦିଆଯିବ ବୋଲି ମଧ୍ୟ ସେ କହିଛନ୍ତି।

## 'ସାଇନ୍ ଇଣ୍ଡିଆ ଆଗ୍ରୋ'ର ୩ ନିର୍ଦ୍ଦେଶକଙ୍କୁ ୩ ବର୍ଷ ଲେଖାଏ ଜେଲ

**ଚିଟ୍‌ଫଣ୍ଡ ଠକେଇ**

**ବାଲେଶ୍ୱର, ୧୭।୭(ମାନସ ବିଶ୍ୱାଳ)**

ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି(ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ 'ସାଇନ୍ ଇଣ୍ଡିଆ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍'ର ୩ ନିର୍ଦ୍ଦେଶକଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ସେମାନଙ୍କୁ ୧ଲକ୍ଷ ୨୧ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଛକରେ ଏହି ଚିଟ୍‌ଫଣ୍ଡ କମ୍ପାନୀ ଖୋଲି ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ଗତ ୨୦୧୩ ମେ' ୧୦ ତାରିଖରେ ବେତନଟୀ ପୋଲିସ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ବେତନଟୀ ଥାନାରେ ମାମଲା (ନଂ. ୮୪/୨୦୧୩) ରୁଜୁ କରାଯାଇଥିଲା। ଉକ୍ତ ମାମଲା ବାଲେଶ୍ୱର ଓପିଆଇଡି କୋର୍ଟରେ ବିଚାରାଧୀନ ଥିଲା। ସ୍ୱତନ୍ତ୍ର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ ୭ ସାକ୍ଷ୍ୟ ଓ ୪୮ ଦସ୍ତାବିଜକୁ ଭିତ୍ତିକରି ଉକ୍ତ ସଂସ୍ଥାର ୩ ନିର୍ଦ୍ଦେଶକ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଟିକାୟତପୁର ଗ୍ରାମର ବିଜୟ କୁମାର ଜେନା (୩୮), ବୈଶିଙ୍ଗା ଥାନା ପଥରସାହି ଗ୍ରାମର କାଦୁ ମାରାଣ୍ଡି (୩୬) ଓ କୁଳିଙ୍ଗା ଥାନା ତେନ୍ତୁଳିଡିଙ୍ଗା ଗ୍ରାମର ସୋମନାଥ ନାୟକ (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।



# ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ ପୁଣି ଘୁଞ୍ଚିଲା

**ଗୁଆହାଟୀ, ୧୭।୭ (ପି.ଟି.)**

ଗୁଆହାଟୀ ହାଇକୋର୍ଟ ଆସାମ ରେସ୍‌ଲିଂ ଆସୋସିଏଶନ (ଏଡବ୍ଲ୍ୟୁଏ) ଦ୍ୱାରା ଦାଖଲ ପିଟିଶନର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୨୮ ତାରିଖ ଧାର୍ଯ୍ୟ କରିଛନ୍ତି। ଫଳରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନରେ ପୁଣି ବିଳମ୍ବ ଘଟିଛି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଜୁଲାଇ ୧୧ରେ କରିବା ଲାଗି ସ୍ଥିର ହୋଇଥିଲା। ମାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିବା ଆସାମ ରେସ୍‌ଲିଂ ଆସୋସିଏଶନ ଏକ ପିଟିଶନ ଦାଖଲ କରିବା ପରେ ଗୁଆହାଟୀ ହାଇକୋର୍ଟ ନିର୍ବାଚନ ଉପରେ ରହିତାଦେଶ ଜାରି କରିଥିଲେ। ସୂଚନାଯୋଗ୍ୟ, ଡବ୍ଲ୍ୟୁଏଫ୍‌ଆଇର ସ୍ୱୀକୃତିପ୍ରାପ୍ତ ସଦସ୍ୟଙ୍କୁ ଭୋଟିଂ ଅଧିକାର ରହିଛି। ୨୦୧୪ ନଭେମ୍ବର ୧୫ରେ କାର୍ଯ୍ୟନିର୍ବାହୀ କମିଟିର ସୁପାରିସ ସତ୍ତ୍ୱେ ଜାତୀୟ ମହାସଂଘ ତାହାକୁ ଗ୍ରହଣ କରୁନାହିଁ। ଏଡବ୍ଲ୍ୟୁଏ ଆଡଭୋକେଟ ଦେବଜିତ ସାଇକିଆ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବ ବୋଲି ସୂଚନା ଦେଇଛନ୍ତି। ସୋମବାର ଡବ୍ଲ୍ୟୁଏଫ୍‌ଆଇ (ଆଡହକ୍ କମିଟି) ଓକିଲ କୋର୍ଟରେ ହାଜର ହୋଇ ନ ଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତିନିଧି କିନ୍ତୁ ଉପସ୍ଥିତ ଥିଲେ। ସତ୍ୟପାଠ ଦାଖଲ କରିବା ଲାଗି ସେ ଏକ ସପ୍ତାହ ସମୟ ମାଗିଥିଲେ। କୋର୍ଟ ତାଙ୍କୁ ଜୁଲାଇ ୨୬ ସୁଦ୍ଧା ସତ୍ୟପାଠ ଦାଖଲ କାରିବା ଲାଗି କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୨୮ ତାରିଖ ଧାର୍ଯ୍ୟ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଷ୍ଟିମାକ୍

## ଏସିଆନ ଗେମ୍ସରେ ଫୁଟ୍‌ବଲ ଦଳର ଅଂଶଗ୍ରହଣ ପ୍ରସଙ୍ଗ

**ନୂଆଦିଲ୍ଲୀ, ୧୭।୭ (ପି.ଟି.)**

ଆଗାମୀ ଏସିଆନ ଗେମ୍ସରେ ଭାରତୀୟ ଫୁଟ୍‌ବଲ ଦଳର ଅଂଶଗ୍ରହଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି ଭାରତ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍। ଚାଇନାର ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ ସେପ୍ଟେମ୍ବର ୨୩ରୁ ହେବ। ଷ୍ଟିମାକ୍‌ଙ୍କ ତତ୍ତ୍ୱାବଧାନରେ ଏକ ୨୩ ବର୍ଷରୁ କମ୍ ଦଳକୁ ପଠେଇବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଯୋଜନା କରିଥିଲା। କିନ୍ତୁ ଏସିଆର ଶ୍ରେଷ୍ଠ ୮ ଦଳ ମଧ୍ୟରେ ରହ ିନ ଥିବାରୁ ଭାରତୀୟ ଦଳ କ୍ରୀଡ଼ା ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରିପାରି ନ ଥିଲା। ସୋସିଆଲ ମିଡିଆରେ ଷ୍ଟିମାକ୍ ତାଙ୍କର ଏକ ଲମ୍ବା ପୋଷ୍ଟରେ ଲେଖିଛନ୍ତି, ବର୍ତ୍ତମାନ ପରିପ୍ରେକ୍ଷୀରେ ସେ ୨୦୧୭ର ୧୭ ବର୍ଷରୁ କମ୍ ଦଳର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛନ୍ତି। ଏହି ଦଳ ୨୩ ବର୍ଷରୁ କମ୍ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଖୁବ୍ ଭଲ ପ୍ରଦର୍ଶନ କରିଥିଲା। ଏହା ଏକ ଦକ୍ଷ ଦଳ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏସିଆନ ଗେମ୍ସରେ ଅଂଶଗ୍ରହଣରୁ ବଞ୍ଚିତ ହେବାକୁ ଯାଉଛି। ମୋଦିଙ୍କ ବ୍ୟତୀତ ଷ୍ଟିମାକ୍ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ମଧ୍ୟ ନିବେଦନ କରିଛନ୍ତି। ଏସିଆନ ଗେମ୍ସରେ ଭାଗ ନେବା ଲାଗି ଭାରତୀୟ ଦଳ ପ୍ରକୃତରେ ହକ୍‌ଦାର। ଦଳ ନ ପଠାଇବା ଲାଗି ଯେଉଁ କାରଣ ଦର୍ଶାଯାଇଛି ତାହା ଯଥାର୍ଥ ନୁହେଁ ବୋଲି ସେ କହିଛନ୍ତି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ